R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୨୮୪
ତିଥି : ପଞ୍ଚମୀ
୧୯ ଜୁଲାଇ ୨୦୨୬, ରବିବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦
ରଙ୍ଗିନ ତରଙ୍ଗ ଟାବଲଏଡ ସହ


# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 284
19 July 2026, Sunday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

# ଆଡ଼ପ ମଣ୍ଡପରେ ଶ୍ରୀଜୀଉ





ପୁରୀ, ୧୮ ।୭ (ସବ୍ୟୁ) : ରଥ ଉପରେ ବିଭିନ୍ନ ନୀତି କାନ୍ତି ପରେ ରଥାରୂଢ ବିଗ୍ରହମାନେ ଶନିବାର ରାତିରେ ଗୋଟି ପହଣ୍ଡିରେ ଗୁଣ୍ଡିଚା ମନ୍ଦିର ଆଡ଼ପମଣ୍ଡପକୁ ବିଜେ କରିଛନ୍ତି । ବିଗ୍ରହମାନ ଙ୍କର ପହଣ୍ଡି ବିଜେ ପାଇଁ ପୋଲିସ ପକ୍ଷରୁ ତିନି ରଥ କୁ କଡ଼ା ସୁରକ୍ଷା ବଳୟ ମଧ୍ୟରେ କର୍ଡନ କରାଯାଇ ଥିଲା । ତିନି ଗୁଣ୍ଡିଚା ମନ୍ଦିର ସମେତ ତିନି ରଥ ସମ୍ମୁଖରେ ଉଜ୍ଜ୍ୱଳ ଆଲୋକରେ ଆଲୋକିତ କରାଯାଇ ଥିଲା ।

ରଥାରୂଢ ବିଗ୍ରହମାନଙ୍କର ରଥ ଉପରେ ବିଭିନ୍ନ ନୀତିକାନ୍ତି ମଙ୍ଗଳ ଆଳତୀ, ତଡପଲାଗି, ଅବକାଶ, ସନ୍ଧ୍ୟା ଧୂପ ମଙ୍ଗଳାର୍ପଣ ଓ ପୁଷ୍ପାଞ୍ଜଳୀ ଅନୁଷ୍ଠିତ ହୋଇ ଥିଲା । ରାତ୍ର ପ୍ରାୟ ୮ ଟା ବେଳେ ପହଣ୍ଡି ଆରମ୍ଭ ହୋଇଥିଲା । ଘଣ୍ଟୁଆ ମାନଙ୍କର ଘଣ୍ଟ, ଘଣ୍ଟା, ମର୍ଦ୍ଦଳ ଓ କାହାଳୀ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଗୁଣ୍ଡିଚା ମନ୍ଦିର ସମ୍ମୁଖ ଓ ଚତୁଃପାର୍ଶ୍ୱ। ଜୟ ଜଗନ୍ନାଥ, ହରିବୋଲ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଚତୁଃପାର୍ଶ୍ୱ। ସୃଷ୍ଟି ହୋଇ ଥିଲା ଏକ ଭକ୍ତି ମୟ ପରିବେଷଣ। ବିଗ୍ରହ ମାନଙ୍କର ପହଣ୍ଡି ବିଜେ ଦେଖିବା ପାଇଁ ଗୁଣ୍ଡିଚା ମନ୍ଦିର ଚତୁଃପାର୍ଶ୍ୱରେ ଭକ୍ତମାନେ ଚାତକ ନୟନରେ ଚାହିଁ ରହି ଥିଲେ। ଘଣ୍ଟୁଆ ମାନଙ୍କର ଘଣ୍ଟ ତାଳେ ତାଳେ ଦଇତାପତି ସେବକମାନେ ଶ୍ରୀଜୀଉମାନଙ୍କୁ ଆଡ଼ପ ମଣ୍ଡପକୁ ପହଣ୍ଡି ବିଜେ କରି ଥିଲେ। ପ୍ରଥମେ ମହାପ୍ରଭୁ ଚକ୍ର ରାଜ ସୁଦର୍ଶନ ପହଣ୍ଡି ବିଜେ କରି ଗୁଣ୍ଡିଚା ମନ୍ଦିରକୁ ଯାଇ ଥିଲେ। ପରେ ବଡ଼ଠାକୁର ବଳଭଦ୍ର ପହଣ୍ଡି ବିଜେ କରି ଥିଲେ। ପରେ ଭଉଣୀ ଦେବୀ ସୁଭଦ୍ରା ପହଣ୍ଡି ବିଜେ କରି ଥିଲେ। ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ପହଣ୍ଡି ବିଜେ କରି ଥିଲେ। ରାତ୍ର ୮ଟାରୁ ପହଣ୍ଡି ଆରମ୍ଭ ହୋଇ ୧୧ ଟା ସୁଦ୍ଧା ଶେଷ ହୋଇ ଥିଲା। ଆସନ୍ତା କାଲି ରବିବାର ଗୁଣ୍ଡିଚା ମନ୍ଦିର ରୁ ପ୍ରଥମ ଆଡ଼ପ ମଣ୍ଡପ ଅଭଡା ବାହାରିବ।

## ଘରୋଇ ଅର୍ବିଟଲ ରକେଟ୍ ବିକ୍ରମ-୧ର ସଫଳ ଉତ୍କ୍ଷେପଣ



ନୂଆଦିଲ୍ଲୀ, ୧୮ ।୭ : ଦେଶର ପ୍ରଥମ ଘରୋଇ ଅର୍ବିଟଲ ରକେଟ୍ ବିକ୍ରମ-୧ ସଫଳତାର ସହ ଉତ୍କ୍ଷେପଣ ହୋଇ କକ୍ଷପଥରେ ପହଞ୍ଚି ଇତିହାସ ସୃଷ୍ଟି କରିଛି । ଏହି ରକେଟକୁ ଘରୋଇ ଜ୍ଞାନକୌଶଳରେ ବିକଶିତ କରାଯାଇଥିଲା । ଭାରତ ଏବେ ଦ୍ରୁତ ଗତିରେ ଘରୋଇ ମହାକାଶ କ୍ଷେତ୍ରରେ ପଦାର୍ପଣ କରୁଛି ।

ସ୍କାଏରୁଟ୍ସ ପକ୍ଷରୁ ଏହି ରକେଟ୍ ପ୍ରସ୍ତୁତ କରାଯାଇ ଉତ୍କ୍ଷେପଣ କରାଯାଇଛି । ଆଜି ୧୧.୩୦ରେ ରକେଟ୍ ଉତ୍କ୍ଷେପଣ ହେବାର ସମୟ ଧାର୍ଯ୍ୟ ହୋଇଥିଲା । ମାତ୍ର ଶେଷ ମୁହୂର୍ତ୍ତରେ ମିଶନ କଣ୍ଟ୍ରୋଲ ପକ୍ଷରୁ ଏହାର ସମୟ ପରିବର୍ତ୍ତନ କରାଯାଇ ୧୨.୨୧ ମିନିଟ୍‌କୁ ଧାର୍ଯ୍ୟ କରାଯାଇଥିଲା । ପରେ ଏହି ମିଶନ ସଫଳତାର ସହ ଶେଷ ହୋଇଥିବା ଘୋଷଣା କରାଯାଇଥିଲା । ମିଶନ ଆଗମନ ନାମରେ ଉତ୍କ୍ଷେପଣ କରାଯାଇଥିବା ବିକ୍ରମ-୧ ସମସ୍ତ ୪ଟି ପର୍ଯ୍ୟାୟର ସଫଳତାର ସହ ସମ୍ପାଦନ କରିଛି । ପ୍ରାୟ ୪୦୦ କିମି ଉଚ୍ଚତାରେ ନିମ୍ନ-ପୃଥିବୀ କକ୍ଷ ପଥରେ ( ୯ ପୃଷ୍ଠାରେ)

## କ୍ୟାନସର ରୋଗୀଙ୍କୁ ଏଣିକି ଆୟୁଷ୍ମାନରେ ଚିକିତ୍ସା

ଭୁବନେଶ୍ୱର, ୧୮ ।୭ (ସବ୍ୟୁ): ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପ । ଆଉ ଅର୍ଥ ଅଭାବରୁ ଅଧାରୁ ରହିବନି କ୍ୟାନସର ଚିକିତ୍ସା। ଏଣିକି ଆୟୁଷ୍ମାନ ଭାରତ କାର୍ଡରେ ମିଳିବ କ୍ୟାନସର ଚିକିତ୍ସା ସୁବିଧା । ବଜେଟରେ ମୁଖ୍ୟମନ୍ତ୍ରୀ କ୍ୟାନସର ଆରୋଗ୍ୟ ଯୋଜନା ସାମିଲ ହୋଇଛି। ଅନ୍ୟ ରାଜ୍ୟରେ ୧୧୯ଟି ପ୍ୟାକେଜ ଥିବା ବେଳେ ଓଡ଼ିଶାରେ ୧୭୧ଟି ପ୍ୟାକେଜକୁ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ସାମିଲ କରିଛୁ । ଏହା ଭିତରେ କ୍ୟାନସର ଚିକିତ୍ସା ପାଇଁ ମଧ୍ୟ ବ୍ୟବସ୍ଥା ରହିଛି ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି ।

କ୍ୟାନସର ଚିକିତ୍ସା ବାବଦ ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ । ରାଜ୍ୟର ସମସ୍ତ ଆର୍ଥିକ ଅନଗ୍ରସର ଏବଂ ସ୍ୱଳ୍ପ ଆୟକାରୀ ପରିବାରଗୁଡ଼ିକୁ ଏହି ସେବା ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି । ପୂର୍ବରୁ ଉପଲବ୍ଧ ସୁବିଧା ଅପେକ୍ଷା ଏହି ନୂଆ ପ୍ୟାକେଜ୍ ଗୁଡ଼ିକ କର୍କଟ ରୋଗୀଙ୍କ ପାଇଁ ଅଧିକ ସହାୟକ ହେବ । ଏଥିରେ କେମୋଥେରାପି, ରେଡିଓଥେରାପି ଠାରୁ ଆରମ୍ଭ କରି ବିଭିନ୍ନ ଜଟିଳ ଅସ୍ତ୍ରୋପଚାରକୁ ଅନ୍ତର୍ଭୁକ୍ତ କରାଯାଇଛି । ଏହାଦ୍ୱାରା ରୋଗୀମାନେ ଅତ୍ୟାଧୁନିକ ଚିକିତ୍ସା ସୁବିଧା ପାଇପାରିବେ ।

ଏହି ଯୋଜନାର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଏହାର ଆର୍ଥିକ ବ୍ୟବସ୍ଥା । ଏହି ସମସ୍ତ ଚିକିତ୍ସା ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ଭରଣା କରାଯିବ। ସରକାର କ୍ୟାନସର ଆରୋଗ୍ୟ ଯୋଜନାକୁ ଅଧିକ ବ୍ୟାପକ କରି ସାଧାରଣ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖିଛନ୍ତି । ଅନେକ ସମୟରେ ଅର୍ଥ ଅଭାବରୁ ରୋଗୀମାନେ ଅଧାରୁ ଚିକିତ୍ସା ଛାଡ଼ି ଦିଅନ୍ତି, (୯ପୃଷ୍ଠାରେ)

**୧୭୧ ପ୍ୟାକେଜକୁ ଗୋପବନ୍ଧୁ ଆରୋଗ୍ୟ ଯୋଜନାରେ ସାମିଲ**

**ବଜେଟରେ ମୁଖ୍ୟମନ୍ତ୍ରୀ କ୍ୟାନସର ଆରୋଗ୍ୟ ଯୋଜନା**

**କ୍ୟାନସର ଚିକିତ୍ସା ବାବଦ ଖର୍ଚ୍ଚ ରାଜ୍ୟ ପାଣ୍ଠିରୁ ବହନ କରାଯିବ**

### ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ, ଉପାଧ୍ୟକ୍ଷଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

## ଅନ୍ତିମ ଧାଡ଼ି ପର୍ଯ୍ୟନ୍ତ ଲୋକଙ୍କ ଲାଗି କାମ କରନ୍ତୁ




ଭୁବନେଶ୍ୱର, ୧୮ ।୭ (ସବ୍ୟୁ) : ଆମ ସରକାର ଆସିବା ପରେ ସମାଜର ସବୁ ବର୍ଗର ଉନ୍ନତି ପାଇଁ ପଦକ୍ଷେପ ନେବା ସହିତ ଆଦିବାସୀମାନଙ୍କ ବିକାଶ ପାଇଁ ସ୍ୱତନ୍ତ୍ର ଭାବେ ପଦକ୍ଷେପ ନିଆଯାଇଛି। ଆମ ପାଇଁ ରାଜନୀତି କ୍ଷମତା ଭୋଗ କରିବାର ମାଧ୍ୟମ ନୁହେଁ, ବରଂ ଅନ୍ତିମ ଧାଡିରେ ଥିବା ଗରିବ ଲୋକର ସେବା କରିବାର ମାଧ୍ୟମ, ଯାହାକୁ ଆମେ ଅନ୍ତ୍ୟୋଦୟ କହୁ। ତେଣୁ, ଆପଣମାନେ ଅନ୍ତିମ ଧାଡି ପର୍ଯ୍ୟନ୍ତ ପହଞ୍ଚି, ଲୋକଙ୍କ ପାଇଁ କାମ କରନ୍ତୁ ବୋଲି ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ପରାମର୍ଶ ଦେଇ କହିଛନ୍ତି।

ଆଜି ଲୋକସେବା ଭବନ କନ୍‌ଭେନ୍‌ସନ ସେଣ୍ଟରରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ନବନିଯୁକ୍ତ ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର ୨୩ଟି ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନେ ଯୋଗ ଦେଇଥିଲେ।

ନବନିଯୁକ୍ତ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ଆଞ୍ଚଳିକ ସମସ୍ୟାଗୁଡିକୁ ଗୁରୁତ୍ୱର ସହ ଶୁଣି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆପଣମାନେ ଧୈର୍ଯ୍ୟର ସହ କାମ କରନ୍ତୁ। ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ଦୃଷ୍ଟିକୁ ସମସ୍ୟା ଆଣନ୍ତୁ। ତା ସହିତ ବିଭାଗୀୟ ଅଧିକାରୀ ଓ ମନ୍ତ୍ରୀ ମଧ୍ୟ ଆପଣମାନଙ୍କ ବିଭିନ୍ନ ବିଷୟ ଉପରେ ପଦକ୍ଷେପ ନେବେ। ଜିଲ୍ଲା ସ୍ତରରେ ଆପଣମାନେ ଯେଉଁଭଳି ଉପଯୁକ୍ତ ସମ୍ମାନର ସହ କାମ କରିବେ, ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଉଛି। ସେ କହିଥିଲେ ଆମେ କଥାରେ (୯ ପୃଷ୍ଠାରେ)

## ଏପ୍ରିଲ-ମେ'ରେ ପଞ୍ଚାୟତ, ପୌର ନିର୍ବାଚନ

ଭୁବନେଶ୍ୱର, ୧୮ ।୭ (ସବ୍ୟୁ): ଆସନ୍ତାବର୍ଷ ଏପ୍ରିଲ-ମେ ମାସରେ ରାଜ୍ୟରେ ଉଭୟ ପଞ୍ଚାୟତ ଓ ପୌର ନିର୍ବାଚନ ହେବ । ରାଜ୍ୟର ସମସ୍ତ ୧୪୩ଟି ଏନଏଏସି, ମ୍ୟୁନିସପାଲଟି ଓ ମହାନଗର ନିଗମରେ ଭୋଟ୍ ଗ୍ରହଣ କରାଯିବ ବୋଲି ରାଜ୍ୟ ନିର୍ବାଚନ ଆୟୋଗ ସୂଚନା ଦେଇଛନ୍ତି । ଏହି ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ନିଜର ପ୍ରସ୍ତୁତି ଜୋରଦାର କରିଥିବାବେଳେ ଆସନ୍ତା ୨୧ତାରିଖରେ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିବେ ବୋଲି ଜଣାପଡ଼ିଛି ।

ଏପଟେ ଜୁଲାଇ ୧୫ତାରିଖରେ ୩୫ଟି ପୌରପାଳିକା ଏବଂ ଏନଏସିର ଅଧ୍ୟକ୍ଷ ପଦବୀରୁ ୧୮ଟି ଜନଜାତି ମହିଳା, ୪ଟି ଜନଜାତି ପୁରୁଷ, ୭ଟି ଏସ୍‌ସି, ୪ଟି ସାଧାରଣ ବର୍ଗର ମହିଳାଙ୍କ ପାଇଁ ସଂରକ୍ଷୀତ ଥିବା ବେଳେ ପୋଲସରା ଏବଂ ଓଡ଼ଗାଁ ଏନ୍‌ଏସି ଅଣସଂରକ୍ଷିତ ରହିଛି । ବୌଦ୍ଧ, ଆସ୍କା, କବିସୂର୍ଯ୍ୟନଗର, (୯ ପୃଷ୍ଠାରେ)

### ଜାତୀୟ ଚଳଚ୍ଚିତ୍ର ପୁରସ୍କାର

## ଓଡ଼ିଆ ଚଳଚ୍ଚିତ୍ର 'ଲହରୀ' ପୁରସ୍କୃତ

ନୂଆଦିଲ୍ଲୀ, ୧୮ ।୭ : ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି । ପ୍ରତିବର୍ଷ ପରି ଏଥର ମଧ୍ୟ ବିଭିନ୍ନ ଭାଷା ଓ ଶୈଳୀର ଚଳଚ୍ଚିତ୍ର ନିଜର ସ୍ୱତନ୍ତ୍ର ପରିଚୟ ଛାଡ଼ିଛନ୍ତି । ଅଭିନୟ ଓ ନିର୍ଦ୍ଦେଶନା ସହ କାହାଣୀ, ସଙ୍ଗୀତ, ସିନେମାଟୋଗ୍ରାଫି ଏବଂ ସାମାଜିକ ବାର୍ତ୍ତା ପାଇଁ ଅନେକ ଚଳଚ୍ଚିତ୍ରକୁ ସମ୍ମାନୀତ କରାଯାଇଛି । ଓଡ଼ିଆ ଚଳଚ୍ଚିତ୍ର ଲହରୀକୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବେ ଚୟନ କରାଯାଇଥିବାବେଳେ ପିକ୍ଚର ଫିଲ୍ମ ବର୍ଗରେ ଶ୍ରେଷ୍ଠ ଫିଚର ଫିଲ୍ମ ଭାବେ ଆର୍ଟିକିଲ୍-୩୭୦ ଚୟନ ହୋଇଛି ।

ସେହିଭଳି ରାଜକୁମାର ରାୟଙ୍କ ଅଭିନୀତ ଶ୍ରୀକାନ୍ତ ଶ୍ରେଷ୍ଠ ହିନ୍ଦୀ ଫିଚର ଫିଲ୍ମ ପାଇଁ ଜାତୀୟ ପୁରସ୍କାର ଜିତିଛି । ଶ୍ରେଷ୍ଠ କଳାକାର ଭାବେ କାର୍ତ୍ତିକ ଅର୍ଯ୍ୟନ୍ (ଚନ୍ଦୁ ଚମ୍ପିଆନ), ମମୁଟ (ବ୍ରହ୍ମାଯୁଗମ୍) ଘୋଷଣା ହୋଇଛି । ଶ୍ରେଷ୍ଠ ଅଭିନେତ୍ରୀ ଭାବେ ୟାମୀ ଗୌତମଙ୍କୁ ଆର୍ଟିକିଲ୍ ୩୭୦ ଲାଗି ଶ୍ରେଷ୍ଠ ଅଭିନେତ୍ରୀ ଚୟନ କରାଯାଇଛି । ଅମ୍ରନ୍ ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ରାଜକୁମାର ପେରିଆ ସାମୀ, ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ ରୋପାଶ୍ରୀ ବର୍କାଡି (ମିଥ୍ୟା) ଏବଂ ସଚନା ନାମିଦାସଙ୍କୁ (ମହାରାଜା), ଶ୍ରେଷ୍ଠ ସହଅଭିନେତା ସଞ୍ଜୟ ମିଶ୍ର (ଚଳଚ୍ଚିତ୍ର ଭକ୍ଷକ), ମନୋରଞ୍ଜନଧର୍ମୀ ଶ୍ରେଷ୍ଠ ଲୋକପ୍ରିୟ ଫିଲ୍ମ ( ୯ ପୃଷ୍ଠାରେ)

## ୭ ଦିନ ହେଲାଣି ଇରାନ ଉପରେ ଆମେରିକାର ଆକ୍ରମଣ

ନୂଆଦିଲ୍ଲୀ, ୧୮ ।୭ : ଆମେରିକା ଇରାନ ଉପରେ ଲଗାତର ୭ ରାତି ଧରି ଆକ୍ରମଣ କରୁଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅସ୍ଥାୟୀ ଯୁଦ୍ଧ ବିରତି ଚୁକ୍ତି ଶେଷ ହୋଇଛି ବୋଲି ଘୋଷଣା କରିବା ପରେ ଏହି ଆକ୍ରମଣ ବଢ଼ିବାରେ ଲାଗିଛି । ଇରାନର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ଯେ ଜୁଲାଇ ୬ରୁ ହୋଇଥିବା ଆମେରିକାର ଆକ୍ରମଣ ଯୋଗୁ ୫୦ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୫୦୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି । ପ୍ରାୟ ୧୦ ହଜାର ଲୋକ ୨୦ଟି ଗ୍ରାମର ବିନା ପାଣିରେ ରହୁଛନ୍ତି । ଇରାନ ସେନା ପକ୍ଷରୁ ମଧ୍ୟ ବାହାରିନ୍, ଜୋର୍ଡାନ ଓ କୁଏତରେ ଥିବା ଆମେରିକାର ସାମରିକ ଘାଟି ଉପରେ ଆକ୍ରମଣ କରାଯାଇଛି । କୁଏତ୍ କହିଛି ଯେ ଇରାନ ଶୈନ୍ୟମାନେ ତାଙ୍କର ଦୁଇଟି ତାପଜ ଓ ପାଣି ପ୍ରକଳ୍ପକୁ ଟାର୍ଗେଟ କରିଛନ୍ତି । (୯ ପୃଷ୍ଠାରେ)

**୫୦ ମୃତ, ୫୦୦ ଆହତ**

## ସୋନମ ୱାଙ୍ଗଚୁକ୍‌ଙ୍କୁ ବଳପୂର୍ବକ ଉଠାଇ ନେଲା ପୋଲିସ




ନୂଆଦିଲ୍ଲୀ, ୧୮ ।୭ : ନିଟ୍, ୟୁଜି ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ପରିଚାଳନାରେ ବିଭ୍ରାଟକୁ ନେଇ ଜନ୍ତର ମନ୍ତରରେ ୨୦ ଦିନ ଧରି ଆମରଣ ଅନଶନରେ ଥିବା ସୋନମ ୱାଙ୍ଗଚୁକ୍‌ଙ୍କୁ ଦିଲ୍ଲୀ ପୋଲିସ ଜୋର ଜବରଦସ୍ତ ଉଠାଇ ନେଇ ହସ୍ପିଟାଲରେ ଭର୍ତ୍ତି କରିଛି । ଦିଲ୍ଲୀ ପୋଲିସ ପକ୍ଷରୁ ଆଜି ସକାଳୁ ତୁରନ୍ତ ଅପରେସନ୍ କରାଯାଇ ଏହା କରାଯାଇଛି । ତେବେ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ସୋନମ ୱାଙ୍ଗଚୁକ୍ ଚିକିତ୍ସା ନେବାକୁ ମନା କରିଦେଇଥିବା ହସ୍ପିଟାଲ ପକ୍ଷରୁ କୁହାଯାଇଛି ।

ଶନିବାର ଅପରାହ୍ଣରେ ସଫଦରଜଙ୍ଗ ହସ୍ପିଟାଲର ବୁଲେଟିନ୍‌ରେ ଉଲ୍ଲେଖ କରାଯାଇଛି ଯେ ୱାଙ୍ଗଚୁକ୍ ତାଙ୍କର ଚିକିତ୍ସା ନେବାକୁ ମନା କରିବା ସହ ଡାକ୍ତରମାନେ ଦେଉଥିବା ପରାମର୍ଶକୁ ଗ୍ରହଣ କରୁନାହାନ୍ତି । ତେବେ ପୋଲିସ ଜନ୍ତର ମନ୍ତରରେ ପହଞ୍ଚି ୱାଙ୍ଗଚୁକ୍‌ଙ୍କ ସମେତ ଅନ୍ୟମାନଙ୍କୁ ହଟାଇବାକୁ ପ୍ରସ୍ତୁତି ଆରମ୍ଭ କରିଥିଲା । ଧଳା କପଡା ଘେରାଯାଇ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ହସ୍ପିଟାଲକୁ ଉଠାଇ ନିଆଯାଇଥିଲା । ସୋନମଙ୍କ ପତ୍ନୀ ଗୀତାଞ୍ଜଳି ଜେ ଆଙ୍ଗମ ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ କହିଛନ୍ତି ଯେ ତାଙ୍କ ଅନୁମତି ବିନା କୌଣସି ପରୀକ୍ଷା ନ କରାଯାଉ । ପ୍ରାୟ ୨୦ ଦିନ ଧରି ଅନଶନରେ ବସିଥିବା ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟ ଅବସ୍ଥା ବିଗିଡିବାକୁ ଲାଗିଥିଲା । (୯ ପୃଷ୍ଠାରେ)


**ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି**

**ଚିକିତ୍ସା ନେବାକୁ ମନା କଲେ ସୋନମ**

**ପଦକ୍ଷେପକୁ ରାହୁଲଙ୍କ ସମାଲୋଚନା**

### ସିଏମ୍‌ଓରୁ ଦୁଇଟି ଫାଇଲ ଗାଏବ୍ ମାମଲା

## କ୍ୟାପିଟାଲ ଥାନାରେ ମନୋଜ ମିଶ୍ର



ଭୁବନେଶ୍ୱର, ୧୮ ।୭ (ସବ୍ୟୁ) : ସିଏମ୍‌ଓରୁ ଦୁଇଟି ଫାଇଲ ଗାଏବ ମାମଲାର ତଦନ୍ତ କରୁଛି କ୍ୟାପିଟାଲ ଥାନା ପୋଲିସ । କ୍ୟାପିଟାଲ ଥାନାରେ ୧ ମାସ ପୂର୍ବରୁ ଏତଲା ହୋଇଥିଲେ ମଧ୍ୟ ହଜିଥିବା ଫାଇଲ ସମ୍ପର୍କରେ ସନ୍ଧାନ ମିଳୁନାହିଁ । ଥାନାର ତଦନ୍ତକାରୀ ଅଫିସରଙ୍କ ପାଖରେ ହାଜର ହେବାକୁ ପୂର୍ବତନ ଆଇଟି ସଚିବଙ୍କୁ ନୋଟିସ୍ କରାଯାଇଥିଲା । ନୋଟିସ୍ ଅନୁଯାୟୀ ସଚିବ ମନୋଜ ମିଶ୍ର ଶନିବାର କ୍ୟାପିଟାଲ ଥାନାର ତଦନ୍ତକାରୀ ଅଫିସରଙ୍କ ପାଖରେ ହାଜର ହୋଇ ତାଙ୍କ ବୟାନ ରଖିଛନ୍ତି । ତଦନ୍ତରେ ସହଯୋଗ କରିବେ ବୋଲି ସେ ଗଣମାଧ୍ୟମକୁ କହିଛନ୍ତି ।

ମନୋଜ ମିଶ୍ର ଏବଂ ଆଇଏଏସ୍ ରାଜେଶ ଶର୍ମାଙ୍କୁ ହାଜର ହେବାକୁ ନୋଟିସ୍ ହୋଇଥିବା ବେଳେ ମନୋଜ ମିଶ୍ର ହାଜର ହେଲେ ଶନିବାର । ଆସନ୍ତା ୨୨ ତାରିଖରେ ଆଇଏଏସ୍ ରାଜେଶ ଶର୍ମା ହାଜର ହେବାକୁ ତାଙ୍କୁ ନୋଟିସ୍ କରାଯାଇଛି । ଗୃହ ବିଭାଗ ପକ୍ଷରୁ ମାସେ ପୂର୍ବରୁ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟାର ତଦନ୍ତ କମିଶନ ( ୯ ପୃଷ୍ଠାରେ)

# ସୋସିଆଲ କୋଟ୍ସ



ଥ୍ରି ଇଡିଏଟ୍ସ ତାଙ୍କ ଉପରେ ନିର୍ମାଣ ହୋଇ ନାହିଁ । ମୁଁ ତାଙ୍କ ଆନ୍ଦୋଳନ ପାଇଁ ଚିନ୍ତିତ । ହେଲେ ଫିଲ୍ମ ସମୟରେ ତାଙ୍କୁ ମୁଁ ଜାଣି ନଥିଲି ।

**ଆମିର ଖାନ, ଅଭିନେତା**



ପିଲାଦିନେ ଶୋଷଣ ହେବାର ଅନୁଭବ ଖୁବ କଷ୍ଟ । ମୁଁ ଲାଜରେ ଅନେକ ଦିନ ଧରି ଚୁପ ରହିଥିଲି । କାହାକୁ କହି ନଥିଲି ।

**ସୋହେଲ ଖାନ, ଅଭିନେତା**



ଦେଶର ସମ୍ବେଦନଶୀଳ କଥାରେ ସେଲିବ୍ରିଟିମାନଙ୍କର ମତ ଦେବାର ଆବଶ୍ୟକତା ଅଛି । ହେଲେ ବର୍ତ୍ତମାନ ସେମାନଙ୍କର ନିରବତା ମୋତେ ଖୁବ ବ୍ୟଥିତ କରୁଛି ।

**ସୋରା ଭାସ୍କର, ଅଭିନେତ୍ରୀ**

# ଇତିହାସ

୧୮୨୭- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ମଙ୍ଗଳ ପାଣ୍ଡେଙ୍କ ଜନ୍ମ ।
୧୯୦୦- ପ୍ୟାରିସ୍‌ରେ ମେଟ୍ରୋ ରେଳସେବାର ଶୁଭାରମ୍ଭ ।
୧୯୬୧- ବିମାନରେ ପ୍ରଥମ ଫିଲ୍ମ ପ୍ରଦର୍ଶିତ ।
୧୯୬୩- ବିମାନ ଜରିଆରେ ମହାକାଶ ଯାଇଥିବା ଜୟ ୱାକର ପ୍ରଥମ ବ୍ୟକ୍ତି ହେଲେ ।
୧୯୬୯- ଆପୋଲୋ ୨ର ମହାକାଶଚାରୀ ନିଲ ଆର୍ମଷ୍ଟ୍ରଙ୍ଗ ଏବଂ ବଜ୍ ଅଲ୍‌ଡ୍ରିନ୍ ଚନ୍ଦ୍ରପୃଷ୍ଠରେ ପାଦ ରଖିଲେ ।
୧୯୬୯- ଦେଶର ୧୪ଟି ବୃହତ୍ ବ୍ୟାଙ୍କର ରାଷ୍ଟ୍ରୀୟକରଣ ପାଇଁ ଭାରତ ସରକାରଙ୍କ ନିଷ୍ପତ୍ତି ।
୧୯୭୪- କ୍ରାନ୍ତିକାରୀ ଉଦ୍ଧମ ସିଂହଙ୍କ ଅସ୍ଥିକୁ ଲଣ୍ଡନରୁ ନୂଆଦିଲ୍ଲୀ ଅଣାଗଲା ।
୨୦୦୩- ରୁଷ୍‌ର ମହାକାଶଚାରୀ ୟୁରୋ ମାଲେ ଥାନ୍କୋ ମହାକାଶରେ ବିବାହ କରିଥିବା ପ୍ରଥମ ବ୍ୟକ୍ତି ହେଲେ ।
୨୦୦୫- ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହ ଆମେରିକୀୟ କଂଗ୍ରେସକୁ ସମ୍ବୋଧିତ କଲେ ।

# ପହଣ୍ଡି

ସ୍ନାନ ଓ ଗୁଣ୍ଡିଚା ଯାତ୍ରାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ପହଣ୍ଡି ବିଜେରେ ରତ୍ନସିଂହାସନ ବାହାରକୁ ଆସିଥାନ୍ତି । ଏହି ଦୁଇ ଯାତ୍ରା ଅବସରରେ ତାଙ୍କର ଛଅଥର ପହଣ୍ଡି ବିଜେ ହୋଇଥାଏ । ରତ୍ନସିଂହାସନରୁ ଅବତରଣ କରି ରଥକୁ ବା ସ୍ନାନମଣ୍ଡପକୁ ଗଲାବେଳେ ଓ ଫେରିବାବେଳେ ଚତୁର୍ଦ୍ଧା ମୂର୍ତ୍ତି ଏକ ବିଚିତ୍ର ଭଙ୍ଗୀ (ପଦ୍ଧତି)ରେ ଯାତ୍ରା କରନ୍ତି । ତାହା ପହଣ୍ଡି ବିଜେ ନାମରେ ପ୍ରସିଦ୍ଧି ଲାଭ କରିଛି । ପହଣ୍ଡି ବିଜେ ରଥଯାତ୍ରାକାଳୀନ ଏକ ଅପୂର୍ବ ଲୀଳା । ଐଶ୍ବର୍ଯ୍ୟ ଓ ମାଧୁର୍ଯ୍ୟମୟୀକାର ଏହା ଏକ ଉପଭୋଗ୍ୟ ଦୃଶ୍ୟ । ଅଷ୍ଟମ ଶତାବ୍ଦୀ ପରବର୍ତ୍ତୀ କାଳରେ ପହଣ୍ଡି ବିଜେ ପ୍ରବର୍ତ୍ତିତ ହୋଇଥିବାର ଅନୁମାନ କରାଯାଏ । ଶ୍ରୀଗୁଣ୍ଡିଚା ଯାତ୍ରାରେ କରାଯାଉଥିବା ଶ୍ରୀଜୀଉମାନଙ୍କର ମହାପହଣ୍ଡି ରଥଯାତ୍ରାର ପ୍ରଥମ ଲୀଳା । ଏହାର ମାହାତ୍ମ୍ୟ ସର୍ବାଧୀକ । ପ୍ରତ୍ୟୁଷରୁ ଅଣସର ଘରେ ଖେଚେଡ଼ି ଭୋଗ ଓ ଛେନାପଟା ଆଦି ନୀତିକାନ୍ତି ସମ୍ପାଦିତ ହୁଏ । ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେରେ ବାହାରନ୍ତି । ବଡ଼ଦାଣ୍ଡର ସିଂହଦ୍ୱାରଠାରେ ସଂଘଟିତ ଏହି ଅନୁପମ ବିରଳ ଦୃଶ୍ୟ ନୟନ ଭରି ଦେଖିବା ପାଇଁ ଭକ୍ତବୃନ୍ଦାକୁଳ ବ୍ୟଗ୍ର ହୋଇଥାନ୍ତି । 'ପାଦହୁଣ୍ଡନ'ରୁ ପହଣ୍ଡି ଶବ୍ଦ । ପାଦହୁଣ୍ଡନ ଅର୍ଥ ଧୀରେ ଧୀରେ ପଦ ବିନ୍ୟାସ । ସୁତରାଂ ପହଣ୍ଡି ବିଜୟ ବା ପହଣ୍ଡି ବିଜେ ଅର୍ଥ, ଧୀରେ ଧୀରେ ପଦକ୍ଷେପ ପୂର୍ବକ ଗମନ କରିବା । 'ପାହୁଣ୍ଡ' ଏହାର ଅପଭ୍ରଂଶ । ରଥକୁ ଜଗନ୍ନାଥ ଓ ବଳଭଦ୍ରଙ୍କ ଗୁରୁ ଦାରୁ ବିଗ୍ରହକୁ ଧୀର ମନ୍ଥର ଭାବରେ ଡିଆଁଇ ଡିଆଁଇ ଆଗକୁ ନେବାର ରୀତି ହିଁ ପହଣ୍ଡି ବିଜେ । ଏହି ପର୍ବଟି ଅତି ଚିତ୍ତାକର୍ଷକ ହୋଇଥିବାରୁ ଭକ୍ତ, ସାଧକ ସମସ୍ତେ ଅପଲକ ନୟନରେ ଏହି ଦର୍ଶନୀୟ ଦୃଶ୍ୟକୁ ଉପଭୋଗ କରିଥାନ୍ତି । ପହଣ୍ଡି ମନ ଇଚ୍ଛା କରାଯାଏନାହିଁ ନିର୍ଦ୍ଦିଷ୍ଟ ନୀତି ନିୟମରେ ପରିଚାଳିତ ହୋଇଥାଏ । ରତ୍ନସିଂହାସନରୁ ରଥ ଉପରକୁ ଗଲାବେଳେ



ଶ୍ରୀଜୀଉମାନେ ଧାଡ଼ି ପହଣ୍ଡିରେ ଯାତ୍ରା କରିଥା'ନ୍ତି । ଧାଡ଼ି ପହଣ୍ଡିରେ ଗୋଟିଏ ବିଗ୍ରହ ରତ୍ନସିଂହାସନରୁ ଅଳ୍ପ ବାଟ ଆସିବା ପରେ, ଅନ୍ୟ ବିଗ୍ରହକୁ ପହଣ୍ଡି କରାଯାଏ । ଅର୍ଥାତ୍, ଶ୍ରୀମନ୍ଦିରରୁ ରଥ ପର୍ଯ୍ୟନ୍ତ ବାଟରେ ତିନି ଠାକୁର ପହଣ୍ଡି ବିଜୟ ଅବସ୍ଥାରେ ଥା'ନ୍ତି । ଧାଡ଼ି ପହଣ୍ଡି ଆଧ୍ୟାତ୍ମିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ । ଶ୍ରୀଜୀଉମାନେ ହେଉଛନ୍ତି ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱରଙ୍କ ପ୍ରତୀକ । ସେମାନେ ଧାଡ଼ି ପହଣ୍ଡିରେ ଗମନ କଲାବେଳେ, ସେମାନଙ୍କଠାରୁ ସତ୍ୱ, ରଜ ଓ ତମ, ଏହି ତିନିଗୁଣର ଜ୍ୟୋତି ବିଚ୍ଛୁରିତ ହୋଇଥାଏ । ସ୍ନାନମଣ୍ଡପୁ ବା ରଥରୁ ପ୍ରତ୍ୟାବର୍ତ୍ତନ କଲାବେଳେ ବିଗ୍ରହମାନେ ଗୋଟି ପହଣ୍ଡିରେ ଯାତ୍ରା କରିଥା'ନ୍ତି । ଏପ୍ରକାର ପହଣ୍ଡିରେ ଗୋଟିଏ ବିଗ୍ରହକୁ ରତ୍ନବେଦୀରେ ପହଞ୍ଚାଇ ଆସିବା ପରେ, ଅନ୍ୟ ବିଗ୍ରହକୁ ପହଣ୍ଡି କରାଯାଏ । ଦୀର୍ଘ ସମୟ ସାପେକ୍ଷ ଏହି ପହଣ୍ଡିରେ କାୟମନୋବାକ୍ୟରେ ପ୍ରତ୍ୟେକ ବିଗ୍ରହକୁ ରତ୍ନବେଦୀରେ ସ୍ଥିତପ୍ରଜ୍ଞ ଭାବ ଅବସ୍ଥାକୁ ଅଣାଯାଇଥାଏ । ଏହା ଶାସ୍ତ୍ର ଓ ମନୋବିଜ୍ଞାନ ସମ୍ମତ ଅଟେ । ଶୁଭ ଶଙ୍ଖଧ୍ୱନି ଓ କାହାଳି ବାଜିବା ପରେ ପହଣ୍ଡି ବିଜେ ଆରମ୍ଭ ହୋଇଥାଏ । ଦାରୁବିଗ୍ରହଙ୍କ ପହଣ୍ଡି କେଉଁ କ୍ରମରେ ହେବ, ତାହା 'ନୀଳାଦ୍ରିମହୋଦୟ' ଗ୍ରନ୍ଥରେ ଉଲ୍ଲେଖ ରହିଛି - ସୁଦର୍ଶନଂ ପୁରସ୍କୃତ୍ୟ ବଳଭଦ୍ର ବିଚକ୍ଷଣମ୍ ତତଃ ପରମ୍ ସୁଭଦ୍ରା ଚ ତତଃ ନାଥା ଜଗଦୀଶଂ ସୁରେଶ୍ୱରମ୍ ।।

(ଉପରୋକ୍ତ ଉକ୍ତି ଶ୍ରୀମନ୍ଦିର ପୁସ୍ତକରେ ଡକ୍ଟର ଶରତ ଚନ୍ଦ୍ର ପରିଡାଙ୍କ ଲେଖା " ଟାହିଆ ହଲେଇ ମନକୁ ଭୁଲେଇ ଆସ ହେ ମର୍ଦ୍ଦଳ ତାଳେ " ଲେଖାର କିୟଦଂଶ ।)

ଜାପାନରେ ଏବେ ଏକ ଆଶ୍ଚର୍ଯ୍ୟଜନକ ଧାରା ଦେଖିବାକୁ ମିଳିଛି, ଯେଉଁଠାରେ ଦିନେ ଲୋକେ ଅଶୁଭ ମନେକରି ଯେଉଁ ଘରଗୁଡ଼ିକୁ କିଣିବାରୁ ଦୂରେଇ ରହୁଥିଲେ, ଆଜି ସେହି ଅଭିଶପ୍ତ ଘରଗୁଡ଼ିକୁ କିଣିବା ପାଇଁ ଲୋକଙ୍କ ମଧ୍ୟରେ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି । ବାସ୍ତବରେ, ଜାପାନରେ ହତ୍ୟା, ଆତ୍ମହତ୍ୟା କିମ୍ବା କାହାର ମୃତ୍ୟୁ ଘଟିଥିବା ଏଭଳି ସ୍ଥାନକୁ 'ଜିକୋ ବୁକେନ' କୁହାଯାଏ । ଯେଉଁଠାରେ ପୂର୍ବରୁ ଧାର୍ମିକ ମାନ୍ୟତା ଓ ଅନ୍ଧବିଶ୍ୱାସ ଯୋଗୁଁ ଲୋକେ ରହିବାକୁ ଭୟ କରୁଥିଲେ । କିନ୍ତୁ ବର୍ତ୍ତମାନ ଟୋକିଓ ଭଳି ବଡ଼ ବଡ଼ ସହରରେ ଆକାଶଛୁଆଁ ଘରର ଦାମ ଯୋଗୁଁ ଲୋକଙ୍କ ଚିନ୍ତାଧାରାରେ ପରିବର୍ତ୍ତନ ଆସିଛି । ବଜାର ମୂଲ୍ୟ ତୁଳନାରେ ଏହି ଘରଗୁଡ଼ିକ ୨୦ ରୁ ୫୦ ପ୍ରତିଶତ ପର୍ଯ୍ୟନ୍ତ ବଡ଼ ରିହାତିରେ ମିଳୁଥିବାରୁ ଏହା ବଜେଟ୍ ଅନୁସାରେ ଘର ଖୋଜୁଥିବା ଲୋକଙ୍କର ପ୍ରଥମ ପସନ୍ଦ ପାଲଟିଛି । ଏହି ସୁଯୋଗକୁ ଦେଖି ରିଅଲ୍ ଇଷ୍ଟେଟ୍ କମ୍ପାନୀଗୁଡ଼ିକ ମଧ୍ୟ ଆଗେଇ ଆସିଛନ୍ତି, ଯେଉଁମାନେ ଏହି ଘରଗୁଡ଼ିକର ନବୀକରଣ (ରିନୋଭେସନ) କରିବା ସହ ବୌଦ୍ଧ ଭିକ୍ଷୁମାନଙ୍କ ଦ୍ୱାରା ଶୁଦ୍ଧିକରଣ ଅନୁଷ୍ଠାନ କରାଉଛନ୍ତି । ଏହାସହ ଏଜେଣ୍ଟମାନେ ଥର୍ମାଲ ସେନ୍ସର ଯାଞ୍ଚ ମାଧ୍ୟମରେ ଘରଟି ସମ୍ପୂର୍ଣ୍ଣ ସୁରକ୍ଷିତ ଥିବା ନେଇ ଗ୍ରାହକମାନଙ୍କୁ ଭରସା ଦେଉଛନ୍ତି ।





# ହାଃହାଃ

ପପୁ: ଆଜ୍ଞା, ଆପଣଙ୍କ ପାଖରେ ମଶା ମାରିବା ବ୍ୟାଟ ଅଛି କି ?
ଦୋକାନୀ: ନାହିଁ ବାବୁ, ସେମିତି କିଛି ନାହିଁ ।
ପପୁ: ମଶା ମାରିବା ଔଷଧ ?
ଦୋକାନୀ: ସେଇଟା ବି ସରିଯାଇଛି ।
ପପୁ (ରାଗିଯାଇ): ଆରେ, ତାହେଲେ ଦୋକାନରେ ବସିଛ କାହିଁକି ?
ଦୋକାନୀ: କ'ଣ କରିବି ବାବୁ, ମଶା ହେଉଛନ୍ତି ବୋଲି ତ ବସିଛି, ନହେଲେ କେବେଠାରୁ ଶୋଇପଡ଼ନ୍ତିଣି !

# ଦିବ୍ୟ ବ୍ୟଞ୍ଜନ

## ମହୁର

**ସାମଗ୍ରୀ-** କଞ୍ଚା କଦଳୀ (୧ଟି), କଖାରୁ (୨୦୦ ଗ୍ରାମ), ସାରୁ (୩-୪ ଟି), ବାଇଗଣ (୧-୨ ଟି), ମାଟିଆଳୁ/ଖମ୍ବଆଳୁ (୧୦୦ ଗ୍ରାମ), କନ୍ଦମୂଳ (୧ଟି), ପୋଟଳ (୩-୪ ଟି), ( ସବୁ ପରିବାକୁ ବଡ଼ ବଡ଼ ଚୌକା ଖଣ୍ଡ କରି କାଟି ନିଅନ୍ତୁ), ଭିଜା ହୋଇଥିବା ଦେଶୀ ଚଣା (ଅଧା କପ୍) ଏବଂ ଛୋଟ ଛୋଟ ନଡ଼ିଆ ଖଣ୍ଡ, ଜିରା (୧ ଚାମଚ), ଗୋଲମରିଚ (୧ ଚାମଚ), ଅଦା (୧ ଇଞ୍ଚ) ( ଏହି ସବୁକୁ ସାମାନ୍ୟ ପାଣି ଦେଇ ଚିକ୍କଣ କରି ବାଟି ନିଅନ୍ତୁ), ଜିରା (୧ ଚାମଚ) ଏବଂ ଶୁଖିଲା ଲଙ୍କା (୧-୨ ଟି) କୁ ଶୁଖିଲା କଡ଼େଇରେ ଭାଜି ଗୁଣ୍ଡ କରି ରଖନ୍ତୁ । ଗୁଆ ଘିଅ (୨-୩ ଚାମଚ), ପଞ୍ଚଫୁଟଣ (୧ ଚାମଚ), ହେଙ୍ଗୁ (୧/୪ ଚାମଚ), ତେଜପତ୍ର (୨ ଟି) । ହଳଦୀ ଗୁଣ୍ଡ (୧/୨ ଚାମଚ), ଗୁଡ଼ (୧-୨ ଚାମଚ), ସ୍ୱାଦ ଅନୁସାରେ ଲୁଣ (ଶ୍ରୀମନ୍ଦିର ପାଇଁ ସୈନ୍ଧବ ଲୁଣ ବ୍ୟବହାର କରାଯାଏ), କୋରା ନଡ଼ିଆ ।



**ପ୍ରସ୍ତୁତି-** ଶ୍ରୀମନ୍ଦିର ଶୈଳୀରେ 'ମହୁର' ପ୍ରସ୍ତୁତ କରିବା ପାଇଁ ପ୍ରଥମେ ଏକ ବଡ଼ ପାତ୍ରରେ ପାଣି ଗରମ କରି ସେଥିରେ ଭିଜା ଦେଶୀ ଚଣା, ନଡ଼ିଆ ଖଣ୍ଡ, ଲୁଣ ଓ ହଳଦୀ ଗୁଣ୍ଡ ପକାନ୍ତୁ ଏବଂ ଏହାପରେ କଟା ହୋଇଥିବା ଦେଶୀ ପରିବା (କଖାରୁ, କଦଳୀ, ସାରୁ, ମାଟିଆଳୁ, କନ୍ଦମୂଳ ଓ ବାଇଗଣ) ମିଶାଇ ଢାଙ୍କୁଣୀ ଦେଇ ମଧ୍ୟମ ଆଞ୍ଚରେ ସିଝିବାକୁ ଦିଅନ୍ତୁ । ପରିବା ଅଧାରୁ ଅଧିକ ସିଝି ଆସିଲେ, ସେଥିରେ ଜିରା-ଗୋଲମରିଚ-ଅଦାର ଚିକ୍କଣ ବାଟଣ ଏବଂ ସାମାନ୍ୟ ଗୁଡ଼ ମିଶାଇ ଆଉ ୫ ମିନିଟ୍ ଫୁଟାନ୍ତୁ, ଯେପରି ମସଲାର କଞ୍ଚା ବାସ୍ନା ଚାଲିଯିବ । ଏହାପରେ ଅନ୍ୟ ଏକ ତଡ଼କା ପ୍ୟାନରେ ଗୁଆ ଘିଅ ଗରମ କରି ସେଥିରେ ପଞ୍ଚଫୁଟଣ, ତେଜପତ୍ର ଏବଂ ହେଙ୍ଗୁ ପକାଇ ଛୁଙ୍କ ପ୍ରସ୍ତୁତ କରନ୍ତୁ ଓ ଏହାକୁ ସିଝିଥିବା ପରିବା ମଧ୍ୟରେ ଢାଳି ତୁରନ୍ତ ଢାଙ୍କୁଣୀ ଘୋଡ଼ାଇ ଦିଅନ୍ତୁ । ଶେଷରେ ୨ ମିନିଟ୍ ପରେ ଢାଙ୍କୁଣୀ ଖୋଲି ଉପରୁ ପ୍ରଚୁର କୋରା ନଡ଼ିଆ ଏବଂ ଭଜା ଜିରା-ଲଙ୍କା ଗୁଣ୍ଡ ପକାଇ ହାଲୁକା ଭାବେ ଗୋଳାଇ ଆଞ୍ଚରୁ ଓହ୍ଲାଇ ନେଲେ ପ୍ରସ୍ତୁତ ହୋଇଯିବ ସୁଆଦିଆ ମହାପ୍ରସାଦ ଶୈଳୀର 'ମହୁର' ।

# ଉପସ୍ଥିତ ବୁଦ୍ଧି ବଞ୍ଚାଇଲା ଜୀବନ



ଆମେରିକାରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ଅଗ୍ନିଶମ କର୍ମଚାରୀ ଅମ୍ଳଜାନ ମାସ୍କ ଲଗାଇ ଏକ କପୋତର ଜୀବନ ବଞ୍ଚାଇଛନ୍ତି । ବାସ୍ତବରେ, କାଲିଫର୍ଣ୍ଣିଆରେ ଲାଗିଥିବା ନିଆଁର ପ୍ରବଳ ଧୂଆଁ ଯୋଗୁଁ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲା । ପକ୍ଷୀଟିର ଏଭଳି ଅବସ୍ଥା ଦେଖି ସେଠାରେ ଉପସ୍ଥିତ ଜଣେ ଦମକଳକର୍ମୀ ତୁରନ୍ତ ଏକ ଛୋଟ ଅକ୍ସିଜେନ ମାସ୍କ ସାହାଯ୍ୟରେ ତାକୁ ପ୍ରାକୃତିକ ବାୟୁ ପ୍ରଦାନ କରିଥିଲେ । ଯାହାଫଳରେ ମାତ୍ର କିଛି ମିନିଟ୍ ମଧ୍ୟରେ କପୋତଟିର ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଥିଲା ଏବଂ ସେ ପୁଣିଥରେ ଆକାଶକୁ ଉଡ଼ିଯାଇଥିଲା । ଏହି ସମ୍ପୂର୍ଣ୍ଣ ଘଟଣାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାକୁ ଦେଖିବା ପରେ ଲୋକମାନେ ଦମକଳକର୍ମୀଙ୍କର ଏହି ସମ୍ବେଦନଶୀଳତାର ଭୂୟସୀ ପ୍ରଶଂସା କରିବା ସହ ଅନେକ ୟୁଜର୍ସ ଏହାକୁ ମାନବିକତାର ଏକ ଅନନ୍ୟ ଉଦାହରଣ ବୋଲି ଅଭିହିତ କରିଛନ୍ତି । ସେହିଭଳି ଉକ୍ତ ବ୍ୟକ୍ତିଙ୍କର ଉପସ୍ଥିତ ବୁଦ୍ଧିକୁ ସମସ୍ତେ ପ୍ରଶଂସା କରୁଥିବା ଦେଖିବାକୁ ମିଳୁଛି ।



# ବର୍ଷିଲେ ଶ୍ୱେତା

ଯେଉଁଠି ଅନେକ ବଲିଉଡ୍ ସେଲିବ୍ରିଟି 'କକରୋଚ୍ ଜନତା ପାର୍ଟି'କୁ ସମର୍ଥନ କରୁଛନ୍ତି, ସେଠି ଅଭିନେତ୍ରୀ ଶ୍ୱେତା ତିୱାରୀ ଏହି ଦଳ ଉପରେ ବର୍ଷିଥିବା ଦେଖିବାକୁ ମିଳିଛି । ଏହି ପାର୍ଟି ନିଜର ରାଜନୈତିକ ଏଜେଣ୍ଡା ପାଇଁ ସୋନମ ୱାଙ୍ଗଚୁକଙ୍କୁ ବ୍ୟବହାର କରୁଥିବା ଅଭିଯୋଗ କରିଛନ୍ତି । ନିଜର ଅଫିସିଆଲ୍ ଇନଷ୍ଟାଗ୍ରାମ ଆକାଉଣ୍ଟରେ ଏକ ପୋଷ୍ଟ ଶେୟାର କରି ଶ୍ୱେତା ଲେଖିଛନ୍ତି ଯେ, ସୋନମ ୱାଙ୍ଗଚୁକ ଶିକ୍ଷା ଓ ଆମ ପିଲାମାନଙ୍କ ଭବିଷ୍ୟତ ଭଳି ଏକ ସତ୍ୟ ତଥା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ପାଇଁ ଲଢୁଛନ୍ତି, ଯାହା ଉପରେ ସରକାର ଗମ୍ଭୀରତାର ସହ ଧ୍ୟାନ ଦେବା ଉଚିତ । କିନ୍ତୁ ସେ ନିଜେ 'କକରୋଚ୍ ଜନତା ପାର୍ଟି' ସହ ନାହାନ୍ତି କିମ୍ବା ସେମାନଙ୍କର ଏହି ଆନ୍ଦୋଳନକୁ ହାତେଇବାର ଶୈଳୀକୁ ସମର୍ଥନ କରନ୍ତି ନାହିଁ । ଅନ୍ୟପଟେ, ସୋନମ ୱାଙ୍ଗଚୁକଙ୍କ ଅନଶନ ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବଲିଉଡ୍ ଅଭିନେତା ବିବେକ ଓବେରୟ କହିଛନ୍ତି ଯେ ସେ ଜଣେ ଅଭିନେତା, ନେତା ନୁହନ୍ତି ଏବଂ ସେ ରାଜନୈତିକ ବିଷୟ ଉପରେ ଅଧିକ ଧ୍ୟାନ ଦିଅନ୍ତି ନାହିଁ, ଯାହାକୁ ନେଇ ସୋସିଆଲ ମିଡିଆରେ ତାଙ୍କର ତୀବ୍ର ସମାଲୋଚନା କରାଯାଉଛି । ଏହା ସହିତ ଲଣ୍ଡନ ଇଣ୍ଡିଆନ୍ ଫିଲ୍ମ ଫେଷ୍ଟିଭାଲରେ ଚଳଚ୍ଚିତ୍ର 'ଲଗାନ୍'ର ସ୍କ୍ରିନିଂ ସମୟରେ ଅଭିନେତା ଆମିର ଖାନ ମଧ୍ୟ ସୋନମ ୱାଙ୍ଗଚୁକଙ୍କ ଅନଶନକୁ ନେଇ ଚିନ୍ତା ପ୍ରକଟ କରିଥିବା ବେଳେ ତାଙ୍କ ପୂର୍ବତନ ପତ୍ନୀ କିରଣ ରାଓ ସୋସିଆଲ ମିଡିଆ ଜରିଆରେ ସୋନମ ୱାଙ୍ଗଚୁକ, ଅଭିଜିତ ଡିପକେ, ସିଜେପି ଏବଂ ଛାତ୍ରମାନଙ୍କ ଅଧିକାର ପାଇଁ ସ୍ୱର ଉତ୍ତୋଳନ କରୁଥିବା ସମସ୍ତ ନାଗରିକଙ୍କୁ ସମର୍ଥନ ଜଣାଇଛନ୍ତି ।



ମେଷ: ଶାରୀରିକ ଅସୁସ୍ଥ, ନୂତନ କର୍ମାରମ୍ଭ, ପାରିବାରିକ ସ୍ନେହ ମିଳିବ, ବନ୍ଧୁ ଲାଭ, ବ୍ୟବସାୟରେ ମଧ୍ୟମ ଫଳ, ସୁଖ ସମାଚାର, ଚୁକ୍ତି ସମ୍ପାଦନ, ଗୃହେ ଉତ୍ସବ, ଶତ୍ରୁ ପରାଜିତ, ଦାମ୍ପତ୍ୟ ଖୁସି, ଯାତ୍ରାରେ ସତର୍କ, ଶୁଭ କାର୍ଯ୍ୟରେ ଧନ ଖର୍ଚ୍ଚ । ଅଶ୍ୱିନ ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା ଚେକ୍, ସଂଖ୍ୟା-୬, ଆରାଧନା- ମା' ମାଣିକେଶ୍ୱରୀ ।

ବୃଷ: ଆର୍ଥିକ ଉନ୍ନତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ନୂତନ ବନ୍ଧୁ ଲାଭ, ଦୂର ଯାତ୍ରା, ଉଚ୍ଚ କାର୍ଯ୍ୟରେ ବିଳମ୍ବ, ଶାରୀରିକ ସୁସ୍ଥ, ତୀର୍ଥାଟନ, ହଠାତ୍ ଯାତ୍ରା ସ୍ଥଗିତ, ସମ୍ପତ୍ତି ବିବାଦ, ସ୍ୱଜନେ ବିବାଦ, ବାହ୍ୟ ଶତ୍ରୁ ପରାଜିତ, ସନ୍ତାନ ଖୁସି, ପାରିବାରିକ ସହଯୋଗ । କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ଶଙ୍କର ଭଗବାନ ।

ମିଥୁନ: ଅର୍ଥ ଲାଭ, ଶୁଭ ଖବର, ନୂତନ ବନ୍ଧୁଲାଭ, ଭୂସମ୍ପତ୍ତି ଲାଭ, ମାନସିକ ଶାନ୍ତି, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ମାମଲା ସମାଧାନ, ଗୃହଶତ୍ରୁ ଲାଗି କଷ୍ଟ, କର୍ମକ୍ଷେତ୍ରରେ ପ୍ରଶଂସା, ଦେବକାର୍ଯ୍ୟ ଲାଗି ସନ୍ତୁଷ୍ଟ, ଶାରୀରିକ ସୁସ୍ଥତା । ଆଦ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଗୋଲାପି, ସଂଖ୍ୟା-୯, ଆରାଧନା- ମହାଲକ୍ଷ୍ମୀ ।

କର୍କଟ: ମାନସିକ ଦ୍ୱନ୍ଦ୍ୱ, କାର୍ଯ୍ୟରେ ସହଯୋଗ, ଶୁଭ ଖବର, ଲୋକସମ୍ପର୍କ, ବିବାଦ ସମାଧାନ, ଉଚ୍ଚ କାର୍ଯ୍ୟରେ ଅଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ବ୍ୟବସାୟରେ ଶତ୍ରୁତା, ଶାରୀରିକ ସୁସ୍ଥ, ସନ୍ତାନ ସମସ୍ୟା, ଜମିଜମା ଗଣ୍ଡଗୋଳ, ବ୍ୟକ୍ତି ସହାୟତା । ପୁଷ୍ୟା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୬, ଆରାଧନା- ପ୍ରଭୁ ଲିଙ୍ଗରାଜ ।

ସିଂହ: ଯାତ୍ରାରେ କଷ୍ଟ, ଶାରୀରିକ ଅସୁସ୍ଥ, ସନ୍ତାନ କଷ୍ଟ, ସ୍ୱାଦିଷ୍ଟ ଭୋଜନ, ନୂତନ ଯୋଜନା ସଫଳ, ବ୍ୟବସାୟରେ ସ୍ୱଳ୍ପ ଲାଭ, ଗାଡ଼ି ଚାଳନାରେ ସାବଧାନ, ବନ୍ଧୁ କଷ୍ଟ, ବିଶିଷ୍ଟ ବ୍ୟକ୍ତିଙ୍କ ସହାୟତା, ଥକାପଣ, ଅର୍ଥ ସମସ୍ୟା, ଦାମ୍ପତ୍ୟ ଖୁସି, ବିଦ୍ୟା ଲାଭ । ମଘା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

କନ୍ୟା: ଲୋକସମ୍ପର୍କ ବୃଦ୍ଧି, ଶୁଭ କାର୍ଯ୍ୟରେ ଅଗ୍ରଗତି, ନୂତନ ଚୁକ୍ତି, ଅର୍ଥ ଲାଭ, ଦେବକାର୍ଯ୍ୟରେ ଆନନ୍ଦ, ଶତ୍ରୁ ପରାଜିତ, ବନ୍ଧୁ ସହଯୋଗ, ସ୍ୱାସ୍ଥ୍ୟରେ ଉନ୍ନତି, ଅଚାନକ ଦୂରଯାତ୍ରା, ବ୍ୟବସାୟରେ ସ୍ୱଳ୍ପ ଲାଭ, ବୟୋଜ୍ୟେଷ୍ଠଙ୍କ ପ୍ରତି କଷ୍ଟ, ବିଦ୍ୟା ଲାଭ । ଉତ୍ତରା ଫାଲଗୁନି ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଆକାଶି, ସଂଖ୍ୟା-୯, ଆରାଧନା- ଲକ୍ଷ୍ମୀନାରାୟଣ ।

ତୁଳା: ବନ୍ଧୁ ସହଯୋଗ, ଧର୍ମକାର୍ଯ୍ୟରେ ଆଗ୍ରହ, ନୂତନ ଯୋଜନା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି, ଦୂର ଯାତ୍ରା, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ଉଚ୍ଚ ଆଶା ସଫଳ, ସୁସମାଚାର, ଦ୍ରବ୍ୟ ଲାଭ, ଯାନବାହନ କ୍ରୟ, ପାରିବାରିକ ଖୁସି, ବିଦ୍ୟାରେ ସଫଳତା । ଚିତ୍ରା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୮, ଆରାଧନା- ଗୋସେବା କରନ୍ତୁ ।

ବିଛା: ସନ୍ତାନ ସମସ୍ୟା, ବିଶିଷ୍ଟ କାର୍ଯ୍ୟରେ ଆନନ୍ଦ, ଦେବକାର୍ଯ୍ୟ ପ୍ରତି ବିମୁଖ, ଅନୁଷ୍ଠାନରୁ ଲାଭ, ଦୂର ଯାତ୍ରାରେ ସଫଳ, ବିଦ୍ୟାରେ ସଫଳତା, ଶତ୍ରୁ ସମସ୍ୟା, କିଛି କାର୍ଯ୍ୟରେ ବିବାଦ, ସମ୍ପତ୍ତି ସମସ୍ୟା, ବନ୍ଧୁ ସହଯୋଗ, ନୂତନ କାର୍ଯ୍ୟ ଆରମ୍ଭ, ଅର୍ଥ ଲାଭ । ଅନୁରାଧା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ହଳଦୀ, ସଂଖ୍ୟା-୬, ଆରାଧନା- ବିଷ୍ଣୁ ଭଗବାନ ।

ଧନୁ: ମାନସିକ ଶାନ୍ତି, କାର୍ଯ୍ୟରେ ସଫଳ, ଆଶା ପୂର୍ଣ୍ଣ, ଦାମ୍ପତ୍ୟ ଖୁସି, ପାରିବାରିକ ସମସ୍ୟା, ବନ୍ଧୁ ସହଯୋଗ, ନୂତନ କର୍ମ ଲାଭ, ଆର୍ଥିକ କଷ୍ଟ, ଶତ୍ରୁ ପରାଜିତ, ସନ୍ତାନ ଲାଭ, ବିଦ୍ୟାରେ ସଫଳତା, ଦୂର ଯାତ୍ରାରେ ଲାଭ, ସମ୍ପତ୍ତି ଲାଭ, ନୂତନ ବନ୍ଧୁ ଲାଭ । ଉତ୍ତରାଷାଢ଼ା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୧୦, ଆରାଧନା- ପ୍ରଭୁ ହନୁମାନ ।

ମକର: କାର୍ଯ୍ୟରେ ପ୍ରଶଂସା, ଅର୍ଥ ଲାଭ, ଶତ୍ରୁ ସମସ୍ୟା, ପାରିବାରିକ ସହଯୋଗ, ଯାତ୍ରାରେ କଷ୍ଟ, ହଠାତ୍ ଧନଲାଭ, ଗୁରୁଜନେ ପ୍ରଶଂସା, ବିଶିଷ୍ଟ କାର୍ଯ୍ୟରେ ଅଶାନ୍ତି, ବ୍ୟବସାୟରେ ସ୍ୱଳ୍ପ ଲାଭ, ବନ୍ଧୁ ଦର୍ଶନ, ସୁମିଷ୍ଟ ଭୋଜନ ପ୍ରାପ୍ତି, ବିଦ୍ୟାରେ ସଫଳତା । ଧନିଷ୍ଠା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ସବୁଜ, ସଂଖ୍ୟା-୮, ଆରାଧନା- ମହାଲକ୍ଷ୍ମୀ ।

କୁମ୍ଭ: ଧର୍ମ କାର୍ଯ୍ୟରେ ଯୋଗ, ମାନସିକ ଶାନ୍ତି, ଦ୍ରବ୍ୟ ପ୍ରାପ୍ତି, ସମ୍ପତ୍ତି ଲାଭ, ଦାମ୍ପତ୍ୟ ଖୁସି, ସମ୍ମାନ ବୃଦ୍ଧି, ଆଶା ସଫଳ, ଶାରୀରିକ ସୁସ୍ଥ, ସନ୍ତାନ ଖୁସି । ଶତଭିଷା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ବାଇଗଣି, ସଂଖ୍ୟା-୧୧, ଆରାଧନା- ଭଗବାନ ଶଙ୍କର ।

ମୀନ: ଆର୍ଥିକ ଖୁସି, କିଛି ସମସ୍ୟା ସମାଧାନ, ବନ୍ଧୁ ଲାଭ, ଉଚ୍ଚ ଆଶାରେ କଷ୍ଟ, ଭ୍ରାତୃ କଳହ, ବ୍ୟବସାୟିକ ଖୁସି, ଚୁକ୍ତି ସମ୍ପାଦନ, ଅତିଥି ଲାଭ, ଶାରୀରିକ ସୁସ୍ଥ, ଶୁଭ ଖବର, ପିଲାଙ୍କ ସଫଳତା । ଉତ୍ତରଭାଦ୍ର ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ- ଧଳା, ସଂଖ୍ୟା-୮, ଆରାଧନା- ମା' ଗୌରୀ ।

**ଆଷାଢ଼ ଶୁକ୍ଳପକ୍ଷ ଷଷ୍ଠି**
**୧୯.୭.୨୦୨୬, ରବିବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮

### ଦିବ୍ୟାଙ୍ଗ ଓ ବାକ୍ ଶ୍ରବଣ ବାଧିତ ବାଳିକାଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

# ଦିବ୍ୟାଙ୍ଗ ଭାଇଭଉଣୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସରକାରଙ୍କ ପ୍ରାଥମିକତା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସରକାରୀ ବାସଭବନ ଆଜି ଏକ ଅପୂର୍ବ ଆତ୍ମୀୟତା ଭରା ମୁହୂର୍ତ୍ତର ସାକ୍ଷୀ ହୋଇଛି । କେନ୍ଦୁଝରର 'ସେବା ଫାଉଣ୍ଡେସନ୍' ସଂଗଠନର ପ୍ରାୟ ୫୦ ଜଣ ବାକ୍ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଦିବ୍ୟାଙ୍ଗ ବ୍ୟକ୍ତି ଆଜି ମୁଖ୍ୟମନ୍ତ୍ରୀଙ୍କୁ ଭେଟି ସାକ୍ଷାତ ଆଲୋଚନା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ସରଳ ଏବଂ ସ୍ନେହପୂର୍ଣ୍ଣ ବ୍ୟବହାର ଦେଖି ଏହି ସ୍ୱତନ୍ତ୍ର ଅତିଥିମାନେ ଅତ୍ୟନ୍ତ ଆନନ୍ଦିତ ଓ ଉତ୍ସାହିତ ହୋଇଥିଲେ । ଏହି ସାକ୍ଷାତକାର ପରେ ମୁଖ୍ୟମନ୍ତ୍ରୀଙ୍କ ସହ ସେମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ, ଦକ୍ଷତା ବିକାଶ ଏବଂ ଆତ୍ମନିର୍ଭରଶୀଳତାକୁ ନେଇ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନା ଅନୁଷ୍ଠିତ ହୋଇଯାଇଛି ।

ଏହି ଆଲୋଚନା କାଳରେ ବାଳିକାମାନଙ୍କୁ ବର୍ତ୍ତମାନ ସଂଗଠନ ପକ୍ଷରୁ ସିଲାଇ ଏବଂ ହସ୍ତଶିଳ୍ପର ପ୍ରଶିକ୍ଷଣ ଦିଆଯାଉଛି ବୋଲି ଅବଗତ ହେବା ପରେ, ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସଂଗଠନର କର୍ମକର୍ତ୍ତା ଓ ବାଳିକାମାନଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ, ବର୍ତ୍ତମାନ ରାଜ୍ୟରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଛି । ତେଣୁ ଏହି ପ୍ରଶିକ୍ଷିତ ବାଳିକାମାନଙ୍କୁ ସେହି ସବୁ ଶିଳ୍ପସଂସ୍ଥା ସହିତ ଯୋଡ଼ି ସେମାନଙ୍କ ପାଇଁ ନିଯୁକ୍ତିର ନୂତନ ସୁଯୋଗ ସୃଷ୍ଟି କରାଯିବ ବୋଲି ସେ କହିଥିଲେ । ଏହାଦ୍ୱାରା ସେମାନେ ଆର୍ଥିକ ଭାବେ ସ୍ୱାବଲମ୍ବୀ ହେବା ସହ ସମାଜରେ ଏକ ସମ୍ମାନଜନକ ଜୀବନ ବିତାଇପାରିବେ । ଆମ ସରକାର ପ୍ରତିଟି ଦିବ୍ୟାଙ୍ଗ ଭାଇଭଉଣୀଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ପାଇଁ ଦୃଢ଼ ସଂକଳ୍ପବଦ୍ଧ ଏବଂ ସେମାନଙ୍କ ଭିତରେ ଥିବା ପ୍ରତିଭାକୁ ଉପଯୁକ୍ତ ସୁଯୋଗ ଦେଇ ଆତ୍ମନିର୍ଭରଶୀଳ କରିବା ଆମର ପ୍ରାଥମିକତା ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।



ଆଲୋଚନା ପ୍ରସଙ୍ଗରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ସମ୍ପର୍କରେ ଆଲୋକପାତ କରିଥିଲେ । ନୂତନ ଉଦ୍ୟୋଗୀ ମାନଙ୍କ ବିକାଶ ତଥା ସେମାନଙ୍କୁ ସ୍ୱାବଲମ୍ବୀ କରିବା ଦିଗରେ ପ୍ରଧାନମନ୍ତ୍ରୀଙ୍କ ଅସାଧାରଣ ଅବଦାନ ଓ ବିଭିନ୍ନ କଲ୍ୟାଣକାରୀ ଯୋଜନା ବିଷୟରେ ସେ ଆଲୋଚନା କରିଥିଲେ । ଏହା ସହିତ ସାମ୍ପ୍ରତିକ ସମୟରେ ଜୀବନଧାରଣ ଏବଂ ସଫଳତା ପାଇଁ 'ଦକ୍ଷତା' କେତେ ଗୁରୁତ୍ୱପୂର୍ଣ୍ଣ, ସେ ନେଇ ମୁଖ୍ୟମନ୍ତ୍ରୀ ବାଳିକାମାନଙ୍କୁ ଉତ୍ସାହିତ କରିବା ସହ ନିଜ ନିଜର ଦକ୍ଷତା ବୃଦ୍ଧି ଉପରେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ସାରା ଓଡ଼ିଶାରେ ଥିବା ଦିବ୍ୟାଙ୍ଗ ପିଲାମାନଙ୍କୁ ସରକାରଙ୍କ ପକ୍ଷରୁ ବାସଗୃହ ଯୋଗାଇ ଦିଆଯିବ । ଏହା ସହିତ ସେମାନଙ୍କ ପାଇଁ ଗ୍ୟାସ ସଂଯୋଗ, ଶୌଚାଳୟ ନିର୍ମାଣ, ଉନ୍ନତ ଶିକ୍ଷା ଏବଂ ସ୍ୱାସ୍ଥ୍ୟସେବା ଭଳି ସମସ୍ତ ମୌଳିକ ସୁବିଧା ସୁଯୋଗ ସୁନିଶ୍ଚିତ କରାଯିବ । ରାଜ୍ୟର ପ୍ରତିଟି ଦିବ୍ୟାଙ୍ଗ ଭାଇଭଉଣୀ ଯେପରି ସମସ୍ତ ସରକାରୀ ସୁବିଧା ପାଇ ସୁରକ୍ଷିତ ଜୀବନଯାପନ କରିପାରିବେ, ସେଥିପାଇଁ ସରକାର ସମସ୍ତ ବ୍ୟବସ୍ଥା କରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଭାବବିନିମୟ ସମୟରେ ମୁଖ୍ୟମନ୍ତ୍ରୀ ବାଳିକାମାନଙ୍କୁ ପ୍ରଦାନ କରାଯାଉଥିବା ଶ୍ରବଣ ଯନ୍ତ୍ର ଓ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ସହାୟତା ସମ୍ପର୍କରେ ପଚାରି ବୁଝିଥିଲେ । ଆବଶ୍ୟକତା ଅନୁଯାୟୀ କର୍ପୋରେଟ୍ ସାମାଜିକ ଦାୟିତ୍ୱ (ଉଝଜ) ପାଣ୍ଠି ଏବଂ ସରକାରୀ ଯୋଜନା ମାଧ୍ୟମରେ ସେମାନଙ୍କୁ ତୁରନ୍ତ ଉନ୍ନତମାନର ଶ୍ରବଣ ଯନ୍ତ୍ର ଯୋଗାଇ ଦେବା ପାଇଁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ସ୍ୱତନ୍ତ୍ର ଅତିଥିମାନେ ରାଜଧାନୀର ବିଭିନ୍ନ ଦର୍ଶନୀୟ ସ୍ଥାନ ବୁଲି ଦେଖିବା ସହ ବେଶ୍ ଉତ୍ସାହିତ ହୋଇଥିଲେ । ମୁଖ୍ୟମନ୍ତ୍ରୀଙ୍କ ସ୍ୱତନ୍ତ୍ର ନିର୍ଦ୍ଦେଶକ୍ରମେ ଆସନ୍ତାକାଲି ସେମାନଙ୍କର ପୁରୀ ଶ୍ରୀକ୍ଷେତ୍ର ଗସ୍ତ ଓ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ସମସ୍ତ ପ୍ରକାର ସୁରକ୍ଷିତ ଓ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ସାଲେପୁର ଏନ୍ଏସି ଅଧ୍ୟକ୍ଷ ପଦ ପାଇଁ ବିଜ୍ଞପ୍ତି

ସାଲେପୁର, (ସବ୍ୟୁ) :ସାଲେପୁର ବିଜ୍ଞାପିତ ଅଞ୍ଚଳ ପରିଷଦର ଅଧ୍ୟକ୍ଷ ପଦ ପାଇଁ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ଚିଠି ନଂ-୨୦୩୭୫/୧୫-୭-୨୦୨୬ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇଛି ।

ଏହି ପଦଟି ଅନୁସୂଚିତ ଜାତି ମହିଳା ବର୍ଗଙ୍କ ପାଇଁ ଉଦିଷ୍ଟ ଅଛି ।ଏଥିପାଇଁ ଯଦି କାହାର କିଛି ଆପତ୍ତି, ଅଭିଯୋଗ,ମତାମତ ଥାଏ ସେଥିପାଇଁ ୧୫ ଦିନର ସମୟ ବିଭାଗ ପକ୍ଷରୁ ଦିଆଯାଇଛି ।ଏହି ସମୟ ପରେ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି ଉଲ୍ଲେଖ କରାଯାଇଛି ।

## ମୁଖ୍ୟ ଶାସନ ସଚିବଙ୍କ ଦ୍ୱାରା ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କର କାର୍ଯ୍ୟ ସମୀକ୍ଷା

ଭୁବନେଶ୍ୱର, (ସବ୍ୟୁ): ମୁଖ୍ୟ ଶାସନ ସଚିବ ଅନୁଗର୍ଗ ଆଜି ରାଜ୍ୟର ୪ଟି ବିଦ୍ୟୁତ ବିତରଣ କମ୍ପାନୀ (ଡିସ୍କମ୍) ଯଥା ଟିପିସିଓଡିଏଲ୍, ଟିପିଏନ୍ଓଡିଏଲ୍, ଟି ପି ଏ ସ୍ ଓ ଡି ଏ ଲ୍ ଏ ବ ଂ ଟିପିଡବ୍ଲ୍ୟୁଓଡିଏଲ୍ର ବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ଡିସ୍କମ୍ ମାନଙ୍କର କାର୍ଯ୍ୟ ଦକ୍ଷତାର ସମୀକ୍ଷା କରିଥିଲେ । ଏହି ବୈଠକରେ ଅକ୍ଷୟ ଶକ୍ତିର ବିକାଶ ନିମନ୍ତେ ପଦକ୍ଷେପ,ବିଦ୍ୟୁତ ବିତରଣ ଭିତ୍ତିଭୂମିର ସୁଦୃଢ଼ୀ କରଣ ଏବଂ ସ୍ମାର୍ଟମିଟରିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା । ବୈଠକରେ ରାଜ୍ୟ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ତଥା ଶକ୍ତି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ କୁମାର ଦେବ, ଗ୍ରିଡ୍କୋର ପରିଚାଳନା ନିର୍ଦ୍ଦେଶକ, ସମସ୍ତ ଡିସ୍କମ୍ର ବୋର୍ଡ ସଦସ୍ୟ, ସଦସ୍ୟା ଏବଂ



ପରିଚାଳନା ନିର୍ଦ୍ଦେଶକ, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ, ମୁଖ୍ୟ ବିତ୍ତ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ । ବୈଠକରେ ପିଏମ୍ ସୂର୍ଯ୍ୟଘର-ମୁଫ୍ତ ବିଜଳି ଯୋଜନା (ପିଏମଏସଜି-ଏମ୍ବିୱାଇ) ଏବଂ ପିଏମ୍ କୁସୁମ ଯୋଜନାର ଉଲ୍ଲେଖନୀୟ କାର୍ଯ୍ୟକାରିତା ପାଇଁ ବୋର୍ଡ ସମସ୍ତ ବିଦ୍ୟୁତ୍ ବିତରଣ କମ୍ପାନୀମାନଙ୍କୁ ସେମାନଙ୍କର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସା କରିଥିଲେ । ଏପର୍ଯ୍ୟନ୍ତ ସମସ୍ତ ଡିସ୍କମମାନଙ୍କ ଦ୍ୱାରାପିଏମ୍ଏସଜି-ଏମ୍ବିୱାଇ ଯୋଜନାରେ ୧ ଲକ୍ଷ୫୬ହଜାର୬୦୬ ଟିପିଏମ୍ ସୂର୍ଯ୍ୟଘର ସଂଯୋଗ ସ୍ଥାପନ ସାଧନ ହୋଇଛି ଏବଂ ଭାରତର ଶୀର୍ଷ ୧୦ଟି ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ରାଜ୍ୟ ମଧ୍ୟରେ ଓଡ଼ିଶା ଡିସ୍କମ ସ୍ଥାନ ନିଶ୍ଚିତକରିଛନ୍ତି ।

## ଡ୍ରାଇଭର ବାପ ପୁଅଙ୍କ ଖଣ୍ଡା ଚୋଟରେ ଟୋଲ ଗେଟ୍ କର୍ମଚାରୀ ଗୁରୁତର

ବେତନଟୀ (ସବ୍ୟୁ)ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ବୈଶିଙ୍ଗା ଥାନା ଅନ୍ତର୍ଗତ ପଦ୍ମନାଭପୁର ଟୋଲ ଗେଟ୍ ରେ ଶୁକ୍ରବାର ରାତି ୧୧.୩୦ ସମୟରେ ଉତ୍ୟକ୍ତ ଡ୍ରାଇଭର ବାପ ପୁଅଙ୍କ ଖଣ୍ଡା ଚୋଟରେ ଜଣେ ଟୋଲ ଗେଟ୍ କର୍ମଚାରୀ ଗୁରୁତର ଆହତ ହୋଇ ବାଲେଶ୍ୱର ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲରେ ଚିକିତ୍ସିତ ହେଉଥିବା ବେଳେ ଅବସ୍ଥା ସଙ୍କଟାପନ୍ନ ହେବାରୁ କଟକ ଏସସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି । ମିଳିଥିବା ସୂଚନା ମୁତାବକ ଆନ୍ଧ୍ର ପ୍ରଦେଶରୁ ମାଛ ନେଇ ରାଞ୍ଚି ଯାଉଥିବା ଏକ ଟ୍ରେଲର ନଂ ୟୁକେ - ୦୬ସିଏ-୫୧୭୬ ଗେଟ୍ ରେ ଅଟକି ଥିବା ବେଳେ ଗାଡ଼ି ପାସ୍ କରିବାକୁ ବିଳମ୍ବ ଯୋଗୁଁ ଟୋଲ ଗେଟ୍ କର୍ମଚାରୀଙ୍କ ସହିତ ଯୁକ୍ତିତର୍କ, ପାଟିତୁଣ୍ଡ ହୋଇଥିଲା । ଟ୍ରେଲର ଚାଳକ ବାପା ୬୦ ବର୍ଷିୟ ଦୀଲବାଗ୍ ସିଂ ଓ ପୁଅ ୨୬ ବର୍ଷିୟ ମନଜୀତ୍ ସିଂ ଲୁହା ରଡ୍ ଓ ଖଣ୍ଡା ବାହାର କରି ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ବିବେକ ତିୱାରୀ ନାମକ କର୍ମଚାରୀଙ୍କ ପେଟରେ ଖଣ୍ଡା ବାଜି ପେଟ ଭିତରୁ ଅନ୍ତବୁଜୁଳୀ ବାହାରି ପଡ଼ିଥିଲା । ଘଟଣା ସମ୍ପର୍କରେ ଖବରପାଇ ତୁରନ୍ତ ପୋଲିସ ଏସ ଆଇ ଅଶୋକ କୁମାର ପାତ୍ର ପୋଲିସ ଟିମ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ସେତେବେଳକୁ ଗାଡ଼ି ନେଇ ପଳାଇଯାଇଥିଲେ ବାପ ପୁଅ । ସେମାନଙ୍କ ଗାଡ଼ିକୁ ଗୋଡ଼ାଇ ବେତନଟୀ ଠାରେ ଅଟକ ରଖି ଦୁଇଜଣଙ୍କୁ ଗିରଫ କରି ଥାନାକୁ ନେଇ ଆସିଥିଲେ । ଏହାକୁ ନେଇ ପୋଲିସ ପକ୍ଷରୁ ୩୬୪/୨୬ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ବେଳେ ଶନିବାର ସନ୍ଧ୍ୟାରେ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି ବୈଶିଙ୍ଗା ପୁଲିସ ।

## ଜମି ବିକ୍ରି କରିବାକୁ କହି ୩୦ ଲକ୍ଷ ଠକେଇ, ଅଭିଯୁକ୍ତ ଗିରଫ

ଭୁବନେଶ୍ୱର, (ସବ୍ୟୁ) : ଜମି ବିକ୍ରି କରିବାକୁ କହି ୨ ପର୍ଯ୍ୟାୟରେ ୩୦ ଲକ୍ଷ ଟଙ୍କା ନେବା ପରେ ଜମି ରେଜେଷ୍ଟ୍ରି କରିବାକୁ ଅସମର୍ଥ ହେବା ସହ ଟଙ୍କା ଫେରସ୍ତ କରିନଥିଲା । ଏ ସମ୍ପର୍କରେ ତମାଣ୍ଡୋ ଥାନାରେ ଅଭିଯୋଗ ହେବାରୁ ପୋଲିସ ସ୍ୱାଧୀନ କୁମାର (୩୬) କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି । ଏତଲାକାରିଣୀ ସାଗରିକା ଖଟେଇଙ୍କୁ ଅଭିଯୁକ୍ତ ସ୍ୱାଧୀନ କୁମାର ନିଜକୁ କକଫିଭ ବିଲ୍ଡକନ୍ ପ୍ରାଇଭେଟ୍ ଲିମିଟେଡ୍ର ନିର୍ଦ୍ଦେଶକ ବୋଲି ପରିଚୟ ଦେଇଥିଲା । ଜମି କିଣିବାକୁ ପରାମର୍ଶ ଦେଇ ତାଙ୍କ ନାଁରେ ରେଜେଷ୍ଟ୍ରିର କରାଇଦେବାର ପ୍ରତିଶ୍ରୁତି ଦେଇଥିଲା । ପ୍ରତିଶ୍ରୁତିରେ ବିଶ୍ୱାସ କରି ଅଭିଯୋଗକାରିଣୀ ୨୦୨୪ ମେ ୨୧ ତାରିଖ ଠାରୁ ସେହିବର୍ଷ ଡିସେମ୍ବର ୪ ତାରିଖ ମଧ୍ୟରେ ଚେକ୍ ମାଧ୍ୟମରେ ମୋଟି ୨୧ ଲକ୍ଷ ୧୦ ହଜାର ଟଙ୍କା ଦେଇଥିଲେ । ଟଙ୍କା ନେବା ପରେ ଅଭିଯୁକ୍ତ କମ୍ପାନୀ ପକ୍ଷରୁ ମନିରିସିପଫ ମଧ୍ୟ ଦେଇଥିଲା । ନିର୍ଦ୍ଧାରିତ ସମୟ ମଧ୍ୟରେ ଜମି ଯୋଗାଇ ଦେବାରେ ବିଫଳ ହେବାରୁ ଅଭିଯୋଗକାରିଣୀ ତାଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ । ଦୁଇବର୍ଷ ମଧ୍ୟରେ ସୁଧ ସମେତ ଟଙ୍କା ଫେରସ୍ତ କରିବା ପାଇଁ ସେ ୪୬ ଲକ୍ଷ ୫ ହଜାର ଟଙ୍କା ଦୁଇଟି ଚେକ୍ ଦେଇଥିଲା ।ଏହାପରେ ଅଭିଯୁକ୍ତ ପାତ୍ରପଡା ମୌଜାରେ ଗୋଟିଏ ପ୍ଲଟ ରେଜେଷ୍ଟ୍ରିର କରାଇଦେବାର ପ୍ରତିଶ୍ରୁତି ଦେବା ପରେ ଅଭିଯୋଗକାରିଣୀ ବିଶ୍ୱାସ କରି ପୁଣି ତାଙ୍କୁ ୫ ଲକ୍ଷ ଟଙ୍କା ଦେଇଥିଲେ । ଏହାପରେ ମଧ୍ୟ ଅଭିଯୁକ୍ତ ସ୍ୱାଧୀନ କୁମାର ଜମି ରେଜେଷ୍ଟ୍ରିର କରାଇପାରିନଥିଲା ।ନେଇଥିବା ଟଙ୍କା ମଧ୍ୟ ଚେକ୍ ମାଧ୍ୟମରେ କିମ୍ବା ନଗଦ ଆକାରରେ ଦେଇପାରିଲା ନାହିଁ । ଏତଲା ଅନୁଯାୟୀ ପୋଲିସ ସ୍ୱାଧୀନ କୁମାରକୁ ଗିରଫ କରିବା ସହ ୫ ଟି କାଗଜପତ୍ର ଜବତ କରି ଶନିବାର ତାକୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇଯିବାରୁ ସ୍ୱାଧୀନକୁ ଜେଲ ହାଜତ ପଠାଇଦିଆଯାଇଛି ।

### ଡେଙ୍ଗୁ ଦମନ ଲାଗି ବିଏମ୍ସିର ବ୍ୟାପକ ପଦକ୍ଷେପ

# ୩ ହଜାର ମଶା ଲାର୍ଭା ସ୍ଥାନ ନଷ୍ଟ

ଭୁବନେଶ୍ୱର(ସବ୍ୟୁ): ଭୁବନେଶ୍ୱର ମହାନଗର ନିଗମ (ବିଏମ୍ସି)ଅଞ୍ଚଳରୁ ଡେଙ୍ଗୁ ଦମନ ପାଇଁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ମୁଖ୍ୟତଃ ଜନ ଗୋଷ୍ଠୀ ସଞ୍ଚାଳକ, ସ୍ୱତନ୍ତ୍ର ଆଣ୍ଟି ଲାର୍ଭା ଟିମ୍, ନିୟୋଜିତ ସ୍ୱେଚ୍ଛାସେବୀ ପ୍ରମୁଖ ଘର ଘର ବୁଲି ଲୋକମାନଙ୍କୁ ସଚେତନ କରାଇବା ସହ ମଶା ଲାର୍ଭା ଉତ୍ପତ୍ତି ସ୍ଥଳଗୁଡିକୁ ନଷ୍ଟ



ସଚେତନତା ସୃଷ୍ଟି କରିବା, ମଶା ବଂଶ ଉତ୍ପତ୍ତିସ୍ଥଳଗୁଡ଼ିକୁ ଚିହ୍ନଟ କରିବା ସହ ସେଗୁଡ଼ିକୁ ନଷ୍ଟ କରୁଛି ବିଏମସି ।

ତିନୋଟି ଜୋନରେ ଗଠନ କରାଯାଇଥିବା ସ୍ୱତନ୍ତ୍ର ଟିମ୍ ପ୍ରତି ୱାର୍ଡ, ଗଳି, କନ୍ଦି, ସାହି, ବସ୍ତି ଆଦି ତନ୍ନତନ୍ନ କରି ସର୍ଭେ କରିବା ସହ ମଶା ବଂଶ ନାଶ କରିବା ପାଇଁ ବିଭିନ୍ନ ପଦ୍ଧତି ଅବଲମ୍ବନ କରୁଛି । ଏହି କାର୍ଯ୍ୟରେ ସ୍ୱାସ୍ଥ୍ୟ କର୍ମୀ, ସ୍ୱଚ୍ଛ ସାଥୀ, କରୁଛନ୍ତି । ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବର୍ତ୍ତମାନ ସୁଦ୍ଧା ସହରର ୪୦ ହଜାର ୬୩୯ ପରିବାରର ୧ ଲକ୍ଷ ୨୭ ହଜାର ୫୧୭ ଜଣ ବ୍ୟକ୍ତିଙ୍କୁ ଭେଟି ଡେଙ୍ଗୁ ରୋଗର ଭୟାବହତା ସଂପର୍କରେ ବୁଝାଇଛନ୍ତି । ସେମାନଙ୍କ ଘରେ ବା ଆଖପାଖରେ ଥିବା ମଶା ଉତ୍ସଗୁଡ଼ିକୁ ନଷ୍ଟ କରିଛନ୍ତି । ଏଥିରୁ ୩ ହଜାର ୫୫୪ ଜଣଙ୍କ ଘରେ ମଶା ଲାର୍ଭା ସ୍ଥାନ ଚିହ୍ନଟ କରିବା ସହ ସେଗୁଡ଼ିକୁ ନଷ୍ଟ କରାଯାଇଛି । ତେବେ ଘରେ ଏବଂ ବାହାରେ ଏଯାବତ ୩୪ ହଜାର ୨୮୩ଟି ମଶା ଲାର୍ଭା ଉତ୍ପନ୍ନ ହେଲା ଭଳି ପାଣି ଜମି ରହୁଥିବା ପାତ୍ର ଚିହ୍ନଟ କରାଯାଇଛି ଏବଂ ସେଗୁଡ଼ିକୁ ସ୍ଥାନାନ୍ତର କରାଯାଇଛି । ସେଥିରୁ ୨ ହଜାର ୯୬୮ଟି ନିଶ୍ଚିତ ମଶା ଲାର୍ଭା ଉତ୍ସ ଚିହ୍ନଟ କରାଯିବା ସହ ସେଗୁଡ଼ିକୁ ନଷ୍ଟ କରିଦିଆଯାଇଛି ।

ଚଳିତ ବର୍ଷ ଡେଙ୍ଗୁ ରୋଗ ରକ୍ତ ନମୂନା ମଧ୍ୟ ପରୀକ୍ଷା କରାଯାଉଛି । ବର୍ତ୍ତମାନ ସୁଦ୍ଧା ୧୦ ହଜାର ୬୧୮ଟି ରକ୍ତ ନମୂନା ସଂଗ୍ରହ ହୋଇଥିବା ବେଳେ ସେଥିରୁ ୧୨ଟି ପଜିଟିଭ ବାହାରିଛି । ଚଳିତ ବର୍ଷ ଡେଙ୍ଗୁ ପଜିଟିଭ୍ ଆନୁପାତିକ ହାର ୦.୧୧% ରହିଛି । ଏହି ୧୨ଟି ପଜିଟିଭରୁ ଭୁବନେଶ୍ୱର ବାହାରର ଜଣେ ରୋଗୀ ରହିଛନ୍ତି ।୨୦୨୫-୨୬ ତୁଳନାରେ ଚଳିତ ବର୍ଷ ବହୁ କମ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ବିଏମ୍ସିର ଆଗୁଆ ପ୍ରତିଶେଧମୂଳକ ପଦକ୍ଷେପ ଏବଂ ଜନ ସଚେତନତା ପାଇଁ ଏପରି ସମ୍ଭବ ହୋଇପାରିଛି ବୋଲି ଉଭୟ ମେୟର ସୁଲୋଚନା ଦାସ ଓ କମିଶନର ଚଞ୍ଚଳ ରାଣା କହିଛନ୍ତି ।

### ତିନି ବର୍ଷିଆ ଏଲ୍ଏଲ୍ବି ପାଠ୍ୟକ୍ରମରେ ନାମ ଲେଖା ଲାଗି ବିଜ୍ଞପ୍ତି

# ୩୦ ଜୁଲାଇ ପର୍ଯ୍ୟନ୍ତ ଆବେଦନ କରିପାରିବେ ଛାତ୍ରଛାତ୍ରୀ

ଭୁବନେଶ୍ୱର(ସବ୍ୟୁ): ତିନି ବର୍ଷିଆ ଏଲଏଲବି (ଆଇନ) ପାଠ୍ୟକ୍ରମରେ ନାମ ଲେଖାଇବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶିତ ହୋଇଛି । ଛାତ୍ରଛାତ୍ରୀମାନେ ସାମ୍ସ ପୋର୍ଟାଲକୁ ଯାଇ ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମ ନିମନ୍ତେ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ । ଆଜି(ଶନିବାର) ଠାରୁ ଅପରାହ୍ନ ୪ଟାରୁ ୩୦ ଜୁଲାଇ ରାତ୍ର ୧୧.୪୫ ଘଟିକା ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ । ଅଗଷ୍ଟ ୬ ତାରିଖ ଅପରାହ୍ନ ୨ଟାରେ ପ୍ରଥମ ମେଧା ତାଲିକା ପ୍ରକାଶ ପାଇବ । ପ୍ରଥମ ମେଧା ତାଲିକାରେ ଚୟନୀତ ହୋଇଥିବା ଛାତ୍ରଛାତ୍ରୀମାନେ ୬ ଅଗଷ୍ଟ ଅପରାହ୍ନ ୪ଟାରୁ ୧୧ ଅଗଷ୍ଟ

**ଅଗଷ୍ଟ ୬ ତାରିଖରେ ପ୍ରକାଶ ପାଇବ ପ୍ରଥମ ମେଧା ତାଲିକା**

ଅପରାହ୍ନ ୨ଟା ପର୍ଯ୍ୟନ୍ତ ନିଜର ସିଟ୍ ପାଇଁ ସ୍ଲାଇଡ଼/ଫ୍ରିଜ ବିକଳ୍ପ ବାଛି ପାରିବେ । ଅଗଷ୍ଟ ୭ ତାରିଖ ଠାରୁ ୧୧ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟ ଆଡ଼ମିଶନ ପ୍ରକ୍ରିୟା ଅନୁଷ୍ଠିତ ହେବ । ୧୭ ଅଗଷ୍ଟ ଅପରାହ୍ନ ୨ଟାରେ ଦ୍ୱିତୀୟ ମେଧା ତାଲିକା ପ୍ରକାଶ ପାଇବ । ଏଥିସହ ତିନି ବର୍ଷିଆ ଏଲଏଲବି (ଆଇନ) ପାଠ୍ୟକ୍ରମର ପ୍ରଥମ ବର୍ଷ ଛାତ୍ରଛାତ୍ରୀଙ୍କ ପାଠପଢ଼ା ଅଗଷ୍ଟ ୨୧ ତାରିଖରୁ ଆରମ୍ଭ ହେବ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ତିନି ବର୍ଷିଆ ଏଲଏଲବି ପାଠ୍ୟକ୍ରମରେ ଉଚ୍ଚଶିକ୍ଷା ବିଭାଗ ଅଧୀନରେ ରହିଥିବା ୪ଟି ଶିକ୍ଷାନୁଷ୍ଠାନରେ ସର୍ବମୋଟ ୩୯୦ଟି ସିଟ୍ ରହିଛି ।




| କିଲୋୱାଟ୍ | କେନ୍ଦ୍ର ସରକାର | ରାଜ୍ୟ ସରକାର | ସମୁଦାୟ |
|---|---|---|---|
| ୧ | ୩୦,୦୦୦ ଟଙ୍କା | ୨୫,୦୦୦ ଟଙ୍କା | ୫୫,୦୦୦ ଟଙ୍କା |
| ୨ | ୬୦,୦୦୦ ଟଙ୍କା | ୫୦,୦୦୦ ଟଙ୍କା | ୧,୧୦,୦୦୦ ଟଙ୍କା |
| ୩ ଓ ଉର୍ଦ୍ଧ୍ୱ | ୭୮,୦୦୦ ଟଙ୍କା | ୬୦,୦୦୦ ଟଙ୍କା | ୧,୩୮,୦୦୦ ଟଙ୍କା |

ଟିପିଏନ୍ଓଡିଏଲ୍ ଗ୍ରାହକ ସେବା: ୧୮୦୦-୩୪୫୬-୭୧୮/୧୯୧୨ | ଆବେଦନ କରନ୍ତୁ: www.pmsuryaghar.gov.in

### ଖୋର୍ଦ୍ଧା ସଦର ଥାନା ପୁଲିସର ବଡ଼ ସଫଳତା

# ୨୫୭ଗ୍ରାମ ବ୍ରାଉନସୁଗର ଜବତ, ୨ ଗିରଫ

ଖୋର୍ଦ୍ଧା, (ସବ୍ୟୁ): ଖୋର୍ଦ୍ଧା ସଦରଥାନା ପୁଲିସ କୁ ମିଳିଛି ବଡ ସଫଳତା । ୨୫୭ ଗ୍ରାମ ବ୍ରାଉନସୁଗର ଏବଂ ଏକ ନଂ ବିହୀନ ବୁଲେଟ୍ କୁ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏନେଇ ୩୩୪/୨୬ ଅନୁଯାୟୀ ଏନଡିପିଏସ୍ ଆଇନର ଧାରା ୨୧(ସି)/୨୯ରେ ଏକ ମାମଲା ରୁଜୁ ହୋଇଛି । ସିଆଳିଆସ୍ଥିତ ଶ୍ୟାମା କାଳୀ ମନ୍ଦିର ନିକଟରେ ବ୍ରାଉନସୁଗର କାରବାର ହେଉଥିବା ବିଶେଷସୂତ୍ରରୁ ପୁଲିସ ଖବର ପାଇଥିଲା । ତାଙ୍କୁ ଧରିବାକୁ ଏସ୍ପି ପରମାର ସ୍ମିଥ ପାର୍ଶୋତମ ଦାସଙ୍କ ନିର୍ଦ୍ଦେଶକ୍ରମେ ଏସ୍ଡିପିଓ ପଙ୍କଜ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ଖୋର୍ଦ୍ଧା ସଦର ଥାନା ର ଏକ ଟିମ କରାଯାଇଥିଲା । ସଦର ଥାନାର ଉପ-ନିରୀକ୍ଷକ ଚନ୍ଦନ କୁମାର ଦାସଙ୍କ ନେତୃତ୍ୱରେ ଏକ ଟିମ୍ ସିଆଳିଆସ୍ଥିତ ଶ୍ୟାମା କାଳୀ ମନ୍ଦିର ନିକଟରେ ଚଢ଼ାଉ କରିଥିଲା । ସେଠାରେ ବ୍ରାଉନସୁଗାର କାରବାର ପାଇଁ ଏକତ୍ରିତ ହୋଇଥିବା ଦୁଇ ଜଣ ସନ୍ଦିଗ୍ଧଙ୍କୁ କାବୁ କରାଯାଇଥିଲା । ସେମାନଙ୍କ ଠାରୁ ୨୫୭ ଗ୍ରାମ ବ୍ରାଉନସୁଗାର ଏବଂ ଏକ ନମ୍ବର ବିହୀନ କଳା ରଙ୍ଗର ବୁଲେଟ୍ ଜବତ କରିବା ସହ ଦୁଇ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି ।ଗିରଫ ଅଭିଯୁକ୍ତମାନେ ହେଲେ ଶିଳ୍ପାଂଚଳ ଥାନା ଅନ୍ତର୍ଗତ ୱିଲକିଶନ ନଗରର ଅଭୟ ଚରଣ ସାହୁ ଓରଫ୍ ଅଭି (୫୮) ଏବଂ ବେଗୁନିଆ ଥାନା ଅନ୍ତର୍ଗତ ବାରବାଟୀ ବିଶ୍ୱନାଥ ସାହିର ଜଗନ୍ନାଥ ରଣସିଂହ (୨୪) । ଜବତ ବ୍ରାଉନସୁଗରର ମୂଲ୍ୟ ୨୫ଲକ୍ଷ ୭୦ହଜାର ହେବ ବୋଲି ପୁଲିସ ଆକଳନ କରିଛି । ପଚରାଉଚରା ସମୟରେ ଉଭୟ ଅଭିଯୁକ୍ତ ଶୀଘ୍ର ଅଧିକ ଲାଭ ପାଇବା ଉଦ୍ଦେଶ୍ୟରେ ବ୍ରାଉନସୁଗାର ବିକ୍ରି ପାଇଁ ଯୋଜନା କରିଥିବା ସ୍ୱୀକାର କରିଥିଲେ ବୋଲି ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସ୍ପି ପରମାର ସ୍ମିଥ୍ ପାର୍ଶୋତମ ଦାସ କହିଛନ୍ତି । ଏହି ଚଢ଼ାଉରେ ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ, ଏସ୍ଆଇ ଚନ୍ଦନ କୁମାର ଦାସ, ଏଏସ୍ଆଇ ସୁବାଷ ଚନ୍ଦ୍ର ନାୟକ, କନଷ୍ଟେବଳ ଦେବରାଜ ସାହୁ, ସୁଧାକର ପଟ୍ଟନାୟକ, ହୋମଗାର୍ଡ ଏସ୍. ବାରିକଙ୍କ ସମେତ ପୁଲିସ ଟିମ୍ ସାମିଲ ଥିଲେ ବୋଲି ଏସପି କହିଛନ୍ତି । ଏସ୍ପି ଆହୁରୀ ମଧ୍ୟ କହିଥିଲେ ଯେ, ଗତ ମଇ ୨୬ତାରିଖରୁ ଆଜି ସୁଦ୍ଧା ୭ଟି ଏନ୍ଡିପିଏସ୍ କେଶ ରୁଜୁ ହୋଇଥିବାବେଳେ ଏଥିରେ ୧୯ଜଣ ଗିରଫ ହୋଇଛନ୍ତି । ମୋଟ ୧କେଜି ୩୮ ଗ୍ରାମ ବ୍ରାଉନସୁଗର ଜବତ ହୋଇଥିବାବେଳେ ୧୦୬ ବୋତଲ କଫସିରପ୍, ୧୭ ମୋବାଇଲ, ୪ଟି ମୋଟର ସାଇକେଲ, ୨ଟି କାର୍ ଏବଂ ୧୮ ହଜାର ନଗଦ ଟଙ୍କା କୁ ପୁଲିସ ଜବତ କରିଥିବା କହିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ଏସ୍ଡିପିଓ ପଙ୍କଜ କୁମାର ମାଝୀ, ସଦର ଥାନା ଅଧିକାରୀ ବାସୁଦେବ ଜୟସିଂହ ଉପସ୍ଥିତଥିଲେ ।




## ଯନ୍ତର-ମନ୍ତର ଆନ୍ଦୋଳନ ଭଣ୍ଡୁର ଉଦ୍ୟମକୁ ବିରୋଧ, ରେଭେନ୍ସା ସମ୍ମୁଖରେ ଏଆଇଡିଏସଓର ବିକ୍ଷୋଭ

କଟକ,(ସବ୍ୟୁ):ଦିଲ୍ଲୀର ଯନ୍ତର-ମନ୍ତର ଠାରେ ଗତ୨୦ ଦିନ ଧରି ଅନଶନ ମାଧ୍ୟମରେ ଚାଲିଥିବା ଆନ୍ଦୋଳନକୁ ଭଣ୍ଡୁର କରିବା ଉଦ୍ଦେଶ୍ୟରେ ପୁଲିସ ଚକ୍ରାନ୍ତ କରି ସୋନମ ୱାଙ୍ଗଚୁକଙ୍କୁ ବଳପୂର୍ବକ ଉଠାଇନେବା ପ୍ରତିବାଦରେ ଏଆଇଡିଏସଓ କଟକ ଜିଲ୍ଲା କମିଟି ପକ୍ଷରୁ ରେଭେନ୍ସା ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଏକ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତୁରନ୍ତ ଇସ୍ତଫା ଦେବା, ଏନଟିଏକୁ ସମ୍ପୂର୍ଣ୍ଣ ଉଚ୍ଛେଦ କରିବା ଦାବିରେ ତଥା ଜୁଲାଇ ୨୦ ତାରିଖରେ ହେବାକୁ ଥିବା ପାର୍ଲାମେଣ୍ଟ ଅଭିଯାନକୁ ସଫଳ କରିବା ପାଇଁ ଛାତ୍ର ସମାଜ ତଥା ବୃହତ୍ତର ଜନସମୁଦାୟ ସାମିଲ ହେବାପାଇଁ ନିବେଦନ କରାଯାଇଛି । ଏହି ବିକ୍ଷୋଭରେ ଏଆଇଡିଏସଓ ରାଜ୍ୟ ପରିଷଦର ଉପ ସଭାପତି ଭଗ୍ୟରବି ଦାସ, ସରୋଜ ବେହେରା, ରାଜେଶ ନାୟକ ପ୍ରମୁଖ ପ୍ରମୁଖ ଉପସ୍ଥିତ ଥିଲେ ।

କଣ୍ଟାପାଟଣା ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣା

# ହତ୍ୟା ଅଭିଯୋଗ ଆଣିଥିବା ମୃତକଙ୍କ ଭଉଣୀ ଓ ଭଣଜା ଉପରେ ପୋଲିସ ପୁଅର ପ୍ରବଳ ଚାପ

ଚଣ୍ଡିଖୋଲ (ସବ୍ୟୁ) :ଯାଜପୁର ଜିଲ୍ଲାର ଜେନାପୁର ଥାନା ଅନ୍ତର୍ଗତ ରାଇଛନ୍ଦା ପଂଚାୟତ କଣ୍ଟାପାଟଣା ଗ୍ରାମରେ ବାସୁଦେବ ସିଂଙ୍କ ଅସ୍ୱାଭାବିକ ମୃତ୍ୟୁକୁ ଇତି ମଧ୍ୟରେ ୧୧ ଦିନ ବିତି ଗଲାଣି।। ହେଲେ ତାଙ୍କର ମୃତ୍ୟୁ ଆତ୍ମହତ୍ୟା ଜନୀତ ନା ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ତାହା ଅଦ୍ୟାବଧି ପୋଲିସ ସ୍ୱଷ୍ଟ କରିପାରି ନାହି। ଯାହାକୁ ନେଇ ପୋଲିସର କାର୍ଯ୍ୟ କଳାପ ଉପରେ ସମଗ୍ର ଅଞ୍ଚଳରେ ଧିରେ ଧିରେ ସଂନ୍ଦେହ ବଢ଼ି ଚାଲିଛି। ପାରିବାରିକ କଳହ ଯୋଗୁଁ ବାସୁଦେବ ଆତ୍ମହତ୍ୟା କରିଥିବା ପରିବାର ଲୋକେ ବାରମ୍ବାର ସଫେଇ ଦେଉଥିଲା ବେଳେ ତାଙ୍କ ନାମରେ ବ୍ୟାଙ୍କରେ ଥିବା ଟଙ୍କା ନଦେବାରୁ ବାସୁଦେବଙ୍କୁ ତାଙ୍କ ପରିବାର ଲୋକେ ହତ୍ୟା କରି ପ୍ରମାଣନଷ୍ଟ ପାଇଁ ମୃତ ଦେହକୁ ଅତି ତରବରିଆ ଭାବେ ନିଜଘର ବାଡିପଟେ ପୋଡି ଦେଇଥିବା ବାସୁଦେବଙ୍କ ନିଜ ଭଉଣୀ ସୀତା ବାଇ ଓ ଭଣଜା ତଦନ୍ତ ଅଧିକାରୀଙ୍କୁ ଭେଟି ସିଧା ସଳଖ ଅଭିଯୋଗ କରିବା ସହ ଲିଖିତ ଭାବେ ଜଣାଇଛନ୍ତି। ଏହାପରେ ବାସୁଦେବଙ୍କ ମୃତ୍ୟୁକୁ ନେଇ ଲୁଚି ରହିଥିବା ଅନେକ ସତ୍ୟ ଲୋକ ଲୋଚନକୁ ଆସିବାରେ ଲାଗିଛି। ଏହି ସତ ବାହାରେ ପ୍ରଘଟ ହେବାପରେ ବାସୁଦେବଙ୍କ ପରିବାର ପାଇଁ ଅଡୁଆ ବଢିବା ସହ ଏହି ଘଟଣାରେ ତାଙ୍କର ପୋଲିସ ପୁଅଙ୍କ ସବୁ କାରସାଦି ମଧ୍ୟ ପଦାକୁ ଆସିଛି। ନିଜ ବାପାଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟଣାରେ ପରିବାର ସହିତ ନିଜେ ଫସିଯିବା ଭୟରେ ଯାଜପୁର ପୋଲିସରେ ଏପିଆର କନଷ୍ଟେବଲ ଥିବା ବାସୁଦେବଙ୍କ ମଝିଆଁ ପୁଅ ଆତଙ୍କିତ ହୋଇପଡିଛନ୍ତି। ବାସୁଦେବଙ୍କୁ ହତ୍ୟା କରାଯାଇ ଥିବା ଅଭିଯୋଗ ଆଣିଥିବା ବାସୁଦେବଙ୍କ ଭଉଣୀ ଓ ଭଣଜାଙ୍କ ଉପରେ ଏବେ ସେ ଘଟଣାର ରଫାଦଫା ପାଇଁ ପ୍ରବଳ ଚାପ ପକାଉଥିବା ଅଭିଯୋଗ ହେଉଛି। ନିଜ ପରିବାର ଲୋକଙ୍କ ସହ କେତେକ ବାହାର ଲୋକଙ୍କୁ ସାଙ୍ଗରେ ନେଇ ପୋଲିସ ପୁଅ ଅଭିଯୋଗକାରୀଙ୍କ ଘରେ ପହଞ୍ଚି ପ୍ରଥମେ ସେମାନଙ୍କୁ ଭୟ ଦେଖାଇବା ଓ ପରେ ବିଭିନ୍ନ ଉପାୟରେ ପ୍ରଭାବିତ କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ଏପରିକି ବାସୁଦେବଙ୍କ ମୃତ୍ୟୁ ହତ୍ୟା ନୁହେଁ ଏହା ଆତ୍ମହତ୍ୟା ଜନିତ ବୋଲି ଘଟଣାର ସ୍ୱତନ୍ତ୍ର ତଦନ୍ତ କରୁଥିବା ଯାଜପୁରରୋଡ ଏସଡିପିଓଙ୍କୁ କହିବାକୁ ପ୍ରବର୍ତ୍ତାଇଥିବା ବିଶେଷ ସୂତ୍ରରୁ ଜଣାପଡିଛି। ତେବେ ପୋଲିସ ବିଭାଗରେ ଚାକିରୀ କରିଥିବା ଓ ଯାଜପୁର ଜିଲ୍ଲାର ବଡଚଣା ଥାନାରେ ଏବେ ନିଯୁକ୍ତ ଥିବା ଏହି ଏପିଆର କନଷ୍ଟେବଲଙ୍କୁ ସ୍ଥାନୀୟ ଜେନାପୁର ଥାନା ପୋଲିସ ଭାଇ ବିରିଦରୀ ନିତିରେ ଅଦ୍ୟାବଧି ଅନୈତିକ ସହଯୋଗ ଦେଉଥିବା ଅଭିଯୋଗ ହୋଇଛି। ଅପରପକ୍ଷରେ ବାସୁଦେବଙ୍କ ଅସ୍ୱାଭାବିକ ମୃତ୍ୟୁ ଆତ୍ମହତ୍ୟା ଜନିତ ହେଉ ବା ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ହୋଇଥାଉ ତାହାର ସଠିକ ତଦନ୍ତ କରିବାରେ ଇତିମଧ୍ୟରେ ପୋଲିସ ଘୋର ଅବହେଳା କରିଛି। କାରଣ ତାଙ୍କ ନିଜ ପରିବାର ଏହାକୁ ଏକ ଆତ୍ମହତ୍ୟା ବୋଲି କହିଥିଲେ ମଧ୍ୟ ଅଦ୍ୟାବଧି ପୋଲିସ ଏହା ଉପରେ ଥାନାରେ ଅପମୃତ୍ୟୁ ମାମଲାଟିଏ ମଧ୍ୟ ଦାୟର କରିନାହିଁ। ବାସୁଦେବଙ୍କ ଏହି ବହୁ ଚର୍ଚ୍ଚିତ ଓ ସଂନ୍ଦେହ ଜନକ ଅସ୍ୱାଭାବିକ ମୃତ୍ୟୁ ପରେ ଶବ ହକ୍କାର ପାଇଁ ତାଙ୍କ ନିଜ ଜାତି ଧର୍ମର ନିତି ନିୟମକୁ ଅବଜ୍ଞା କରି ପୋଲିସ ପୁଅର ଉପସ୍ଥିତିରେ ପରିବାର ଲୋକେ ଅତି ଗୁପ୍ତ ଭାବେ ତାଙ୍କ ମୃତ ଦେହକୁ ମଶାଣୀକୁ ନନେଇ ନିଜ ଘର ବାଡିପଟେ ତରବରିଆ ଭାବେ ପୋଡି ଦେଇଥିଲେ। ଅଭିଯୋଗ ପାଇ ମୃତଦେହ ପୋଡା ଚାଲିଥିଲା ବେଳେ ଜେନାପୁର ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ ମଧ୍ୟ ଶବ ଜବତ କରି ତାହାର ବ୍ୟବଛେଦ କରିବା ପରିବର୍ତ୍ତେ ସବୁ ଯାଣି ମଧ୍ୟ ଘଟଣା ସ୍ଥଳରୁ ପଳାଇ ଆସିଥିଲେ। ଯେ କୌଣସି ବ୍ୟକ୍ତିର ସଂନ୍ଦେହ ଜନକ ବା ଆତ୍ମହତ୍ୟା ଜନିତ ମୃତ୍ୟୁ ହେଲେ ବିଏନଏସଏସର ଧାରା ୧୯୪ ଅନୁଯାୟୀ ପ୍ରଥମେ ପୋଲିସ ଥାନାରେ ଅପମୃତ୍ୟୁ ମାମଲା ପଞ୍ଜୀକରଣ କରିବା ସହ ଶବ ଜବତ କରି ତାହାର ବ୍ୟବଛେଦ କରାଇ ମୃତ୍ୟୁର ପ୍ରକୃତ କାରଣ ଓ ଏଥିରେ କାହାର ସଂପୃକ୍ତି ରହିଛି ତାହା ଜାଣି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ନିୟମ ରହିଛି । ହେଲେ ଜେନାପୁର ପୋଲିସ ଜାଣିସୁଣି ଏ କ୍ଷେତ୍ରରେ କାହିଁକି ନିୟମ ଓ ଆଇନକୁ ଉଲଘଂନ କରିଛି ତାକୁ ନେଇ ସାଧାରଣରେ ଏବେ ପ୍ରଶ୍ନ ହୋଇଛି।

ଏମ୍ସ ଭୁବନେଶ୍ୱରର ଷଷ୍ଠ ସମାବର୍ତ୍ତନ ଉତ୍ସବ ପାଳିତ

# ଆତ୍ମବିଶ୍ୱାସ ଏବଂ କରୁଣା ସହିତ ଧଳା କୋଟ୍ ପିନ୍ଧନ୍ତୁ : କେନ୍ଦ୍ରମନ୍ତ୍ରୀ



ଭୁବନେଶ୍ୱର,(ସବ୍ୟୁ) : ଏମ୍ସ ଭୁବନେଶ୍ୱର ଏହାର ଷଷ୍ଠ ସମାବର୍ତ୍ତନ ସମାରୋହକୁ ଶନିବାର ପାଳନ କରିଛି । ଚିକିତ୍ସା ଶିକ୍ଷା, ଗବେଷଣା, ନବସୃଜନ ଏବଂ ରୋଗୀ ସେବାରେ ପ୍ରତିଷ୍ଠାନର ଉତ୍କର୍ଷତା ଯାତ୍ରାରେ ଏକ ଅଧ୍ୟାୟ ଯୋଡ଼ି ହୋଇଛି । କେନ୍ଦ୍ର ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ଏବଂ ଭାରତ ସରକାରଙ୍କ ରସାୟନ ଏବଂ ସାର ରାଷ୍ଟ୍ରମନ୍ତ୍ରୀ ଅନୁପ୍ରିୟା ପଟେଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ, ସଂସଦୀୟ ବ୍ୟାପାର, ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ, ଡ. ମୁକେଶ ମହାଲିଙ୍ଗ ମଧ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ସମାବର୍ତ୍ତନ ଭାଷଣ ଦେଇ, କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ପଟେଲ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ । ଡାକ୍ତରୀ ବୃତ୍ତି ସହିତ ଜଡିତ ମୂଲ୍ୟବୋଧ ଉପରେ ଗୁରୁତ୍ୱାରୋପ ପୂର୍ବକ ସେ କହିଥିଲେ, ଧଳା କୋଟ୍ ବିଶ୍ୱାସ, ଦାୟିତ୍ୱ, ପ୍ରତିବଦ୍ଧତା ଏବଂ ଅପାର ସୁବିଧାର ପ୍ରତୀକ । ଏହାକୁ ଆତ୍ମବିଶ୍ୱାସ ଏବଂ କରୁଣା ସହିତ ସମସ୍ତେ ପିନ୍ଧିବା ଆବଶ୍ୟକ ।

ଭାରତର ସ୍ୱାସ୍ଥ୍ୟସେବା କ୍ଷେତ୍ରର ଅଭିବୃଦ୍ଧି ଏବଂ ପରିବର୍ତ୍ତନ ଉପରେ ଆଲୋକପାତ କରି, ଶ୍ରୀମତୀ ପଟେଲ ଦେଶରେ ପ୍ରମୁଖ ଚିକିତ୍ସା ପ୍ରତିଷ୍ଠାନର ବିସ୍ତାର ବିଷୟରେ ଉଲ୍ଲେଖ କରିଥିଲେ । ଦେଶରେ ପୂର୍ବରୁ ଏମ୍ସ ସଂଖ୍ୟା ୭ ଥିବା ବେଳେ ବର୍ତ୍ତମାନ ତାହା ୨୩ କୁ ବୃଦ୍ଧି ପାଇଛି । ଯାହା ସାରା ଦେଶରେ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ଶିକ୍ଷାର ପ୍ରବେଶକୁ ସୁଦୃଢ଼ କରୁଛି । ଏମ୍ସରୁ ସ୍ନାତକ ହୋଇଥିବା ଡାକ୍ତରମାନେ ଏକ ସ୍ୱତନ୍ତ୍ର ପରିଚୟ ବହନ କରନ୍ତି, ସେମାନଙ୍କୁ ଡକଫର ପ୍ଲସ୍ ଭାବରେ ବର୍ଣ୍ଣନା କରିଥିଲେ ଶ୍ରୀମତୀ ପଟେଲ । ବିଶ୍ୱସ୍ତରୀୟ ଭିତ୍ତିଭୂମି, ଉନ୍ନତ ଚିକିତ୍ସା ସୁବିଧା, ଗବେଷଣା ସୁଯୋଗ, ବିଶେଷଜ୍ଞ ପରାମର୍ଶ ଏବଂ ସର୍ବୋପରି, ସେମାନଙ୍କ ତାଲିମ ସମୟରେ ପ୍ରଦାନ କରାଯାଇଥିବା ମୂଲ୍ୟବୋଧ ମାଧ୍ୟମରେ ସେମାନେ ଯେଉଁ ଅସାଧାରଣ ଏବଂ ଅତୁଳନୀୟ ଏକ୍ସପୋଜର ପାଆନ୍ତି ତାହା ହେଉଛି ଡକଫର । ସୁଲଭ ଏବଂ ସୁଲଭ ସ୍ୱାସ୍ଥ୍ୟସେବା ପ୍ରତି ଭାରତ ସରକାରଙ୍କ ପଦକ୍ଷେପ ବିଷୟରେ ମତବ୍ୟକ୍ତ କରି ସେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନାର ପ୍ରଭାବ ଉପରେ ଆଲୋକପାତ କରିଥିଲେ । ଏହି ଯୋଜନା ଲକ୍ଷ ଲକ୍ଷ ହିତାଧିକାରୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ସହାୟତାକୁ ସକ୍ଷମ କରିଛି ।

ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଓଡ଼ିଶା ଏବଂ ପୂର୍ବ ଭାରତରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ସୁଦୃଢ଼ କରିବାରେ ଏମ୍ସ ଭୁବନେଶ୍ୱରର ଭୂମିକାକୁ ପ୍ରଶଂସା କରିଥିଲେ । ସେ ଚିକିତ୍ସା ଶିକ୍ଷା, ବିଶେଷଜ୍ଞ ସ୍ୱାସ୍ଥ୍ୟସେବା ଏବଂ ଗବେଷଣା ପ୍ରତି ପ୍ରତିଷ୍ଠାନର ଅବଦାନକୁ ପ୍ରଶଂସା କରିଥିଲେ ଏବଂ ସ୍ନାତକ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଭବିଷ୍ୟତ ପ୍ରୟାସ ପାଇଁ ଶୁଭକାମନା ଜଣାଇଥିଲେ । ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏବଂ ସିଇଓ ଡ. ଆଶୁତୋଷ ବିଶ୍ୱାସ ଏହି ଅବସରରେ ପ୍ରତିଷ୍ଠାନର ପ୍ରଗତି ରିପୋର୍ଟ ପ୍ରଦାନ କରିବା ସହିତ ଶିକ୍ଷା, ରୋଗୀ ସେବା, ଗବେଷଣା, ଭିତ୍ତିଭୂମି ବିକାଶ ଏବଂ ନବସୃଜନ କ୍ଷେତ୍ରରେ ପ୍ରତିଷ୍ଠାନର ସଫଳତା ଉପରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମରେ ଏମ୍ସ ଭୁବନେଶ୍ୱର ଅଧକ୍ଷା ଡ. ଅନୀତା ସାକ୍ସେନା, ଡିନ୍ ଡ. ଦିଲ୍ଲୀପ କୁମାର ପରିଡ଼ା, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ । ପୂର୍ବାହ୍ନରେ ମୁଖ୍ୟ ଅତିଥିଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଏମ୍ସ ପରିସରରେ ଥିବା ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରନି ଅଟଳ ବିହାରୀ ବାଜପେୟୀଙ୍କ ପ୍ରତିମୂର୍ତ୍ତୀରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ ।

ନିଟ୍ (ୟୁଜି) ପରୀକ୍ଷାଫଳ

# ଡିଏଭି ଚନ୍ଦ୍ରଶେଖରପୁରର ୧୨୧ ଛାତ୍ରଛାତ୍ରୀ ଯୋଗ୍ୟ ବିବେଚିତ

ଭୁବନେଶ୍ୱର, (ସବ୍ୟୁ): ନିକଟରେ ପ୍ରକାଶ ପାଇଥିବା ନିଟ୍ (ୟୁଜି) ପରୀକ୍ଷାଫଳରୁ ଜଣାଯାଇଛିଯେ ଡିଏଭି ପବ୍ଲିକ୍ ସ୍କୁଲ୍, ଚନ୍ଦ୍ରଶେଖରପୁରର ସମୁଦାୟ ୧୨୧ଜଣ ଛାତ୍ରଛାତ୍ରୀ ଏଥିରେ ଯୋଗ୍ୟତା ଅର୍ଜନ କରିଛନ୍ତି। କୃତୀ ବିଦ୍ୟାର୍ଥୀଙ୍କ ମଧ୍ୟରୁ ୪ଜଣ ୬୫୦ରୁ ଊର୍ଦ୍ଧ୍ୱ, ୧୩ଜଣ ୬୦୦ରୁ ଅଧିକ, ୨୭ଜଣ ୫୫୦ରୁ ବେଶି ଏବଂ ୪୧ଜଣ ୫୦୦ରୁ ଊର୍ଦ୍ଧ୍ୱ ନମ୍ବର ରଖିବାର ଗୌରବ ହାସଲ କରିଛନ୍ତି। ଅଭିଲାଷା ପଣ୍ଡା ମୋଟ ୭୨୦ରୁ ୬୮୨ନମ୍ବର ରଖିବା ସହ ସର୍ବଭାରତୀୟ ର୍‌ୟାଙ୍କ ୨୨୫ରେ ରହିଛନ୍ତି। ସେହିପରି ମୟନ କୁମାର ରାଉତ ୬୮୧ନମ୍ବର (୨୪୫ ର୍‌ୟାଙ୍କ), ପିହୁ ସିଙ୍ଘାଣିଆ ୬୬୬ ନମ୍ବର (୬୫୩ର୍‌ୟାଙ୍କ), ଶ୍ରୀଜା ସାହୁ ୬୫୯ ନମ୍ବର (୧୦୬୮ର୍‌ୟାଙ୍କ), ରିତା ନାୟକ ୬୩୦ ନମ୍ବର (୩୪୪୦ ର୍‌ୟାଙ୍କ), ଆଶ୍ରିତ ଶର୍ମା ୬୨୭ ନମ୍ବର (୩୮୮୩ ର୍‌ୟାଙ୍କ), ନମ୍ରତାମୟୀ ସ୍ୱାଇଁ ୬୧୯ ନମ୍ବର (୫୨୧୨ ର୍‌ୟାଙ୍କ), ନନ୍ଦିନୀ ମାହାତା ୬୧୮ ନମ୍ବର (୫୫୪୯ ର୍‌ୟାଙ୍କ) ମେଧା ତାଲିକାରେ ଶୀର୍ଷସ୍ଥାନରେ ରହିଛନ୍ତି। ଏଥିସହିତ କୁମାର ଅଭିଷେକ ଜେନା (୬୦୯ ନମ୍ବର), ପୂର୍ଣ୍ଣେନ୍ଦୁ ଧର (୬୦୨ ନମ୍ବର), ପ୍ରିୟଂଶୀ ଦାସ (୬୦୨ ନମ୍ବର), ଅନୁତ୍ତମ ପାଣିଗ୍ରାହୀ (୬୦୧ନମ୍ବର), ଆଦ୍ୱିକ୍ ପୁରୋହିତ (୬୦୦ ନମ୍ବର) ୬୦୦ରୁ ଊର୍ଦ୍ଧ୍ୱ ନମ୍ବର ସହିତ ସର୍ବଭାରତୀୟ ର୍‌ୟାଙ୍କ ୧୦ ହଜାର ମଧ୍ୟରେରହିଛନ୍ତି। ପୂର୍ବ ବର୍ଷମାନଙ୍କ ପରି ଚଳିତ ଥର ମଧ୍ୟ ନିଟ୍(ୟୁଜି)ରେ ଡିଏଭି ଚନ୍ଦ୍ରଶେଖରପୁର ଅନୁପମ ସାଫଲ୍ୟ ମଣ୍ଡିତ ହେବା ସହ ରାଜ୍ୟ ପାଇଁ ଗୌରବ ଆଣିଛି। ବିଦ୍ୟାଳୟ କର୍ତ୍ତୃପକ୍ଷ କୃତୀ ବିଦ୍ୟାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ସେମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



ଅଭିଳାଷା ପଣ୍ଡା



ମୟନ କୁମାର ରାଉତ



ପିହୁ ସିଙ୍ଘାଣିଆ

ହୋଟେଲ ମ୍ୟାନେଜମେଣ୍ଟ ନିଯୁକ୍ତି ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ

# ଜଣେ ଗିରଫ, କାଗଜପତ୍ର ଜବତ

ଭୁବନେଶ୍ୱର, (ସବ୍ୟୁ) : ହୋଟେଲ ମ୍ୟାନେଜମେଣ୍ଟ ନିଯୁକ୍ତି ପରୀକ୍ଷାରେ ନକଲି ପରୀକ୍ଷାର୍ଥୀ ଅନ୍ୟଜଣଙ୍କ ପାଇଁ ପରୀକ୍ଷା ଦେଇଥିବା ଜଣାପଡିବା ପରେ ସହୀଦନଗର ଥାନାରେ ଏତଲା ହୋଇଥିଲା । ଏତଲା ଆଧାରରେ ପୋଲିସ ସଚିନ କୁମାର (୨୨) ନାମକ ଜଣେ ଅଭିଯୁକ୍ତକୁ ଗିରଫ କରି ତା' ନିକଟରୁ କାଗଜପତ୍ର ଜବତ କରିଛି ।

ଭିଏସ୍ଏସ୍ନଗର ସ୍ଥିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟର ପ୍ରିନ୍‌ସପାଲ ସାରଦା ଘୋଷ (୫୮)ଏତଲା କରିବା ପରେ ପୋଲିସ ତଦନ୍ତ କରି ଜଣକୁ ଗିରଫ କରିବାରେ ସମର୍ଥ ହୋଇଛି । ଜୁନ୍ ୩୦ ତାରିଖରେ ଇନ୍‌ଷ୍ଟିଚ୍ୟୁଟରେ ଲୋୟର ଡିଭିଜନ କ୍ଲର୍କ ପଦବୀ ପାଇଁ ଲିଖିତ ପରୀକ୍ଷା ଓ ସ୍କିଲ ଟେଷ୍ଟ ଅନୁଷ୍ଠିତ ହୋଇଥିଲା । ଏହି ପରୀକ୍ଷାରେ ସଚିନ କୁମାର ନାମକ ଜଣେ ପରୀକ୍ଷାର୍ଥୀ ସର୍ବାଧିକ ନମ୍ବର ପାଇଥିବାରୁ ତାଙ୍କୁ ନିଯୁକ୍ତିପତ୍ର ଦିଆଯାଇଥିଲା । ପରବର୍ତ୍ତୀ ସମୟରେ ପରୀକ୍ଷାରେ ଛଦ୍ମବେଶୀ ସମ୍ବନ୍ଧୀୟ ଏକ ସମ୍ବାଦ ପ୍ରକାଶ ପାଇବା ପରେ ସନ୍ଦେହ ସୃଷ୍ଟି ହୋଇଥିଲା । ତେଣୁ ନିଯୁକ୍ତି ସମୟରେ ପାର୍ଥୀଙ୍କ ପରିଚୟ ଯାଞ୍ଚ ପାଇଁ ସହୀଦନଗର ଥାନାକୁ ଅନୁରୋଧ କରାଯାଇଥିଲା । ଚଳିତ ମାସ ୧୭ ତାରିଖ ଦିନ ସଚିନ କୁମାର ନିଯୁକ୍ତି ପାଇଁ ଆସିବା ପରେ ସିସିଟିଭି ଫୁଟେଜ୍, ଉପସ୍ଥାନ ରେଜିଷ୍ଟର, ଆବେଦନପତ୍ର ଓ ଅନ୍ୟାନ୍ୟ ଯାଞ୍ଚରୁ ସ୍ୱଷ୍ଟ ହୋଇଥିଲା ଯେ, ପରୀକ୍ଷା ଦେଇଥିବା ବ୍ୟକ୍ତି ଓ ଚାକିରିରେ ଯୋଗ ଦେବାକୁ ଆସିଥିବା ବ୍ୟକ୍ତି ସେ ନୁହଁନ୍ତି ।

ତଦନ୍ତ ସମୟରେ ସିସିଟିଭି ଫୁଟେଜ୍, ଡିଭିଆର, ପରୀକ୍ଷା ସମ୍ବନ୍ଧୀୟ ଦଲିଲ୍, ଆବେଦନପତ୍ର, ଉପସ୍ଥାନ ତାଲିକା ଓ ଅନ୍ୟାନ୍ୟ ସମ୍ପୃକ୍ତ ଦଲିଲ୍ ଜବତ କରାଯାଇଥିଲା । ଅଭିଯୁକ୍ତକୁ ପଚରାଉଚରା ବେଳେ ସେ ସ୍ୱୀକାର କରିଥିଲା ଯେ, ଅନୁଜ ଶର୍ମା ଓରଫ ସିଂହ ନାମକ ଜଣେ ବ୍ୟକ୍ତି ତାଙ୍କ ବଦଳରେ ପରୀକ୍ଷା ଦେଇଥିଲେ । ଚାକିରି ମିଳିବା ପରେ ତାକୁ ୭/୮ ଲକ୍ଷ ଟଙ୍କା ଦେବାକୁ ଚୁକ୍ତି ହୋଇଥିଲା । ଏହି ଷଡଯନ୍ତ୍ରରେ ତାଙ୍କ ମାମୁଁ ସୁମେର ସିଂହ ଏବଂ ସମ୍ପର୍କୀୟ ଭାଇ ନବନିତ ସିଂହଙ୍କ ସମ୍ପୃକ୍ତି ଥିବ ଜଣାପଡିଥିଲା । ଅଭିଯୁକ୍ତ ନିକଟରୁ ମୂଳ ଆଡମିଟ୍ କାର୍ଡ, ନିଯୁକ୍ତିପତ୍ର, ଶିକ୍ଷାଗତ ପ୍ରମାଣପତ୍ର, ଆଧାରକାର୍ଡ ଏବଂ ଗୋଟିଏ ମୋବାଇଲ ଫୋନ୍ ଜବତ କରଯାଇଛି । ଅଭିଯୁକ୍ତକୁ ହସ୍ତାକ୍ଷର ଓ ଲେଖାର ନମୁନା ସଂଗ୍ରହ କରାଯାଇ ଫୋରେନସିକ୍ ଲ୍ୟାବକୁ ପରୀକ୍ଷା ପାଇଁ ପଠାଯାଇଛି । ଶନିବାର ଗିରଫ ସଚିନ କୁମାରକୁ କୋର୍ଟ ଚାଲାଣ କରାଯିବା ପରେ ଜାମିନ୍ ନାମଞ୍ଜୁର ହୋଇଯିବାରୁ ତାକୁ ଜେଲ ହାଜତ ପଠାଯାଇଛି ।

# ୬୮୪ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ, ୩୨ମେଧାବୀଙ୍କୁ ସ୍ୱର୍ଣ୍ଣ ପଦକ



ଭୁବନେଶ୍ୱର (ସବ୍ୟୁ): ସମାବର୍ତ୍ତନ ଉତ୍ସବରେ ମୋଟ ୬୮୪ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା । ସ୍ନାତକ ବ୍ୟାଚରେ ୧୯୨ ଜଣ ଏମ୍ବିବିଏସ ଛାତ୍ରଛାତ୍ରୀ, ୧୬୩ ଜଣ ଏମ୍‌ଡି/ଏମ୍ଏସ, ୬୦ ଜଣ ଡିଏମ୍/ଏମ୍ସିଏଚ୍, ୧୭ ଜଣ ପୋଷ୍ଟ-ଡକଫରାଲ୍ ଫେଲୋ (ପିଡିଏଫ୍), ୪ ଜଣ ପିଏଚଡ଼ି ସ୍କଲାର, ୧୩୪ ଜଣ ବିଏସ୍ସି (ଅନର୍ସ) ନର୍ସିଂ ଛାତ୍ରଛାତ୍ରୀ, ୭୫ ଜଣ ବିଏସସି (ସମ୍ମାନ) ପାରାମେଡିକାଲ୍ ଏବଂ ୩୯ ଜଣ ଏମଏସସି ନର୍ସିଂ ଛାତ୍ରଛାତ୍ରୀ ଡିଗ୍ରୀ ଗ୍ରହଣ କରିଥିଲେ । ଶ୍ରେଷ୍ଠ ଶିକ୍ଷାଗତ ପ୍ରଦର୍ଶନ ପାଇଁ ୩୨ ଜଣ ମେଧାବୀ ଛାତ୍ରଛାତ୍ରୀଙ୍କୁ ୬୧ ଟି ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା ।

# ଶ୍ରବଣ ଶକ୍ତି ବାଧିତ ବାଳିକାଙ୍କ ସହ ମତବିନିମୟ କଲେ ରାଜ୍ୟପାଳ

## ବାଳିକାଙ୍କ ଦକ୍ଷତା ବିକାଶ ଉପରେ ରାଜ୍ୟପାଳଙ୍କ ଗୁରୁତ୍ୱାରୋପ



ଭୁବନେଶ୍ୱର(ସବ୍ୟୁ): ଶ୍ରବଣ ଶକ୍ତି ବାଧିତ ବାଳିକାମାନଙ୍କ ସହ ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ଶନିବାର ମତବିନିମୟ କରିଛନ୍ତି । ଏହି ଅବସରରେ ରାଜ୍ୟପାଳ ଶ୍ରବଣ ଶକ୍ତି ବାଧିତ ବାଳିକାଙ୍କ ନିମନ୍ତେ ଦକ୍ଷତା ବିକାଶ ଏବଂ ରୋଜଗାର ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଛନ୍ତି । ରାଜ୍ୟର ଶିଳ୍ପ କ୍ଷେତ୍ର ସହିତ ସେମାନଙ୍କୁ ଯୋଡ଼ିବା ପାଇଁ ପ୍ରୟାସ କରିବାକୁ ମଧ୍ୟ ରାଜ୍ୟପାଳ ପରାମର୍ଶ ଦେଇଛନ୍ତି ।

ଲୋକ ଭବନର ଅଭିଷେକ ହଲରେ କେନ୍ଦୁଝରର ସେବା ଫାଉଣ୍ଡେସନର ପ୍ରାୟ ୫୦ ଜଣ ସଦସ୍ୟଙ୍କ (ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିଙ୍କ ସମେତ) ସହିତ ଆଲୋଚନା କରିବା ସମୟରେ ଏହି ବାଳିକାମାନଙ୍କୁ ଦରଜି ଏବଂ ହସ୍ତଶିଳ୍ପ ପ୍ରଶିକ୍ଷଣ ଦିଆଯାଉଛି ବୋଲି ରାଜ୍ୟପାଳଙ୍କୁ ଅବଗତ କରାଯାଇଥିଲା । ଏହି ଅବସରରେ ଓଡ଼ିଶାରେ ଏକାଧିକ ବୟନ ଶିଳ୍ପ ପ୍ରତିଷ୍ଠା ହେବାକୁ ଯାଉଥିବା ଦୃଷ୍ଟିରୁ ପ୍ରଶିକ୍ଷିତ ବାଳିକାମାନଙ୍କ ପାଇଁ ଏହି ଶିଳ୍ପସଂସ୍ଥା ଗୁଡ଼ିକରେ ରୋଜଗାର ସୁଯୋଗ ଖୋଜିବାକୁ ସଂଗଠନକୁ ରାଜ୍ୟପାଳ ପରାମର୍ଶ ଦେଇଥିଲେ । ଏହା ଦ୍ୱାରା ସେମାନେ ଆର୍ଥିକ ସ୍ୱାବଲମ୍ବୀ ହୋଇ ସମ୍ମାନଜନକ ଜୀବନ ଯାପନ କରିପାରିବେ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ । ଏହା ପରେ ଶ୍ରବଣ ଶକ୍ତି ବାଧିତ ବାଳିକା ଓ ଶାରୀରିକ ଭିନ୍ନକ୍ଷମ ବ୍ୟକ୍ତିମାନ ଲୋକ ଭବନ ପରିସରସ୍ଥିତ ଉଦ୍ୟାନ, ଅଟଳ ବନ ଏବଂ ହରିଣ ପାର୍କ ପରିଦର୍ଶନ କରିଥିଲେ । ଆସନ୍ତାକାଲି (ରବିବାର) ସେମାନଙ୍କର ପୁରୀ ଗସ୍ତ ନିମନ୍ତେ ବିହିତ ବ୍ୟବସ୍ଥା ଲୋକ ଭବନ ପକ୍ଷରୁ କରାଯାଇଛ ।

ସୋଆର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବ

# ପ୍ରଯୁକ୍ତି ଓ କୃତ୍ରିମ ବୁଦ୍ଧିମତା ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ: ମୁଖ୍ୟ ବିଚାରପତି




ଭୁବନେଶ୍ୱର, (ସବ୍ୟୁ): ପ୍ରଯୁକ୍ତିର ଅଗ୍ରଗତି ଓ କୃତ୍ରିମ ବୁଦ୍ଧିମତା (ଏଆଇ)ର ଆବିର୍ଭାବ ଅଦାଲତର କାର୍ଯ୍ୟ ପରିଚାଳନାରେ ଦକ୍ଷତା ବୃଦ୍ଧି କରିଥିଲେ ମଧ୍ୟ ଏହା କେବେ ମଧ୍ୟ ସଚେତନ ସମ୍ବେଦନଶୀଳତା, ସ୍ୱତନ୍ତ୍ର ଓ ସ୍ୱାଧୀନ ଆଇନଗତ ବିଚାରର ବିକଳ୍ପ ହୋଇପାରିବ ନାହିଁ ବୋଲି ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ହରିଶ ଟଣ୍ଡନ ଶନିବାର କହିଛନ୍ତି। ସୋଆ (ଶିକ୍ଷା 'ଓ' ଅନୁସନ୍ଧାନ) ଡିମ୍ଡ-ଟୁ-ବି ବିଶ୍ୱବିଦ୍ୟାଳୟ ପକ୍ଷରୁ ଆୟୋଜିତ ସ୍ୱତନ୍ତ୍ର ସମାବର୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନ୍ୟାୟମୂର୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ, ପ୍ରଯୁକ୍ତିର ବିକାଶ ପାରଂପରିକ ଅଦାଲତ ବ୍ୟବସ୍ଥାରେ ଏକ ବୈପ୍ଳବିକ ପରିବର୍ତନ ଆଣିପାରିଥାଏ, କିନ୍ତୁ ଏହା କେବେ ବି ମାନବୀୟ ବିଚାର ଶକ୍ତିର ସ୍ଥାନ ନେଇପାରିବ ନାହିଁ।

ନ୍ୟାୟମୂର୍ତି ଶ୍ରୀ ଟଣ୍ଡନ୍ କହିଥିଲେ "ମୁଁ ପ୍ରଯୁକ୍ତିକୁ ବିରୋଧ କରୁନାହିଁ। କାରଣ ଏହା କାର୍ଯ୍ୟଦକ୍ଷତା ବୃଦ୍ଧି କରିବା ସହ ଅତ୍ୟନ୍ତ ଦ୍ରୁତ ଗତିରେ ସୂଚନା ପ୍ରକ୍ରିୟାକରଣରେ ସହାୟକ ହେଉଛି। କିନ୍ତୁ ଏହା କେବେ ବି ମାନବୀୟ ସମ୍ବେଦନଶୀଳତା ଓ ଆଇନଗତ ଯୁକ୍ତିର ସ୍ଥାନ ନେଇପାରିବ ନାହିଁ" ବୋଲି ସେ କହିଥିଲେ। ସୋଆ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତନ ଉତ୍ସବ ପରିପ୍ରେକ୍ଷୀରେ ୩୦୦ରୁ ଅଧିକ ଗବେଷକଙ୍କୁ ପିଏଚ୍.ଡି. ଉପାଧି ପ୍ରଦାନ କରାଯାଇଥିଲା। ଏହି ଅବସରରେ ସୋଆ ପକ୍ଷରୁ ଓଡ଼ିଶା ହାଇକୋର୍ଟର ବିଚାରପତି ନ୍ୟାୟମୂର୍ତି କୃଷ୍ଣ ଶ୍ରୀପଦ ଦୀକ୍ଷିତଙ୍କୁ ସମ୍ମାନସୂଚକ ଡକ୍ଟର ଅଫ୍ ଲ' (ହନରିସ କଜା) ଉପାଧି ପ୍ରଦାନ କରାଯାଇଥିଲା। ସମାବର୍ତନ ଉତ୍ସବରେ ଓଡ଼ିଶା ହାଇକୋର୍ଟର ୧୫ ଜଣ ଏବଂ କର୍ଣ୍ଣାଟକ ହାଇକୋର୍ଟର ୫ ଜଣ ବିଚାରପତି ଉପସ୍ଥିତ ଥିଲେ।

ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର (ଡା.) ଅମିତ ବାନାର୍ଜୀ ଏହି ସମାବର୍ତନ ଉତ୍ସବରେ ଅଧ୍ୟକ୍ଷତା କରିଥିବା ବେଳେ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ବିଶ୍ୱବିଦ୍ୟାଳୟର ଅଗ୍ରଗତି ସଂପର୍କରେ ରିପୋର୍ଟ ଉପସ୍ଥାପନ କରିଥିଲେ। ନ୍ୟାୟମୂର୍ତି ଶ୍ରୀ ଟଣ୍ଡନ କହିଥିଲେ ଯେ ଏକ ସମାଜର ପ୍ରକୃତ ମୂଲ୍ୟାଙ୍କନ ତାହାର ନ୍ୟାୟସଙ୍ଗତ ଆଇନ ବ୍ୟବସ୍ଥା ଉପରେ ନିର୍ଭର କରେ। ଆଇନର ଶାସନ କେବଳ ଏକ ଧାରଣା ନୁହେଁ, ବରଂ ଏହା ନୈତିକତା, ସତ୍ୟନିଷ୍ଠା ଓ ସ୍ୱଚ୍ଛତାକୁ ନେଇ ଗଠିତ ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ନ୍ୟାୟ ପ୍ରଦାନ। ସେ କହିଥିଲେ, "ସାମ୍ବିଧାନିକ ନୈତିକତା ହେଉଛି ଆମର ସଂଘୀୟ ବ୍ୟବସ୍ଥାର ପ୍ରାଣଶକ୍ତି। ଏହା ସମ୍ବିଧାନରେ ନିହିତ ଆଦର୍ଶଗୁଡ଼ିକୁ ସୁରକ୍ଷିତ ରଖିବା ସହ ନ୍ୟାୟ, ମର୍ଯ୍ୟାଦା ଓ ଦାୟିତ୍ୱବୋଧ ମାଧ୍ୟମରେ ସମାଜର ଅଗ୍ରଗତିକୁ ସୁନିଶ୍ଚିତ କରିଥାଏ।" ଭାରତର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ 'ସନ୍ତୋଷ ସିଂହ ବନାମ ୟୁନିଅନ ଅଫ୍ ଇଣ୍ଡିଆ' ମାମଲାର ରାୟକୁ ଉଲ୍ଲେଖ କରି ସେ କହିଥିଲେ ଯେ ଗଣତନ୍ତ୍ରର ପ୍ରକୃତ ଶକ୍ତି କେବଳ ସମ୍ବିଧାନର ବିଭିନ୍ନ ଧାରାରେ ନୁହେଁ, ବରଂ ଯେଉଁମାନେ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ସେମାନଙ୍କର ଦାୟିତ୍ୱବୋଧ ଓ ପ୍ରତିବଦ୍ଧତାରେ ନିହିତ। କୁଳାଧିପତି ପ୍ରଫେସର (ଡାକ୍ତର) ଅମିତ ବାନାର୍ଜୀ ପିଏଚ୍.ଡି. ଉପାଧି ପାଇଥିବା ଗବେଷକମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଏସ୍‌ସିବି ଅଗ୍ନିକାଣ୍ଡ ଘଟଣା : ନ୍ୟାୟିକ ତଦନ୍ତ କମିଶନଙ୍କ ଅବଧି ଦୁଇ ମାସ ବୃଦ୍ଧି

କଟକ, (ସବ୍ୟୁ) : କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଓ ହସ୍ପିଟାଲର (ଏସସିବି) ଟ୍ରମା କେୟାର ଆଇସିୟୁରେ ଘଟିଥିବା ଅଗ୍ନିକାଣ୍ଡ ଓ ଜୀବନହାନି ଘଟଣାର ନ୍ୟାୟିକ ତଦନ୍ତ ଅବଧିକୁ ରାଜ୍ୟ ସରକାର ପୁଣିଥରେ ବୃଦ୍ଧି କରିଛନ୍ତି। ଗୃହ ବିଭାଗ (ବିଶେଷ ଶାଖା) ପକ୍ଷରୁ ପ୍ରକାଶିତ ସରକାରୀ ବିଜ୍ଞପ୍ତି ଅନୁଯାୟୀ, ଏହି ଘଟଣାର ତଦନ୍ତ କରୁଥିବା ଅବସରପ୍ରାପ୍ତ ଜିଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ନେତୃତ୍ୱାଧୀନ ଜୁଡିସିଆଲ କମିସନଙ୍କ କାର୍ଯ୍ୟକାଳକୁ ଆସନ୍ତା ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଛି। ପୂର୍ବରୁ ଗୃହ ବିଭାଗର ବିଜ୍ଞପ୍ତି ଅନୁସାରେ କମିସନଙ୍କ କାର୍ଯ୍ୟକାଳକୁ ଜୁଲାଇ ୧୫ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ଏହି ଘଟଣାର ତଦନ୍ତ ପ୍ରକ୍ରିୟା ଜାରି ରହିଥିବାରୁ ଏବଂ ପୂର୍ବ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇଥିବାରୁ, ସରକାର ଏହି ଅବଧିକୁ ଆଉ ଦୁଇ ମାସ ଅର୍ଥାତ୍ ସେପ୍ଟେମ୍ବର ୧୫ ପର୍ଯ୍ୟନ୍ତ ବଢ଼ାଇବାକୁ ନିଷ୍ପତ୍ତି ନେଇଛନ୍ତି। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୧୫ରେ ଏସସିବି ଟ୍ରମା କେୟାର ଆଇସିୟୁରେ ଅଗ୍ନିକାଣ୍ଡ ଘଟିଥିଲା। ଏହାକୁ ଏକ ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ବିଷୟ ବିବେଚନା କରି ରାଜ୍ୟ ସରକାର ଅବସରପ୍ରାପ୍ତ ଜିଲା ଜଜ୍ ଲକ୍ଷ୍ମୀଧର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଏହି ତଦନ୍ତ କମିସନ ଗଠନ କରିଛନ୍ତି।

## ଦ୍ୱିତୀୟ ଶ୍ରୀକ୍ଷେତ୍ର ବଡଦାଣ୍ଡ ପାଲଟିଲା ଜନସମୁଦ୍ର

# ସାଢ଼େ ତିନି ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ



ବାରିପଦା, (ସବ୍ୟୁ) : ଦ୍ୱିତୀୟ ଶ୍ରୀକ୍ଷେତ୍ର ଭାବେ ଖ୍ୟାତ ବାରିପଦାର ଶ୍ରୀଶ୍ରୀ ହରିବଳଦେବ ଜୀଉଙ୍କ ରଥଯାତ୍ରାର ଦ୍ୱିତୀୟଦିନ ରଥଟଣାରେ ସାଢ ତିନିଲକ୍ଷରୁ ଊର୍ଦ୍ଧ୍ୱର୍ ଭକ୍ତଙ୍କ ସମାଗମରେ ସମ୍ପୂର୍ଣ୍ଣ ହୋଇଛି । ତିନୋଟି ଯାକ ରଥ ମାଉସୀମାମନ୍ଦିରରେ ପହଞ୍ଚିଛି । ଶନିବାର ଦିନଥିଲା ଅଧାବାଟରେ ଅଟକିଥିବା ଦେବୀ ଶୁଭଦ୍ରାଙ୍କ ଦର୍ପଦଳନ ରଥଟଣା ଓ ଜଗତରନାଥ ଜଗନ୍ନାଥଙ୍କ ରଥଟଣା କାର୍ଯ୍ୟକ୍ରମ । ସକାଳୁ ସକାଳୁ ଭକ୍ତଙ୍କ ବଡଦାଣ୍ଡରେ ସୁଅ ଛୁଟିଥିଲା । ଅପରାହ୍ନରେ ବଡଦାଣ୍ଡ ଜନସମୁଦ୍ର ପାଲଟିଯାଇଥିଲା । ଅପରାହ୍ନରେ ପ୍ରଥମେ ଦେବୀଶୁଭଦ୍ରାଙ୍କ ରଥପାହଚରେ ତାରାକଟା ଓ ଘୋଡାଲାଗି ନୀତି ପରେ ସାରଥୀ ଠାକୁରଙ୍କୁ ପ୍ରଣାମ କରି ଆଜ୍ଞାମାଳ ମାଗିଥିଲେ । ଦେବୀଶୁଭଦ୍ରା ରଥଟଣା ପୂର୍ବରୁ ମହିଳାଭକ୍ତଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ବିତରଣ କରାଯାଇଥିଲା । ଏହି ଗୁଡଲଡୁକୁ ଧରିବା ପାଇଁ ମହିଳାଭକ୍ତଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖା ଦେଇଥିଲା। ଶେଷରେ ମହିଳା ଭକ୍ତମାନେ ଖୋଳକୀର୍ତ୍ତନ, ହରିବୋଲ, ବାଦ୍ୟ, ଶଙ୍ଖ ଓ ହୁଳୁହୁଳି ଧ୍ୱନୀର ତାଳେ ତାଳେ ଦେବୀଶୁଭଦ୍ରା ରଥକୁ ମାଉସୀମାମନ୍ଦିର ନିକଟରେ ପହଞ୍ଚାଇଥିଲେ । ତାପରେ ଆରମ୍ଭ ହୋଇଥିଲା ଜଗତରନାଥ ଜଗନ୍ନାଥଙ୍କ ନନ୍ଦିଘୋଷ ରଥଟଣା କାର୍ଯ୍ୟକ୍ରମ ।

ରଥପାହଚରେ ତାରାକଟା ଘୋଡାଲାଗି ନୀତି ସହ ଛେରାପହଁରା କାର୍ଯ୍ୟକ୍ରମରେ ଆରମ୍ଭ ହୋଇଥିଲା ରଥଟଣା କାର୍ଯ୍ୟକ୍ରମ । ଏହି ରଥକୁ ଟାଣିବା ପାଇଁ ମୟୂରଭଞ୍ଜ ଜିଲ୍ଲାର ପରପୁଲ୍ଲୀ ଠାରୁ ପଡୋଶୀ ଓ ପଡୋଶୀ ରାଜ୍ୟରୁ ଭକ୍ତଙ୍କ ସମାଗମ ହୋଇଥିଲା । ଶ୍ରୀମନ୍ଦିରରୁ ଜଗନ୍ନାଥ ରଥକୁ ଟାଣିଟାଣି ଶ୍ରଦ୍ଧାଳୁମାନେ ମାଉସୀମାମନ୍ଦିର ନିକଟରେ ପହଞ୍ଚାଇଥିଲେ । ନନ୍ଦିଘୋଷ ରଥ ପହଞ୍ଚିବା ପରେ ରଥଉପରୁ ଭକ୍ତମାନଙ୍କ ଉଦ୍ଦେଶ୍ୟରେ ପ୍ରସିଦ୍ଧ ଗୁଡଲଡୁ ଫିଙ୍ଗା ଯାଇଥିଲା । ଏହି ଗୁଡଲଡୁକୁ ଧରିବା ପାଇଁ ବିଶେଷକରି ଯୁବବର୍ଗ ଭକ୍ତଙ୍କ ମଧ୍ୟରେ ଏକପ୍ରକାର ପ୍ରତିଯୋଗୀତା ଲାଗିଥିଲା ।

ସମଗ୍ର ବଡଦାଣ୍ଡ ହରିବୋଲ ଜୟ ଜଗନ୍ନାଥ ଧ୍ୱନୀରେ ପ୍ରକମ୍ପିତ ହୋଇଉଠିଥିଲା । ଆଜିର ରଥଟଣାରେ ଗୃହନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ର, ପୂର୍ବତନ ରାଜ୍ୟସଭା ସାଂସଦ ମମତା ମହାନ୍ତ, ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରାଜଲକ୍ଷ୍ମୀ ଭଞ୍ଜଦେଓ, ମୟୂରଭଞ୍ଜ ଜିଲ୍ଲାପାଳ ହେମକାନ୍ତ ସଏ, ଏସପି ବରୁଣ ଗୁଣ୍ଟୁପାଲ୍ଲୀ ଓ ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ରଥାରୂଢରେ ତିନିଠାକୁର ରୂପାବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥିଲେ । ରାତିରେ ତିନି ମହାପ୍ରଭୁ ଗୋଟିପହଣ୍ଡିରେ ମାଉସୀମାମନ୍ଦିରରେ ବିରାଜମାନ ହୋଇଥିଲେ । ରବିବାର ସନ୍ଧ୍ୟାଠାରୁ ବାହୁଡା ପର୍ଯ୍ୟନ୍ତ ମହାପ୍ରଭୁମାନେ ବିଭିନ୍ନ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ । ଏହି ବେଶ ଦେଖିବାପାଇଁ ଭକ୍ତମାନଙ୍କ ମଧ୍ୟରେ ସ୍ୱତନ୍ତ୍ର ଆଗ୍ରହ ପରିଲକ୍ଷିତ ହୋଇଥାଏ । ସେହିପରି ବାଣ୍ଟିଆ ଜଗନ୍ନାଥ ମନ୍ଦିରରେ ମଧ୍ୟ ରିତିନୀତିରେ ରଥଟଣା କାର୍ଯ୍ୟକ୍ରମ ଶେଷ ହୋଇଛି ।

## ମାଉସୀମା' ମନ୍ଦିରରେ ପହଁଞ୍ଚିଲା ନନ୍ଦିଘୋଷ

## ୪ ଅପରାଧୀଙ୍କୁ କାବୁ କଲା ପୋଲିସ



ଭଂଜନଗର, (ସବ୍ୟୁ) : ମାଉଜର ସହ ୪ ଜଣିଆ ଅପରାଧୀ ଗୋଷ୍ଠୀକୁ କାବୁକଲା, ଗଂଜାମ ଜିଲ୍ଲା ଭଂଜନଗର ଥାନା ପୋଲିସ । ସେମାନଙ୍କ ଠାରୁ ଗୋଟିଏ ପିସ୍ତଲ ସହ ଦୁଇ ରାଉଣ୍ଡ ଜୀବନ୍ତ ଗୁଳି, ଗୋଟିଏ ମାଗାଜିନ୍ ଏବଂ ଦୁଇଟି ମୋଟର ସାଇକେଲ ଜବତ କରାଯାଇଛି । ଗିରଫ ଅଭିଯୁକ୍ତ ମାନେ ଗଂଜାମ ଜିଲ୍ଲାର ବିଭିନ୍ନ ଥାନା ଅଞ୍ଚଳରେ ବହୁ ଅପରାଧୀକ ମାମଲାରେ ସଂପୃକ୍ତ ରହିଛନ୍ତି ।

ପୋଲିସ ପକ୍ଷରୁ କହିବା ପ୍ରକାରେ ଏହି ଅପରାଧୀ ଗୋଷ୍ଠୀ କୌଣସି ଏକ ସ୍ଥାନରେ ଅପରାଧ ଘଟାଇବା ପାଇଁ ଚକ୍କର ମାରୁଥିବା ବେଳେ, ଥାନାଧିକାରୀ ଜୀବନାନନ୍ଦ ଜେନାଙ୍କ ପରାମର୍ଶ କ୍ରମେ ଚାଲିଥିବା ପୋଲିସ୍ ପେଟ୍ରୋଲିଂ ବେଳେ, ଯାଞ୍ଚ ସମୟରେ ଏମାନେ ଧରାପଡ଼ିଥିଲେ । ଗିରଫ ପରେ ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଭଂଜନଗର ଏସଡିପିଓ ଡଃ ଦୀପକ୍ କୁମାର ମିଶ୍ର ।

## ପୂର୍ବଶତ୍ରୁତାରୁ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ଆଇରନ ପଞ୍ଚରେ ଆକ୍ରମଣ କରି ଗୁରୁତର କରିଥିବା ଅଭିଯୋଗରେ ବଡବଜାର ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଶ୍ରୀରାମ ନଗର ଆଦର୍ଶ ମାର୍ଗର ଶ୍ରୀଧର ମହାନ୍ତି (୨୩) । ତାଙ୍କ ନିକଟରୁ ଘଟଣାରେ ବ୍ୟବହୃତ ଏକ ଆଇରନ ପଞ୍ଚ ଜବତ କରାଯାଇଛି । ମାମଲା ନଂ ୫୨୫/୨୬ରେ ଅଭିଯୁକ୍ତଙ୍କୁ ଶନିବାର ପୋଲିସ କୋର୍ଟ ଚାଲାଣ କରିଛି । ଏହି ଘଟଣାରେ ସମ୍ପୃକ୍ତ ରହି ଫେରାର ଥିବା ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତଦନ୍ତ ଜାରି ରଖିଛି ।

ପ୍ରକାଶ ଯେ, ଜୁଲାଇ ୧୭ ତାରିଖ ରାତି ପ୍ରାୟ ୧୧.୩୦ଟା ବେଳେ ଲୁଚାପଡ଼ାର ବାସିନ୍ଦା ଜେ. ବାଲ ସୁବ୍ରମଣ୍ୟମ ଯାଦବ ନିଜ ସ୍କୁଟିରେ ବନ୍ଧୁଙ୍କ ଘରୁ ଫେରୁଥିବା ସମୟରେ ଶ୍ରୀଧର ମହାନ୍ତି ଓ ଦୀପୁ ନାମକ ଅନ୍ୟ ଜଣେ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ତାଙ୍କ ରାସ୍ତା ଅଟକାଇ ଥିଲେ । ପରେ ଆଇରନ ପଞ୍ଚରେ ମୁହଁକୁ ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇ ସେଠାରୁ ଫେରାର ହୋଇଯାଇଥିଲେ । ଖବର ପାଇ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଆହତଙ୍କୁ ପୁଲିସ ସିଟି ହସ୍ପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲା । ପରେ ଆହତ ଜଣଙ୍କ ଏନେଇ ଥାନାରେ ଅଭିଯୋଗ କରିଥିଲେ ।

ଏହି ଆଧାରରେ ବଡବଜାର ଥାନାରେ ମାମଲା ରୁଜୁ କରି ପୁଲିସ ତଦନ୍ତ କରିଥିଲା । ଉକ୍ତ ଅଭିଯୁକ୍ତଙ୍କୁ ଆଜି ଗିରଫ କରିଛି । ଜେରା ବେଳେ ଉକ୍ତ ଅଭିଯୁକ୍ତ ଜଣଙ୍କ ଜଣେ ପେଷାଦାର ଅପରାଧୀ ଅଟେ । ତାରି ନାମରେ ବଡବଜାର ଥାନାରେ ହତ୍ୟା ଉଦ୍ୟମ, ମାରପିଟ, ଧମକ ଓ ଜବରଦସ୍ତି ଆଦାୟ ଭଳି ଚାରିଟି ଆପରାଧିକ ମାମଲା ରହିଛି ବୋଲି ପୋଲିଛ କହିଛି ।

## ଶ୍ରୀଶ୍ରୀ ଦେବେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ

ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୩ ନଂ ଓ୍ୱାର୍ଡ ସ୍ଥିତ ବଳରାମପୁରରେ ଶ୍ରୀ ଶ୍ରୀ ଦେବେଶ୍ୱର ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଧିବିଧାନ ଅନୁସାରେ ଚଳିତ ମାସ ୧୪ତାରିଖ ଦିନ ଅଙ୍କୁର ରୋପଣ କରାଯାଇଥିବାବେଳେ ୧୫ତାରିଖ ଦିନ ଘଟଉତ୍ତୋଳନ ଓ କଳସ ଯାତ୍ରା ପର୍ବ ଅନୁଷ୍ଠିତ ହୋଇଥିଲା। ୧୬ ରୁ ୧୮ ତାରିଖ ପର୍ଯ୍ୟନ୍ତ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବା ସହ ଶେଷଦିନ ପୂର୍ଣ୍ଣାହୁତି ପର୍ବ ସମ୍ପନ୍ନ ହୋଇଥିଲା। ପ୍ରତ୍ୟେକ ଦିନ ହଜାର ହଜାର ଭକ୍ତଙ୍କ ସମାବେଶ ହୋଇଥବାବେଳେ ସମସ୍ତଙ୍କ ପାଇଁ କମିଟି ତରଫରୁ ପ୍ରସାଦ ବଣ୍ଟନ ସେବାର ବ୍ୟବସ୍ଥା କରାଯାଇଥିଲା। ପୁରୋହିତ ମନୋଜ ପଣ୍ଡାଙ୍କ ଦ୍ୱାରା ସମସ୍ତ କର୍ମ ସମ୍ପନ୍ନ ହୋଇଥିଲା। ରବିକାନ୍ତ ସିଂହ ଓ ଅଙ୍କିତା ସିଂହ କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ରାଜକିଶୋର ସିଂହ, ପ୍ରଭାସ ସାହୁ, ପ୍ରଫୁଲ୍ଲ ଦାଶ, କିରଣ ମହାପାତ୍ର, ସଚିନ୍ଦ୍ର ପାତ୍ର, ଭବତୋଷ ବେହେରା, ସଞ୍ଜୟ ସେନାପତି ଓ ସରୋଜ କୁମାର ଶତପଥି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ ।

## ଚାଷ ଜମିକୁ ଜଳସେଚନ ପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତି ଦାବି

ବ୍ରହ୍ମପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ନିମନ୍ତେ ଏକ ସମନ୍ୱିତ ମାଷ୍ଟର ପ୍ଲାନ ପ୍ରସ୍ତୁତ କରିବା ଦାବିରେ ଋଷିକୂଲ୍ୟା ରାୟତ ମହାସଭା ପକ୍ଷରୁ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଗଞ୍ଜାମ ଜିଲ୍ଲାର ସମସ୍ତ ଚାଷ ଜମିକୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ନଥିବାରୁ ଦୁଇ ଫସଲି ଚାଷ ସମ୍ଭବ ହେଉନାହିଁ । ଫଳସ୍ୱରୂପ ଜିଲ୍ଲାର ପ୍ରାୟ ୫ ଲକ୍ଷରୁ ଅଧିକ କୃଷି ଶ୍ରମିକ ଏବଂ କ୍ଷୁଦ୍ର ଚାଷୀ ଜୀବିକା ନିର୍ବାହ ପାଇଁ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେଉଛନ୍ତି । ଗଞ୍ଜାମ ଜିଲ୍ଲାର କୃଷି ଓ କୃଷକଙ୍କ ସାମଗ୍ରିକ ବିକାଶ ନିମନ୍ତେ ଚାଷ ଜମିକୁ ପର୍ଯ୍ୟାପ୍ତ ଜଳସେଚନ ସୁବିଧା ଯୋଗାଇବା ପାଇଁ ସୋରଡ଼ା, ଭଞ୍ଜନଗର, ଘୋଡ଼ାହାଡ଼ ଡ୍ୟାମ, ଧନେଇ ଜଳଭଣ୍ଡାର ସମେତ ଜିଲ୍ଲାର ଅନ୍ୟାନ୍ୟ ଜଳଭଣ୍ଡାର ଏବଂ ଜଳସେଚନ ପ୍ରକଳ୍ପଗୁଡ଼ିକର ପୁନରୁଦ୍ଧାର, ଆଧୁନିକୀକରଣ ଓ ସମ୍ପ୍ରସାରଣ କରିବାକୁ ଦାବି କରାଯାଇଛି । ସେହିପରି ବର୍ଷା ଋତୁରେ ସମୁଦ୍ରକୁ ପ୍ରବାହିତ ହେଉଥିବା ଜଳର ସଂରକ୍ଷଣ ପାଇଁ ଜିଲ୍ଲାର ପ୍ରମୁଖ ନଦୀ ଗୁଡ଼ିକରେ ପ୍ରତି ୧୦ କିଲୋମିଟର ବ୍ୟବଧାନରେ ବ୍ୟାରେଜ ନିର୍ମାଣ କରାଯିବାକୁ ମଧ୍ୟ ଦାବି କରାଯାଇଛି ।

ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ସରକାରଙ୍କ ପ୍ରସ୍ତାବିତ ପିଂଳପଙ୍କ ଡ୍ୟାମ ନିର୍ମାଣ ଫଳରେ ଋଷିକୂଲ୍ୟା ନଦୀ ଶୁଷ୍କ ହେବାର ଆଶଙ୍କା ରହିଛି । ତେଣୁ ଗଞ୍ଜାମ ଜିଲ୍ଲାର ଜୀବନ ରେଖା ତଥା କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଋଷିକୂଲ୍ୟା ନଦୀ ଉପରେ ପ୍ରସ୍ତାବିତ ପିଂଳପଙ୍କ ଡ୍ୟାମ ପ୍ରକଳ୍ପକୁ ବାତିଲ କରିବାକୁ ଦାବି କରାଯାଇଛି । ଏଥିସହ ସରକାର ଜଳସେଚନ ସମ୍ବନ୍ଧରେ ଯେଉଁ ବିବରଣୀ ପ୍ରଦାନ କରୁଛନ୍ତି, ସେଥିରେ କେଉଁ ଜଳଭଣ୍ଡାର ମାଧ୍ୟମରେ କେତେ ପରିମାଣର ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଉଛି । ତାହା ସ୍ପଷ୍ଟ ଭାବେ ପ୍ରକାଶ କରାଯାଉ ବୋଲି ଋଷିକୂଲ୍ୟା ରାୟତ ମହାସଭା ଦାବି କରିଛି । ଋଷିକୂଲ୍ୟା ରାୟତ ମହାସଭାର ସମ୍ପାଦକ ସୀମାଞ୍ଚଳ ନାହାକଙ୍କ ନେତୃତ୍ୱରେ ଅଶୋକ ଦଳାଇ, କିଶୋର ପାତ୍ର, କାମରାଜୁ ମହାରଣା ପ୍ରମୁଖ ଜଳସେଚନ ବିଭାଗର ମୁଖ୍ୟ ଯନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ । ଶେଷରେ ମହାସଭା ପକ୍ଷରୁ ଚେତାବନୀ ଦିଆଯାଇଛି ଯେ, ସରକାର ଯଦି ଗଞ୍ଜାମ ଜିଲ୍ଲାର ଜଳସେଚନ ବ୍ୟବସ୍ଥାର ଉନ୍ନତି ଦିଗରେ ଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ ନକରନ୍ତି, ତେବେ ଆଗାମୀ ଦିନରେ ଋଷିକୂଲ୍ୟା ରାୟତ ମହାସଭା ପକ୍ଷରୁ ବ୍ୟାପକ ଗଣଆନ୍ଦୋଳନ କରାଯିବ ।

## ନଗର ଉନ୍ନୟନ ମନ୍ତ୍ରୀଙ୍କୁ ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘର ଦାବିପତ୍ର



ବାରିପଦା, (ସବ୍ୟୁ) : ବାରିପଦା ମ୍ୟୁନିସିପାଲଟି ଅବସରପ୍ରାପ୍ତ କର୍ମଚାରୀ ସଂଘ ନଗର ଉନ୍ନୟନ ମନ୍ତ୍ରୀ ଡାଃ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ତାଙ୍କ ବାସଭବନରେ ସାକ୍ଷାତ କରି ଏକ ଦାବୀପତ୍ର ପ୍ରଦାନ କରିଛି ।

ଏଥିରେ ମ୍ୟୁନିସପାଲିଟିର ଅବସରପ୍ରାପ୍ତ କର୍ମଚାରୀଙ୍କୁ ଟ୍ରେଜେରୀ ଜରିଆରେ ପେନସନ ଦେବାପାଇଁ ଦୃଷ୍ଟି ଆକର୍ଷଣ କରାଯାଉଛି । ମନ୍ତ୍ରୀ ମୋହଦୟ ଏଦିଗରେ ତ୍ୱରିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଯେଉଁ ପ୍ରତିନିଧିମାନେ ତାଙ୍କୁ ଦାବୀପତ୍ର ଦେଇଛନ୍ତି ସେମାନେ ହେଲେ ଉପଦେଷ୍ଟା ନନ୍ଦ କୁମାର ମହାପାତ୍ର, ସଭାନେତ୍ରୀ ତାରାମଣୀ ମହାପାତ୍ର, ସମ୍ପାଦକ ଉଜ୍ଜ୍ୱଳ ବେହେରା, କୋଷାଧ୍ୟକ୍ଷ ଅନୁପ କୁମାର ଗିରି ଓ ରାମଚନ୍ଦ୍ର ପଣ୍ଡା ପ୍ରମୁଖ।

# ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା



ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ସାମାଜିକ ସୁରକ୍ଷା ଯୋଜନାର ସମୀକ୍ଷା ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ ଅଧ୍ୟକ୍ଷତା କରି କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଯେପରି ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଇପାରିବ ସେଥିପ୍ରତି ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ।

ବିଭିନ୍ନ ବର୍ଗର ଗଞ୍ଜାମ ଜିଲ୍ଲାର ପ୍ରାୟ ୧ ଲକ୍ଷ ୫୦ ହଜାର ହିତାଧିକାରୀ ଭତ୍ତା ପାଉଛନ୍ତି । ସେହିପରି ପୋର୍ଟାଲ ମାଧ୍ୟରେ ହିତାଧିକାରୀମାନେ ଆବଶ୍ୟକ ଅନୁସାରେ ଉପକରଣ ସହାୟତାକୁ ନିୟମିତ ତଦାରଖ କରାଯାଇ ସେମାନଙ୍କୁ ତୁରନ୍ତ ପ୍ରଦାନ କରାଯିବ । ଏହାସହ କେନ୍ଦ୍ର ସାମାଜିକ ସୁରକ୍ଷା ଯୋଜନା ହିତାଧିକାରୀମାନେ ଆକାଉଣ୍ଟ ଦ୍ୱାରା ଭତ୍ତା ଟଙ୍କା ପାଉଥିବା ବେଳେ ହିତାଧିକାରୀଙ୍କ ବ୍ୟାଙ୍କ୍ ଜମାଖାତାରେ ଆଧାର ଲିଙ୍କ୍ କରାଯିବା ପାଇଁ ବାଧ୍ୟତାମୂଳକ ରହିଛି । ଏଦ୍ୱାରା ସଠିକ୍ ହିତାଧିକାରୀ ଭତ୍ତା ପାଇବାରେ କୌଣସି ଅସୁବିଧା ହେବ ନାହିଁ । ଏହାସହ ନକଲି ହିତାଧିକାରୀ ଏବଂ ମୃତ ହିତାଧିକାରୀ ରହଥିବା ଜଣାପଡିବ । ଏହି ପରିପ୍ରେକ୍ଷୀରେ ଜିଲ୍ଲାରେ ବାକି ରହିଥିବା ୩ ହଜାରର ହିତାଧିକାରୀଙ୍କ ଆଧାର ଲିଙ୍କ୍ ପେଣ୍ଡିଂ କାମ ଶୀଘ୍ର ସାରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ନିର୍ଦ୍ଦେଶ କହିଛନ୍ତି । ଏହାସହ ଭୀମଭୋଇ ସାମର୍ଥ୍ୟ, ପାରା ସ୍ପୋର୍ଟସ, ଡିଆଇ ରଣ, ସହାୟତା ଉପକରଣ ଆଦି ବିଭାଗର ସମସ୍ତ ସ୍କିମ୍ ଉପରେ ସମୀକ୍ଷା ହୋଇଥିଲା ।

କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ଯୋଜନାରେ ଯେଉଁମାନଙ୍କ ବ୍ୟାଙ୍କ୍ ଖାତା ସହ ଆଧାର ସିଡିଙ୍ଗ୍ ହୋଇଛି ସେହି ହିତାଧିକାରୀମାନଙ୍କୁ ଭତ୍ତା ଟଙ୍କା ପଠାଯାଇଛି । ବାକି ୩ ହଜାର ହିତାଧିକାରୀଙ୍କ ଆଧାର ସିଡିଙ୍ଗ୍ ପରେ ସେମାନଙ୍କ ଭତ୍ତା ଟଙ୍କା ପଠାଯିବ । ସେହିପରି ଜୁନ୍ ଓ ଜୁଲାଇ ୨ ମାସର ଭତ୍ତା ଏକା ସାଙ୍ଗରେ ଦେବା ପାଇଁ ପ୍ରକ୍ରିୟା ଆରମ୍ଭ ହୋଇଛି । କେନ୍ଦ୍ର ସାମାଜିକ ସୁରକ୍ଷା ଯୋଜନାରେ ୧ ଲକ୍ଷ ୪୯ ହଜାର ୨୯୭ ଜଣ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ମଧୁବାବୁ ପେନସନ୍ ଯୋଜନାରେ ୩ ଲକ୍ଷ ୧୩ ହଜାର ୪୧୯ ଜଣଙ୍କୁ ଭତ୍ତା ପ୍ରଦାନ କରାଯାଉଛି ।

ସେହିପରି ୮୦ ବର୍ଷରୁ ଅଧିକା ବୟସର ୨୫୯୨୭ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ଏବଂ ୮୦ ପ୍ରତିଶତରୁ ଅଧିକ ୧୦୧୯୪ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ୩୫୦୦ ଟଙ୍କା ଭତ୍ତା ପ୍ରଦାନ କରାଯାଉଛି । ଏହାସହ ଜିଲ୍ଲାରେ ମଧୁବାବୁ ପେନ୍ସନ୍ ଯୋଜନାରେ ଭତ୍ତା ପାଇବା ପାଇଁ ୫୮ ହଜାର ୭୧୦ ଜଣ ହିତାଧିକାରୀ ଆବେଦନ କରିଥିବା ବେଳେ କେନ୍ଦ୍ର ସାମାଜିକ ସୁରକ୍ଷା ଯୋଜନାରେ ୨୬୨୦ ହିତାଧିକାରୀ ଅପେକ୍ଷା କରିଛନ୍ତି ।

## ନିଖୋଜ ଯୁବକଙ୍କ ମୃତଦେହ ନଦୀରୁ ଉଦ୍ଧାର

ଭଂଜନଗର, (ସବ୍ୟୁ): ନିଖୋଜ ଯୁବକର ମୃତଦେହକୁ ଗଂଜାମ ଜିଲ୍ଲା ତାରାସିଙ୍ଗି ଥାନା ଅନ୍ତର୍ଗତ କୁଲାଡ ନିକଟ ବଡନଦୀରୁ ଉଦ୍ଧାର କରିଛି ଭଂଜନଗର ଅଗ୍ନିଶମ ବାହିନୀ । ଘଟଣା ସ୍ଥଳରୁ ମୃତଦେହକୁ ଜବତ କରିଛି ପୋଲିସ । ମୃତ ଯୁବକ ଜଣକ ତାରାସିଙ୍ଗି ଥାନା ଅନ୍ତର୍ଗତ କୃଷ୍ଣପଲ୍ଲୀ ଗ୍ରାମର ବାପୁନା ନାୟକ । ରଥଯାତ୍ରା ଦିନ ନିକଟସ୍ଥ କୁଲାଡକୁ ଯାଇଥିଲେ ରଥଯାତ୍ରା ଦେଖିବା ପାଇଁ । ରଥ ଯାତ୍ରା ଦେଖିସାରିବା ପରେ ରାତିରେ ଗାଁ କୁ ସାଇକଲ୍‌ରେ ଫେରୁଥିଲେ । ରାସ୍ତାରେ ଧନଞ୍ଜୟପୁର ନିକଟ ବଡନଦୀରେ ପାରି ହେଉଥିବା ବେଳେ, ଅସାବଧାନତା ବଶତଃ ପାଣିରେ ଭାସି ଯାଇଥିଲେ । ପରିବାର ଲୋକେ ଖୋଜାଖୋଜି ପରେ କୌଣସି ସନ୍ଧାନ ନମିଳିବାରୁ ତାରାସିଙ୍ଗି ଥାନାରେ ଲିଖିତ ଅଭିଯୋଗ କରିଥିଲେ ।

## ପ୍ରଥମ ଥର କାଠ ରଥରେ ବିଜେ ଶ୍ରୀଜଗନ୍ନାଥ

ଭଂଜନଗର , (ସବ୍ୟୁ): ବ୍ରିଟିଶ ଶାସନ ସମୟରେ ସ୍ଥାପିତ ମାଧବରିଡା ଆନିକଟ ସ୍ଥିତ ତ୍ରିବେଣୀ ଆଶ୍ରମରେ, ପ୍ରଥମ ଥର ପାଇଁ କାଠ ରଥରେ ବିଜେ କରି ରଥଯାତ୍ରାରେ ବାହାରିଲେ ପ୍ରଭୁ ଶ୍ରୀଜଗନ୍ନାଥ । ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ ଏହି ସ୍ଥାନରେ ଚଳିତ ବର୍ଷର ରଥଯାତ୍ରା ଦେଖିବାକୁ ଆଖ ପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା । ମନ୍ଦିର ପ୍ରତିଷ୍ଠାର ଦୀର୍ଘ ୩୪ ବର୍ଷ ପରେ କାଠ ରେ ରଥ ନିର୍ମାଣ ହୋଇଥିବାରୁ ଶ୍ରଦ୍ଧାଳୁଙ୍କ ମହଲରେ ଖୁସି ଦେଖିବାକୁ ମିଳିଥିଲା । ଅପରାହ୍ନରେ ପହଣ୍ଡି ବିଜେ ପରେ, ରଥରେ ବିଜେ କରିଥିଲେ ମହାପ୍ରଭୁ । ପରେ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥ ଟଣା ହୋଇଥିଲା । ମାଧବରିଡା ଗାଁରେ ପ୍ରଥମ ଥର ପାଇଁ ମାଉସୀ ମା ମନ୍ଦିର ନିର୍ମାଣ ହୋଇଥିଲା । ପ୍ରକାଶ ଥାଉକି ମନ୍ଦିର ପ୍ରତିଷ୍ଠା ହେବା ପରଠାରୁ ପ୍ରଥମେ ଶଗଡ଼ରେ ବିଜେ କରି ରଥଯାତ୍ରା ହେଉଥିଲା ।

## ଭାଇ-ଭଉଣୀଙ୍କ କଳହର କରୁଣ ପରିଣତି ଭଉଣୀ ବେକରେ ରଶି ଲଗାଇ ଆତ୍ମହତ୍ୟା

ଛତ୍ରପୁର, (ସବ୍ୟୁ) : ଭାଇ ଭଉଣୀ ସାମାନ୍ୟ କଳହରୁ ଆତ୍ମହତ୍ୟା କଲା ୧୩ ବର୍ଷର ଭଉଣୀ । ଏଭଳି ଘଟଣା ଘଟିଛି ଗଞ୍ଜାମ ଜିଲ୍ଲା ଛତ୍ରପୁର ବିରେଶ୍ୱର ମନ୍ଦିର ନିକଟ ସାହିରେ । ମୃତ ନାବାଳିକା ଜଣକ ଛଦ୍ମ ନାମ (ରୋଜାଲିନି) । ସେ ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଥିଲେ । ପୂର୍ବରୁ ବାପାଙ୍କ ମୃତ୍ୟୁ ହୋଇଥିବା ବେଳେ ମା ହାଇଦ୍ରାବାଦରେ ରହୁଥିଲେ । ନିଜ ଭାଇ ସହିତ ନାବାଳିକା ଜଣକ ଛତ୍ରପୁରରେ ବଡ଼ଅଜା ଘରେ ରହି ପାଠ ପଢୁଥିଲେ। ଗତକାଲି ରାତିରେ ଭାଇ ଓ ଭଉଣୀ ମଧ୍ୟରେ ଝଗଡା ହୋଇଥିଲା । ଫିଷ୍ଟ ପାଇଁ ୩୦ ଟଙ୍କାକୁ କେନ୍ଦ୍ର କରି ଝଗଡା ସୃଷ୍ଟି ହୋଇଥିଲା । ପରେ ଭାଇକୁ ସରପ୍ରାଇଜ ଦେବାକୁ କହି ନାବାଳିକା ଭଉଣୀ ଜଣକ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନାବାଳିକାଙ୍କ ବଡ଼ଅଜା ଦୁଖୀ ମହାରଣା ଓ ଆଇ କୁନି ମହାରଣା କହିଛନ୍ତି। ଅନ୍ୟପଟେ ଛତ୍ରପୁର ମେଡ଼ିକାଲକୁ ଶବ ବ୍ୟବଚ୍ଛେଦ ପାଇଁ ଅଣାଯାଇଥିବା ବେଳେ ଛତ୍ରପୁର ଥାନା ପୁଲିସ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି ।

## ସାପ କାମୁଡ଼ା ନିବାରଣ ଓ ପରିଚାଳନା ସମ୍ପର୍କିତ ସଚେତନତା

ବୁଗୁଡ଼ା, (ସବ୍ୟୁ): ଓଡିଶା ପୋଲିସ ପ୍ରଶାସନ ଆନୁକୁଲ୍ୟରେ ବୁଗୁଡା ଥାନା ବାଲିପଦର ଫାଣ୍ଡି ପରିସରରେ ସାପ କାମୁଡ଼ା ନିରାକରଣ ଓ ପରିଚାଳନା ଶିବିର ଅନୁଷ୍ଠିତ ହୋଇଯାଇଛି । ଭଞ୍ଜନଗର ଏସଡିପିଓ ଡ.ଦୀପକ କୁମାର ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ମେଡିକାଲ ଅଫିସର ଡ.ପଦାରବିନ୍ଦ ଷଡଙ୍ଗି, ବନାଞ୍ଚଳ ଅଧିକାରୀ ମାନସ କୁମାର ସାହୁ, ଅବସରପ୍ରାପ୍ତ ବନାଞ୍ଚଳ ଅଧିକାରୀ ଅନୁପମ ବାନାର୍ଜୀ, ଆଇଆଇସି ସୀତାଂଶୁ ଶେଖର ମାନ୍ଧାତା, ବାଲିପଦର ଫାଣ୍ଡି ଅଧିକାରୀ କେ.ନିଳାଦ୍ରୀ ରେଡି ପ୍ରମୁଖ ଯୋଗ ଦେଇଥିଲେ । ଏ ଅବସରରେ ଉପସ୍ଥିତ ଶିବିରାର୍ଥୀଙ୍କୁ ସାପ କାମୁଡ଼ାରୁ ବର୍ତ୍ତିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ, ସାପ କାମୁଡାର ପରବର୍ତ୍ତୀ ପଦକ୍ଷେପ ସ୍ୱରୂପ ଡାକ୍ତରୀ ଚିକିତ୍ସାକୁ ପ୍ରାଧାନ୍ୟ ଦେବା, ଆହତଙ୍କୁ ଉପଯୁକ୍ତ ଚିକିତ୍ସା ପ୍ରଦାନ ଆଦି ସମ୍ପର୍କରେ ଅବଗତ ପୂର୍ବକ ସଚେତନ କରାଯାଇଥିଲା । ଏଥି ସହ ଶିବିରାର୍ଥୀଙ୍କୁ ସର୍ପାଘାତର ପ୍ରତିକାର ସମ୍ପର୍କିତ ଆବଶ୍ୟକୀୟ ସୂଚନା ଏବଂ ବ୍ୟବହାରିକ ମାର୍ଗଦର୍ଶିକା ବଣ୍ଟନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବହୁ ପୁରୁଷ ଓ ମହିଳାଙ୍କ ସମେତ ସ୍ନେକ୍ ହେଲ୍ପ ଲାଇନର ସଦସ୍ୟମାନେ ଉପସ୍ଥିତ ରହିଥିଲେ । ଏଭଳି ସଚେତନତା ଶିବିର ଆୟୋଜନକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଥିବା ଜଣାଯାଇଛି ।

**ବୌଦ୍ଧ ସର୍କିଟର ବିକାଶ ପାଇଁ ନୂଆ ଯୋଜନା**

# ଧର୍ମ-ସଂସ୍କୃତି-ପର୍ଯ୍ୟଟନ ବିକାଶ ପାଇଁ ମାଇଲଖୁଣ୍ଟ ହେବ ଦୋହରୀକରଣ ରେଳମାର୍ଗ

ବାଲିଚନ୍ଦ୍ରପୁର, (ସବ୍ୟୁ) : ହୀରକ ତ୍ରିଭୁଜ ବୌଦ୍ଧ ସର୍କିଟ ଏବଂ ନିକଟସ୍ଥ ପ୍ରମୁଖ ଧର୍ମ-ସଂସ୍କୃତି ପୀଠକୁ ଯୋଡୁଥିବା ପାରାଦ୍ୱୀପ-ହରିଦାସପୁର ରେଲ୍‌ଲାଇନ୍‌ର ଦୋହରିକରଣ କାର୍ଯ୍ୟ କେନ୍ଦ୍ର କ୍ୟାବିନେଟ୍‌ରେ ମଂଜୁରୀ ପାଇବା ଏହି ଅଂଚଳର ସାଂସ୍କୃତିକ ବିକାଶ ପାଇଁ ଏକ ବଡ଼ ପଦକ୍ଷେପ ବୋଲି କୁହାଯାଉଛି । ଏହି ରେଳଲାଇନ୍ ପ୍ରସିଦ୍ଧ ବୌଦ୍ଧପୀଠ ଲଳିତଗିରି ନିକଟ ଦେଇ ଯାଉଥିଲାବେଳେ ରତ୍ନଗିରି ଓ ଉଦୟଗିରି ବୋଦ୍ଧପୀଠକୁ ଏହା ଯୋଡ଼ିବ । ଏହି ରେଳମାର୍ଗ ନିକଟରେ ରହିଛି ଓଡ଼ିଶାର ପ୍ରମୁଖ ଧର୍ମ ଏବଂ ସଂସ୍କୃତି ପୀଠ ସନ୍ଥ ଅରକ୍ଷିତ ଦାସଙ୍କ ସାଧନାପୀଠ ଓଳାଶୁଣୀ ଗୁମ୍ଫା, ରାଜ୍ୟର ପ୍ରମୁଖ ଛତିଆବଟ, ଯାଜପୁର ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା ବିରଜାଙ୍କ ମନ୍ଦିର, କେନ୍ଦ୍ରାପଡ଼ାର ଶ୍ରୀବଳଦେବ ଜୀଉଙ୍କ ମନ୍ଦିର ଏବଂ ଭିତରକନିକାର ଅଭୟାରଣ୍ୟ । ଓଡ଼ିଶାର ବୌଦ୍ଧ ପର୍ଯ୍ୟଟନ, ପରିବେଶ ପର୍ଯ୍ୟଟନ ଓ ଧାର୍ମିକ ପୀଠକୁ ଯୋଡୁଥିବା ଏହି ରେଳପଥ ହରିଦାସପୁରଠାରୁ ପାରଦ୍ୱୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ । ପ୍ରସ୍ତାବିତ ଏହି ମଲଫି ଟ୍ରାକିଂ ରେଳ ପ୍ରକଳ୍ପ ୧୫୨୬ଟି ଗ୍ରାମକୁ ସଂଯୋଗ କରିବା ପାଇଁ ପ୍ରସ୍ତାବ ରହିଛି । ଏହା ସହିତ ପାରଦ୍ୱୀପ ବନ୍ଦର ସହିତ ରାଜ୍ୟର ପ୍ରମୁଖ ଶିଳ୍ପପୁଂଜକୁ ଯୋଡ଼ିବା ପାଇଁ ଏହା ଏକ ମୁଖ୍ୟ ମାଧ୍ୟମ । ୭୪ କି.ମି. ବିଶିଷ୍ଟ ଏହି ଦୋହରିକରଣ ରେଳପଥ ନିର୍ମାଣ ପାଇଁ ୨୫୪୨ କୋଟି ଟଙ୍କାର ଖର୍ଚ୍ଚ ଅଟକଳ ରଖାଯାଇଛି ।

ଏଠାରେ ସୂଚନାଯୋଗ୍ୟ ଯେ, ହରିଦାସପୁର-ପାରାଦ୍ୱୀପ ରେଳପଥ ଦେଇ ଏବେ ଏକ ଯାତ୍ରୀବାହୀ ରେଳଗାଡ଼ି ପ୍ରତିଦିନ ପାରାଦ୍ୱୀପରୁ କେନ୍ଦୁଝର ପର୍ଯ୍ୟନ୍ତ ଯାଉଛି । କିନ୍ତୁ ନୂତନ ପ୍ରକଳ୍ପରେ ଏହା ହରିଦାସପୁରଠାରେ ଅନ୍ୟ ରେଳପଥ ସହିତ ସଂଯୋଗ କରାଯିବ ଏବଂ ଏହାଦ୍ୱାରା ଏହି ଲାଇନ୍‌ରେ ଅଧିକ ଯାତ୍ରୀବାହୀ ଓ ମାଲ୍‌ଗାଡ଼ି ଚଳାଚଳ କରିବ ।

ମୁଖ୍ୟତଃ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଦେଇ ଯାଇଥିବା ଏହି ରେଳପଥର ଦୋହରିକରଣ ଦ୍ୱାରା ଶିଳ୍ପ, ଉଦ୍ୟୋଗ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବ ବୋଲି ସ୍ଥାନୀୟ ଅଂଚଳର ଜନସାଧାରଣ ଆଶା ପ୍ରକାଶ କରିଛନ୍ତି ।



ନିକଟରେ ଚଣ୍ଡୀଖୋଲ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ପରିବ୍ୟାପ୍ତ ୫୩ ନମ୍ବର ଜାତୀୟ ରାଜପଥ ୮ ଲେନ୍ ବିଶିଷ୍ଟ ରାଜମାର୍ଗରେ ପରିଣତ ହୋଇଛି ।

ଓଡ଼ିଶାରେ ଏହା ପ୍ରଥମ ୮ ଲେନ୍ ବିଶିଷ୍ଟ ଜାତୀୟ ରାଜପଥ ହୋଇଥିଲା ବେଳେ ଏହି ତିନୋଟି ଜିଲ୍ଲାର ବିକାଶ ଅଧିକ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଛି । ହୀରକ ତ୍ରିଭୁଜ ବୌଦ୍ଧ ସର୍କିଟ ଅନ୍ତର୍ଗତ ଲଳିତଗିରି-ରତ୍ନଗିରି-ଉଦୟଗିରିକୁ ଆନ୍ତର୍ଜାତିକ ୟୁନେସ୍କୋ ସଂସ୍ଥା ତାର ପ୍ରସ୍ତାବିତ ବିଶ୍ୱ ଐତିହ୍ୟ ତାଲିକାରେ ସ୍ଥାନିତ କରିଥିଲାବେଳେ ଏହି ବୌଦ୍ଧପୀଠର ଗୁରୁତ୍ୱ ମଧ୍ୟ ବୃଦ୍ଧି ପାଇଛି । ଫଳରେ ଏହିସବୁ କୀର୍ତ୍ତିରାଜି, ଧାର୍ମିକ ପୀଠସ୍ଥଳୀକୁ ଦେଶ ବିଦେଶରୁ ଅଧିକରୁ ଅଧିକ ପର୍ଯ୍ୟଟକମାନେ ଆସିପାରିବେ । ରାଜ୍ୟ ସରକାର ଇତିମଧ୍ୟରେ ଏହି ପ୍ରମୁଖ ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ ଏବଂ ତତ୍‌ସଂଲଗ୍ନ ବୌଦ୍ଧ ପର୍ଯ୍ୟଟନ ସର୍କିଟର ପରିପ୍ରସାର ପାଇଁ ଗଜପତି ଜିଲ୍ଲାର ଜିରାଙ୍ଗସ୍ଥିତ ଗୁରୁ ପଦ୍ମସଂଭବ ବୌଦ୍ଧ ମହାବିହାର ସହିତ ଏକ ବୁଝାମଣାପତ୍ର ମଧ୍ୟ ସ୍ୱାକ୍ଷରିତ କରିଛନ୍ତି ।

ଓଡ଼ିଶାର ପ୍ରମୁଖ ବୌଦ୍ଧ କୀର୍ତ୍ତିରାଜି ଏବଂ ଗୌରବପୂର୍ଣ୍ଣ ଧର୍ମ-ସଂସ୍କୃତି ବିମଣ୍ଡିତ ଓଳାଶୁଣୀ ଗୁମ୍ଫା, ଛତିଆବଟ, ବିରଜାକ୍ଷେତ୍ର ଓ ବଳଦେବଜୀଉଙ୍କ କ୍ଷେତ୍ରର ବିକାଶ ପାଇଁ ନୂତନ ପ୍ରକଳ୍ପ ତ୍ୱରାନ୍ୱିତ ହେଉଥିବାରୁ ଏହା ସ୍ଥାନୀୟ ଅଂଚଳର ସାଂସ୍କୃତିକ ବିକାଶ ପାଇଁ ମାଇଲଖୁଣ୍ଟ ହେବ ବୋଲି କହିଛନ୍ତି ଓଳାଶୁଣୀ ଗୁମ୍ଫା ଉନ୍ନୟନ ଟ୍ରଷ୍ଟର ଅଧ୍ୟକ୍ଷ ଶରତ ଚନ୍ଦ୍ର ପ୍ରଧାନ, ଉପାଧ୍ୟକ୍ଷ ଦାମୋଦର ସ୍ୱାଇଁ, ମ୍ୟାନେଜିଂ ଟ୍ରଷ୍ଟି ତଥା ବରିଷ୍ଠ ସାମ୍ବାଦିକ ଶୁଭେନ୍ଦୁ କୁମାର ଭୂୟାଁ, ଟ୍ରଷ୍ଟି ସାମ୍ବାଦିକ ବିରୂପାକ୍ଷ ତ୍ରିପାଠୀ, ରତ୍ନଗିରିର ମୁରବି ଚୌଧୁରୀ ଅତୁଲ କୁମାର ମଙ୍ଗରାଜ ମହାପାତ୍ର, ବୋଦ୍ଧ ସଂସ୍କୃତି ଗବେଷକ ପ୍ରକାଶ ଚନ୍ଦ୍ର ନାୟକ, ଶିକ୍ଷାବିତ୍ ଶୈଳେନ୍ଦ୍ର ନାରାୟଣ ରାୟ ।

# ଅନୁଗୋଳ ଶୈଳ ଶ୍ରୀକ୍ଷେତ୍ରରେ ରଥଯାତ୍ରା



ଅନୁଗୋଳ, (ସବ୍ୟୁ) : ଆଷାଢ଼ ଶୁକ୍ଳ ଦ୍ୱିତୀୟା ୨୦୨୬ରେ ଅବିଶ୍ରାନ୍ତ ବର୍ଷା ଯୋଗୁଁ ଶୈଳ ଶ୍ରୀକ୍ଷେତ୍ର ନୀତି କାନ୍ତିରେ ବିଳମ୍ବ ଘଟିଥିଲା । ବଡି ଭୋରରୁ ଦ୍ୱାର ଫିଟା, ମଙ୍ଗଳ ଆଳତି ପରେ ବେଶ, ସୂର୍ଯ୍ୟପୂଜା ଦ୍ୱାରପାଳ ପୂଜା, ବାଳଧୂପ ଆଦି ଠିକଣା ସମୟରେ ଅନୁଷ୍ଠିତ ହୋଇଥିଲା । କିନ୍ତୁ ପହଣ୍ଡି ବେଳକୁ ବାଧା ଦେଇଥିଲା ବର୍ଷା । ବର୍ଷା ପରେ ପ୍ରାୟ ସାଢ଼େ ଦଶଟା ସମୟରେ ପହଣ୍ଡି ଆରମ୍ଭ ହୋଇ ସାଢେ ଏଗାରଟା ସୁଦ୍ଧା ଦିଅଁ ମାନେ ରଥାରୁଢ଼ ହୋଇଥିଲେ। ଅପରାହ୍ନ ପ୍ରାୟ ସାଢେ ବାରଟା ସମୟରେ ଛେରା ପହଁରା କାର୍ଯ୍ୟ ଆରମ୍ଭ ହୋଇଥିଲା । ଏସପି ରାହୁଲ ଜୈନ ଏହି କାର୍ଯ୍ୟ ସମ୍ପାଦନ କରିଥିଲେ । ଏହାପରେ ଚାରମାଳ ଲାଗି କରାଯାଇ ସାରଥୀ ପ୍ରସ୍ତୁତ କରାଯାଇଥିଲା। ରଥରେ ମନ୍ଦିର କମିଟିର ସ୍ମରଣିକା ଉନ୍ମୋଚିତ ହୋଇଥିଲା ।

ଘଣ୍ଟଘଣ୍ଟା କାହାଳୀ ଏବଂ ସଂକୀର୍ତ୍ତନ ମଣ୍ଡଳୀଙ୍କ ଝାଞ୍ଜ ନାଦରେ ବଡ଼ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ସାଢେ ତିନିଟା ବେଳକୁ ରଥ ଟଣା ଆରମ୍ଭ ହୋଇଥିଲା। ବର୍ଷା ଛାଡ଼ି ଯାଇଥିବାରୁ ଭକ୍ତମାନେ ପ୍ରବଳ ଉତ୍ସାହ ସହକାରେ ରଥ ଗୁଡ଼ିକୁ ଟାଣିଥିଲେ। ସୁଭଦ୍ରାଙ୍କ ରଥକୁ କେବଳ ମହିଳା ମାନେ ଟାଣି ଥିଲେ । ସିଭିଲ କୋର୍ଟ କମ୍ପ୍ଲେକ୍ସ ସାମନାରେ ଏବଂ ଥାନା ସାମନାରେ ରଥ ଅଟକି ଥିଲା । ସେଠାରେ ଦିଅଁ ମାନଙ୍କୁ ଭୋଗ ଲାଗି କରାଯାଇଥିଲା। ମନ୍ଦିର କମିଟି ପକ୍ଷରୁ ଧାରା ବିବରଣୀ ଦିଆଯାଉଥିଲା ।

ପୌରପାଳିକା ପକ୍ଷରୁ ଉନ୍ନତ ପରିମଳ ବ୍ୟବସ୍ଥା, ଆଲୋକ ଓ ବଡ଼ଦାଣ୍ଡ ସୌନ୍ଦର୍ଯ୍ୟକରଣ କରାଯାଇଥିଲା । ଯୁବଭକ୍ତି ମାନେ ରଥ ଯାତ୍ରାର ରିଲ୍ସ ତିଆରିରେ ବ୍ୟସ୍ତ ରହିଥିଲେ । ପୋଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା । ସନ୍ଧ୍ୟା ସୁଦ୍ଧା ତିନିରଥ ଗୁଣ୍ଡିଚା ଚକଡ଼ାରେ ପହଞ୍ଚି ଯାଇଥିଲା। ମନ୍ଦିର କମିଟିର ସମ୍ପାଦକ ହେମନ୍ତ କୁମାର ଦାଶ, ଉପସଭାପତି ପରମାନନ୍ଦ ମିଶ୍ର ଏବଂ ସମସ୍ତ ସଦସ୍ୟେ ଉପସ୍ଥିତ ରହି ରଥଯାତ୍ରାକୁ ସଫଳ କରାଇଥିଲେ ।

## ଛାତ୍ରଛାତ୍ରୀଙ୍କୁ ଭଗବାନ ସାହା

# ସ୍କୁଲରେ ପାଠ ପଢିବାକୁ ଡଙ୍ଗାରେ ବିପଦପୂର୍ଣ୍ଣ ଯାତ୍ରା



କଣିହାଁ, (ସବ୍ୟୁ): ଘରେ ଘରେ ଶିକ୍ଷା ପହଞ୍ଚାଇବା ପାଇଁ ସରକାର ଓ ପ୍ରଶାସନ ପ୍ରାଥମିକତା ଦେଇଥିବା କଥା ପ୍ରହସନ ପାଲଟିଛି । ଏପରି ଏକ ସମ୍ବେଦନଶୀଳ ଦୃଶ୍ୟ ଦେଖିବାକୁ ମିଳିଛି ଅନୁଗୋଳ ଜିଲ୍ଲା କଣିହାଁ ବ୍ଲକ ଅନ୍ତର୍ଗତ କୁଲାପାଳ ଗାଁ ରେ । ଗାଁର କୁନି କୁନି ପିଲା ଏକ ଛୋଟ ଡଙ୍ଗାରେ ସମାକୋଇ ନଦୀ ପାର ହୋଇ ଜୀବନକୁ ବାଜି ଲଗାଇ ପାଠ ପଢିବାକୁ ଯାଉଛନ୍ତି । ବର୍ଷା ଦିନେ ଅଧିକ ବର୍ଷା ଯୋଗୁଁ ଜଳସ୍ତର ବୃଦ୍ଧି ଘଟିଲେ ପିଲାଙ୍କ ସ୍କୁଲ ଯିବା ବନ୍ଦ ହୁଏ । ଯଦି ବି କେବେ ଯାଆନ୍ତି ଅଭିଭାବକ ଚିନ୍ତା ବଢ଼ିଥାଏ।

ଅନେକବାର ପୋଲଟିଏ ପାଇଁ ଗୁହାରି ହୋଇଥିଲେ ମଧ ପ୍ରଶାସନ କର୍ଣ୍ଣପାତ କରୁନଥିବା ଗ୍ରାମବାସୀଙ୍କ ସୂତ୍ରରୁ ପ୍ରକାଶ। ଗ୍ରାମଟି ଏକ ଅପନ୍ତରିଆ ଅଂଚଳରେ ଅଛି । ପାଠ ପଢ଼ିବା ପାଇଁ ଗ୍ରାମର ଛାତ୍ରଛାତ୍ରୀମାନେ ନଦୀ ପାର ହୋଇ ବୁରୁକୁନା ନୋଡାଲ ଅପର ପ୍ରାଥମିକ ବିଦ୍ୟାଳୟ, କନକେଶ୍ୱରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ପବିତ୍ରନଗର ମହାବିଦ୍ୟାଳୟକୁ ଯାତାୟତ କରିଥାଆନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ସମାକୋଇ ନଦୀ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ବହୁବାର ଗତ ବିଜେଡି ସରକାର ଏବଂ ବର୍ତ୍ତମାନର ବିଜେପି ସରକାରଙ୍କ ଶାସନକାଳରେ ଜନପ୍ରତିନିଧି ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ଅଭିଯୋଗ କରିଛୁ । କିଛି ସୁଫଳ ମିଳି ନାହିଁ । ଦୀର୍ଘଦିନର ଗ୍ରାମର ଉଚିତ ଦାବି ପ୍ରତି ସରକାର ଓ ଜିଲ୍ଲା ପ୍ରଶାସନଙ୍କ ଉଦାସୀନତା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ସାଧାରଣ ଲୋକଙ୍କ ଜୀବନ ଯାପନ ବିପଦପୂର୍ଣ୍ଣ ହୋଇପଡ଼ିଛି । ଏହି ପରିସ୍ଥିତିରେ ସମାକୋଇ ନଦୀ ଉପରେ ଏକ ସ୍ଥାୟୀ ସେତୁ ନିର୍ମାଣ ପାଇଁ ଗ୍ରାମବାସୀ ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନଙ୍କ ନିକଟରେ ପୁଣିଥରେ ଦାବି ଜଣାଇଛନ୍ତି ।

# ଡ୍ରେନ୍‌ରେ ଯାଉନି, ମନ୍ଦିରରେ ପଶିଲା ଅସନା ପାଣି

ଠାକୁରଗଡ, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବଇଣ୍ଡା ଅଞ୍ଚଳରେ ଏବେ ଡ୍ରେନ ଗୁଡିକ ଭାଙ୍ଗି ଗଲାଣି । ବିଶେଷ କରି ଡ୍ରେନ ନିର୍ମାଣର ଏକ ବର୍ଷ ନହେଉଣୁ ଅନେକ ସ୍ଥାନରେ ଡ୍ରେନ ଭାଙ୍ଗି ଯାଇଥିବା ବେଳେ ମଇଳା ପାଣି ଗୁଡିକ ନିଷ୍କାସନ କରିବାରେ ଅସୁବିଧା ସୃଷ୍ଟି ହେଉଛି । ବିଶେଷ କରି ବଇଣ୍ଡା ଛକରେ ଥିବା ଡ୍ରେନ ଗୁଡିକରେ ଏବେ ବର୍ଷା ଜଳ ଯାଇ ପାରୁନାହିଁ । ଫଳରେ ଘରେ, ଦୋକାନ ଘରେ ଓ ମନ୍ଦିରରେ ଆବର୍ଜନା ପାଣି ପଶି ଯାଉଛି । ଫଳରେ ସାଧାରଣରେ ଅସନ୍ତୋଷ ଦେଖା ଦେଇଛି । ବିଶେଷ କରି ଜାତୀୟ ରାଜପଥ ବିଭାଗ ପକ୍ଷରୁ ରାସ୍ତାର ଉଭୟ ପାଶ୍ୱର୍ରେ ଡ୍ରେନ କାମ କରାଯାଇଛି । ୨୦୨୫ ମସିହାରେ ଉକ୍ତ ଡ୍ରେନ ନିର୍ମାଣ ସାରିଥିବା ବେଳେ ୫ ଟି ସ୍ଥାନରେ ଡ୍ରେନ୍ ଭାଙ୍ଗି ଗଲାଣି । ଏ ପରିକି ଡ୍ରେନ ଗୁଡିକରେ ମାଟିରେ ପୁରି ଯାଇଥିବା ସହ ଅନେକ ସ୍ଥାନରେ ଭାଙ୍ଗି ଯାଇଥିବା ଯୋଗୁଁ ପାଣି ନଯାଇ ପାରି ରାସ୍ତାରେ ଯାଉଛି । ରାଧାକୃଷ୍ଣ ମନ୍ଦିର ନିକଟରେ ଫ୍ଲାଏ ଭିତରେ ଏକ ପୋଲ ନିର୍ମାଣ କରାଯାଇଥିଲେ ମଧ ଡ୍ରେନରେ ଆସୁଥିବା ମଇଳା ପାଣି ଗୁଡିକ ଉକ୍ତ ପୋଲ ଦେଇ ନିଷ୍କାସନ ନହୋଇ ପାରି ମନ୍ଦିର ଭିତରେ ପଶି ଯାଉଛି । ତୁରନ୍ତ ଡ୍ରେନ ଗୁଡିକ ମରାମତି କରିବା ପାଇଁ ସାଧାରଣରେ ଦାବି ହୋଇଛି ।

# ପ୍ରେମରୁ ଯୁବକଙ୍କ ଆତ୍ମହତ୍ୟା

କାମାକ୍ଷାନଗର, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା କେନ୍ଦୁପଶି ଗ୍ରାମରେ ପ୍ରେମଜନିତ କାରଣକୁ ନେଇ ଯୁବକଙ୍କ ଆତ୍ମହତ୍ୟା ଅଭିଯୋଗ ହୋଇଛି । ମହାବିରୋଡ଼ ଥାନା କୁଟୁରିଆ ଗ୍ରାମର ଜିତୁ ପଧାନ କେନ୍ଦୁପଶି ଗ୍ରାମରେ ରହି ଗାଇଗୋରୁ ଚରାଉଥିବା ବେଳେ ଆଜି ସକାଳୁ ସେ ରହୁଥିବା ଘରେ ଆତ୍ମହତ୍ୟା କରିଛନ୍ତି । ପରିବାର ଲୋକଙ୍କ କହିବାନୁଯାୟୀ ଜିତୁ ପୂର୍ବରୁ ଜଣେ ଝିଅଙ୍କୁ ପ୍ରେମ କରୁଥିବାବେଳେ ସେହି ଝିଅ କିଛିମାସ ତଳେ ଅନ୍ୟ ଜଣଙ୍କୁ ବିବାହ କରିଥିଲେ । ଯାହାକୁ ନେଇ ଜିତୁ ମାନସିକ ଅବସାଦ ମଧ୍ୟରେ କେନ୍ଦୁପଶି ଗାଁ ମୁଣ୍ଡରେ ରହୁଥିବା ଘରେ ଦଉଡି ଲଗାଇ ଆତ୍ମହତ୍ୟା କରିଛନ୍ତି । ଖବର ପାଇ କାମାକ୍ଷାନଗର ପୋଲିସ ଘଟଣା ସ୍ଥଳ ରେ ପହଞ୍ଚି ମୃତଦେହକୁ ଜବତ କରି ଶବ ବ୍ୟବଚ୍ଛେଦ ପାଇଁ ମେଡିକାଲକୁ ପଠାଇ ଅଧିକ ତଦନ୍ତ ଆରମ୍ଭ କରିଛି ।

## ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ

# ଅଲଟ୍ରାସାଉଣ୍ଡ କ୍ଲିନିକ ଉପରେ ବାରମ୍ବାର ଚଢାଉ ନିର୍ଦ୍ଦେଶ



ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଜିଲ୍ଲାପାଳ ଆଶିଷ ଇଶ୍ୱର ପାଟିଲଙ୍କ ଅଧ୍ୟକ୍ଷତାରେ ପିସିପିଏନଡିଟି ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଯୋଗଦେଇ ଜିଲ୍ଲାପାଳ ଜିଲ୍ଲାରେ କାର୍ଯ୍ୟକ୍ଷମ ଥିବା ଅଲଟ୍ରା ସାଉଣ୍ଡ କ୍ଲିନିକ ଗୁଡିକର ସଠିକ ଭାବରେ ନିରୀକ୍ଷଣ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । କମିଟିର ନୂତନ ଭାବରେ ପଞ୍ଜିକରଣ ହେବାକୁ ଥିବା ୩ଟି ଦରଖାସ୍ତ ଉପରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ପିସିପିଏନଡିଟି ଅଧିନିୟମ ୧୯୯୪ ଅନୁସାରେ ଦରଖାସ୍ତ ଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁକମିଟି ପରାମର୍ଶ ଦେଇଥିଲେ। ଗୋଟିଏ ନବୀକରଣ ଦରଖାସ୍ତ ଉପରେ ଆଲୋଚନା କରାଯାଇଥିଲା ।

ନିୟମ ଅନୁସାରେ ତଦାରଖ କରି ରିପୋର୍ଟ ଦାଖଲ କରିବାକୁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ। ପ୍ରଧାନମନ୍ତ୍ରୀ ସୁରକ୍ଷିତ ମାତୃତ୍ୱ ଅଭିଯାନକୁ ଆସୁଥିବା ଗର୍ଭବତୀ ମହିଳା ମାନେ ଯେପରି ଅଲଟ୍ରାସାଉଣ୍ଡ ପରୀକ୍ଷାର ସୁବିଧା ଉଭୟ ସରକାରୀ ଡାକ୍ତରଖାନା ଏବଂ ବେସରକାରୀ ଅଲଟ୍ରାସାଉଣ୍ଡ କ୍ଲିନିକରେ ପାଇପାରିବେ ସେଥିପ୍ରତି ଯତ୍ନବାନ ହେବାକୁ ସ୍ୱାସ୍ଥ୍ୟ ବିଭାଗକୁ ପରାମର୍ଶ ଦେଇଥିଲେ। ଏଥିରେ ଯଦି କେହି ଖିଲାପ କରନ୍ତି ତେବେ ସେମାନଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ନିଷ୍ପତି କରାଯାଇଛି । ଜିଲ୍ଲା ଭେଷଜ ନିରୀକ୍ଷକଙ୍କୁ ଔଷଧ ଦୋକାନ ଗୁଡ଼ିକର ବେଆଇନ ଗର୍ଭପାତ ବଟିକା ବିକ୍ରୀ ବନ୍ଦ କରିବା ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ ।

ଡାକ୍ତରଙ୍କ ଚିଠା ବିନା କୌଣସି ଔଷଧ ଦୋକାନୀ ଯେପରି ଔଷଧ ବିକ୍ରୀ ନକରନ୍ତି ସେଥିପ୍ରତି ସଜାଗ ରହିବାକୁ ନିର୍ଦ୍ଦେଶ ଦେଇଥିଲେ। ବିଶେଷ କରି ହିନ୍ଦୋଳ, ଓଡାପଡା, ସଦର, ପରଜଙ୍ଗ ବ୍ଲକରେ ଅଧିକ ଧାନ ଦେବାକୁ କହିଥିଲେ। ଭୁବନ ଡାକ୍ତରଖାନାର ଅଲଟ୍ରାସାଉଣ୍ଡ ମେସିନକୁ ଶିଘ୍ର ସଜାଡିବା ପାଇଁ ଜିଲ୍ଲାପାଳ ସିଡିଏମଓଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଝିଅମାନଙ୍କ ସଂଖ୍ୟା କମୁଥିବାରୁ ଜିଲ୍ଲାପାଳ ଉଦବେଗ ପ୍ରକାଶ କରିଥିଲେ । ସ୍ୱାସ୍ଥ୍ୟ ବିଭାଗକୁ ବାରମ୍ବାର ଅଲଟ୍ରାସାଉଣ୍ଡ କ୍ଲିନିକ ଉପରେ ଚଢାଉକରିବାକୁ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ସଞ୍ଜୟ କୁମାରମହାପାତ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ପରିବାର କଲ୍ୟାଣ ନୀଳମଣି ଚାନ୍ଦ ବେହେରା, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ସ୍ତ୍ରୀ ଓ ପ୍ରସୂତୀ ବିଶେଷଜ୍ଞ, ଶିଶୁ ରୋଗ ବିଶେଷଜ୍ଞ, ଭେଷଜ ବିଶେଷଜ୍ଞ ପବିତ୍ର ରଞ୍ଜନକର, ଅତିରିକ୍ତ ଚିକିତ୍ସା ଅଧିକାରୀ ଇଶାନୀ ମିତ୍ର, ଡିପିଏମ ସସ୍ମିତା ସାହୁ, ଡିଏମଆରସିଏଚ ଦିପ୍ତୀମୟୀ ପ୍ରଧାନ, ସହକାରୀ ମ୍ୟାନେଜର ସ୍ୱସ୍ତି ମହାନ୍ତି ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ।

# ପାଣିରେ ବୁଡ଼ି ଚାଷୀଙ୍କ ମୃତ୍ୟୁ

ରେଙ୍ଗାଳି/କଣିହାଁ, (ସବ୍ୟୁ) : ରେଙ୍ଗାଳି ଥାନା ସୁଲେଇ ପାଳ ଗାଁରେ ପାଣିରେ ବୁଡ଼ି ଯିବାରୁ ଚାଲିଗଲା ଜୀବନ । ଗତକାଲି ଦିନ ୧୧ଟାରୁ ନିଖୋଜ ଥିଲେ ସୁଲେଇପାଳ ଗ୍ରାମର ମିଲୁ ରାଉତ । ସୂଚନା ଅନୁସାରେ ପ୍ରତିଦିନ ପରି ଗତକାଲି ମଧ ସେ ଚାଷ ଜମିକୁ କାମ କରିବାକୁ ଯାଇଥିଲେ । କିନ୍ତୁ ସନ୍ଧ୍ୟା ହେବା ପରେ ମଧ ସେ ଆଉ ଘରକୁ ଫେରିନଥିଲେ । ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ପତ୍ତା ମିଳିନଥିଲା । ଆଜି ସକାଳୁ କିଛି ଗ୍ରାମବାସୀ ଚାଷ ଜମି ଭିତରେ ଥିବା ପାଣିରେ ଏକ ମୃତଦେହ ଭାସୁଥିବାର ଦେଖିବାକୁ ପାଇଥିଲେ । ଏହାଦେଖି ସ୍ଥାନୀୟ ଲୋକେ ତୁରନ୍ତ ରେଙ୍ଗାଳି ପୋଲିସ ଓ କଣିହାଁ ଦମକଳ ବାହିନୀକୁ ଖବର ଦେଇଥିଲେ । ଖବର ପାଇ ଘଟଣା ସ୍ଥଳରେ ପୋଲିସ ଏବଂ ଦମକଳ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛନ୍ତି । ବର୍ତ୍ତମାନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ ଜାରି ରଖିଛି ।

# ଗୋଚର ଜମି ଜବରଦଖଲ ମୁକ୍ତ କରିବାକୁ ଦାବି



ଆଠମଲ୍ଲିକ, (ସବ୍ୟୁ) : ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ନୂଆମାଣତ୍ରୀ ଗ୍ରାମରେ ଥିବା ନୟାବାଦୀ ତଥା ଗୋଚର ଜମିକୁ ଜବରଦଖଲ ମୁକ୍ତ କରିବା ନିମନ୍ତେ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ଉପଜିଲ୍ଲାପାଳ ଉପେନ୍ଦ୍ର ଲୁହା ଓ ତହସିଲଦାର ପ୍ରସନ୍ନ ଟେଟେଙ୍କୁ ଦାବିପତ୍ର ଦେଇଥିବା ଜଣାପଡ଼ିଛି ।

ଦାବିପତ୍ରରେ ଲିଖିତ ଦାବୀ ଅନୁଯାଇ ଗ୍ରାମରେ ଥିବା ଗୋଚର ଜମିକୁ ଗ୍ରାମର କିଛି ବ୍ୟକ୍ତି ଜବର ଦଖଲ କରିଥିବାରୁ ଗ୍ରାମର ଗୃହ ପାଳିତ ପଶୁ ଚରିବାକୁ ଅସୁବିଧା ଭୋଗ କରୁଛନ୍ତି । ଫଳରେ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଗ୍ରାମବାସୀଙ୍କ ତରଫରୁ ଜବର ଦଖଲ ମୁକ୍ତ କରିବା ପାଇଁ ଜବର ଦଖଲକାରୀଙ୍କ ସହିତ ଆଲୋଚନା କରିଥିଲେ ମଧ କିଛି ସୁଫଳ ମିଳି ପାରିଲା ନାହିଁ । ଫଳରେ ଗ୍ରାମ ସଭାପତି ଧନଞ୍ଜୟ ପ୍ରଧାନ, ସମ୍ପାଦକ ଶଶୀ ଭୂଷଣ ପ୍ରଧାନ, ଗ୍ରାମବାସୀ ସୁଜିତ ସାହୁ, ନବୀନ ପ୍ରଧାନ, ସୁମନ୍ତ ପ୍ରଧାନ, ଅଜିତ ପ୍ରଧାନଙ୍କ ସମେତ ଗ୍ରାମର ବହୁ ବାସିନ୍ଦା ଆସି ଦାବିପତ୍ର ଦେଇଥିଲେ ।

# ବାଲି ବୋଝେଇ ଟ୍ରକ୍ ଧକ୍କାରେ ୨ ଷଣ୍ଢଙ୍କ ମୃତ୍ୟୁ

## ବେଆଇନ ବାଲି ଓ ଡଷ୍ଟ ଚାଲାଣ ରୋକିବାକୁ ଦାବି

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ମହକୁମାକୁ ସଂଯୋଗ କରୁଥିବା ଅନୁଗୋଳ-ମହିଧରପୁର-ନରସିଂହପୁର ରାସ୍ତାରେ ରାତି ଅଧରେ ଦ୍ରୁତ ଗତିରେ ଗଡୁଥିବା ବାଲି ଓ ଡଷ୍ଟ ବୋଝେଇ ଟ୍ରକ୍ ଟିପ୍ପର କିମ୍ବା ହାଇୱା ଧକ୍କାରେ ଗତକାଲି ବିଳମ୍ବିତ ରାତ୍ରୀରେ ବାଉଁଶ ପୋଖରୀ ପଞ୍ଚାୟତ ଅନ୍ତର୍ଗତ କର୍ଣ୍ଣପୁରୁ ଖଇରା ସାହି ଗ୍ରାମ ସମ୍ମୁଖସ୍ତ ମୁଖ୍ୟ ରାସ୍ତା ଉପରେ ଦୁଇଟି ଷଣ୍ଢ ଶୋଇଥିବା ବେଳେ ଧକ୍କା ଦେବାରୁ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ଉତ୍ତେଜନା ପ୍ରକାଶ ପାଇଥିଲା । ମଧ ରାତ୍ରରେ ରାସ୍ତା ଉପରେ ଚଳ ପ୍ରଚଳ କରୁଥିବା ବେଆଇନ ବାଲି ଓ ଡଷ୍ଟ ବୋଝେଇ ଯାନ ଗୋଡ଼ିକର ଦ୍ରୁତ ଗତି ରୋକିବା ଶହ ରୟାଲିଟ ଫାଙ୍କି ଜାଆସ କରୁଥିବା ଯାନ ଗୋଡ଼ିକୁ ଅଙ୍କୁଶ ଲଗାଇବା ଦାବି କରି ଆଜି ସକାଳେ ଖଇରାସାହି ଗ୍ରାମବାସୀ ମାନେ ଉପ ଜିଲ୍ଲାପାଳଙ୍କୁ ଜଣାଇଥିଲେ ।

ରାସ୍ତା ଉପରେ ଷଣ୍ଢ ଦୁଇଟି ମରି ପଡ଼ିଥିବାରୁ ବହୁ ସମୟ ଧରି ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା । ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ହିନ୍ଦୋଳ ଥାନା ପୋଲିସ୍ ଘଟଣା ସ୍ଥଳରେ ପହଞ୍ଚି ମୃତ ଷ,, ଦୁଇଟିଙ୍କୁ ଗ୍ରାମବାସୀଙ୍କ ସହାୟତାରେ ନେଇ ଅନ୍ୟତ୍ର ପୋତି ଥିଲେ । ଘଟଣା ଘଟିବା ପରେ କେତେକ ଗ୍ରାମବାସୀ ମୁର୍ମୂଷ ଅବସ୍ଥାରେ ପଡି ରହିଥିବା ଷଣ୍ଢ ଦୁଇଟିଙ୍କର ଆସୁ ଚିକିତ୍ସା ପାଇଁ ସ୍ଥାନୀୟ ପ୍ରାଣୀ ଧନ ବିଭାଗ ଆମ୍ବୁଲାନ୍ସ ଓ ବିଭାଗର ଦାୟିତ୍ୱରେ ଥିବା କର୍ମଚାରୀଙ୍କୁ ବାରମ୍ବାର ଫୋନ୍ କରିଥିଲେ ହେଲେ କେହି ଗ୍ରହଣ କରି ନଥିଲେ। ଉପରୋକ୍ତ ସ୍ଥାନରେ ହମ୍ପସ ନିର୍ମାଣ ସହ ଆବଶ୍ୟକ ସ୍ଥଳେ ପୋଲିସ୍ ଚେକ୍ ପୋଷ୍ଟ ବ୍ୟବସ୍ଥା କରିବାକୁ ସେମାନେ ପ୍ରଶାସନକୁ ନିବେଦନ କରିଛନ୍ତି ।

## ପ୍ରାଦେଶିକ କବାଡି ପ୍ରତିଯୋଗିତା

# ଆଣ୍ଡାମାନ, ସିକିମ ଓ ପଶ୍ଚିମବଙ୍ଗ ଖେଳାଳିଙ୍କ ଯୋଗଦାନ




ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ସହର ନିକଟସ୍ଥ ସୁନ୍ଦରୀଖାଲ ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ପ୍ରାଦେଶିକ କବାଡି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ କ୍ରୀଡା ଅଧିକାରୀ ଦୟାନିଧି ପାତ୍ର ଯୋଗଦେଇ ଜୀବନରେ ଖେଳର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବରେ ପ୍ରାନ୍ତ ଶାରରୀକ ସଂଯୋଜକ ସଂଜୟ କୁମାର ମିଶ୍ର ଖେଳାଳୀ ମନରେ ସର୍ବଦା ସକାରାତ୍ମକ ଚିନ୍ତାଧାରା ରହିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ମଧ ସମ୍ଭାଗ ସଂଯୋଜକ ବିରଞ୍ଚି ନାରାୟଣ ମହାପାତ୍ର ଉପସ୍ଥିତ ଥିବା ବେଳେ ବିଦ୍ୟାଳୟର ସଭାପତି ବାବୁଚାନ୍ଦ ମହାଳିକ ଅନ୍ୟବାଦ ଅର୍ପଣ କରିଥିଲେ ।

ଏହି ପ୍ରତିଯୋଗିତାରେ ଓଡିଶାର ଶିଶୁମାନଙ୍କ ସହିତ ଆଣ୍ଡାମାନ, ସିକିମ, ପଶ୍ଚିମବଙ୍ଗ ଭଳି ସ୍ଥାନରୁ ୩ ଶହ ପ୍ରତିଯୋଗି ଅଂଶ ଗ୍ରହଣ କରିଛନ୍ତି ।

# ନାବାର୍ଡର ୪୫ତମ ପ୍ରତିଷ୍ଠା ଦିବସ ପାଳିତ



ଅନୁଗୋଳ, (ସବ୍ୟୁ) : ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ୍ ସଭା ଗୃହରେ ଜାତୀୟ କୃଷି ଓ ଗ୍ରାମୀଣ ବିକାଶ ବ୍ୟାଙ୍କ୍ (ନାବାର୍ଡ)ର ୪୫ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ନାବାର୍ଡ଼, ଜିଲ୍ଲା ଉନ୍ନୟନ ଅଧିକାରୀ ଆଶୁତୋଷ ରୟଅନୁଗୋଳଙ୍କ ତତ୍ୱାବଧାନରେ ଉକ୍ତ ପ୍ରତିଷ୍ଠା ଦିବସ ପାଳିତ ହୋଇଥିବାବେଳେ ଅନୁଗୋଳ ସଂଯୁକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସନ୍ତୋଷ କୁମାର ପ୍ରଧାନ ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ । କାର୍ଯ୍ୟକ୍ରମରେ ନାବାର୍ଡର ୪୫ ବର୍ଷର ଯାତ୍ରା, ଗ୍ରାମୀଣ ବିକାଶ, କୃଷି ଋଣ ବିସ୍ତାର, ଆର୍ଥିକ ଅନ୍ତର୍ଭୁକ୍ତିକରଣ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ଗ୍ରାମୀଣ ଭିତିଭୂମି ବିକାଶରେ ନାବାର୍ଡର ଅବଦାନ ଉପରେ ଆଲୋଚନା କରାଯାଇଥିଲା । ଏହା ସହିତ ଚଳିତ ଆର୍ଥିକ ବର୍ଷରେ କୃଷି ଓ ପ୍ରାଥମିକ କ୍ଷେତ୍ରକୁ ଋଣ ପ୍ରବାହ ବୃଦ୍ଧି, ସମନ୍ୱିତ ବ୍ୟାଙ୍କିଙ୍ଗ ସେବା ଓ ଗ୍ରାମୀଣ ବିକାଶକୁ ଅଧିକ ଗତିଶୀଳ କରିବା ଉପରେ ଆଲୋଚନା ହୋଇଥିଲା । ସଭାରେ ଉପସ୍ଥିତ ଥିବା ବିଭିନ୍ନ ବିଭାଗର ଅଧିକାରୀବୃନ୍ଦ ଏବଂ ଉପସ୍ଥିତ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ନିଜ ବକ୍ତବ୍ୟରେ ନାବାର୍ଡର ସମସ୍ତ ପ୍ରକାର ଅବଦାନକୁ ପ୍ରଶଂସା କରିବା ସହିତ ଗ୍ରାମୀଣ ବିକାଶ ଓ ଅର୍ଥନୀତିକୁ ଅଧିକରୁ ଅଧିକ ସୁଦୃଢ଼ କରିବାରେ ସକ୍ରିୟ ସହଯୋଗ କରିବେ ବୋଲି ପ୍ରତିଶୃତି ଦେଇଥିଲେ ।

ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ଜିଲ୍ଲାର ପ୍ରମୁଖ ବିଭାଗୀୟ ଅକାରୀ ଯଥା ଏଲ୍.ଡି.ଏମ୍, ଅନୁଗୋଳ, ସିଡ଼ିଭିଓ, ଅନୁଗୋଳ, ଏ.ଏଫ୍.ଓ, ଅନୁଗୋଳ, ମିଶନ ଶକ୍ତି, ଡିଆଇସି ଏବଂ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀଙ୍କ ସମେତ ଅନୁଗୋଳ ଜିଲ୍ଲାର ସମସ୍ତ ବାଣିଜ୍ୟିକ ବ୍ୟାଙ୍କ୍, ଆଂଚଳିକ ଗ୍ରାମ୍ୟ ବ୍ୟାଙ୍କ୍ ଏବଂ ସମବାୟ ବ୍ୟାଙ୍କର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଉକ୍ତ ପ୍ରତିଷ୍ଠା ଦିବସ ପାଳନ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ ।

# ତାଳଚେର ହାଣ୍ଡିଧୂଆଁ ଓଭରବ୍ରିଜ ଗାଈଗୋରୁଙ୍କ ଆଡ୍ଡାସ୍ଥଳୀ



ତାଳଚେର, (ସବ୍ୟୁ) : ଗୃହପାଳିତ ଗାଈଗୋରୁଙ୍କୁ ମାଲିକମାନେ କ୍ଷୀର ଲାଳସାରେ ରଖୁଛନ୍ତି ଏବଂ ଗାଈମାନଙ୍କ ଠାରୁ କ୍ଷୀରଦୁହି ସାରିଲେ ଖୋଲାଆମ ଛାଡ଼ି ଦେଉଛନ୍ତି । ଯାହା ଫଳରେ ଏମାନେ ଦୋକାନ, ବଜାର, ଜନଗହଳିପୂର୍ଣ୍ଣ ରାସ୍ତା ଓ ଏପରିକି ଏମାନେ ଖାଦ୍ୟ ଅନ୍ୱେଷଣରେ ଘୂରି ବୁଲିବା ଯୋଗୁଁ ରାସ୍ତାରେ ବିଭିନ୍ନ ସମସ୍ୟା ଉପୁଜୁଛି । ଏପରି ଦୃଶ୍ୟ ଦେଖିବାକୁ ମିଳିଛି ହାଣ୍ଡିଧୂଆଁ ଓଭରବ୍ରିଜ ଉପରେ । ଏବେ ଏମାନେ ଏହି ବ୍ରିଜ ଉପରେ ନିଜର ଆଡ୍ଡାସ୍ଥଳୀ କରିଥିବା ଦେଖିବାକୁ ମିଳିଛି।

ଏହି ବ୍ରିଜରେ ଦୈନିକ ତାଳଚେର ଅଂଚଳବାସୀଙ୍କ ସମେତ ଏହାର ଆଖପାଖ ଅଂଚଳର ଲୋକମାନେ ବିଭିନ୍ନ ଗନ୍ତବ୍ୟ ସ୍ଥଳକୁ ଯାତାୟତ କରିବା ପାଇଁ ବ୍ରିଜ ଉପରେ ନିର୍ଭର କରିଥାନ୍ତି । ତାଳଚେର ଅଂଚଳରେ ଅନୁଗୋଳ ଜିଲ୍ଲାକୁ ଯିବାକୁ ଏକ ସଟକଟ୍ ପ୍ରମୁଖ ରାସ୍ତା ହୋଇଥିବାରୁ ଏହା ଉପରେ ଲୋକେ ଚଳପ୍ରଚଳ କରିଥାନ୍ତି ।

ତେବେ ଏହି ହାଣ୍ଡିଧୂଆଁ ଓଭରବ୍ରିଜ ଏବେ ଗାଈଗୋରୁଙ୍କ କବଜାରେ । ଯଦି ଗାଈଗୋରୁମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ କାଞ୍ଜିଆହୁଦାର ବ୍ୟବସ୍ଥା କରାଯାଆନ୍ତା ତେବେ ପଥଚାରୀ ଓ ଯାନବାହାନକାରୀ ହଇରାଣ ହରକତ ହେବାକୁ ପଡ଼ନ୍ତା ନାହିଁ ବୋଲି ସାଧାରଣ ଜନତାଙ୍କ ମହଲରୁ ଶୁଣିବାକୁ ମିଳେ । ତେଣୁ ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ବିଭିନ୍ନ ମହଲରେ ଦାବି କରିଛନ୍ତି ।

## ବର୍ଷାରେ ଭାଙ୍ଗିଲା ସାପୁଆ ବଡଯୋର ମଧ୍ୟମ ଜଳସେଚନ ପ୍ରକଳ୍ପ ଗେଟ୍

# ତଳିଆ ଅଞ୍ଚଳ ଜଳମଗ୍ନ, ଶହଶହ ହେକ୍ଟର ଚାଷ ଜମି ପ୍ରଭାବିତ ଆଶଙ୍କା

ହିନ୍ଦୋଳ, (ସବ୍ୟୁ) : ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡର ଦଣ୍ଡିରି ପଞ୍ଚାୟତରେ ରହିଥିବା ସାପୁଆ ବଡଯୋର ମଧ୍ୟମ ଜଳସେଚନ ପ୍ରକଳ୍ପର ୩ ନଂ ଗେଟ୍‌ଟି ଲଘୁଚାପ ଜନିତ ଲଗାଣ ବର୍ଷାରେ ଭାଙ୍ଗି ଯିବାରୁ ବ୍ୟାରେଜ ଦେଇ ପ୍ରଚଣ୍ଡ ଜଳ ରାଶି ପ୍ରବାହିତ ହୋଇ ତଳିଆ ଅଞ୍ଚଳ ଗୋଡ଼ିକୁ ଜଳମଗ୍ନ କରିବା ସହ ବହୁ ଚାଷ ଜମିରେ ପାଣି ପଶି ଚାଷ କାର୍ଯ୍ୟକୁ ପ୍ରଭାବିତ କରିଛି । ଏହି ଅଞ୍ଚଳରେ ଧାନ ଚାଷ ଚାଷୀଙ୍କର ମେରୁଦଣ୍ଡ ହୋଇଥିବା ବେଳେ ଚାଷୀ ତଳି ମାରି ସାରି ରୋଇବା କାର୍ଯ୍ୟ ଆରମ୍ଭ କରିଥିବା ସମୟରେ ଏଭଳି ବର୍ଷା ଜଳ ନିଷ୍କାସନ ହୋଇ ଚାଷ ଜମିରେ ଚାଷ ଜମିକୁ ଜଳ ମଗ୍ନ କରୀ ଦେଇଥିବାରୁ ଚାଷୀକୁଳ ମୁଣ୍ଡରେ ହାତ ଦେଇ ବସିଛନ୍ତି। ସେପଟେ ଖାଲୁଆ ଜମି ଓ କଲଭର୍ଟ ନାଳ ଉପରେ ବ୍ୟାରେଜ ଜଳ ରାଶି ପ୍ରଚୁର ପରିମାଣରେ ପ୍ରବାହିତ ହେବାରୁ ଯୋଗାଯୋଗ ( ଗମନା ଗମନ) ମଧ ପ୍ରଭାବିତ ହୋଇଛି ।

ଉଲ୍ଲେଖଯୋଗ୍ୟ ଯେ ବିଗତ ୧୯୯୯ ମସିହାରେ ରାଜ୍ୟରେ ଶାସନାଧିନ ଥିବା କଂଗ୍ରେସ ସରକାର ସମୟରେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା। ତେବେ ଦୀର୍ଘ ବର୍ଷ ପରେ ବ୍ୟାରେଜର କେତେକାଂଶରେ ମରାମତି ଅବଶ୍ୟକ ହେଲା । ଉପର ଠାଉରିଆ ଭାବେ କିଛି ମରାମତି କରାଯାଇ ସେଭଳି ଛାଡ଼ି ଦିଆଗଲା । ଫଳରେ ୩ ନଂ ଗେଟରେ ଅବଶ୍ୟକ ହେଉଥିବା ମରାମତି ହୋଇନପାରି କ୍ରମେ ଦୁର୍ବଳ ହେବାରୁ ତାହା ଏବେ ଭାଙ୍ଗି ଯିବାରୁ ଲଗାଣ ବର୍ଷାର ପ୍ରବଳ ଜଳ ରାଶି ତାହା ମଧ ଦେଇ ବାହାରକୁ ଚାଲି ଆସିଲା । ଗେଟର ମରାମତି ଓ ପରିଚାଳନା କ୍ଷେତ୍ରରେ ଜଳ ସେଚନ ବିଭାଗର ଏଭଳି ଖାମଖିଆଲି ମନୋଭାବକୁ ସ୍ଥାନୀୟ ଚାଷୀ କୂଳ ଓ ସାଧାରଣ ଜନତା ସହଜରେ ଗ୍ରହଣ କରି ପାରୁ ନାହାନ୍ତି । ବିଭଗୀୟ ଉଚ୍ଚ କର୍ତ୍ତୃପକ୍ଷ ବ୍ୟାରେଜ ମରାମତି କରିବା ଦିଗରେ ସଠିକ୍ ପଦେକ୍ଷପ ନେବାକୁ ସ୍ଥାନୀୟ ଚାଷୀ କୂଳ ଦୃଢ଼ ଦାବି କରିଛନ୍ତି ।

# ଫକୀରମୋହନ ବିଶ୍ୱବିଦ୍ୟାଳୟରେ ରାଜ୍ୟ ସଂହତି ଶିବିର ଉଦ୍‌ଘାଟିତ

ବାଲେଶ୍ୱର, (ସବ୍ୟୁ) : ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପ୍ରଯୋଜିତ ଏବଂ ଫକୀରମୋହନ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା (ଏନ୍ଏସ୍ଏସ୍) ବ୍ୟୁରୋର ଆନୁକୂଲ୍ୟରେ ଆୟୋଜିତ ପାଞ୍ଚଦିନିଆ ରାଜ୍ୟ ସଂହତି ଶିବିର ଶୁକ୍ରବାର ଦିନ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଆୟୋଜିତ ଉଦ୍‌ଘାଟନୀ ସମାରୋହରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜାତୀୟ ସେବା ଯୋଜନା ମାଧ୍ୟମରେ ଯୁବପିଢ଼ିଙ୍କ ନେତୃତ୍ୱ ବିକାଶ, ସାମାଜିକ ଦାୟିତ୍ୱବୋଧ ଓ ରାଷ୍ଟ୍ର ଗଠନରେ ସେମାନଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସଠିକ୍ ନେତୃତ୍ୱ ହିଁ ସମାଜ ବିକାଶର ପ୍ରମୁଖ ମାଧ୍ୟମ ବୋଲି ସେ ମତ




ପ୍ରକାଶ କରିଥିଲେ। ପ୍ରାକ୍ତନ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ପ୍ରତିମା ପ୍ରଧାନ କାର୍ଯ୍ୟକ୍ରମର ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ପ୍ରଫେସର ଅମୂଲ୍ୟ କୁମାର ଆଚାର୍ଯ୍ୟ, ରାଜ୍ୟ ସଂହତି ଶିବିରର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବିସ୍ତୃତ ସୂଚନା ଦେଇଥିବାବେଳେ ବାଲେଶ୍ୱର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ସନ୍ତୋଷ କୁମାର ଅଗ୍ରୱାଲ, କୁଳସଚିବ ଶ୍ରୀମତୀ କୁକୁମୀନା ଦାସ ଏବଂ ପରୀକ୍ଷା ନିୟନ୍ତ୍ରକ ଡ଼କ୍ଟର କମଳକାନ୍ତ ଜେନା ଯୋଗଦେଇ ଜାତୀୟ ସଂହତି, ସାମାଜିକ ସେବା ଓ ରାଷ୍ଟ୍ର ଗଠନରେ ଯୁବଶକ୍ତିର ଭୂମିକା ଉପରେ ମତବ୍ୟକ୍ତ କରିଥିଲେ। ଏହି ଶିବିରରେ ଓଡ଼ିଶାର ୧୩ଟି ବିଶ୍ୱବିଦ୍ୟାଳୟରୁ ପ୍ରାୟ ୨୦୦ ଜଣ ସ୍ୱେଚ୍ଛାସେବୀ ଓ ସେମାନଙ୍କର କାର୍ଯ୍ୟକ୍ରମ ଅଧିକାରୀଗଣ ଅଂଶଗ୍ରହଣ କରିଛନ୍ତି। ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଶିବିରରେ ନେତୃତ୍ୱ ବିକାଶ, ଜାତୀୟ ସଂହତି, ସାମାଜିକ ଗଣମାଧ୍ୟମର ଅପବ୍ୟବହାର ଓ ଏହାର କୁପ୍ରଭାବ, ଯୋଗ ଓ ସ୍ୱାସ୍ଥ୍ୟ ସୁରକ୍ଷା, ସଡ଼କ ଓ ସାଇବର ସୁରକ୍ଷା, ମାନସିକ ସ୍ୱାସ୍ଥ୍ୟ ପରିଚାଳନା, ସ୍ୱଚ୍ଛ ଭାରତ ଅଭିଯାନ, ସଚେତନତା ଶୋଭାଯାତ୍ରା, ସାହିତ୍ୟିକ ଓ ସାଂସ୍କୃତିକ ପ୍ରତିଯୋଗିତା ସହ ବିଭିନ୍ନ ସାଂସ୍କୃତିକ ଭାବବିନିମୟ କାର୍ଯ୍ୟକ୍ରମ ଆୟୋଜିତ ହେବ ବୋଲି ପ୍ରଫେସର ଆଚାର୍ଯ୍ୟ ସୂଚନା ଦେଇଥିଲେ। ଶେଷରେ କାର୍ଯ୍ୟକ୍ରମ ଅଧିକାରୀ ଡ଼କ୍ଟର ଅଭୟ କୁମାର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରକାଶ ପାଇଲା ବିଜ୍ଞପ୍ତି : ଧୂଷୁରୀ ଏନଏସିରେ ହେବେ ଏସି ଅଧ୍ୟକ୍ଷ

ଅସୁରାଳି, (ସବ୍ୟୁ) : ନବଗଠିତ ଧୂଷୁରୀ ବିଜ୍ଞାପିତ ଅଂଚଳ ପରିଷଦର ଅଧ୍ୟକ୍ଷ ପଦ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ବିଜ୍ଞପ୍ତି ଅନୁଯାୟୀ ପ୍ରଥମ ଅଧ୍ୟକ୍ଷ ପଦ ଅନୁସୂଚିତ ଜାତି ବର୍ଗ ପାଇଁ ସଂରକ୍ଷିତ ରହିଛି। ଓଡ଼ିଶା ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ଚିଠା ବିଜ୍ଞପ୍ତି ସ୍ଥାନୀୟ ରାଜନୀତିକୁ ସମ୍ପୂର୍ଣ୍ଣ ନୂଆ ଦିଗ ଦେଇଛି। ସରକାରଙ୍କ ବିଜ୍ଞପ୍ତି ଅନୁଯାୟୀ,ପ୍ରସ୍ତାବିତ ଧୂଷୁରୀ ଏନଏସିର ପ୍ରଥମ ଅଧ୍ୟକ୍ଷ ପଦବୀ ତଫସିଲଭୁକ୍ତ ଜାତି (ଏସସି) ବର୍ଗ ପାଇଁ ସଂରକ୍ଷିତ କରାଯାଇଛି। ଏହି ଘୋଷଣା ପରେ ଧୂଷୁରୀ ଓ ଆଖପାଖ ଅଂଚଳରେ ରାଜନୈତିକ ଆଲୋଚନା ହଠାତ୍ ବଢିଯାଇଛି। ଚା'ଦୋକାନରୁ ସୋସିଆଲ ମିଡିଆରେ ଏବେ ଗୋଟିଏ ଚର୍ଚ୍ଚା 'ଧୂଷୁରୀର ପ୍ରଥମ ନଗର ନେତୃତ୍ୱ କାହା ହାତକୁ ଯିବ। ଧୂଷୁରୀ କେବଳ ଏକ ବ୍ୟବସାୟିକ କେନ୍ଦ୍ର ନୁହେଁ,ଏହା ଭଦ୍ରକ ଜିଲ୍ଲାର ଏକ ପ୍ରମୁଖ ସାମାଜିକ ରାଜନୈତିକ ଓ ଆର୍ଥିକ କେନ୍ଦ୍ର ଭାବେ ପରିଚିତ। ଏନଏସି ମାନ୍ୟତା ପାଇବା ପରେ ସହରାଂଚଳର ରାସ୍ତା,ପାନୀୟ ଜଳ,ପରିମଳ ବ୍ୟବସ୍ଥା,ଡ୍ରେନେଜ୍,ଆଲୋକୀକରଣ ଓ ଅନ୍ୟାନ୍ୟ ମୌଳିକ ସୁବିଧାରେ ବ୍ୟାପକ ପରିବର୍ତ୍ତନର ଆଶା ସୃଷ୍ଟି ହୋଇଛି। ଏହି ପରିପ୍ରେକ୍ଷୀରେ ପ୍ରଥମ ଅଧ୍ୟକ୍ଷଙ୍କ ଉପରେ ନାଗରିକଙ୍କ ଆଶା ମଧ୍ୟ ବହୁଗୁଣ ବଢ଼ିଯାଇଛି। ବିଜ୍ଞପ୍ତି ସଂଖ୍ୟା ୨୦୩୭୫/୧୫ ଜୁଲାଇ ୨୦୨୬ ଅନୁଯାୟୀ,ଏହି ସଂରକ୍ଷଣକୁ ନେଇ କାହାର କୌଣସି ଆପତ୍ତି କିମ୍ବା ପ୍ରସ୍ତାବ ଥିଲେ ବିଜ୍ଞପ୍ତି ପ୍ରକାଶ ପରେ ୧୫ଦିନ ମଧ୍ୟରେ ପୌର ପ୍ରଶାସନ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିପାରିବେ। ଏହା ଓଡ଼ିଶା ମ୍ୟୁନିସିପାଲିଟି ଆଇନ, ୧୯୫୦ଅନୁଯାୟୀ ଜାରି ହୋଇଥିବା ଚିଠା ବିଜ୍ଞପ୍ତି। ଏହି ନିଷ୍ପତ୍ତି ସହିତ ଧୂଷୁରୀର ରାଜନୈତିକ ସମୀକରଣରେ ବଡ଼ ପରିବର୍ତ୍ତନ ଆସିବା ସ୍ପଷ୍ଟ ହୋଇଛି। ତଫସିଲଭୁକ୍ତ ଜାତିବର୍ଗର ଆଶାୟୀମାନଙ୍କ ମଧ୍ୟରେ ଉତ୍ସାହ ବଢ଼ିଥିବାବେଳେ, ଅନ୍ୟ ବର୍ଗର ନେତାମାନେ ନିରାଶ ହେବା ସହ ନୂଆ ରଣନୀତି ପାଇଁ ଅଣ୍ଟା ଭିଡିଲେଣି। ବିଭିନ୍ନ ରାଜନୈତିକ ଦଳ ମଧ୍ୟ ଏବେଠାରୁ ସମ୍ଭାବ୍ୟ ପ୍ରାର୍ଥୀ ଚୟନ ଓ ସାଂଗଠନିକ ପ୍ରସ୍ତୁତି ଉପରେ ନଜର ଦେଇଛନ୍ତି। କେବଳ ରାଜନୀତି ନୁହେଁ, ଏହି ନିଷ୍ପତ୍ତି ସାମାଜିକ ପ୍ରତିନିଧିତ୍ୱର କ୍ଷେତ୍ରରେ ମଧ୍ୟ ଏକ ନୂଆ ଅଧ୍ୟାୟର ସୂଚନା ଦେଉଛି। ଧୂଷୁରୀର ବିକାଶ ଯାତ୍ରାରେ ସମସ୍ତ ବର୍ଗର ଅଂଶୀଦାରିତ୍ୱ ସୁନିଶ୍ଚିତ କରିବାରେ ଏହି ପଦକ୍ଷେପ ସହାୟ ହେବ ବୋଲି ଆଶା ମୁଣ୍ଡ ଟେକିଛି। ଏବେ ସମସ୍ତଙ୍କ ନଜର ରହିଛି ଆପତ୍ତି ଦାଖଲର ସମୟସୀମା ଶେଷ ହେବା ଓ ଚୂଡ଼ାନ୍ତ ବିଜ୍ଞପ୍ତି ପ୍ରକାଶ ଉପରେ। ତାହା ପରେ ଧୂଷୁରୀର ପ୍ରଥମ ନଗର ନେତୃତ୍ୱକୁ ନେଇ ଆରମ୍ଭ ହେବ ନୂଆ ରାଜନୈତିକ ଅଧ୍ୟାୟ,ଯାହା କେବଳ ଏକ ନିର୍ବାଚନ ନୁହେଁ ବରଂ ଧୂଷୁରୀର ଭବିଷ୍ୟତ ବିକାଶର ଦିଗ ନିର୍ଦ୍ଧାରଣ କରିବ।

# ବାଇକ ଉପରେ ଚଢ଼ିଗଲା ବସ୍, ୫ ବାଇକ ଚୁରମାର

ଭଦ୍ରକ, (ସବ୍ୟୁ) : ଗତକାଲି ୧୬ ନମ୍ବର ଜାତୀୟ ରାଜପଥର ଗେଲପୁର ନିକଟ ଗୋପବନ୍ଧୁପୁର ଛକରେ ଜଣେ ବାଇକ୍ ଆରୋହୀ ରାସ୍ତାତଳକୁ ଯାଇ ପରିସ୍ରା କରୁ କରୁ ତାଙ୍କୁ ଅପେକ୍ଷା କରିଥିବା ଅନ୍ୟ ଦୁଇ ବାଇକ ଆରୋହୀଙ୍କ ଉପରେ ଏକ ନିଶାଶକ୍ତ ଦୃତତମ ହାଇୱା ଚଢ଼ିଯାଇ ଘଟଣାସ୍ଥଳରେ ଦୁଇ ଜଣ ବାଇକ ଆରୋହୀ ମୃତ୍ୟୁବରଣ କରିଥିବା ଘଟଣା ମନରୁ ଲିଭି ନଥିବା ବେଳେ ଆଜି ଭଦ୍ରକ ଜିଲ୍ଲା ଚାନ୍ଦବାଲି ରାଜ୍ୟ ରାଜପଥରେ ଆଉ ଏକ ବଡ଼ ଦୁର୍ଘଟଣା ଘଠି ଯାଇଛି। ସୌଭାଗ୍ୟବଶତ ୫ଜଣଙ୍କ ଜୀବନ ବଂଚି ଯାଇଛି । ଚାନ୍ଦବାଲି କାଳୀମନ୍ଦିର ନିକଟ ଏସବିଆଇ ବ୍ୟାଙ୍କ ସମ୍ମୁଖରେ ରାସ୍ତା କଡ଼ରେ ରଖାଯାଇଥିବା ବାଇକ୍ ଉପରେ ଏକ ଯାତ୍ରୀବାହୀ ବସ୍ ଚଢ଼ିଯାଇଛି। ଦୁର୍ଘଟଣାରେ ୫ଟି ବାଇକ୍ ସମ୍ପୂର୍ଣ୍ଣ ଚୁରମାର ହୋଇଯାଇଛି ହୋଇଯାଇଥିବାବେଳେ କେହି ଜଣେ ବି ମୃତାହତ ହୋଇନଥିବା ସୂଚନା ମିଳିଛି। ମିଳିଥିବା ସୂଚନା ଅନୁଯାୟୀ, ଭଦ୍ରକରୁ ଚାନ୍ଦବାଲି ଅଭିମୁଖେ ଆସୁଥିବା 'ଓମ୍ ବାବା' ନାମକ ଘରୋଇ ବସ୍ ଚାନ୍ଦବାଲି କାଳୀମନ୍ଦିର ନିକଟ ଏସବିଆଇ ବ୍ୟାଙ୍କ ସମ୍ମୁଖରେ ରାସ୍ତା କଡ଼ରେ ରଖାଯାଇଥିବା ବାଇକ୍ ଉପରେ ସିଧା ଚଢ଼ି ଯାଇଥିଲା। ସୌଭାଗ୍ୟବଶତଃ ଦୁର୍ଘଟଣା ସମୟରେ କୌଣସି ବାଇକ୍ ଚାଳକ ବାଇକରେ ବସି ନଥିଲେ। ନଚେତ୍ ଏକ ବଡ଼ ଧରଣର ଅଘଟଣ ଘଟିଥାନ୍ତା। ଘଟଣା ସମୟରେ ଏସବିଆଇ ବ୍ୟାଙ୍କ ଏବଂ ସମ୍ମୁଖରେ ଥିବା ମଦ ଦୋକାନ ଓ ବାଇକ୍ ଗ୍ୟାରେଜ ନିକଟରେ ପ୍ରବଳ ଭିଡ଼ ଲାଗିଥିଲା। କେହି କିଛି ବୁଝିବା ଆଗରୁ ଦ୍ରୁତଗତିରେ ଆସୁଥିବା ବସଟି ରାସ୍ତା କଡ଼ରେ ଠିଆ ହୋଇଥିବା ୫ଟି ବାଇକ୍ ଉପରେ ଚଢ଼ି ସେଗୁଡିକୁ ଭାଙ୍ଗି ଚୁନା କରି ଦେଇଛି। ଘଟଣା ପରେ ସ୍ଥାନୀୟ ଅଂଚଳରେ ଉତ୍ତେଜନା ଦେଖା ଦେଇଥିଲା। ଦୁର୍ଘଟଣା ସମ୍ପର୍କରେ ବସ୍ ହେଲପରଙ୍କୁ ପଚାରିବାରୁ ସେ କହିଛନ୍ତି,ବସ କଣ୍ଡକ୍ଟର ଚଳାଉଥିଲେ ଏବଂ ହଠାତ୍ ବସଟି ବ୍ରେକ୍ ଫେଲ୍ ହୋଇଯିବାରୁ ଏଭଳି ଦୁର୍ଘଟଣା ଘଟିଲା। ଖବରପାଇ ଚାନ୍ଦବାଲି ପୋଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଛି। ବସ କୁ ଜବତ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଛି। ତେବେ ଘଟଣା ଯାହାବି ହେଉ କିଛି ନିଶାଶକ୍ତ ଡ୍ରାଇଭରଙ୍କ ଯୋଗୁଁ ଏପରି ଘଟଣା ପ୍ରତିଦିନ ଘଟୁଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।

# ଆଗରପଡ଼ା ପୋଲିସ କବ୍‌ଜାରେ ଧଳାଜହର ବେପାରୀ

ଆଗରପଡ଼ା, (ସବ୍ୟୁ) : ଆଗରପଡ଼ା ପୋଲିସକୁ ବଡ଼ ସଫଳତା ମିଳିଛି। ଥାନାଧିକାରୀ ରାଜେଶ ସେଠୀଙ୍କ ଉଦ୍ୟମ ଯୋଗୁଁ ପ୍ରଥମଥର ପାଇଁ ଏହି ଅଂଚଳରେ ବ୍ରାଉନସୁଗାର ଜବତ୍ ହେବା ସହ ଏଥିରେ ସଂପୃକ୍ତ ମାଫିଆ ଗିରଫ ହୋଇଛି। ଥାନା ସୂତ୍ରରୁ ଜଣାପଡ଼ିଛି,ଆଗରପଡ଼ା କଲେଜ ନିକଟରେ ବ୍ରାଉନସୁଗାର ବିକ୍ରୀ ହେଉଛି ବୋଲି କୌଣସି ସୂତ୍ରରୁ ଥାନାଧିକାରୀଙ୍କୁ ଖବର ମିଳିଥିଲା। ସେ ପୋଲିସ କର୍ମଚାରୀଙ୍କ ସହ ସନ୍ଦୀଗ୍ଧ ସ୍ଥାନକୁ ଯାଇ ପ୍ରଥମେ ଚାରିପଟୁ ଘେରାବନ୍ଦୀ କରିଥିଲେ। ଏହା ଜାଣିପାରି ବ୍ରାଉନସୁଗାର ମାଫିଆ ଜାଣିପାରି ଖସି ଯିବାକୁ ଉଦ୍ୟମ କରୁଥିବାବେଳେ ଥାନାଧିକାରୀ ତାକୁ ମାଡ଼ିବସି କାବୁ କରିଥିଲେ। ପରେ ଥାନାକୁ ଆଣି ପଚରାଉଚୁରା କରିଥିଲେ। ତହସିଲଦାର ତଥା ମାଜିଷ୍ଟ୍ରେଟ ସାରା ହେମ୍ବ୍ରମ,ବନ୍ତ ଥାନାଧିକାରୀ ସୁପ୍ରକାଶ ମହାନ୍ତିଙ୍କ ଉପସ୍ଥିତରେ ଅଭିଯୁକ୍ତଙ୍କୁ ନେଇ ଘଟଣାସ୍ଥଳରେ ସିନ ରିକ୍ରେସନ ଆଗରପଡ଼ା ଥାନାଧିକାରୀ ଓ ଏସଆଇ ଇଭାରାଣୀ ପରିଡ଼ା କରିଥିଲେ। ଥାନା କେସ ନଂ ୧୬୦/୨୬,୨୧ ବି ୨୯ଏନଟିପିସିରେ ପୋଲିସ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଅଭିଯୁକ୍ତ ଜଣକ ଆଗରପଡ଼ା ବଜାର ସନ୍ନିକଟ ଭବାନୀଗଂଜ ଗ୍ରାମର ରାଜେନ୍ଦ୍ର ସେନାପତି ଓରଫ ରାଜୁ(୪୨) ଓ ତା ନିକଟରୁ ୧୧ଗ୍ରାମ ୬୦ମିଲିଗ୍ରାମ ବ୍ରାଉନସୁଗାର,ଗୋଟିଏ ମୋବାଇଲ ଜବତ୍ ହୋଇଥବାର ଜଣାପଡ଼ିଛି। ଜବତ ବ୍ରାଉନସୁଗାର ମୂଲ୍ୟ ପ୍ରାୟ ୧ଲକ୍ଷ ୨୦ହଜାର ଟଙ୍କା ହେବ ବୋଲି ଅନୁମାନ କରାଯାଉଛି। ରାଜୁ ଅତି ଚତୁରତାର ସହିତ ବ୍ରାଉନସୁଗାର ଆଣି ବିଶେଷ କରି ଯୁବକମାନଙ୍କୁ ସେମାନଙ୍କୁ ସେମାନଙ୍କ ଘରେ ଦେଇ ପ୍ରଥମେ ଏହି ନିଶାରେ ଅଭ୍ୟସ୍ତ କରୁଥିଲା। ଦୀର୍ଘଦିନ ହେବ ପୋଲିସ ଆଖିରେ ଧୂଳି ଦେଇ ଏହି ଏହି ବେପାର ଚଲାଇ ଆସୁଥିଲା ବୋଲି ପୋଲିସ ଜାଣିବାକୁ ପାଇଛି।

## ଶିକ୍ଷୟିତ୍ରୀଙ୍କ ବଦଳି

# ପ୍ରତିବାଦରେ ଅଭିଭାବକ, ଛାତ୍ରଛାତ୍ରୀଙ୍କ ଧାରଣା

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ପ୍ରହରାଜପୁର ୟୁପି ସ୍କୁଲର କର୍ତ୍ତବ୍ୟନିଷ୍ଠ ତଥା ଜଣେ ଆଦର୍ଶ ଶିକ୍ଷୟତ୍ରୀ ଭାବେ ପରିଚିତ ତଥା ବର୍ତ୍ତମାନ ବୁଥ ଅଧିକାରୀଣୀ ଦାୟିତ୍ୱରେ ଥିବା ପବିତ୍ରା ଖମାରୀଙ୍କ ବଦଳୀ ପାଇଁ ଜିଲାରୁ ଲିଖିତ ନିର୍ଦ୍ଦେଶ ଆସିଥିବା ଭଳି ଖବର ପରିଚାଳନା କମିଟି ଓ ଅଭିଭାବକ ଜାଣିବା ପରେ ହତୋତ୍ସାହିତ ହୋଇ ପଡିଛନ୍ତି । ପ୍ରତିବାଦରେ ଶହ ଶହ ସଂଖ୍ୟାର ଅଭିଭାବିକା ଅଭିଭାବକ,ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରଙ୍କ ସହ ଶନିବାର ସକାଳେ ଫାଟକରେ ତାଲା ଦେଇ ବସିରହିଥିଲେ । ପରେ ପ୍ରହରାଜପୁର ସିଆରସିସି ହେମନ୍ତ ଦାସ ଘଟଣାସ୍ଥଳରେ ପହଞ୍ଚି ଅସନ୍ତୁଷ୍ଟ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା



ପରେ ଅଭିଭାବକ ମାନେ ଧାରଣାରୁ ଉଠିଥିଲେ । ଅଭିଯୋଗ ଅନୁଯାୟୀ ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ପର୍ଯ୍ୟନ୍ତ ୧୨୬ଜଣ ପିଲା ପଢୁଥିବା ବେଳେ ଏଥପାଇଁ ୪ଜଣ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ନିଯୁକ୍ତି ମିଳିଥିଲା । ବିଶେଷକରି ବୁଥ ଅଧିକାରୀଣୀ ଦାୟିତ୍ୱରେ ଥିବା ତଥା ଉତ୍ତମ ଶିକ୍ଷଦାନପାଇଁ ପିଲାମାନଙ୍କର ପ୍ରଥମ ପସନ୍ଦ ସାଜିଥିବା ପବିତ୍ରା ଖମାରୀଙ୍କୁ ଶ୍ୟାମସୁନ୍ଦରପୁର ପ୍ରାଥମିକ ବିଦ୍ୟାଳୟକୁ ବିଦ୍ୟାଳୟକୁ ବଦଳୀ କରାଯାଇଥିବା ନେଇ ଅଭିଭାବକ ମାନେ ବିଶେଷ ସୁତ୍ରରୁ ଜାଣିବାକୁ ପାଇଥିଲେ । ଏଣୁ ବଦଳୀ ଆଦେଶ ବାତିଲ ଦାବିରେ ପରିଚାଳନା କମିଟି ସଭାପତି ବାସନ୍ତୀ ସାହୁ,ଉପସଭାପତି ମନ୍ଦାକିନୀ ସାହୁ ଓ ଦିଲ୍ଲୀପ ସାହୁଙ୍କ ନେତୃତ୍ୱରେ ଏହି ଧାରଣା ଦିଆଯାଇଥିଲା ।

# ଯନ୍ତ୍ରଣାରେ ଛଟପଟ କମଳିନୀ : ଚିକିତ୍ସାରେ ବାଧକ ଅର୍ଥ

ଖଇରା, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ କୁରୁଣ୍ଟା ପଞ୍ଚାୟତ ଅଧୀନ ରାଇକୁଳା ଗାଁର କମଳିନୀ ମାଝୀ(୭୦) । କର୍କଟ ରୋଗରେ ପିଡିତ ଏହି ବୃଦ୍ଧା ଝାଟିମାଟି ଘର ଭିତରେ ଯନ୍ତ୍ରଣାରେ ଛଟପଟ ହେଉଥିଲେ ହେଁ ପାଖରେ କାଣି କଉଡିଟିଏ ନଥିବାରୁ ତାଙ୍କୁ ଉପଯୁକ୍ତ ଚିକିତ୍ସା ମିଳିପାରୁନି । ସେହିଭଳି ସରକାରୀ ସ୍ତରରେ ଆବାସ ଘର କଣ୍ଡିଏ ବି ମିଳିପାରିନି । କୌଣସି ବଦାନ୍ୟ ବ୍ୟକ୍ତି ସାହାଯ୍ୟ କଲେ ମାଙ୍କୁ ଯନ୍ତ୍ରଣାରୁ ଉପଶମ ମିଳିପାରନ୍ତା ବୋଲି କମଳିନୀଙ୍କ ସେବାଶୁଶ୍ରୁଷା କରୁଥିବା ଏକମାତ୍ର ସାହାରା ଭାବେ ଝିଅ ସରସ୍ୱତୀ ନିବେଦନ କରିଛନ୍ତି । ସ୍ୱାମୀ ମଧୁମାଝୀ ପାଖାପାଖି ୮ବର୍ଷ ତଳେ



ଦୁର୍ଘଟଣାରେ ଆଖିବୁଜି ସାରିଛନ୍ତି । ଏକମାତ୍ର ଝିଅ ସରସ୍ୱତୀ ମଧ୍ୟ ବିବାହ କରିସାରିଛନ୍ତି । ନିକଟରେ ରଜ ସମୟରେ କମଳୀନୀଙ୍କ ଗଳାରେ ଯନ୍ତ୍ରଣା ହେବା ପରେ ଝିଅ ସହାୟତରେ ଭଦ୍ରକ ଯାଇ ଔଷଧ ଆଣିଥିଲେ । ହେଲେ ସେଥିରେ ଉପସମ ନହେବାରୁ କଟକ ଯାଇ ପରୀକ୍ଷାନିରିକ୍ଷା କରିବା ପରେ ଗଳାରେ କର୍କଟ ହୋଇଥିବା ଜଣାପଡିଥିଲା । ଆଚାର୍ଯ୍ୟ ହରିହର କର୍କଟ ଚିକିତ୍ସାକେନ୍ଦ୍ରରେ ଚିକିତ୍ସା ପାଇଁ ଡାକ୍ତର ପରାମର୍ଶ ଦେଇଥିଲେ ହେଁ ଯିବାଆସିବା ପାଇଁ ତାଙ୍କପାଖରେ ଅର୍ଥର ଘୋର ଅଭାବ ବାଧକ ସାଜିଛି । ତୃତୀୟ ଅବସ୍ଥାରେ ପହଞ୍ଚିସାରିଥିବା ଏହି ବୃଦ୍ଧାକୁ ସହାୟତା କରିବାକୁ ଚାହୁଁଥିବା ବ୍ୟକ୍ତି ମୋବାଇଲ ନମ୍ବର ୯୬୯୨୭୯୬୭୪୯ରେ ଆର୍ଥିକ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀ ଅନୁରୋଧ କରିଛନ୍ତି ।

# ନାବାଳିକାକୁ ଦୁଷ୍କର୍ମ ମାମଲା : ଅଭିଯୁକ୍ତଙ୍କୁ ୨୦ବର୍ଷ ସଶ୍ରମ କାରାଦଣ୍ଡ

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲା ବିଚାର ବିଭାଗର ଆଡ଼ିସନାଲ ସେକ୍ସନ ଜଜ୍ କମ ଫାଷ୍ଟ୍ରାକ୍ଟ କୋର୍ଟ ବିଚାରପତି ଅନିତା ସାହୁ ଶୁକ୍ରବାର ଦିନ ଏକ ନାବାଳିକା ଦୁଷ୍କର୍ମ ମାମଲାର ବିଚାରରେ ଅଭିଯୁକ୍ତ ଦେବ ହାଁସଦା (୫୫)ଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ସଶ୍ରମ କାରାଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ହେଲେ ଅଭିଯୁକ୍ତଙ୍କୁ ଅତିରିକ୍ତ ୬ ମାସ ଜେଲଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମାଲାର ବିବରଣୀରୁ ପ୍ରକାଶ, ବସ୍ତା ଥାନା ଅଧୀନ ସନ୍ତୋଷପୁର ଗ୍ରାମର ବାସିନ୍ଦା ଦେବ ହାଁସଦାଙ୍କ ଦୋକାନକୁ ଜଣେ ୧୩ବର୍ଷର ପିତୃ-ମାତୃ ହୀନ ଅନାଥ ନାବାଳିକା କୌଣସି ଜିନିଷ କିଣିବା ପାଇଁ ଆସିଥିଲେ। ଅଭିଯୁକ୍ତ ଦେବ ହାଁସଦା ସେହି ନାବାଳିକାକୁ ବିଭିନ୍ନପ୍ରକାର ଖାଦ୍ୟ ସାମଗ୍ରୀ ଦେଇ ନିଜ ଘର କାର୍ଯ୍ୟରେ ଲଗାଇ ଥିଲା। ପରେ ଅଭିଯୁକ୍ତ ହାଁସଦା ନାବାଳିକାକୁ ବାରମ୍ବାର ଦୁଷ୍କର୍ମ କରିଥିଲା। ଫଳରେ ନାବାଳିକା ଜଣକ ୬ମାସ ଗର୍ଭବତୀ ହୋଇଯାଇ ଥିଲେ। ଗତ ୧୭/୧୧/୨୧ ତାରିଖରେ ନାବାଳିକା ବସ୍ତା ଥାନାରେ ଦେବ ହାଁସଦା ବିରୋଧରେ ଏତଲା ଦେଇଥିଲେ। ବସ୍ତା ଥାନା ପୋଲିସ ନାବାଳିକାର ଏତଲା ମୂଳେ ତଦନ୍ତ ପୂର୍ବକ ଅଭିଯୁକ୍ତ ହାଁସଦାକୁ କେଶ୍ ନମ୍ବର ୩୨୩ ରେ ଗିରଫ କରି ଜେଲ ପଠାଇ ଥିଲେ। ଗତ ୨୮/୧/୨୨ ତାରିଖରେ ଭରତୀୟ ପିଙ୍ଗଳ କୋର୍ଡ ଧାରା ୩୭୬(୩) (୨)(ଏନ) (ଏଫ) ଓ ପକ୍ସୋ ଧାରାରେ ବସ୍ତା ଥାନା ପୋଲିସ କୋର୍ଟରେ ଚାର୍ଜସିଟ୍ ଦାଖଲ କରିଥିଲେ। ଏହା ସ୍ୱତନ୍ତ୍ର ମାମଲା (ସଂଖ୍ୟା ୩୧୧/୨୧) ମୂଳେ କୋର୍ଟରେ ବିଚାରାଧୀନ ଥିଲା। ବିଚାର ଚାଲିଥିବା ସମୟରେ ମାନ୍ୟବର ବିଚାରପତି ୧୮ଜଣ ସାକ୍ଷ୍ୟଙ୍କ ବୟାନ ଓ ୬୮ଟି ଦଲିଲ ଦସ୍ତାବିଜ୍ ଆଧାରରେ ଅଭିଯୁକ୍ତ ଦେବ ହାଁସଦାକୁ ଦୋଷୀ ସାବ୍ୟସ୍ତ କରିଥିଲେ। ଶୁକ୍ରବାର ଏହି ମାମଲାର ଶୁଣାଣି କରି ବିଚାରପତି ସାହୁ ପକ୍ସୋ ଆକ୍ଟରେ ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏତଦବ୍ୟତୀତ ଆଇନସେବା ପ୍ରାଧିକରଣ ପକ୍ଷରୁ ପୀଡ଼ିତା ନାବାଳିକାଙ୍କୁ ୪ଲକ୍ଷ ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେବା ପାଇଁ ବିଚାରପତି ତାଙ୍କ ରାୟରେ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାରେ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରମାକାନ୍ତ ପରିଡ଼ା ଏହି ମାମଲାକୁ ପରିଚାଳନା କରୁଥିଲେ।

# ଶିକାରୀକୁ ଘରୁ ଉଠାଇ ଆଣିଲା ବନବିଭାଗ

ନୀଳଗିରି, (ସବ୍ୟୁ) : କୁଳଡିହା ଅଭୟାରଣ୍ୟରେ ଅବୈଧଭାବରେ ବନ୍ୟଜନ୍ତୁ ଶୀକାର କାର୍ଯ୍ୟକଳାପରେ ସାମିଲ ଜଣେ ଶିକାରୀକୁ ଗିରଫକରି କୋର୍ଟଚାଲାଣ କରିଛି ବନବିଭାଗ। ସୂଚନା ଅନୁଯାୟୀ ବିଶେଷସୂତ୍ରରୁ ଖବରପାଇ ବାଲେଶ୍ୱର ଡିଏଫଓ ପ୍ରତୀକ ପ୍ରକାଶ ଇଣ୍ଡଲକରଙ୍କ ନିର୍ଦ୍ଦେଶରେ ୧୮ତାରିଖ ପୂର୍ବାହ୍ନରେ କୁଳଡିହା ଭାରପ୍ରାପ୍ତ ଅଧିକାରୀ ସୌମ୍ୟ ମାଝୀଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ବରହମପୁର ଥାନା କେସିପୁର ପଞ୍ଚାୟତ ବେତକଟା (ନଟାପଡା) ଗ୍ରାମର ପିଥ ହେମ୍ବ୍ରମ (୫୬) ଙ୍କୁ କୁଳଡିହା ଅଭୟାରଣ୍ୟ ଭିତରେ ପଶି ଅବୈଧରେ ପଶୁଶିକାର କାର୍ଯ୍ୟକଳାପରେ ସଂଶ୍ଳିଷ୍ଟ ଅଭିଯୋଗରେ ଗିରଫକରି କୋର୍ଟଚାଲାଣ କରିଥିବା ଜଣାଯାଇଛି।ଗୋଟିଏ ହାତତିଆରି ବନ୍ଧୁକ ବେରେଲ, ଦୁଇଟି ହରିଣ ଶିଙ୍ଗ, ୮ବଣ୍ଡଲ ତାର ଫାଶ ତା'ଘରୁ ଜବତକରି କୁଳଡିହା କାର୍ଯ୍ୟାଳୟକୁ ଅଣାଯାଇଛି। ଏନେଇ କେସ ନଂ ୦୩କେ ୨୦୨୬/୨୭ମାମଲା ରୁଜୁ କରାଯାଇଥିବା ବେଳେ ଅଭିଯୁକ୍ତ ପୀଥ ହେମ୍ବ୍ରମକୁ କୋର୍ଟଚାଲାଣ କରିଛି।ପ୍ରାଥମିକ ତଦନ୍ତ ଅନୁଯାୟୀ ଅଭିଯୁକ୍ତ ପିଥ ଗୋଟାଏ କୁଟୁରା ଶିକାରରେ ସଂପୃକ୍ତ ଥିବାବେଳେ ଏସିଏଫ୍ ତଟିନୀ ସେଠୀଙ୍କୁ ତଦନ୍ତକାରୀ ଅଧିକାରୀ ନିଯୁକ୍ତି କରାଯାଇଥିବା ସୂଚନା ମିଳିଛି।

# କାଠ ବୋଝେଇ ଟ୍ରକ ଜବତ : ୨ ଗିରଫ

କେନ୍ଦୁଝର, (ଜିପ୍ର) :କେନ୍ଦୁଝର ସଦର ରେଞ୍ଜ ନରଣପୁର ସେକ୍ସନ ବଞ୍ଚିବାରିଗାଁ କୁଆଙ୍ଗ ସାହି ନିକଟ ସରକାରୀ ଜମିରୁ ଗଛ କାଟି ବେଆଇନ ଚାଲାଣ ହେଉଥିବାବେଳେ ବନ ବିଭାଗ ଏକ କାଠ ବୋଝେଇ ୧୨ ଚକିଆ ଟ୍ରକ ଓଆର ବି ୩୩ -ଇ-୨୫୨୫କୁ ଜବତ କରିଛି। ଟ୍ରକ ଡ୍ରାଇଭର ଅସି୍ ରଣା(୪୨) ଏବଂ ଅଜୟ କୁମାର ମହାନ୍ତ(୩୭) ଗିରଫ ହୋଇଥିବାବେଳେ ଅନ୍ୟ କେତେକ କାଠ ମାଫିଆ ଫେରାର ହୋଇଯିବାକୁ ସକ୍ଷମ ହୋଇଥିଲେ। ଅସିତ ରଣାଙ୍କ ଘର ପଶ୍ଚିମବଙ୍ଗ ରାଜ୍ୟ ପଶ୍ଚିମ ମେଦିନିପୁର ଏବଂ ଅଜୟ କୁମାର ମହାନ୍ତଙ୍କ ଘର କେନ୍ଦୁଝର ଜିଲ୍ଲା ଡୁମୁରିଆ ଥାନା ତୋଳକବାହାଳ ଗ୍ରାମରେ ବୋଲି ଜଣାପଡିଛି। ଏହା ପଛରେ ସଂଖ୍ୟାଲଘୁ କାଠ ବ୍ୟବସାୟୀମାନଙ୍କ ହାତ ରହିଛି ବୋଲି ବନ ବିଭାଗ ପ୍ରାଥମିକ ତଦନ୍ତରୁ ଜାଣି ପାରିଛି। କେନ୍ଦୁଝର ବନଖଣ୍ଡ ଅଧିକାରୀ ଧନରାଜ ଏଚଡିଙ୍କ ନିର୍ଦ୍ଦେଶକ୍ରମେ ନରଣପୁର ସେକ୍ସନ ବନପାଳ କାଳିନ୍ଦି ଚରଣ ସାମଲ, ବଳଭଦ୍ରପୁର ବିଟ ବନରକ୍ଷୀ ରାଜେଶରୀ ସେଠୀ, ନରଣପୁର ବିଟ ବନରକ୍ଷୀ ସାଗତିକା ପଟ୍ଟନାୟକ, ଗୋପାଳପୁର (ପଶ୍ଚିମ) ବିଟ ବନରକ୍ଷୀ ଲକ୍ଷ୍ମୀପ୍ରିୟା ମହାନ୍ତ, ରଘୁନାଥପୁର ବିଟ ବନରକ୍ଷୀ ଚନ୍ଦନ କୁମାର ଟାଟାର୍ଜୀଙ୍କ ସମେତ ସ୍କାର୍ଡ କର୍ମଚାରୀ ଶୁକ୍ରବାର ସନ୍ଧ୍ୟାରେ ଚଢାଉ କରି ଏହି କାଠ ଗାଡି ଜବତ କରିଛନ୍ତି। ଜବତ ୪ଟନ କାଠର ମୂଲ୍ୟ ୫ ଲକ୍ଷ ଟଙ୍କା ହେବ ବୋଲି ଜଣାପଡିଛି। ଜବତ କାଠକୁ ଓଡିଶା ବନ ଉନ୍ନୟନ ନିଗମ (ଓଏଫଡିସି) କୁ ହସ୍ତାନ୍ତର କରାଯିବ ବୋଲି ବନପାଳ କାଳିନ୍ଦି ଚରଣ ସାମଲ ପ୍ରକାଶ କରିଛନ୍ତି।

# ବନ ମହୋତ୍ସବରେ ସବୁଜ ସାଥି ଓ ମା ପାଇଁ ଗଛଟିଏ

କେନ୍ଦୁଝର,(ସବ୍ୟୁ) : ପରିବେଶ ସୁରକ୍ଷା, ସବୁଜ ପରିବେଶ ଗଠନ ଏବଂ ବୃକ୍ଷରୋପଣ ପ୍ରତି ସାଧାରଣ ଜନତାଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଇଞ୍ଚୋଳ ବିକାଶ ମଞ୍ଚ ଓ ନୂଆରମ୍ପାସ ଯୁବକ ସଂଘର ମିଳିତ ଆନୁକୂଲ୍ୟରେ ଇଞ୍ଚୋଳ- ନୂଆରମ୍ପାସ ସଂଯୋଗୀକରଣ ରାସ୍ତାରେ ବନ ମହୋତ୍ସବ ଉତ୍ସାହ ଓ ଆନ୍ତରିକତାର ସହ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମଟି ଯୁବ ଲେଖକ, ପତ୍ରକାର, ପ୍ରକୃତି ବନ୍ଧୁ ତଥା ବନ୍ୟପ୍ରାଣୀ ସଂରକ୍ଷଣ ପୁରସ୍କାରପ୍ରାପ୍ତ ସାମାଜିକ କର୍ମୀ ଚନ୍ଦନ ପଣ୍ଡାଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବଉଳ, ନିମ୍ବ, ବର, ଅଶ୍ୱତ୍ଥ,ପେସ୍ତା ସମେତ ବିଭିନ୍ନ ପ୍ରଜାତିର ଫଳଜ, ଔଷଧୀୟ ଓ ଛାୟାପ୍ରଦାନକାରୀ ଚାରା ରୋପଣ କରାଯାଇଥିଲା। ବିଭିନ୍ନ ବର୍ଗର ବ୍ୟକ୍ତିତ୍ୱ ଯଥା ନୃସିଂହ ଚରଣ ପଣ୍ଡା , ବିଶ୍ୱନାଥ ଜେନା , ଧନେଶ୍ୱର ରାଉତ ପ୍ରମୁଖ ଯୋଗଦାନ କରି କେବଳ ବୃକ୍ଷରୋପଣରେ ସୀମିତ ନ ରହି ରୋପିତ ଚାରାଗୁଡ଼ିକର ସୁରକ୍ଷା, ନିୟମିତ ପରିଚର୍ଯ୍ୟା ଓ ସଂରକ୍ଷଣ ପାଇଁ ଉପସ୍ଥିତ ସମସ୍ତେ ସଂକଳ୍ପ ନେବାକୁ ଆହ୍ୱାନ ,ସାଂସ୍କୃତିକ ,ଚିରଞ୍ଜୀବ,ସଂପନ୍ନଦେଇଥିଲେ ।ଏହି ଅବସରରେ ଉପସ୍ଥିତ ସମସ୍ତେ ଜଳବାୟୁ ପରିବର୍ତ୍ତନ, ଅସହ୍ୟ ଗ୍ରୀଷ୍ମପ୍ରବାହ ଓ ପରିବେଶ ପ୍ରଦୂଷଣ ଭଳି ବିଶ୍ୱବ୍ୟାପୀ ସମସ୍ୟାର ମୁକାବିଲା ପାଇଁ ବୃକ୍ଷରୋପଣ ହେଉଛି ସବୁଠାରୁ ସହଜ ଓ ପ୍ରଭାବଶାଳୀ ଉପାୟ। ତେଣୁ ପ୍ରତ୍ୟେକ ନାଗରିକ ବର୍ଷକୁ ଅତି କମରେ ଗୋଟିଏ ଗଛ ଲଗାଇ ତାହାର ସୁରକ୍ଷା କରିବାକୁ ଆଗେଇ ଆସିବା ଉଚିତ ବୋଲି ଆଲୋଚନାର ନିଷ୍କର୍ଷ ହୋଇଥିଲା । ଯୁବ ଆଇନଜୀବୀ ଜ୍ୟୋତିର୍ମୟ ପଣ୍ଡାଙ୍କ ସଂଯୋଜନାରେ ଇଞ୍ଚୋଳ ବିକାଶ ମଞ୍ଚ ଓ ନୂଆରମ୍ପାସ ଯୁବକ ସଂଘର ସଦସ୍ୟ ଯଥା ଶାନ୍ତନୁ ଖୁଣ୍ଟିଆ ,ଗଣେଶ ରାଉତ ,ସୁଶାନ୍ତ କୁମାର ସନ୍ଧିବିଗ୍ରହ ,ଅଖିଳଜୀ ସାହୁ,ସୁଞ୍ଜୁଲତା ସାହୁ,କହ୍ନେଇ ଚରଣ ପରେଇ,ପ୍ରବୀର କୁମାର ନାୟକ, ପ୍ରିୟବ୍ରତ ଲେଙ୍କା,ଦୀପୁନ ପଣ୍ଡା, ସୁଶାନ୍ତ ଜେନା, ନାରାୟଣ ଦାସଙ୍କ ସମେତ ବହୁ ଯୁବକ, ବୁଦ୍ଧିଜୀବୀ, ସମାଜସେବୀ ଏବଂ ଗ୍ରାମବାସୀ ଯୋଗଦେଇ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମସ୍ତଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସଫଳତାର ସହ ସମ୍ପନ୍ନ ହୋଇଥିଲା ।ଶେଷରେ ଆୟୋଜକମାନେ କହିଥିଲେ ଯେ, କେବଳ ଗୋଟିଏ ଦିନର ବୃକ୍ଷରୋପଣ ନୁହେଁ, ବରଂ ବର୍ଷସାରା ବୃକ୍ଷର ସୁରକ୍ଷା ଓ ପରିବେଶ ସଂରକ୍ଷଣ ପାଇଁ ସମସ୍ତଙ୍କ ସହଭାଗିତା ହିଁ ବନ ମହୋତ୍ସବର ପ୍ରକୃତ ସାର୍ଥକତା।

## ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

# ଦୁଇ ମାସରେ ଉଛୁଳୁଛି ପାଇଖାନା ଟାଙ୍କି, ଉପରୁ ତଳ ପର୍ଯ୍ୟନ୍ତ ଭିଜୁଛି କାନ୍ଥ

ଠାକୁରମୁଣ୍ଡା, (ସବ୍ୟୁ) : କୋଟି କୋଟି ଟଙ୍କାରେ ନିର୍ମିତ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ କୋଠା ଦେଖିବାକୁ ଚକ ଚକ । ମାତ୍ର ଭିତର ଟି ଖୋଳ ।କାମ ସାରି ଚାଲିଗଲେଣି କଣ୍ଟ୍ରାକ୍ଟର । ଏବେ ଦୁର୍ଦ୍ଦଶା ଭୋଗୁଛନ୍ତି ଲୋକେ । ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନୂତନ କୋଠା ଘର ନିର୍ମାଣ ପରେ ଦୁଇ ମାସ ହେଲା କାର୍ଯ୍ୟକ୍ଷମ ହୋଇଛି । ଦୁଇ ମାସରେ ଦୁଃଖ ବଳିଗଲାଣି । ପାଇଖାନା ଟାଙ୍କି ଉଛୁଳି ମଇଳା ପାଣି ବଜାର କେନାଲକୁ ଆସୁଛି । କେନାଲ ସର୍ବତ୍ର ବନ୍ଦ ଥିବାରୁ ମଇଳା ପାଣି ଜମି ରହୁଛି । ବଜାର ଲୋକ ଗନ୍ଧରେ ଅତିଷ୍ଠ । ସବୁଦିନିଆ ରାସ୍ତା ବନ୍ଦ ହୋଇ କାମ ହେବା ଫଳରେ ବିକଳ୍ପ ଗେଟ ଖୋଲା ହେବାରୁ ଏହା ନଜରକୁ ଆସିଲା । ଦ୍ୱିତୀୟ ଗେଟ ନିକଟରେ ରହିଛି ପାଇଖାନା ଟାଙ୍କି । ଏହାର ବିଧିବଦ୍ଧ ତଦନ୍ତ ହେବା ସହ ପ୍ରତିକାର ବ୍ୟବସ୍ଥା ଦାବି ହେଉଛି ।ଅନ୍ୟ ଏକ ବଡ଼ ସମସ୍ୟା ହେଲା ବିଲଡିଂ ଉପରୁ ତଳ ପର୍ଯ୍ୟନ୍ତ କାନ୍ଥ ଓଦା ହେଉଛି । ଅତି କମ ଦିନରେ ଛାଡ଼ିଯିବ ପ୍ଲାଷ୍ଟର ଏବଂ କାନ୍ଥ ଖସିବା ପାଇଁ ମଧ୍ୟ ବେଶି ସମୟ ଲାଗିବ ନାହିଁ । ତେଣୁ ତୁରନ୍ତ ପ୍ରତିକାର ବ୍ୟବସ୍ଥାକରିବା ପାଇଁ ସାଧାରଣଇ ଦାବି ହେଉଛି।

# ଇମାମି ଗୁଣ୍ଡିଚା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

ବାଲେଶ୍ୱର, (ସବ୍ୟୁ) : ବାଲେଶ୍ୱର ଜିଲ୍ଲାର ରେମୁଣା ଶିଳ୍ପାଞ୍ଚଳ ସ୍ଥିତ ଇମାମି ନଗରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଉତ୍ସବ ଅବସରରେ ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ପୂର୍ବାହ୍ନ ୧୦:୩୦ ରେ ତୁଳସୀ ଅଭିଷେକ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୩:୩୦ ରୁ ୫:୩୦ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୨୭ ଜଣ ପ୍ରତିଯୋଗୀଙ୍କ ମଧ୍ୟରେ ଆନ୍ତର୍ବିଦ୍ୟାଳୟ ବିଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ବିଜୟୀ ଦଳକୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପ୍ରତିଯୋଗିତାକୁ ଶିକ୍ଷାବିଦ୍ ଭରତ ଚନ୍ଦ୍ର ମହାନ୍ତି ଓ ରେମୁଣା କଲେଜର ପ୍ରଧାନାଚାର୍ଯ୍ୟ ଗିରିଶ ଚନ୍ଦ୍ର ସାରଙ୍ଗୀ ପରିଚାଳନା କରିଥିଲେ। ସନ୍ଧ୍ୟା ୫:୩୦ ରୁ ୬:୩୦ ପର୍ଯ୍ୟନ୍ତ କୁନି କୁନି ଶିଶୁମାନଙ୍କ ଦ୍ୱାରା ନୃତ୍ୟ ପ୍ରଦର୍ଶନୀ ଦର୍ଶକମାନଙ୍କୁ ମନୋମୁଗ୍ଧ କରିଥିଲା। ସନ୍ଧ୍ୟା ୬:୩୦ରୁ ବୃନ୍ଦାବନରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ରାସଲୀଳା ପରିବେଷଣ କରାଯାଇଥିଲା। ଆଜିର ନୃସିଂହ ଅବତାରର ଅତ୍ୟନ୍ତ ଚିତ୍ତାକର୍ଷକ ଓ ମନୋମୁଗ୍ଧକର ପ୍ରଦର୍ଶନ ହୋଇଥିଲା । ଇମାମି ଗ୍ରୁପର ଅନ୍ୟତମ ପ୍ରତିଷ୍ଠିତ ନିର୍ଦ୍ଦେଶକ ଓ ଏହି ଭବ୍ୟ ରଥଉତ୍ସବର ପ୍ରେରଣାଦାୟକ ମାର୍ଗଦର୍ଶକ ସୁଶୀଲ ଗୋୟେଙ୍କା, ମୁଖ୍ୟ ପରିଚାଳନା ନିର୍ଦ୍ଦେଶକ ସୁଶୀଲ କୁମାର ଖୈତାନଙ୍କ ଗରିମାମୟ ନେତୃତ୍ୱ ସହିତ, ଆଇଟିଆର୍ ଚାନ୍ଦିପୁରର ଡାଇରେକ୍ଟର କେ. ସୁଚେନ୍ଦ୍ର ଏବଂ ନୀଳଗିରିର ମହାରାଣୀ ମାନସୀ ମଞ୍ଜରୀ ଦେବୀଙ୍କ ଗୌରବମୟ ଉପସ୍ଥିତିରେ ଆଜିର କାର୍ଯ୍ୟକ୍ରମ ଅତ୍ୟନ୍ତ ସୁସଂଘଟିତ ଓ ସଫଳତାର ସହ ଅନୁଷ୍ଠିତ ହୋଇଥିଲା।

# ବେଲାଣପୁରା ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ଚିକିତ୍ସା ଶିବିର

ବେତନଟୀ, (ସବ୍ୟୁ) : ଇଣ୍ଟର୍ ନେସନାଲ ନେଚରପ୍ୟାଥି ଅର୍ଗାନାଇଜେସନ ଏବଂ ଏସିଆ ମହାଦେଶର ସର୍ବବୃହତ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ହେଲଥ ଭିଲାର ମିଳିତ ଆନୁକୁଲ୍ୟରେ ଏକ ବିଶାଳ ମାଗଣା ପ୍ରାକୃତିକ ଚିକିତ୍ସା ଶିବିର ବହୁ ମୁଖୀ ବନ୍ୟା ଆଶ୍ରୟ ସ୍ଥଳୀ, ବେଲାଣପୁରା ଠାରେ ଆୟୋଜିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ମମତା ନାଏକ ଉଦଘାଟନ କରିଥିଲେ। ଏହାକୁ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ର ଭାଇସ ପ୍ୟାଟ୍ରୋନ ତଥା ରାଜ୍ୟ ଜୁନିଅର ରେଡକ୍ରସର ସିନିୟର ରିସୋର୍ସ ପାର୍ଶନ ଡକ୍ଟର ରମାକାନ୍ତ ମହାନ୍ତଙ୍କର ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବରେ ହେଲଥ ଭିଲାର ମୁଖ୍ୟ ଡାକ୍ତର ମିଳିନ୍ଦ ପରାସର, ମୁଖ୍ୟବକ୍ତା ଭାବରେ ସେନଚୁରିଆନ ୟୁନିଭରସିଟିର ଚକ୍ଷୁ ବିଭାଗର ଏସୋସିଏଟ ପ୍ରଫେସର ଚକ୍ଷୁ ବିଭାଗର ମୁଖ୍ୟଡାକ୍ତର




ଅଙ୍କିତା ବନ୍ଦୋପାଧ୍ୟାୟ , ଶ୍ରୀମା ଶ୍ରୀ ଅରବିନ୍ଦ ଯୋଗ ସାଧନା କେନ୍ଦ୍ରର ମୁଖ୍ୟ ଅର୍ଥପେଡ଼ିକ୍ସ ଡାକ୍ତର କିଶୋର କୁମାର ମହାପାତ୍ର ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବରେ ସଂକଳ୍ପର ସମ୍ପାଦକ ପ୍ରଦୀପ କୁମାର ଦାସ ମହାପାତ୍ର, ହେଲଥ ଭିଲ୍ଲା ସ୍ୱାସ୍ଥ୍ୟ ରଥ ର ପ୍ରୋଗ୍ରାମ ମ୍ୟାନେଜର ନାରାୟଣ ମଲ୍ଲିକ ଇଣ୍ଟରନ୍ୟାସନାଲ ନେଚରପ୍ୟାଥୀ ସଂଗଠନ ଓଡିଶା ପୂର୍ବ ଭାଗର ସଂଗଠକ ତଥା ପ୍ରାକୃତିକ ଚିକିତ୍ସକ ଡାକ୍ତର ଦେବରାଜ ସାହୁ, ସ୍ୱାସ୍ଥ୍ୟଦୂତ ଶିଶିର କୁମାର ନାୟକ, ଡାକ୍ତର ଧ୍ରୁବ ଚରଣ ପ୍ରଧାନ ପ୍ରମୁଖ ପ୍ରାକୃତିକ ଚିକିତ୍ସାର ଉପାଦେୟତା ଏବଂ ଉପକାରିତା ବିଷୟରେ ଅଲୋଚନା କହିଥିଲେ। କେ ସି ଏସ ଏନ ହାଇସ୍କୁଲର ଜୁନିଅର ରେଡକ୍ରସ ଏବଂ ଇକୋ କ୍ଲବର ଛାତ୍ରଛାତ୍ରୀ ମାନେ ସାଗତ ସଙ୍ଗୀତ ଏବଂ ସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପାଇଁ ସଚେତନତା ମୂଳକ ସଙ୍ଗୀତ ପରିବେଷଣ କରିଥିଲେ । ସଚ୍ଛୋସେବୀ ଶିକ୍ଷକ ସତ୍ୟରଞ୍ଜନ ଦୁର୍ଗା ପରିଚୟ ପ୍ରଦାନ କରିଥିବା ବେଳେ ଫୋର୍ଡ ସଂଗଠନର ସମ୍ପାଦକ ଶିକ୍ଷକ ସନ୍ତୋଷ କୁମାର ଖଣ୍ଡା ସାଗତ ଭାଷଣ ପ୍ରଦାନ କରିଥିଲେ । ସାମ୍ବାଦିକ ତଥା ଯୋଗ ଗୁରୁ ଦୀପକ କୁମାର ମହାନ୍ତ, ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା ଏବଂ ପରିଚାଳନା କରିଥିଲେ । ପରିଶେଷରେ ସଚ୍ଛୋସେବୀ ଶରତ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପୁଷ୍ପାଞ୍ଜଳି ଜେନା, ସ୍ମିତା ମହାପାତ୍ର, ତ୍ରୈଲୋକ୍ୟ ଦୁର୍ଗା, ଶୁଭମ ଦୁର୍ଗା, ସମାଜ ସେବୀ ଗତିକୃଷ୍ଣ ମହାନ୍ତ,ଭାଗ୍ୟଶ୍ରୀ ପ୍ରଧାନ, ମୋନାଲିସା କର ସହଯୋଗ କରିଥିଲେ। ସ୍ୱେଚ୍ଛାସେବୀମାନେ ସରକାରଙ୍କ ଠାରୁ ଟଙ୍କାଟିଏ ସାହାଯ୍ୟ ନ ନେଇ ୧୩୦ ରୁ ଅଧିକ ଲୋକଙ୍କୁ ଦେଲେ ସୁସ୍ଥ ନିରାମୟ ସୁଖୀ ଜୀବନ ର ମନ୍ତ୍ର । ଏହା ସହ ଡାଇବେଟିସ ରୋଗୀଙ୍କୁ ଫ୍ରୀ ରକ୍ତ ପରୀକ୍ଷା, ଚକ୍ଷୁ ସମସ୍ୟା ରୋଗୀଙ୍କୁ ଫ୍ରୀ ରେ ଚଷମା ଏବଂ ଆଣ୍ଠୁ ଗଣ୍ଠି ରୋଗୀଙ୍କୁ ଫିଜିଓଥେରାପି ସହ ମାଲିସ ଏହିଭଳି ଅନେକ ପ୍ରକାରର ରୋଗ ର ଚିକିତ୍ସା କରାଯାଉଥିଲା ।ଏଭଳି କାର୍ଯ୍ୟକ୍ରମର ଆୟୋଜକ ମାନଙ୍କୁ ସର୍ବ ସାଧାରଣରେ ପ୍ରଶଂସା କରା ଯାଉଛି ।

# ଜଗନ୍ନାଥ ସଂସ୍କୃତିଭିତ୍ତିକ ଅଦ୍ୱିତୀୟ ଉପନ୍ୟାସ 'ନୀଳଶୈଳ'



**ଭାସ୍କର ପରିଚ୍ଛା**

ଓଡ଼ିଆ ସାହିତ୍ୟରେ ଏଭଳି କେତେକ ଉପନ୍ୟାସ ଲେଖା ହୋଇଛି, ଯେଉଁଗୁଡ଼ିକ କେବଳ ଗୋଟିଏ ଗୋଟିଏ ସାହିତ୍ୟକୃତି ନୁହେଁ, ଏକ ଜାତିର ସାଂସ୍କୃତିକ ଚେତନାର ଅଭିବ୍ୟକ୍ତି ମଧ୍ୟ । ସୁରେନ୍ଦ୍ର ମହାନ୍ତିଙ୍କ 'ନୀଳଶୈଳ' ସେହିଭଳି ଏକ କାଳଜୟୀ ଐତିହାସିକ ଉପନ୍ୟାସ । ଏହା କେବଳ ଅତୀତର ଘଟଣାବଳୀର ବର୍ଣ୍ଣନା ନୁହେଁ ବରଂ ଓଡ଼ିଶାର ଇତିହାସ, ସଂସ୍କୃତି, ଧାର୍ମିକ ପରମ୍ପରା ଏବଂ ଜାତୀୟ ଅସ୍ମିତାର ଏକ ଅନନ୍ୟ ସାହିତ୍ୟିକ ଦଲିଲ । 'ନୀଳଶୈଳ' ଓଡ଼ିଆ ଜାତିର ପ୍ରାଣତନ୍ତ୍ରୀର ସ୍ପନ୍ଦନ କହିଲେ ଅତ୍ୟୁକ୍ତି ହେବ ନାହିଁ । 'ନୀଳଶୈଳ' କେବଳ ଏକ ଐତିହାସିକ କାହାଣୀ ନୁହେଁ, ବରଂ ଓଡ଼ିଆ ଚେତନା ଓ ସଂସ୍କୃତିର ଏକ ସମୁଜ୍ଜ୍ୱଳ ପ୍ରତିବିମ୍ବ ।



ସୁରେନ୍ଦ୍ର ମହାନ୍ତି (୧୯୨୨-୧୯୯୦) ଓଡ଼ିଆ ସାହିତ୍ୟର ଅନ୍ୟତମ ଶ୍ରେଷ୍ଠ କଥାକାର । ଉପନ୍ୟାସ, ଗଳ୍ପ, ପ୍ରବନ୍ଧ, ଜୀବନୀ, ଭ୍ରମଣକାହାଣୀ ଓ ସମାଲୋଚନା ମିଶାଇ ସେ ପଚାଶରୁ ଅଧିକ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କର ସାହିତ୍ୟିକ ଅବଦାନ ପାଇଁ ସେ ସାହିତ୍ୟ ଏକାଡେମୀ ପୁରସ୍କାର, ସାରଳା ପୁରସ୍କାର ଏବଂ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ ହୋଇଥିଲେ । ସଙ୍ଗୀତମୟ ଗଦ୍ୟ, ମୌଳିକ ବିଷୟବସ୍ତୁ ଓ ଅଭିନବ ଶୈଳୀ ତାଙ୍କୁ ଓଡ଼ିଆ ସାହିତ୍ୟରେ ଏକ ଅନନ୍ୟ ସ୍ଥାନ ପ୍ରଦାନ କରିଛି ।

ଅଷ୍ଟାଦଶ ଶତାବ୍ଦୀର ଉତ୍ତାଳ ରାଜନୈତିକ ପୃଷ୍ଠଭୂମିରେ ରଚିତ ଏହି ଉପନ୍ୟାସର ଲେଖକ ଐତିହାସିକ ସତ୍ୟ ଓ କଳ୍ପନାର ଏକ ସୁନ୍ଦର ସମନ୍ୱୟ ଜରିଆରେ ଉପସ୍ଥାପନ କରିଛନ୍ତି । ପ୍ରେମ, ତ୍ୟାଗ, ବିଶ୍ୱାସଘାତକତା, ସାହସ ଓ ଆତ୍ମବଳିଦାନର ଅନେକ ଉପାଖ୍ୟାନ ଏହି କାହାଣୀକୁ ଅଧିକ ଜୀବନ୍ତ କରିଛି ।

'ନୀଳଶୈଳ'ର ସବୁଠାରୁ ବଡ଼ ଶକ୍ତି ହେଉଛି ଏହାର ମାନବୀୟ ଦୃଷ୍ଟିଭଙ୍ଗୀ । ସରଦେଇ ପରିକଳ୍ପିତ ଚରିତ୍ରମାନେ ଇତିହାସର ଅଂଶ ନ ହୋଇଥିଲେ ମଧ୍ୟ ସେମାନଙ୍କ ଯନ୍ତ୍ରଣା, ସଂଘର୍ଷ ଓ ଆଶା ସମଗ୍ର ଓଡ଼ିଶାର ଜନଜୀବନର ପ୍ରତୀକ ପାଲଟିଯାଇଛି । ଏହି କାରଣରୁ ଉପନ୍ୟାସଟି କେବଳ ଐତିହାସିକ ଘଟଣାର ବିବରଣୀ ନୁହେଁ, ବରଂ ମଣିଷର ଚିରନ୍ତନ ଅନୁଭୂତିର ଏକ ଗଭୀର ଆଖ୍ୟାନ ।


ସୁରେନ୍ଦ୍ର ମହାନ୍ତିଙ୍କ ଦୃଷ୍ଟିରେ ଜଗନ୍ନାଥ କୌଣସି ଏକ ଧର୍ମ, ସମ୍ପ୍ରଦାୟ କିମ୍ବା ମତବାଦର ସୀମାରେ ଆବଦ୍ଧ ନୁହନ୍ତି । ବିଶ୍ୱାବସୁଠାରୁ ଆରମ୍ଭ କରି ଇନ୍ଦ୍ରଭୂତି, ଶଙ୍କରାଚାର୍ଯ୍ୟ, ରାମାନୁଜ, ଶ୍ରୀଚୈତନ୍ୟ, ଗୁରୁ ନାନକ ଏବଂ ସାଲବେଗ ପର୍ଯ୍ୟନ୍ତ ବିଭିନ୍ନ ପରମ୍ପରାର ସାଧକମାନେ ଜଗନ୍ନାଥଙ୍କ ମଧ୍ୟରେ ନିଜ ଆରାଧ୍ୟଙ୍କୁ ଦର୍ଶନ କରିଛନ୍ତି । ସେହିପରି ଉପନ୍ୟାସରେ ଚିତ୍ରିତ ସଂଘର୍ଷ କୌଣସି ଧର୍ମ ବିରୋଧୀ ନୁହେଁ ଏହା ମାନବତା, ସହିଷ୍ଣୁତା, ସମତା ଓ ସାର୍ବଜନୀନ ପ୍ରେମର ସପକ୍ଷରେ ଏକ ଚିରନ୍ତନ ସଂଗ୍ରାମ ।

ଏହି କାଳଜୟୀ ଉପନ୍ୟାସର ଇଂରାଜୀ ଅନୁବାଦ କରିଛନ୍ତି ଅଧ୍ୟାପକ ଓ ଦ୍ୱିଭାଷୀ ଅନୁବାଦକ ଜଗନ୍ନାଥ ଦାସ । ବି କେ କ୍ଲାସିକ୍ସ ପକ୍ଷରୁ ଏହା ପ୍ରକାଶିତ ହୋଇଛି । ଅନୁବାଦକଙ୍କ ମତରେ, 'ନୀଳଶୈଳ'ର ମୂଳ ଆକର୍ଷଣ କେବଳ ଇତିହାସ ନୁହେଁ ବରଂ ମଣିଷର ଯନ୍ତ୍ରଣା, ଆଶା ଓ ଜୀବନ ସଂଘର୍ଷର ସାର୍ବଜନୀନ କାହାଣୀ । ଓଡ଼ିଆ ଭାଷା ଓ ସଂସ୍କୃତିର ଗଭୀରତାକୁ ଅକ୍ଷୁଣ୍ଣ ରଖି ସେ ଅନୁବାଦକୁ ସରଳ, ସ୍ୱାଭାବିକ ଓ ପାଠକପ୍ରିୟ କରିବାରେ ସଫଳ ହୋଇଛନ୍ତି । ପୁସ୍ତକରେ ସଂଯୋଜିତ ଶବ୍ଦକୋଷ ଅଣଓଡ଼ିଆ ପାଠକଙ୍କ ପାଇଁ ମଧ୍ୟ ଏହାକୁ ଅଧିକ ଉପଯୋଗୀ କରି ପାରିଛି ।

## ପୁନରାବଲୋକନ-୨୧

କେନ୍ଦ୍ରବିନ୍ଦୁ ହେଉଛି ପୁରୀର ଶ୍ରୀଜଗନ୍ନାଥ ମନ୍ଦିର । ସୁରେନ୍ଦ୍ର ମହାନ୍ତି ଜଗନ୍ନାଥଙ୍କୁ କେବଳ ଧାର୍ମିକ ଦେବତା ଭାବେ ନୁହେଁ, ବରଂ ଓଡ଼ିଆ ଜାତିର ସାଂସ୍କୃତିକ ଆତ୍ମା ଓ ଏକତାର ପ୍ରତୀକ ଭାବେ ଚିତ୍ରଣ କରିଛନ୍ତି । ଉପନ୍ୟାସରେ ଜଗନ୍ନାଥ ସଂସ୍କୃତିର ମହିମା ସହ ଓଡ଼ିଶାର ଗୌରବମୟ ଇତିହାସ, ମାନବୀୟ ସମ୍ପର୍କର ଜଟିଳତା ଓ ଚରିତ୍ରମାନଙ୍କର ଅନ୍ତର୍ଦ୍ୱନ୍ଦ୍ୱକୁ ଅସାଧାରଣ କଳାତ୍ମକତାରେ ଉପସ୍ଥାପନ କରାଯାଇଛି ।

**ଆଜି ମଧ୍ୟ 'ନୀଳଶୈଳ' କେବଳ ଏକ ଐତିହାସିକ ଉପନ୍ୟାସ ଭାବରେ ନୁହେଁ ଏହା ଓଡ଼ିଆ ଅସ୍ମିତା, ଜଗନ୍ନାଥ ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ଏକ ଅକ୍ଷୟ କୃତି । ମୂଳ ଓଡ଼ିଆ ରଚନା ହେଉ କି ଇଂରାଜୀ ଅନୁବାଦ ହେଉ-ଉଭୟ ରୂପରେ ଏହି କୃତି ଭାରତୀୟ ଐତିହାସିକ ଉପନ୍ୟାସ ସାହିତ୍ୟରେ ଏକ ଅବିସ୍ମରଣୀୟ ସ୍ଥାନ ଅଧିକାର କରିଛି ।**



ଉପନ୍ୟାସର କାହାଣୀ ଗଜପତି ମହାରାଜା ରାମଚନ୍ଦ୍ର ଦେବ ଦ୍ୱିତୀୟଙ୍କ ଶାସନକାଳକୁ କେନ୍ଦ୍ର କରି ଆଗେଇଛି । ସେହି ସମୟରେ କଟକର ନାଏବ ନାଜିମ ତକି ଖାଁ ଶ୍ରୀମନ୍ଦିର ଉପରେ ଆକ୍ରମଣ କରି ଜଗନ୍ନାଥ ସଂସ୍କୃତିକୁ ଧ୍ୱଂସ କରିବା ସହିତ ଓଡ଼ିଆ ଅସ୍ମିତାକୁ ମୂଳୋତ୍ପାଟନ କରିବାର ଷଡଯନ୍ତ୍ର ରଚିଥିଲେ । ଏହି ସଂକଟପୂର୍ଣ୍ଣ ପରିସ୍ଥିତିରେ ଜଗନ୍ନାଥଙ୍କ ମର୍ଯ୍ୟାଦା ଓ ଓଡ଼ିଶାର ସମ୍ମାନ ରକ୍ଷା ପାଇଁ ରାମଚନ୍ଦ୍ର ଦେବଙ୍କ ସଂଘର୍ଷକୁ

ଆଜି ମଧ୍ୟ 'ନୀଳଶୈଳ' କେବଳ ଏକ ଐତିହାସିକ ଉପନ୍ୟାସ ଭାବରେ ନୁହେଁ ଏହା ଓଡ଼ିଆ ଅସ୍ମିତା, ଜଗନ୍ନାଥ ସଂସ୍କୃତି ଓ ମାନବିକ ମୂଲ୍ୟବୋଧର ଏକ ଅକ୍ଷୟ କୃତି । ମୂଳ ଓଡ଼ିଆ ରଚନା ହେଉ କି ଇଂରାଜୀ ଅନୁବାଦ ହେଉ-ଉଭୟ ରୂପରେ ଏହି କୃତି ଭାରତୀୟ ଐତିହାସିକ ଉପନ୍ୟାସ ସାହିତ୍ୟରେ ଏକ ଅବିସ୍ମରଣୀୟ ସ୍ଥାନ ଅଧିକାର କରିଛି ।

**(ଲେଖକ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଜଣେ ସୁଲେଖକ ଭାବେ ପରିଚିତ)**
**ଭୁବନେଶ୍ୱର,ମୋ-୯୩୩୭୫୦୮୫୯୨**

*ସାହିତ୍ୟ ପୃଷ୍ଠାପାଇଁ ଗଳ୍ପ, ପ୍ରବନ୍ଧ, କବିତା ଆଦି ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ । (ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ)*
samayaeditorial2021@gmail.com

## ଏ ସପ୍ତାହର ତାରୋଟି କବିତା



### ଡାକେ ଆଡ଼ପ ମଣ୍ଡପ



**ସନ୍ତୋଷ କୁମାର ସେଠୀ**

ସାତଶ ପଚାଶ କୋଶୁ ଡାକିଥିଲେ
ଦିନେ ଭକ୍ତ ସାଲବେଗ
ଆହେ ମହାପ୍ରଭୁ ମୋହ ଯିବା ଯାଏଁ
ନନ୍ଦିଘୋଷେ ରହିଥିବ ।

ମୁଁ ଜଣେ ପତିତ ଶ୍ରୀମନ୍ଦିର ମନା
ଦର୍ଶନ କରିବା ପାଇଁ
ସେଥିପାଇଁ ତୁମେ ରତ୍ନ ବେଦୀ ଛାଡି
ଓହ୍ଲେଇ ଆସ ଗୋସାଇଁ ।

କିଏ ଜାଣେ ପ୍ରଭୁ ଆର ବରଷକୁ
ଥିବି କି ନ ଥିବି ମୁହିଁ
ବଡ଼ଦାଣ୍ଡେ ନନ୍ଦିଘୋଷେ ଦରଶନ
ଏତିକି ମନେ ବାଞ୍ଛଇ ।

ଭକତ ବତ୍ସଳ ଅନ୍ତର୍ଯ୍ୟାମୀ ପ୍ରଭୁ
ବଡଦାଣ୍ଡେ ରହିଥିଲେ
ସାଲବେଗ ମନୋବାଞ୍ଛା ପୂର୍ଣ୍ଣ କରି
ଦରଶନ ଦେଇଥିଲେ ।

ଏବେ କେଉଁ ଭକ୍ତ ଡାକିଲା ହେ ପ୍ରଭୁ
ବଡଦାଣ୍ଡେ ଅଟକିଲ
ଧନ୍ୟ ମହାପ୍ରଭୁ ଧନ୍ୟ ତୁମ ଲୀଳା
ଭକ୍ତକୁ ଧନ୍ୟ କରିଲ ।

ହଟିଆ ଠାକୁର ହଟ ଛାଡି ଚାଲ
ଜଲଦି ଜନମବେଦୀ
ମାଉସୀ ଦୁଆରେ ରହିଲେ ରାତିଏ
ମାଆ ମନ ହୁଏ ରୁନ୍ଧି ।

ଭକତ ପ୍ରେମରେ ଏମିତି ମାତିଛ
ମାଆର ମମତା ବୁଝ,
ଆହେ ମହାବାହୁ କରନାହିଁ ଡେରି
ଡାକେ ଆଡ଼ପ ମଣ୍ଡପ ।

**ଉପ-ନିର୍ଦ୍ଦେଶକ, ସୂଚନା ଓ ଲୋକସମ୍ପର୍କ ବିଭାଗ, ପୁରୀ**
**ମୋ-୯୪୩୭୩୦୨୬୧୮**

### ବଡ଼ଦାଣ୍ଡେ ତିନିଦିଅଁ



**ହରପ୍ରିୟା ରାଉତରାୟ**

ଶଙ୍ଖକ୍ଷେତ୍ର ଆଜି ଉଚ୍ଛୁଳି ପଡୁଛି
ଭକତଙ୍କ ଛୁଟେ ସୁଅ
ରଥ ଯାଏ ଚାଲି ଚକ ଯାଏ ଗଡ଼ି
ବଡ଼ଦାଣ୍ଡେ ତିନି ଦିଅଁ । (୦)

ଜନମବେଦିକି ଯିବେ ଆଜି ପ୍ରଭୁ
ଖୁସିରେ କଲ୍ୟାଣମୟ
ମାଉସୀ ଚାହିଁଛି ଜଗା ବାଟ ଜଗି
ଦେଖିବ କାଳିଆମୁହଁ
ବଡ଼ଦାଣ୍ଡେ .. .. .. । (୧)

ଚକାଆଖି ଦେଖି ମନ ଯାଏ ଲାଖି
ଆଖିରେ ଆନନ୍ଦ ଲୁହ
ନାଥ ଆଗମନେ ଶ୍ରୀମୁଖ ଦର୍ଶନେ
ଛାଡ଼ିଯାଏ ମାୟାମୋହ
ବଡ଼ଦାଣ୍ଡେ .. .. .. । (୨)

**ମୋ - ୯୪୩୭୫୨୨୭୯୨**

### ପହଣ୍ଡି ବିଜେ



**ପ୍ରତିଭା ପ୍ରଧାନ**

ଭାବସମୁଦ୍ରରେ ଜୁଆର ଉଠିଛି
କରିବାକୁ ଆଲିଙ୍ଗନ,
ଆସୁଛନ୍ତି ଦେଖ କାଳିଆ ସାଆନ୍ତେ
ହେବ ଅପୂର୍ବ ମିଳନ ।

ଦର୍ଶନ ବ୍ୟାକୁଳ ହୃଦେ ଭାବାରୋଳ
ଆତୁର ଜଗତବାସୀ,
ପବିତ୍ର ହୋଇବ ଚର୍ମଚକ୍ଷୁ ଆଜ
ଦେଖି ନୀଳାଚଳବାସୀ
ଚକାଆଖି ସବୁ ଭଲମନ୍ଦ ବୁଝି
କରିବେ ଅଭୟଦାନ ।

ପହଣ୍ଡିଯାତରେ ଆସୁଛନ୍ତି ହଲି
ମେଦିନୀ ପଡେ ଉଛୁଳି
ଜୟ ଜଗନ୍ନାଥ ଡାକ ଗୁଞ୍ଜରୁଛି
ଉଡେ ବଡ଼ଦାଣ୍ଡ ଧୂଳି
ଚାରମାଳ ଫିଟା ନୀତି ସରିଲାଣି
ଉଲ୍ଲସିତ ତ୍ରିଭୁବନ ।

**ଅଧ୍ୟାପିକା**
**ବି ଜେ ବି ଜୁନିୟର କଲେଜ**
**ଭୁବନେଶ୍ୱର**
**ମୋ-୭୭୩୫୫୭୧୨୬୭**



### ରଥଯାତ୍ରା

**ଶୁଭେନ୍ଦୁ ମହାପାତ୍ର**

ବଡ଼ ଯାତ୍ରା ବୋଲି ରଥଯାତ୍ରା ତୋର
ଜଗତେ ପଡୁଛି ହୁରି,
ଚତୁର୍ଦ୍ଧା ମୂରତି ଦର୍ଶନ କରିବି
ଧାଇଁ ଆସିଛି ମୁଁ ପୁରୀ ।
ବରଷକେ ଥରେ ଆସିଛ ସାଆନ୍ତେ
ବଡ଼ଦାଣ୍ଡ ପରେ ଧାଇଁ,
ଚର୍ମ ଚକ୍ଷୁ ମୋର ପବିତ୍ର ହୋଇବ
ତିନି ଠାକୁରଙ୍କୁ ଚାହିଁ ।
ଟାହିଆ ଝୁଲୁଛି ମର୍ଦ୍ଦଳ ବାଜୁଛି
ଡାହୁକ ଡାକ ଦେଉଛି,
ଘଣ୍ଟ କାହାଳୀରେ ଦାଣ୍ଡ ଦୁଲୁକୁଛି
ରଥ ପଥେ ଗଡୁଅଛି ।
ବଡ଼ ଦେଉଳରୁ ଗୁଣ୍ଡିଚା ମନ୍ଦିର
ଟାଣି ଟାଣି ତତେ ନେବି,
ରଥ ପରେ ଦେଖି ତୋ ରୂପ ଲାବଣ୍ୟ
ଭବ ସାଗରୁ ତରି ଯିବି ।
ତୁମ ପରେ ମୋର ଅତୁଟ ଭରସା
ରହିଛି ହେ ଦାରୁବ୍ରହ୍ମ,
ସବୁ ଅଭାବର ତୁମେ ଯେ ପୂରଣ
ସାହାହୁଅ ପୂର୍ଣ୍ଣବ୍ରହ୍ମ ।
ନିଜକୁ ପାସୋରି ଆପଣାର ମଣେ
ତୁମକୁ ଭକ୍ତବାନ୍ଧବ,
ଜଗତଜନକୁ ବିପଦ ଆପଦେ
ସାହା ହୁଅ ହେ ମାଧବ ।

**ଚାଉଳିଆ, ମଙ୍ଗଳପୁର, ଯାଜପୁର**
**ମୋ-୯୪୩୮୦୬୪୯୦୮**



# କେତେକ କବିଙ୍କ ଦୃଷ୍ଟିରେ 'ବର୍ଷା'



**ମନୋରଂଜନ ମହାନ୍ତି**

ଗ୍ରୀଷ୍ମର ଉଷ୍ଣତା ଶେଷରେ ବର୍ଷା ଆସିଛି । ଦୁର୍ବାଦଳ ଶଯ୍ୟାରେ ଭରିଯାଇଛି ସବୁଜିମା । ବୃକ୍ଷଲତାରେ ବାରିଧାରାର ବିପୁଳ ସ୍ପର୍ଶ । ସବୁଜ ପତ୍ରର ସୀମାହୀନ ଶୋଭାଯାତ୍ରା । ମନେପଡୁଛି ପ୍ରସ୍ରବଣ ଶୈଳରେ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମ ଓ ଅନୁଜ ଲକ୍ଷ୍ମଣଙ୍କ ଅବସ୍ଥାନ କାଳରେ ବର୍ଷାର ଆଗମନ । ଏହାର ବର୍ଣ୍ଣନା ରହିଛି ଗୋସ୍ୱାମୀ ତୁଳସୀ ଦାସଙ୍କ ଶ୍ରୀରାମଚରିତମାନସ ଗ୍ରନ୍ଥରେ । ବର୍ଷାର ବର୍ଣ୍ଣନା କରିବାକୁ ଯାଇ ତୁଳସୀ ଦାସ ମଣିଷର ଅନ୍ତଃପ୍ରକୃତି ଓ ବହିଃପ୍ରକୃତିର ଏକ ସମାନ୍ତରାଳ ଚିତ୍ର ପ୍ରଦାନ କରିଛନ୍ତି ନିମ୍ନ ପ୍ରକାରେ ।



ଆକାଶରେ ମେଘ ଦେଖି ମୟୂରମାନେ ନାଚୁଛନ୍ତି, ଯେମିତି ଭକ୍ତମାନେ ଭବମାୟାକୁ ଉପେକ୍ଷା କରି ନାଚନ୍ତି । ଶୂନ୍ୟମଣ୍ଡଳର ଅମ୍ବୁଦ ମହୀମଣ୍ଡଳର ମାଟି ଆଡ଼କୁ ନଇଁଯାଇ ବର୍ଷିଯାଏ, ଠିକ୍ ଯେମିତି ବିଦ୍ୟା-ସଂପଦ ଅର୍ଜନ କରିଥିବା ଜ୍ଞାନୀମାନେ ନଇଁଯାଆନ୍ତି ଅର୍ଥାତ୍ ନମ୍ର ହୁଅନ୍ତି । ମେଘମାଳାରେ ବିଜୁଳିର ନୃତ୍ୟ ଯେଭଳି କ୍ଷଣସ୍ଥାୟୀ, ଖଳଲୋକଙ୍କ ପ୍ରୀତି ସେଭଳି କ୍ଷଣସ୍ଥାୟୀ । ପର୍ବତଗୁଡ଼ିକ ବର୍ଷାପାତକୁ ସହ୍ୟ କଲା ଭଳି ସଜ୍ଜନମାନେ ଖଳଲୋକଙ୍କ ବଚନ ସହ୍ୟ କରନ୍ତି । ବର୍ଷା ହେତୁ ବାଟର ଦୁଇ ପାର୍ଶ୍ୱରେ ଥିବା ଗଛଗୁଡ଼ିକ ଝଙ୍କାଳିଆ ହୋଇଛି, ପତ୍ରର ବିପୁଳ ସମ୍ଭାର, ଶାଖା ପ୍ରଶାଖାଗୁଡ଼ିକ ବାଟ ଆଡ଼କୁ ମାଡ଼ିଆସିଛି, ତେଣୁ ବାଟୋଇ ବେଳେବେଳେ ବାଟ ମଝିରେ ଅଟକି ଯାଉଛି । ଠିକ୍ ସେମିତି ମଣିଷର ଦିବ୍ୟଜ୍ଞାନ ଉଦୟ ହେଲେ ବିବେକ ତାକୁ ସମୟ ସମୟରେ ଅଟକାଇଦିଏ, ଅର୍ଥାତ୍ ସେ କେଉଁ କାମଟି କରିବ, କେଉଁ କାମଟି ନକରିବ, ସେଥିପାଇଁ ମାର୍ଗଦର୍ଶନ କରେ ।

ନିରବଚ୍ଛିନ୍ନ ବାରିପାତ ହେତୁ ଜଳରାଶି କିଆରି ଲଂଘନ କରି ବହିଯାଉଛି, ଯେମିତି ସ୍ୱେଚ୍ଛାଚାରିଣୀ ନାରୀ ମର୍ଯ୍ୟାଦା ଲଂଘନ କରେ । ନଦୀ ଜଳପୂର୍ଣ୍ଣ ଅଛି, ଜଳସ୍ରୋତର ଆଘାତ ପ୍ରଭାବରେ ତୀରଦେଶସ୍ଥ ବୃକ୍ଷ ଉପୁଡ଼ି ପଡୁଛି ଅର୍ଥାତ୍ ଜଳରାଶିରେ ନିଜକୁ ସମର୍ପି ଦେଉଛି । ଠିକ୍ ଯେମିତି ଲମ୍ପଟର ବଚନ ପ୍ରଭାବରେ ଭ୍ରଷ୍ଟା ନାରୀ ନିଜକୁ ଲମ୍ପଟ ନିକଟରେ ସମର୍ପି ଦିଏ । କିନ୍ତୁ ପର୍ବତ ଯେମିତି ଅଟଳ ରହିଛି, କାମାସକ୍ତ ପୁରୁଷର ଚାଟୁବାଣୀ ଶୁଣି ସୁଦ୍ଧା ସତୀ ନାରୀ ଅଟଳ ରହେ । କୃଷକମାନେ କ୍ଷେତରୁ ବାଲୁଙ୍ଗା ଉପାଡୁଛନ୍ତି, ଯେମିତି ସାଧୁମାନଙ୍କର ଚୈତନ୍ୟ ଉଦୟ ହୋଇଥିବାରୁ ସେମାନେ ଆତ୍ମବଡ଼ିମାର ମୂଳୋତ୍ପାଟନ କରନ୍ତି ।

ଗୋଟେ ପୁଷ୍କରିଣୀ ଜଳରେ ବେଙ୍ଗଟିଏ କ୍ରୂର ସର୍ପ କବଳରେ ପଡ଼ି ବିକଳ ହୋଇ ରାବୁଛି, ଅଥଚ ତା ଆଖି ଆଗରେ ଉଡ଼ିଯାଉଥିବା ଶିଶୁ-କଙ୍କିଟିକୁ ଗିଳିଦେଉଛି । ଠିକ୍ ସେମିତି ମଣିଷମାନେ କାଳ କବଳରେ ପଡ଼ି ଦୁଃଖରେ ଘାରି ହେଉଥିଲେ ବି ଭବଭୋଗ ଲାଳସା ମେଣ୍ଟାଇବାକୁ ମନାସୁଛନ୍ତି । ବର୍ଷାଋତୁ ଉଦ୍ଭିଦମାନଙ୍କର ମିତ୍ର । କିନ୍ତୁ ଜଳ ଗହଳ ହେଲେ ପଦ୍ମଫୁଲ ମରିଯାଏ । ଠିକ୍ ଯେମିତି ମଣିଷ ଅତି ସଂପଦ ଅର୍ଜନ କଲେ ତାହା ତା' ପାଇଁ ବିଷମ ପରିସ୍ଥିତି ସୃଷ୍ଟି କରେ । ସନ୍ଥ ଶିରୋମଣି ତୁଳସୀ ଦାସ ବର୍ଷାକାଳର ବର୍ଣ୍ଣନା ଦବାକୁ ଯାଇ ଜୀବନ ଓ ଜଗତ୍ ସମ୍ବନ୍ଧୀୟ କି ଅନନ୍ୟ, ଅସାଧାରଣ ଦର୍ଶନ ଆମ ଆଗରେ ଉପସ୍ଥାପନ କରିଛନ୍ତି ସତରେ !

**କବିବର ରାଧାନାଥ ରାୟ ସୁନ୍ଦର ଭାବେ ତୁଳସୀ ଦାସଙ୍କ ବର୍ଷା ବିଷୟକୁ ଓଡ଼ିଆରେ ରୂପାନ୍ତର କରିଛନ୍ତି । ଗୋଟିଏ ପଦ ହେଲା, 'ବିଦ୍ୟା ସଂପଦେ ଯଥା ନମନ୍ତି ବୁଧେ' । କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ସଙ୍ଗୀତରେ ମଧ୍ୟ ରହିଛି ବର୍ଷାର ସଙ୍ଗୀତ । ତାହା ହେଲା-'ମଳିନ ମରମ ମୋର ପରଶି ଯା' ସରସା ବରଷା'**

ଇଂରେଜ ପଣ୍ଡିତ ହୋରେସ୍ ହେମ୍ୟାନ୍ ଉଇଲ୍‌ସନ୍ ଯେତେବେଳେ କାଳିଦାସଙ୍କ 'ମେଘଦୂତମ୍' ବହିଟିକୁ ପଢ଼ିଲେ, ଆଶ୍ଚର୍ଯ୍ୟଚକିତ ହେଲେ । ମେଘକୁ ଦୂତ ମନେକରି ଏତେ ସୁନ୍ଦର ରଚନା ସମ୍ଭବ ହୋଇପାରେ ! ରାମଗିରି ପର୍ବତର ଅଗ୍ରଦେଶକୁ ମେଘମାଳା ସ୍ପର୍ଶ କଲାବେଳେ ମହାକବି କାଳିଦାସଙ୍କ କଳ୍ପନାର ଶକ୍ତି ବହୁଗୁଣିତ ହୋଇଛି, ସତେ ଯେପରି ମହାକାଶରୁ ମାଟିକୁ ଅବତରଣ କରୁଛି, ମାଟିରୁ ମହାକାଶକୁ ଆରୋହଣ କରୁଛି ସେ ଶକ୍ତି ବାରମ୍ବାର ବାରମ୍ବାର ଓ କାଳିଦାସଙ୍କ ଲେଖନୀରେ ସ୍ୱତଃସ୍ଫୂର୍ତ୍ତ ଭାବରେ ସଂଚରି ଯାଉଛି । ମେଘ ଓ ମହାକବି ଉଭୟ ଆକର୍ଷଣ କରିଛନ୍ତି ଉଇଲ୍‌ସନ୍ ସାହେବ୍‌ଙ୍କୁ, ଯିଏ ମେଘଦୂତମ୍‌ର ଇଂରାଜୀ ଅନୁବାଦ କରିଛନ୍ତି ଦି କ୍ଲାଉଡ୍ ମେସେଞ୍ଜର' ଶୀର୍ଷକରେ ୧୮୧୩ ମସିହାରେ, ବିଶ୍ୱସାହିତ୍ୟରେ ମେଘଦୂତମ୍‌ର ପ୍ରଥମ ଅନୁବାଦ ।

କବି ରାଧାମୋହନ ଗଡ଼ନାୟକଙ୍କ 'ମାଟିର ମଣିଷ' କବିତାରେ ବର୍ଷାର ଆଗମନରେ ଜଳ-ବର୍ଷିତ ହଳ-କର୍ଷିତ ଜମିର ସୁରଭି ବାସରେ ବିଭୋର ହୁଅନ୍ତି ପାଠକମାନେ । ଦିନେ ଇଂଲଣ୍ଡର କବି ଉଇଲିୟମ୍ ୱାର୍ଡ୍‌ସ୍‌ୱାର୍ଥ୍ ଚାଲି ଚାଲି ଗଲାବେଳେ ଉପରକୁ ଚାହିଁ ଦେଖିଲେ, ପାହାଡ଼ ଓ ଉପତ୍ୟକାର ବହୁ ଊର୍ଦ୍ଧ୍ୱରେ ମହାକାଶରେ ଖଣ୍ଡେ ମେଘ (ବାଦଲ) ନିଃସଙ୍ଗ ହୋଇ ଭାସୁଛି, ଠିକ୍ ଯେମିତି ସେ ନିଜେ ମାଟି ଉପରେ ନିଃସଙ୍ଗ ହୋଇ ଚାଲୁଛନ୍ତି । ହଠାତ୍ ସେ ଦେଖିଲେ ଗୋଟେ ହ୍ରଦର ଜଳତରଙ୍ଗ ମୃଦୁମନ୍ଦ ସମୀରଣର ପ୍ରଭାବରେ ନୃତ୍ୟରତ ଆଉ ହ୍ରଦ କୂଳେ କୂଳେ ଫୁଟିଛି ସୁନ୍ଦର ଫୁଲଗୁଡ଼ିକ, କଳ୍ପନା କଲେ ଫୁଲମାନଙ୍କର ସଂଖ୍ୟା ଦଶହଜାର ହେବ । ପାଠକମାନଙ୍କୁ ବୋଧହୁଏ ସତେ ଯେପରି ୱାର୍ଡ୍‌ସ୍‌ୱାର୍ଥ୍‌ଙ୍କର ଏପରି କଳ୍ପନାପ୍ରବଣତା ଉତ୍ତରିତ ଉଦ୍‌ବେଳିତ ହୋଇଛି ହ୍ରଦର ଜଳରାଶିରୁ ମେଘଖଣ୍ଡ ପର୍ଯ୍ୟନ୍ତ ।

ଆମେରିକାର କବି ୱାଲ୍ଟ ହ୍ୱିଟ୍‌ମ୍ୟାନ୍‌ଙ୍କ ଦି ଭଏସ୍ ଅଫ୍ ଦି ରେନ୍ (ବର୍ଷାର ସ୍ୱର) କବିତାରେ କବି ବର୍ଷାକୁ ପଚାରିଛନ୍ତି ପ୍ରଶ୍ନଟିଏ, ତୁମେ କିଏ ? ବର୍ଷା ଯାହା ଉତ୍ତର ଦେଇଛି, ତାର ମର୍ମାନୁବାଦ ହେବ ଏହିପରି, 'ମୁଁ ପୃଥିବୀର କବିତା । ଗ୍ରୀଷ୍ମଦିନରେ ଜଳାଶୟଗୁଡ଼ିକର ଜଳ ବାଷ୍ପ ହୋଇ ଆକାଶକୁ ଉଠିଯାଏ । ଜଳୀୟବାଷ୍ପ କ୍ରମଶଃ ବଉଦରେ ପରିଣତ ହୁଏ । ବଉଦ ଘନୀଭୂତ ହୋଇ ବର୍ଷା ହୁଏ । ଫଳରେ ଜଳ ଫେରିଆସେ ତାର ମୂଳସ୍ଥାନ ଜଳାଶୟକୁ । ମୁଁ ବର୍ଷା । ମୁଁ ଅବତରଣ କରେ ମହାକାଶରୁ ମାଟିକୁ, ଶୁଷ୍କ ଭୂମିକୁ ଆର୍ଦ୍ର କରେ, ଧୂଳିକୁ ଧୌତ କରେ, ମଂଜିରୁ ଅଙ୍କୁରୋଦ୍‌ଗମ କରେ, ପୃଥିବୀକୁ ନିର୍ମଳ, ସୁନ୍ଦର କରେ । ଯେମିତି କବିର ହୃଦୟରେ ସଙ୍ଗୀତର ସୃଷ୍ଟି ହୁଏ , ତାକୁ କିଏ ଶୁଣୁ କି ନଶୁଣୁ ସିଏ ପୁଣି ଫେରିଆସେ କବି-ହୃଦୟକୁ, ଠିକ୍ ସେମିତି ମୁଁ ବର୍ଷା । ମୁଁ ଆରୋହଣ କରେ ମାଟିରୁ ମହାକାଶକୁ, ପୁଣି ଅବତରଣ କରେ ମହାକାଶରୁ ମାଟିକୁ, ଫେରିଆସେ ମୋର ମୂଳଭୂମିକୁ, ଉତ୍ସକୁ, ମୁଁ କବି-ହୃଦୟର ସଙ୍ଗୀତ, ପୃଥିବୀର କବିତା । ମୁଁ ବର୍ଷା ।'

କବିବର ରାଧାନାଥ ରାୟ ସୁନ୍ଦର ଭାବେ ତୁଳସୀ ଦାସଙ୍କ ବର୍ଷା ବିଷୟକୁ ଓଡ଼ିଆରେ ରୂପାନ୍ତର କରିଛନ୍ତି । ଗୋଟିଏ ପଦ ହେଲା, 'ବିଦ୍ୟା ସଂପଦେ ଯଥା ନମନ୍ତି ବୁଧେ' ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ଜୀବନ ସଙ୍ଗୀତରେ ମଧ୍ୟ ରହିଛି ବର୍ଷାର ସଙ୍ଗୀତ । ତାହା ହେଲା-'ମଳିନ ମରମ ମୋର ପରଶି ଯା' ସରସା ବରଷା'

**ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ**
**ଧର୍ମଶାଳା, ଯାଜପୁର**
**ମୋ-୯୮୫୩୨୮୨୯୬୨**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଘରୋଇ...

ଏହାର ପେଲୋଡ୍ ସଫଳତାର ସହ ସ୍ଥାପନ ହୋଇଛି । ଭାରତର ପ୍ରଥମ ଘରୋଇ ଭାବରେ ବିକଶିତ ଅର୍ବିଟଲ-କ୍ଲାସ୍ ରକେଟ ଯାହା ପ୍ରଥମ ପ୍ରୟାସରେ ଉତ୍କ୍ଷେପଣ ଠାରୁ ଉପଗ୍ରହ ସ୍ଥାପନ ପର୍ଯ୍ୟନ୍ତ ସମସ୍ତ ପର୍ଯ୍ୟାୟ ସଫଳତାର ସହ ଶେଷ କରିଛି । ଏହି ମିଶନ ଆଉ ଏକ ବିଶେଷ ମୁହୂର୍ତ୍ତକୁ ଲିପିବଦ୍ଧ କରିଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ହାତଲେଖା ବନ୍ଦେ ମା'ତରମ ମଧ୍ୟ କକ୍ଷ ପଥକୁ ପଠାଯାଇଥିଲା । ଶ୍ରୀହରିକୋଟାର ସତୀଶଧାୱନ ସ୍ପେସ୍ ଷ୍ଟେସନ ସେଣ୍ଟରରୁ ବିକ୍ରମ-୧ର ଉତ୍କ୍ଷେପଣ କରାଯାଇଥିଲା । ଏହି ସଫଳତାର ସହ ଭାରତ ସେହିସବୁ ଦେଶ ସହ ସାମିଲ ହୋଇଛି ଯେଉଁଠାରେ ଘରୋଇ କମ୍ପାନୀଗୁଡ଼ିକ ସଫଳତାର ସହ ନିଜ କକ୍ଷପଥ ରକେଟ୍ ବିକଶିତ ଓ ଉତ୍କ୍ଷେପଣ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସ୍କାଏରୁଟ୍‌ର ପୁରା ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଛନ୍ତି ଯେ ନିର୍ଦ୍ଧାରିତ ସମୟ ପୂର୍ବରୁ ତୁମର ଲକ୍ଷ ହାସଲ ହୋଇଛି । ମିଶନର ସଫଳତା ପରେ ସ୍କାଏରୁଟ୍‌ର ପ୍ରତିଷ୍ଠାତାମାନେ ପ୍ରଧାନମନ୍ତ୍ରୀଙ୍କ ସହ କଥା ହୋଇଥିଲେ ।

## କ୍ୟାନସର...

କିନ୍ତୁ ଏହି ନୂଆ ପଦକ୍ଷେପ ପରେ ସେମାନଙ୍କୁ ଆଉ ଚିକିତ୍ସା ପାଇଁ ଘର-ଜମି ବିକିବାକୁ ପଡ଼ିବ ନାହିଁ । ରାଜ୍ୟର କୌଣସି ବି ଗରିବ ଲୋକ ଯେପରି ଚିକିତ୍ସା ସେବାରୁ ବଞ୍ଚିତ ନହୁଅନ୍ତି, ସେଥିପାଇଁ ସରକାର ପ୍ରତିଶ୍ରୁତିବଦ୍ଧ । ଆୟୁଷ୍ମାନ କାର୍ଡଧାରୀମାନେ ଉଭୟ ସରକାରୀ ଓ ବେସରକାରୀ ହସ୍ପିଟାଲରେ ଏହି ସୁବିଧା ପାଇପାରିବେ । ଏହା କେବଳ ରୋଗୀଙ୍କ ଜୀବନ ବଞ୍ଚାଇବାରେ ସାହାଯ୍ୟ କରିବ ନାହିଁ, ବରଂ ଓଡ଼ିଶାର ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ନୂତନ ଯୁଗର ଆରମ୍ଭ କରିବ । କ୍ୟାନସର ଭଳି ଦୁରାରୋଗ୍ୟ ବ୍ୟାଧି ସହ ଲଢୁଥିବା ହଜାର ହଜାର ପରିବାର ପାଇଁ ସରକାରଙ୍କ ଏହି ନିଷ୍ପତ୍ତି ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି । "ସୁସ୍ଥ ଓଡ଼ିଶା' ଗଠନ ଦିଗରେ ଏହା ଏକ ଦୃଢ଼ ପଦକ୍ଷେପ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

## ଅନ୍ତିମ...

ନୁହେଁ, କାମରେ ବିଶ୍ୱାସ କରୁ । ନିୟମିତ ଭାବେ କ୍ଷେତ୍ରସ୍ତରରେ ବୁଲି ଲୋକଙ୍କ ସମସ୍ୟା ବୁଝନ୍ତୁ, ସେହି ଅନୁଯାୟୀ ପଦକ୍ଷେପ ନିଅନ୍ତୁ । ୟେସ୍ ୱି କ୍ୟାନ୍ ମନୋବୃତ୍ତି ନେଇ ଲୋକଙ୍କ ସେବା କରନ୍ତୁ । ନିଶ୍ଚିତ ରୂପେ ସଫଳତା ମିଳିବ ।

ଅଧ୍ୟକ୍ଷ ଓ ଉପାଧ୍ୟକ୍ଷମାନଙ୍କୁ ଉପଦେଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଜନସଂଖ୍ୟାର ଏକ-ଚତୁର୍ଥାଂଶ ହେଉଛନ୍ତି ଜନଜାତି । କିନ୍ତୁ, ଏହି ବର୍ଗର ଲୋକମାନେ ବିକାଶଧାରା ଠାରୁ ବହୁତ ପଛରେ ଅଛନ୍ତି । ଆମ ସରକାର କ୍ଷମତାକୁ ଆସିବା ପରେ ସେଥିପାଇଁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଉଛି । ତେଣୁ, ଆମେ କିଭଳି ସେହି ଲୋକମାନଙ୍କ ପାଖରେ ବିକାଶର ଚିତ୍ର ପହଞ୍ଚାଇପାରିବା ସେଥିପ୍ରତି ନିଷ୍ଠାର ସହ କାମ କରିବା ଉଚିତ । ସେ କହିଥିଲେ ଆମ ଜନଜାତି ସଂପ୍ରଦାୟଙ୍କ ଭାଷା, କଳା ଓ ସଂସ୍କୃତି ଅନ୍ୟମାନଙ୍କ ଠାରୁ ସ୍ୱତନ୍ତ୍ର । ଜନଜାତି କଳା ଓ ସଂସ୍କୃତିର ବିବିଧତା ଆମ ଓଡିଶାର ଓ ଦେଶର ସାମଗ୍ରିକ ସଂସ୍କୃତିକୁ ଋଦ୍ଧିମନ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ବିକାଶ ଭି, ବିରାସତ ଭି' ମନ୍ତ୍ରକୁ ଆଧାର କରି ଆମେ ଆଜି ଯେତେବେଳେ ବିକାଶର ମାର୍ଗରେ ଆଗକୁ ବଢୁଛୁ, ସେତେବେଳେ ଆମର ଏହି ମହାନ ସଂସ୍କୃତିକୁ ପଛରେ ପକେଇ ହେବ ନାହିଁ । ତା'ର ସଂରକ୍ଷଣ ଓ ବିକାଶ ପାଇଁ ଆମକୁ କାମ କରିବାକୁ ପଡିବ ।

ସମ୍ବିଧାନର ଧାରା ୨୭୫(୧)ର ପ୍ରାବଧାନ ଏବଂ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଦ୍ୱାରା ଜନଜାତି ଉନ୍ନୟନ ପାଇଁ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ବିକାଶମୂଳକ ଯୋଜନା ଓ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସମସ୍ତ ଯୋଜନା ମିଳିତ ଭାବେ କାର୍ଯ୍ୟକାରୀ ହେଲେ, ଜନଜାତି ବିକାଶ କ୍ଷେତ୍ରରେ ଆମେ ସଫଳତା ହାସଲ କରିବା ।

ମୁଖ୍ୟମନ୍ତ୍ରୀ ଜନଜାତି ବିକାଶ ପାଇଁ ରାଜ୍ୟ ସରକାର ବୈଷୟିକ ଶିକ୍ଷାରେ ସମାନୁପାତିକ ସଂରକ୍ଷଣ, ଶହୀଦ ମାଧୋ ସିଂ ହାତ ଖର୍ଚ୍ଚ ଯୋଜନା, ପ୍ରି-ମାଟ୍ରିକ ସ୍କଲାରସିପରେ ବୃଦ୍ଧି, ମୁଖ୍ୟମନ୍ତ୍ରୀ ଜନଜାତି ଜୀବିକା ମିଶନରେ ଅଣୁ-ଉଦ୍ୟୋଗ ପ୍ରତିଷ୍ଠା ପାଇଁ ସହାୟତା ଆଦି ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ । ସେହିପରି କେନ୍ଦ୍ର ସରକାରଙ୍କ ଯୋଜନା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ ଆଦି କର୍ମଯୋଗୀ ଅଭିଯାନ, ଧରତୀ ଆବା ଜନଭାଗିଦାରୀ ଅଭିଯାନ, ପି.ଏମ୍. ଜନ୍‌ମନ୍ ଆଦି ଯୋଜନା ଉପରେ ସୂଚନା ପ୍ରଦାନ କରିବା ସହିତ ସମ୍ବିଧାନର ଧାରା ୨୭୫(୧) ଅନୁଯାୟୀ ରାଜ୍ୟ ସରକାରଙ୍କୁ ଜନଜାତି ଉନ୍ନୟନ ଓ କଲ୍ୟାଣ ପାଇଁ ୧୮,୩୭୧ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି କହିଥିଲେ । ଏହି ଅର୍ଥ ଜନଜାତି କଲ୍ୟାଣ ପାଇଁ ଉପଯୋଗ କରାଯାଉଛି ବୋଲି ସେ କହିଥିଲେ ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ, ବିକାଶ କିଭଳି ତଳ ସ୍ତର ପର୍ଯ୍ୟନ୍ତ ପହଞ୍ଚିବ ତାକୁ ଲକ୍ଷ୍ୟ ରଖି ଏହି ପରିଷଦ ଗଠନ କରାଯାଇଛି । ଏହି ପରିଷଦ ମାଧ୍ୟମରେ, ଆପଣମାନଙ୍କ ଜରିଆରେ ଜନଜାତି ବିକାଶ ସହିତ ସେମାନଙ୍କର କଳା, ସଂସ୍କୃତି ଓ ଐତିହ୍ୟ ସବୁଦିନ ପାଇଁ ସୁରକ୍ଷିତ ହୋଇ ରହିପାରିବ । ତୃଣମୂଳ ସ୍ତରରେ ରହିଥିବା ସମସ୍ୟା ସମ୍ପର୍କରେ ଆପଣମାନେ ସରକାରଙ୍କ ଦୃଷ୍ଟିକୁ ଆଣନ୍ତୁ । ତା'ର ସମାଧାନ କରାଯିବ । ନିଷ୍ଠାର ସହ ଜନଜାତି କଲ୍ୟାଣ ପାଇଁ କାମ କରିବାକୁ ସେ ପରାମର୍ଶ ଦେଇଥିଲେ ।

ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଥିଲେ ଯେ, ଆମର ଉନ୍ନୟନ ପରିଷଦରେ ଜଣେ ମହିଳା ଓ ଜଣେ ପୁରୁଷଙ୍କୁ ନିଯୁକ୍ତି ଦିଆଯାଇଛି, ଯାହା ଏକ ଉତ୍ତମ ମଡେଲ । ୨୦୩୬ ଭିଜନକୁ ହାସଲ କରିବାକୁ ହେଲେ, ଆମ ସମସ୍ତଙ୍କୁ ମିଳିମିଶି କାମ କରିବାକୁ ହେବ ବୋଲି ସେ କହିଥିଲେ । ଉନ୍ନୟନ କମିଶନର ଦେଓରଞ୍ଜନ କୁମାର ସିଂ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ।

## ୭ ଦିନ...

ଆମେରିକାର ସେଣ୍ଟ୍ରାଲ କମାଣ୍ଡ ପକ୍ଷରୁ କୁହାଯାଇଛି ଯେ ସେମାନେ ଇରାନର ସାମରିକ ଭିତ୍ତିଭୂମି ଭୂତଳରେ ଥିବା ଗଚ୍ଛିତ ଅସ୍ତ୍ରଶସ୍ତ୍ର ଗୋଦାମ ଓ ନୌସେନାର ଦକ୍ଷତା ଉପରେ ଆକ୍ରମଣ କରାଯାଇଛି । ଏହାର ଜବାବରେ ଇରାନ ମଧ୍ୟ କୁଏତର ଏକ ପାୱାର ପ୍ଲାଣ୍ଟ ଓ ତୈଳ ସୁବିଧା ଥିବା ପ୍ରକଳ୍ପ ଉପରେ ଆକ୍ରମଣ କରିଛି । ଜୋର୍ଡାନ ସେନା ପକ୍ଷରୁ କୁହାଯାଇଛି ଯେ ସେମାନେ ୧୦ ଇରାନର ମିଶାଇଲକୁ ରାତାରାତି ବାୟୁ ସୀମାରେ ଧ୍ୱଂସ କରିଛନ୍ତି । ବାହାରିନ୍‌ରେ ଇରାନର ଆକ୍ରମଣ ନେଇ କୌଣସି କ୍ଷୟକ୍ଷତି ହୋଇଥିବା ସୂଚନା ମିଳିନାହିଁ । ଆମେରିକା ସେନା ପକ୍ଷରୁ ଯୁଦ୍ଧ ବିମାନ ଆକାଶମାର୍ଗରେ ଡ୍ରୋନ୍ ଓ ଯୁଦ୍ଧ ଜାହାଜ ମୁତୟନ କରାଯାଇଛି । ବିଭିନ୍ନ ସ୍ଥାନରେ ପ୍ରବଳ ବିସ୍ଫୋରଣର ଶବ୍ଦ ଶୁଣିବାକୁ ମିଳୁଛି ।

## ଓଡ଼ିଆ...

ଲାଗି କଲ୍କି ୨୮୯୮ ଏଡ଼ି, ଜାତୀୟ ଓ ସାମାଜିକ ମୂଲ୍ୟବୋଧ ଭିତ୍ତିକ ଶ୍ରେଷ୍ଠ ଫିଲ୍ମ କ୍ୟାପ୍ଟେନ୍ ମିଲର, ଶ୍ରେଷ୍ଠ ଶିଶୁ କଳାକାର ଭାବେ ରିଦ୍ଧିମାନ ବାନାର୍ଜୀ, ତପୋମୟ ଦେବ୍, ଗୀତାଶ୍ରୀ ଚକ୍ରବର୍ତ୍ତୀ, ଅରୁଣଦେବ ପୁଥୁଲା ଏବଂ ଅତିଶ ଏସ୍ ସେଟ୍ଟିଙ୍କୁ ମନୋନୀତ କରାଯାଇଛି ।

## ଏପ୍ରିଲ-ମେ'ରେ...

ଭଞ୍ଜନଗର ମ୍ୟୁନିସିପାଲଟି ଅଧ୍ୟକ୍ଷା ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବା ବେଳେ ଲୋଇସିଂହା, ଧୂଷୁରୀ, ପାଲଲହଡା, ଯଶିପୁର, ବସ୍ତା, ଟାଙ୍ଗୀ, ଛାତ୍ରପୁର ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ରହିଛି । ଶାସକ ବିଜେପି ଏବଂ ବିରୋଧୀ ବିଜେଡି ଓ କଂଗ୍ରେସ ମଧ୍ୟରେ ବୟାନବାଜି ତୀବ୍ର ହେବାରେ ଲାଗିଛି ।

ଏ ସମ୍ପର୍କରେ ଆଜି ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ରାଜ୍ୟ ନିର୍ବାଚନ ଆୟୋଗଙ୍କ ସଚିବ ସନ୍ତୋଷ କୁମାର ଦାଶ କହିଛନ୍ତି, ଜୁଲାଇ ୧୫ରେ ପୌରାଞ୍ଚଳ ଅଧ୍ୟକ୍ଷ ପଦବୀ ପାଇଁ ସଂରକ୍ଷଣ ତାଲିକା ପ୍ରକାଶ ପାଇବା ପରେ ଏବେ ତୃଣମୂଳସ୍ତରରେ ଘରକୁ ଘର ବୁଲି ସର୍ଭେ କାର୍ଯ୍ୟ କରାଯିବ । ଆସନ୍ତା ଅକ୍ଟୋବର ମାସରୁ ଇଲେକ୍ଟ୍ରିକାଲ ରୋଲ୍ ବା ଭୋଟର ତାଲିକା ପ୍ରସ୍ତୁତି କାମ ଆରମ୍ଭ ହେବ । ଆସନ୍ତାବର୍ଷ ମାର୍ଚ୍ଚ ମାସରେ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି ହେବ । ଏହାପରେ ଏପ୍ରିଲ କିମ୍ବା ମେ' ମାସ ଆଡ଼କୁ ରାଜ୍ୟରେ ଭୋଟ୍ ଗ୍ରହଣ କରାଯିବ । ଆୟୋଗଙ୍କ ପକ୍ଷରୁ ମୋଟ ୧୪୩ଟି ପୌରପାଳିକା, ଏନଏସି ଏବଂ ମ୍ୟୁନିସିପାଲ କର୍ପୋରେସନ ପାଇଁ ନିର୍ବାଚନ କରାଯିବ ବୋଲି ଶ୍ରୀ ଦାଶ କହିଛନ୍ତି ।

ଏବେସୁଦ୍ଧା ୧୨ ହଜାର ଇଭିଏମ୍ ମେସିନ ପ୍ରସ୍ତୁତ ଥିବାବେଳେ ଆଉ ୬ ହଜାର ନୂଆ ଇଭିଏମ୍ ପାଇଁ ଅର୍ଡର ଦିଆଯାଇଛି । ଇଭିଏମ୍ ପାଇଁ ଆବଶ୍ୟକୀୟ ବାଲଟପେପର ଓ ଗାଡ଼ି ପାଇଁ ମଧ୍ୟ ଆୟୋଗ ଅର୍ଡର କରିସାରିଛନ୍ତି । ଏନଏସିଗୁଡ଼ିକରେ ପ୍ରତି ୱାର୍ଡରେ ଗୋଟିଏ ଲେଖାଏଁ ବୁଥ୍ ସ୍ଥାପନ କରାଯିବ । ସେହିପରି ସମ୍ବଲପୁର ମହାନଗର ନିଗମକୁ ନେଇ ହାଇକୋର୍ଟରେ ଲାଗି ରହିଥିବା ଆଇନଗତ ସମସ୍ୟାର ସମାଧାନ ହୋଇସାରିଛି । ଏଥିପାଇଁ ସରକାରୀ ନିର୍ଦ୍ଦେଶନାମା ମଧ୍ୟ ପ୍ରକାଶ ପାଇସାରିଛି ବୋଲି ସେ ସ୍ପଷ୍ଟ କରିଛନ୍ତି ।

ସୂଚନା ଅନୁସାରେ, ଆଗାମୀ ପଞ୍ଚାୟତ ଓ ପୌର ନିର୍ବାଚନ ପ୍ରକ୍ରିୟାର ସବିଶେଷ ପରିଚାଳନା ଓ ରଣନୀତି ଉପରେ ଆଲୋଚନା ପାଇଁ ରାଜ୍ୟ ନିର୍ବାଚନ ଆୟୋଗ ମଧୁସୂଦନ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଜୁଲାଇ ୨୧ରେ ଅନଲାଇନରେ ଜିଲ୍ଲାପାଳମାନଙ୍କର ଅନୁଷ୍ଠିତ ହେବ । ଏହି ବୈଠକରେ "ଘରକୁ ଘର ବୁଲି ସର୍ଭେ'ର ସବିଶେଷ ଯୋଜନା, ୱାର୍ଡ ଅନୁସାରେ ଭୋଟର ମ୍ୟାପିଙ୍ଗ ଓ ବୁଥସ୍ତରୀୟ ପ୍ରସ୍ତୁତି ପ୍ରସଙ୍ଗରେ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରାଯିବ ବୋଲି ଜଣାପଡ଼ିଛି ।

## ସୋନମ...

ତାଙ୍କର ରକ୍ତଚାପ ଠିକ୍ ରହୁଥିଲେ ବି ଓଜନ ହ୍ରାସ ପାଇବାରେ ଲାଗିଥିଲା । ଦିଲ୍ଲୀ ପୋଲିସ ପକ୍ଷରୁ ଏକ ପୋଷ୍ଟରେ ଲେଖାଯାଇଛି ଯେ ହାଇକୋର୍ଟର ନିର୍ଦ୍ଦେଶ ଏବଂ ଡାକ୍ତରୀ ବିଶେଷଜ୍ଞଙ୍କ ପରାମର୍ଶ ଅନୁଯାୟୀ ସୋନମ ୱାଙ୍ଗଚୁକ୍‌ଙ୍କ ଅବସ୍ଥା ଖରାପ ହେବାରୁ ତାଙ୍କୁ ଅତ୍ୟାବଶ୍ୟକ ଚିକିତ୍ସା ପାଇଁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ହାଇକୋର୍ଟଙ୍କ ନିର୍ଦ୍ଦେଶ ପାଳନ ସମୟରେ ପ୍ରଦର୍ଶନକାରୀମାନେ ପ୍ରକ୍ରିୟାକୁ ବାଧା ଦେବାକୁ ଚେଷ୍ଟା କରିଥିଲେ । ଫଳରେ କିଛି ବିଶୃଙ୍ଖଳା ହୋଇଥିଲା । ଜନ୍ତରମନ୍ତରରେ କରୁଥିବା ପ୍ରଦର୍ଶନକାରୀଙ୍କୁ ଯଥାଶୀଘ୍ର ଶାନ୍ତିପୂର୍ଣ୍ଣ ଭାବେ ସେ ଅଞ୍ଚଳ ଛାଡ଼ି ଯିବାକୁ ନିବେଦନ କରୁଛୁ । ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ଜନ୍ତର ମନ୍ତରରୁ ସୋନମ ୱାଙ୍ଗଚୁକ୍‌ଙ୍କୁ ପୋଲିସ ହଟାଇବା ଓ ହସ୍ପିଟାଲରେ ଭର୍ତ୍ତି କରିବା ପ୍ରସଙ୍ଗରେ କେନ୍ଦ୍ର ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ସୋସିଆଲ ମିଡ଼ିଆ ଏକ୍ସରେ ସେ ଉଲ୍ଲେଖ କରିଛନ୍ତି ଯେ ଶାନ୍ତିପୂର୍ଣ୍ଣ ପ୍ରତିବାଦକୁ ଦବାଇ ଦେବା ହେଉଛି କେନ୍ଦ୍ର ସରକାରଙ୍କ ନୀତି । ଯାହା ଅସତ୍ୟ ଓ ହିଂସା ଉପରେ ଆଧାରିତ । ଜଣେ ବ୍ୟକ୍ତି ଅହିଂସା ମାର୍ଗରେ ଅନଶନ କରୁଥିବାବେଳେ ତାଙ୍କୁ ସେଠାରୁ ଜୋର ଜବରଦସ୍ତ ହଟାଇବା ସମ୍ପୂର୍ଣ୍ଣ ଭୁଲ । କଂଗ୍ରେସ ୱାଙ୍ଗଚୁକ୍‌ଙ୍କ ଅନଶନକୁ ସମ୍ପୂର୍ଣ୍ଣ ଭାବେ ସମର୍ଥନ କରୁଛି ବୋଲି ସେ କହିଥିଲେ ।

## କ୍ୟାପିଟାଲ...

ଫାଇଲ ଓ ସମ୍ ହସ୍ପିଟାଲ ଅଗ୍ନିକାଣ୍ଡ ତଦନ୍ତ ଫାଇଲ ଗାଏବ ସମ୍ପର୍କରେ କ୍ୟାପିଟାଲ ଥାନାରେ ଏତଲା ହୋଇଥିବାରୁ ପୋଲିସ ଛାନଭିନ କରୁଛି । ମନୋଜ ମିଶ୍ର ହାଜର ହୋଇ ତାଙ୍କ ପକ୍ଷ ରଖିଛନ୍ତି । ସେ ଯାହା କହିଛନ୍ତି ତାହା ରେକର୍ଡ କରାଯାଇଛି ବୋଲି ପୋଲିସ କହିଛି । ସେହିପରି ଆଇଏଏସ୍ ରାଜେଶ ଶର୍ମା ୨୨ ତାରିଖରେ ହାଜର ହୋଇ ପକ୍ଷ ରଖିଲେ ତାହା ମଧ୍ୟ ରେକର୍ଡ କରାଯିବ । କ୍ୟାପିଟାଲ ଥାନାର ତଦନ୍ତକାରୀ ଟିମ୍ ଫାଇଲ ଗାଏବ ସମ୍ପର୍କରେ ଛାନଭିନ କରୁଥିବା ବେଳେ ସେ ସମ୍ପର୍କରେ କୌଣସି ଖିଅ ପାଇନାହିଁ । ଏତଲା ଆଧାରରେ ତଦନ୍ତ ଆଗକୁ ବଢୁଛି । ଦୁଇଟି ତଦନ୍ତ ଫାଇଲ କୁଆଡେ ଗଲା ତାହା ପୋଲିସ ତଦନ୍ତ କରି ବାହାର କରି ପାରିବ ନା ସରକାର ଅନ୍ୟ କିଛି ପଦକ୍ଷେପ ନେବେ ସେଥିଲାଗି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

# ୮ ଗ୍ରାମର ହେରୋଇନ ସହ ନିଶା ବେପାରୀ ସ୍ମୃତି ରଞ୍ଜନ ଜେନା ଗିରଫ

ଜଗତସିଂହପୁର (ସବ୍ୟୁ):ଜଗତସିଂହପୁର ଥାନା ଅନ୍ତର୍ଗତ ତର୍ତ୍ତଙ୍ଗ ଅଞ୍ଚଳର ଜଣେ ନିଶା ମାଫିଆଙ୍କୁ ଗିରଫ କରିଛି ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥା । ଯାଞ୍ଚ ପରେ ତାଙ୍କ ପାଖରୁ ୨୮ ଗ୍ରାମର ହେରୋଇନ, ଏକ ଆଣ୍ଡ୍ରଏଡ ଫୋନ ଜବତ କରାଯାଇଛି । ସୂଚନାଯୋଗ୍ୟ ଯେ ତର୍ତ୍ତଙ୍ଗ ଗ୍ରାମର ସ୍ମୃତି ରଞ୍ଜନ ଜେନା ଦୀର୍ଘ ଦିନ ଧରି ଆଖପାଖ ଅଞ୍ଚଳରେ ହେରୋଇନ ବେପାର କରୁଥିବା ବେଳେ ତାକୁ ଧରିବା ପାଇଁ ଅବକାରୀ ବିଭାଗ ବହୁବାର ଜାଲ ବିଛାଇ ଥିଲା । ସବୁଥର ଭଳି ଅବକାରୀ ବିଭାଗକୁ ଚକମା ଦେଇ ଖସିଯାଉଥିବାବେଳେ ଅନେକ କସରି ପରେ ଆଜି କିନ୍ତୁ ତାଙ୍କୁ ଅବକାରୀ ବିଭାଗ କାବୁ କରିନେଇଥିଲା । ଏକ ଗୁଇନ୍ଦା ଖବର କୁ ଭିତ୍ତି କରି ସ୍ମୃତି ରଞ୍ଜନ ଙ୍କ ସମ୍ପର୍କରେ ତଥ୍ୟ ବାହାର କରିଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ଗ୍ରାହକଙ୍କୁ ଯୋଗାଣ ଉଦ୍ଦେଶ୍ୟରେ ସେ ଆଜି ହେରୋଇନ ରଖିଥିବାର ସୂଚନା ପାଇବା ପରେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର ସବ-ଇନ୍ସପେକ୍ଟର ଭାଗ୍ୟଲକ୍ଷ୍ମୀ ଦଳାଇ, ଏ ଏସ ଆଇ ପିନାକୀ ରଞ୍ଜନରାଉରାୟ, କନଷ୍ଟେବଳ ଶୁଭଶ୍ରୀ ବିଶ୍ୱାଳ, ସୁକାନ୍ତ ମାଝୀ, ବିଶ୍ୱରଞ୍ଜନ ସ୍ୱାଇଁଙ୍କୁ ନେଇ ଏକ ଟିମ ଗଠନ ହୋଇଥିଲା ଯାହାର ନେତୃତ୍ୱ ନେଇଥିଲେ ଇନ୍ସପେକ୍ଟର ପ୍ରଭାସ କୁମାର ଚୌଧୁରୀ । ଗ୍ରାହକ ବେଶରେ ଅଭିଯୁକ୍ତଙ୍କ ସହ ସମ୍ପର୍କ କରିଥିଲେ ଜଗତସିଂହପୁର ଅବକାରୀ ଭ୍ରାମ୍ୟମାଣ ସଂସ୍ଥାର କର୍ମଚାରୀ ଏବଂ ଡିଲ ବେଳେ ଅଭିଯୁକ୍ତଙ୍କୁ ତର୍ତ୍ତଙ୍ଗ ଗ୍ରାମରେ ମାଡିବସିଥିଲେ । ଗିରଫ ଅଭିଯୁକ୍ତ ଜଣକ ହେଲେ ତର୍ତ୍ତଙ୍ଗ ଗ୍ରାମର ସୁକାନ୍ତ ପ୍ରସାଦ ଜେନାଙ୍କ ପୁଅ ସ୍ମୃତି ରଞ୍ଜନଜେନା(୩୯) । ଜବତ ହେରୋଇନ ର ଆନୁମାନିକ କଳାବଜାରୀ ମୂଲ୍ୟ ପ୍ରାୟ ୦୨,୮୦,୦୦୦ ଟଙ୍କା ହେବ । ଅଭିଯୁକ୍ତଙ୍କ ବିରୁଦ୍ଧରେ ଏନ ଡି ପି ଏସ ଆକ୍ଟ ୧୯୮୫ ଅନୁସାରେ ମାମଲା ରୁଜୁ କରାଯାଇ ଜିଲ୍ଲା ଦୌରାଜଜ ଜଗତସିଂହପୁରଙ୍କ ନିକଟରେ ହାଜର କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର କରି ୧୪ଦିନିଆ ବିଚାର ବିଭାଗୀୟ ହାଜିକୁ ପଠାଯାଇଛି । ଜଗତସିଂହପୁର ଅଞ୍ଚଳରେ ହେରୋଇନ ବ୍ୟବସାୟ କୁ ଦମନ କରିବାକୁ ସ୍ୱତନ୍ତ୍ର ଅପରେସନ ଚାଲିଥିବାର ପ୍ରକାଶ କରିଛନ୍ତି ଜଗତସିଂହପୁର ଅବକାରୀ ଅଧିକ୍ଷିକା ଶ୍ରୀମତି ଅନିତା ପ୍ରଧାନ ଓ ସମସ୍ତ ନିଶାବେପାରୀଙ୍କୁ ଜେଲ ରେ ପୁରାଇବାକୁ ଜଗତସିଂହପୁର ଅବକାରୀ ବିଭାଗ ଉଦ୍ୟମ ରତ ଥିବାର ସେ କହିଛନ୍ତି ।

# ଦେଶୀ ମଦ ବୋଝେଇ ସ୍କୁଟିକୁ ଅଟକ ରଖି ପୁଲିସ ଜିମା ଦେଲେ ଗ୍ରାମବାସୀ

ଖଣ୍ଡପଡ଼ା :ଖଣ୍ଡପଡ଼ା ଥାନା ଅଧୀନ ଖଲିସାହି ପଞ୍ଚାୟତ କୋଟପୋଖରୀ ଗ୍ରାମରେ ଦିର୍ଘ ଦିନ ଚୋରାରେ ଦେଶୀ ମଦ ବେପାର ଚଳାଇ ଆସୁଥିବା ଅଖିଳ ସ୍ୱାଇଁଙ୍କ ଦେଶୀ ମଦ ବୋଝେଇ ହୋଇଥିବା ଏକ ସ୍କୁଟି ଗାଡିକୁ ସ୍ଥାନୀୟ ବାସିନ୍ଦା ଅଟକ ରଖି ଖଣ୍ଡପଡ଼ା ପୁଲିସକୁ ହସ୍ତାନ୍ତର କରିଥିବା ଜଣାଯାଇଛି । ଗ୍ରାମବାସୀଙ୍କ ଠାରୁ ଖବରପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଶୀ ମଦ ବୋଝେଇ ହୋଇଥିବା ସ୍କୁଟି ଟି କୁ ମଦ ବେପାରୀଙ୍କ ବାସଗୃହ ସମ୍ମୁଖରୁ ଜବତ କରି ଖଣ୍ଡପଡ଼ା ଥାନାକୁ ନେଇଥିବା ଜଣାପଡିଛି । ତେବେ ମଦ ବେପାରୀ ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ବେଳେ ଏ ସଂର୍ପକରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଖଣ୍ଡପଡ଼ା ଥାନାଧିକାରୀ କୃତିବାସ ହରିଚନ୍ଦନଙ୍କ ଠାରୁ ପ୍ରକାଶ । ସୂଚନାଯୋଗ୍ୟ କୋଟପୋଖରୀ ଗ୍ରାମବାସୀଙ୍କ ବାରମ୍ବାର ବାରଣ ସତ୍ତ୍ୱେ ମଧ୍ୟ ସଂପୃକ୍ତ ମଦ ବେପାରୀଙ୍କ ଜଣକ ବିଭିନ୍ନ ସମୟରେ ଗ୍ରାମବାସୀଙ୍କୁ ଗାଳିଗୁଲଜ କରି ଭୟଭୀତ କରିବା ସହ ନିର୍ବିଘ୍ନରେ ଚୋରାରେ ଦେଶୀ ମଦ ବେପାର ଚଳାଇ ଆସୁଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି ।


**AFFIDAVIT**

By virtue of an affidavit sworn before The Executive Magistrate BALASORE dated 17.07.2026. I Sri Bijay Kumar Nayak S/o- Bhimasen Nayak, At-Ichhapur,po-Olanda Saranga,Ps-Sadar, Dist - Balasore, Odisha, Pin -756027, declare that I have changed my daughter's name from SONIKA SONALIKA NAYAK to SANIKA NAYAK. Hanceforth she shall be known as SANIKA NAYAK for all purpose.

Sri Bijay Kumar Nayak

**In the Court of District Judge, Baripada, Mayurbhanj**
**F.A.O. No. 7/2025**
Nilima Das ........................................Appellant
Vrs
Nirjharini Nanda Brahmachari ........................................Respondent
A draft publication filed by the appellant through his advocate Notice to Respondent No. 3, 4 & 5 of the dav fixed for hearing of the appeal
(Order-V Rule-20)
Code of civil procedure district Mayurbhanj
In the Court of District Judge, Baripada, Mayurbhanj
F.A.O. No. 7/2025
Nilima Das.................................. Appellant
Vrs
Nirjharini Nanda Brahmachari ........................................Respondent

Appeal from Intestate (Succession case No. 12/2021 in the Conut of Civil Judge Senior Division, Baripada, Mayurbhanj dt. 17.12.2021.

To

(3) Mitananda Brahmachari, aged 44 years, D/o- Late Ghanashyam Nanda Brahmachari, W/o- Girija Shankar Satpathy, Plot No. 792 Jaydev Vihar, Lane 3 P.O. RRL, PS-Nayapalli, Bhubaneswar, Dist.-Khurda

(4) Gita Nanda Brahmachari, aged 41 years, D/o-Late Ghanashyam Nanda Brahmachari, W/o- Ananta Narayan Panda, At-Kudiamala, PO-Nalgar, PS-Bhadrak (R), Dist.-Bhadrak'

(5) Sanjukta Nanda Brahmachari, aged 35 years, D/o- Late Ghanashyam Nanda Brahmachari, W/o- Niranjan Narayan Panda, At-Kudimal, PO-Nalgar, PS-Bhadrak (R), Dist.- Bhadrak.

Take notice that an appeal from the order noted above in this case has been presented by Sandip Kumar Mohapatra Advocate Baripada, Mayurbhanj and registered in this court and that the 20.08.2026 & day has been fixed by this court for hearing of this appeal. If no appearance is made on your behalf by yourself, your pleader or by someone by Law authorized act for you in this appeal, it will be heard and decided in your absence.
Given under my hand and seal of this court.
This the 15th day of July 2026 by order of the court, dated................

Sd/- District Judge
Mayurbhanj, Baripada

**GOVERNMENT OF ODISHA**
**e-PROCUREMENT NOTICE**
**WORKS DEPARTMENT**
34001/499/2627

**Bid Identification No. S.E. CBT (R&B) 04/ 2026-27**
**charbatiadivision1@gmail.com**

| | | |
|---|---|---|
| i. | Name of the work | : El works-02 Nos |
| ii. | Estimated cost | : 13,59,981/- to Rs. 22,13,241/- |
| iii. | Period of completion | : 03 months (90 days) |
| iv. | Date & time of availability of Bid documents in the portal | : from 10.00 AM of 21.07.2026 to 03.08.2026 up to 5.00 PM for "online" bidding |
| v. | Last date/ time for receipt of Bids in the portal | : 03.08.2026 up to 5.00 PM. |
| vi. | Name and address of the officer inviting Bid | : Superintending Engineer Charbatia (R&B) Division, Choudwar |

Further details can be seen from the e-procurement portal http://www.tendersorissa.gov.in.

Any addendum/ corrigendum/ cancellation of tender can also be seen in the said website.

Sd/- Superintending Engineer
Charbatia (R&B) Division
Choudwar

OIPR : 34001/34092/1/26-27/0004

**GOVERNMENT OF ORISSA : OFFICE OF THE SUPERINTENDING ENGINEER**
**RURAL WORKS DIVISION, KARANJIA (MAYURBHANJ)**
25001/761/2627
E-mail ID : eerwkaranjia@yahoo.com
Order No. 4468/WE // Date : 02.07.2026
**"E" Procurement Notice for Construction of Building works for year 2026-27**
**Bid Identification No-RWDKNJ-10/2027-27**

| | | |
|---|---|---|
| 1. | Name of the Work | : Construction of Buildings (Residential) under R.D Department for the Year 2026-27 (Details as per Annexure) |
| 2. | Estimated Cost | : Rs. 47.97 Lakhs (Approximately) |
| 3. | Class of Contractor | : 'B' Class (of Odisha P.W.D.) |
| 4. | Period of Completion | : 9 Calendar Months |
| 5. | Tender Paper Cost | : Rs. 6,000/- |

| Procurement Officer | Bid Identification No. | Availability of Tender on-line for bidding | | Last Date & Time of seeking Tender clarification | Date & Time of Opening of Tender in O/O S.E., R.W. Division, Karanjia Technical & Financial Bid Financial Bid |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Karanjia | Building RWDKNJ-10/26-27 | Dt. 23.07.26 at 11.00 A.M. | Dt. 31.07.26 up to 5.00 P.M. | Dt. 30.07.26 up to 1.00 P.M. | Dt. 01.08.26 at 11.00 A.M. |

Further details can be seen from the Website www.tenderodisha.gov.in

Sd/- Executive Engineer
R.W. Division, Karanjia

OIPR : 25001/25086/1/26-27/0010

**GOVERNMENT OF ODISHA**
32001/551/2627
Office of the Superintending Engineer, Kanupur Spillway Division,
AT/PO-Basudevpur, Dist -Keonjhar, PIN-758047.
e- PROCUREMENT NOTICE
**Bid Identification No.SE, KSD- 04/2026-27**
Email- eekanupurspillway@gmail.com

| Sl. No. | Name of Work | Approx. value of work. (Rs. in Lakh) | E.M.D./Bid Security in Rs. (To be remitted online) | Cost of Bid docment in Rs. (To be remitted online) | Period of Completion | Class of Contractor | Name & address of the Division under which the work will be executed |
|---|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 | 8 |
| 01 | "Supply, Installation, Testing and Commissioning of Lift for Spillway of Kanupur Irrigation Project, Basudevpur" | 36.66 | 36,700.00 | 6,000.00 | 04 (Four) Calendar Months. | MV/HT or above Electrical Contractor having valid license from ELBO | Kanupur Spillway Division, At/PO-Basudevpur Dist.- Keonjhar |

| Procurement Officer | Bid Identification No. | Availability of tender online for bidding | | Date & time of opening of tender | | Place of opening |
|---|---|---|---|---|---|---|
| | | From | To | Date | Time | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Kanupur Spillway Division, Basudevpur, Dist.-Keonjhar. | SE,KSD-04/2026-27 | 20.07.26 From 10.00 Hours | 03.08.26 Up to 17.00 Hours | 04.08.26 | 11.00 Hours | O/o the Superintending Engineer, Kanupur Spillway Division, Basudevpur, Dist.- Keonjhar |

Further details can be seen from the e-Procurement portal "www.tendersodisha.gov.in".

Sd/- Superintending Engineer,
kanupur Spillway Division, Basudevpur

OIPR : 32001/32536/1/26-27/0002

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
13001/1201/2627
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org.

ପତ୍ର ସଂଖ୍ୟା ୯୯ **ବିଜ୍ଞାପନ** ତା : ୦୬.୦୭.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ସିଏଲ୍-୩୯ (CL-39), କମ୍ପୋଜିଟ ହାଉସିଂ ସ୍କିମ ପ୍ରକଳ୍ପ, ୨ୟ ପର୍ଯ୍ୟାୟ, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରବିନ୍ଦ୍ର ପ୍ରସାଦ ମହାନ୍ତି, ପିତା- ସ୍ୱର୍ଗତ ବିଦ୍ୟାଧର ମହାନ୍ତି, ସା/ପୋ-ନାଥର, ଥାନା-ମୋଟାଙ୍ଗ, ଜିଲ୍ଲା- ଢେଙ୍କାନାଳଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରବିନ୍ଦ୍ର ପ୍ରସାଦ ମହାନ୍ତି ଉକ୍ତ ଗୃହଟିକୁ ଦାନପତ୍ର ଆଧାରରେ ଶ୍ରୀ ସଂଗ୍ରାମ କେଶରୀ ମହାନ୍ତି, ପିତା-ରବିନ୍ଦ୍ର ପ୍ରସାଦ ମହାନ୍ତି, ଗ୍ରାମ-ଘର ନଂ. ସି.ଏଲ-୩୯, ପୋ/ଥାନା-ସହିଦ ନଗର, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0153

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1199/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.shb.org.

ପତ୍ର ସଂଖ୍ୟା: ୧୪୦ **ବିଜ୍ଞାପନ** ତା : ୩୦.୦୬.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗ୍ରାହକ ସମ୍ପୃକ୍ତ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ବଦଳ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗତ ନିରୋଦ କୁମାର ମହାନ୍ତି, ପିତା-ସ୍ୱର୍ଗତ କହ୍ନାଇ ଚରଣ ମହାନ୍ତି, ସା-କୋଇସାହି, ପୋ-ବ୍ରାହ୍ମଣୀଗାଁ, ଥାନା- ବାସୁଦେବପୁର, ଜିଲ୍ଲା-ଭଦ୍ରକ | ଏମ୍ଆଇଜି-୨-୩୩୧ (MIG-II-331) ଫେଜ୍, ଫେଜ-୩ ରାଉରକେଲା | ୧. ସୁମତିନି ଦାସ (ସ୍ତ୍ରୀ) ୨. ସଦାଶିବ ମହାନ୍ତି (ବି.ପୁତ୍ର) |

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR : 13001/13030/1/26-27/0151

**CHILIKA DEVELOPMENT AUTHORITY**
(Department of Forest, Environment & Climate Change, Govt, of Odisha)
Plot No. 493(P), Palaspali, Khurda,
Bhubaneswar - 751020
8001/219/2627

**TENDER CALL NOTICE**
No. 1133/CDA, Dtd. 17.07.2026

Sealed tenders are invited from registered Manufacturers/Authorized Dealers/Suppliers for supply of Laboratory Chemicals, Consumables and Equipment for WRTC, CDA, Balugaon. The detailed terms & conditions of the tender can be downloaded from the website: **https://www.chilika.com. The last date of the submission of the bids is by 11.30 AM of 10.08.2026 and opening will be on the same day at 12.05PM in the O/o Chief Executive, Chilika Development Authority** in presence of the bidders or their authorised representatives.

Sd/- Additional Chief Executive
Chilika Development Authority

OIPR : 8001/8138/1/26-27/0007

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER** 10001/377/2627
**DISTRICT PROGRAMME MANAGEMENT UNIT**
**NATIONAL HEALTH MISSION, RAYAGADA.**
Email : dpmunrhmrayagada@gmail.com, Phone / Fax: 06856-235357
**ZILLA SWASTHYA SAMITI, RAYAGADA**
**(Notice for different posts under NHM Rayagada)**
No. 07 /Rayagada Date 17/07/2026

Objection / suggestion (if any) are invited from the applicants vide this office Advt. No. 02 dtd.20.01.2026 for the entries made in the database in writing with sufficient justification which must reach to the Chief District Medical & Public Health Officer, Rayagada, Barijhola, near OMC Office, Pin-765002 through Speed Post/Regd. Post/Courier only and the last date of submission of application is on or before 29.07.2026 by 05:00 P.M. The envelope containing the application should be superscribed clearly with the Objection for the post of...., otherwise the application will be invalid & rejected. No other means of communication will be considered. The candidates are requested to login into district website of Rayagada (www.rayagada.odisha.gov.in) for database. The undersigned reserves the right to cancel / reject any or all the applications without assigning any reason thereof.

Sd/- CDM & PHO-Cum-DMD,
Rayagada

OIPR : 10001/10035/1/26-27/0005

**ODISHA ECOTOURISM SOCIETY**
O/o PRINCIPAL CHIEF CONSERVATOR OF FOREST WILDLIFE & CHIEF WILDLIFE WARDEN, ODISHA
PRAKRUTI BHAWAN, SAHEED NAGAR,
BHUBANESWAR
8001/218/2627

**Selection of Agency for Production of Short Documentary Films on Ecotourism Destinations, Trekking and Jungle Safari in Odisha**

**No.OETS/03/2026-27** **Dt. 18.07.2026**

Odisha Ecotourism Society invites sealed bids from Specialized Experienced Agency for Production of Short Documentary Films on Ecotourism Destinations, Trekking and Jungle Safari in Odisha.

**Bid start date-20.07.2026 Bid end date- 30.07.2026 upto 4.00 PM**

**For more details visit www.wildlife.odisha.gov.in**

Bid must be submitted either physically or by speed post/ registry post only in the below address.

O/o PCCF (WL) & CWLW, Odisha
Plot No-1459, Prakruti Bhawan, Saheed Nagar,
Bhubaneswar, Odisha-751007

Sd/-
Dy. Conservator of Forests (ET)

OIPR : 8001/8141/1/26-27/0006


**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ-ଦ୍ୱାରିକା ପ୍ରସାଦ ନନ୍ଦ- ୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ- ୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍- ୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା- ୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି- ୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ- ୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ- ୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ- ୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ- ୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ- ୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି- ୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା- ୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ରକୁମାର ଦାସ- ୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତମୋହନମହାପାତ୍ର- ୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସରାଓ- ୯୪୩୯୫୬୬୭୨୨, କେନ୍ଦୁଝର-ରବିନାରାୟଣରାଜ୍- ୯୪୩୭୩୩୭୧୦୦, ମାଲକାନଗିରି-କେଶବନାଏକ- ୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ- ୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା- ୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ- ୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିୱାରୀ- ୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର- ୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ- ୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ- ୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି- ୯୪୩୭୨୬୫୫୦୧, ଢେଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮ ।

# ଆରମ୍ଭ ହେଲା ଓଡିଶା ଜନତା କଂଗ୍ରେସର ସଦସ୍ୟତା ସଂଗ୍ରହ କାର୍ଯ୍ୟକ୍ରମ

କଟକ,(ସବ୍ୟୁ): ସ୍ଥାନୀୟ ଟାଉନ ହଲ ଠାରେ ଓଡିଶା ଜନତା କଂଗ୍ରେସ ପକ୍ଷରୁ କଟକ ସହରର ସମସ୍ତ ୫୯ଗୋଟି ୱାର୍ଡ ପାଇଁ



ସଦସ୍ୟତା ସଂଗ୍ରହ ଅଭିଯାନ କଟକ ସହର ଓଜେସି ସଭାପତି ଗିରିବାଳା ବେହେରାଙ୍କ ନେତୃତ୍ୱରେ ଶୁଭାରମ୍ଭ ହୋଇଛି । ଏଥିରେ ଓଜେସି ରାଜ୍ୟ ସଭାପତି ମହମ୍ମଦ ମୋକିମ ଯୋଗଦେଇ ଏହି ସଦସ୍ୟତା ସଂଗ୍ରହ ଅଭିଯାନ ଶୁଭାରମ୍ଭ କରିଥିଲେ। ସଭାପତି ମୋକିମ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରୁ ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ଆଗାମୀ ଦିନରେ ଏହି ସଦସ୍ୟତା ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ୱାର୍ଡ ସ୍ତରରେ ଆରମ୍ଭ କରାଯିବ । ଆଗାମୀ ତିନି ମାସ ମଧ୍ୟରେ ସମସ୍ତ ୫୯ ଗୋଟି ୱାର୍ଡରେ ଏହି କାର୍ଯ୍ୟକ୍ରମ ଶେଷ ହେବ । ଏକ ଲକ୍ଷରୁ ଅଧିକ ସଦସ୍ୟତା ସଂଗ୍ରହ ପାଇଁ ଧାର୍ଯ୍ୟ କରାଯାଇଛି । ଏହି ସଦସ୍ୟତା ସଂଗ୍ରହ ଅଭିଯାନର ଅଧକ୍ଷ ଭାବେ ବରିଷ୍ଠ ନେତା ଲକ୍ଷ୍ମୀପ୍ରକାଶ ମହାପାତ୍ରଙ୍କୁ ଦାୟିତ୍ୱ ଦିଆଯାଇଛି । ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଉପ ସଭାପତି ନିକୁଞ୍ଜ ପସାୟତ, ରାଜ୍ୟ ମହିଳା ସଭାନେତ୍ରୀ ଶୈଳବାଳା ଜେନା, ଜିଲ୍ଲା ସଭାପତି ଅନିଲ ବେଉରା, ପୂର୍ବତନ କର୍ପୋରେଟର କେଦାର ପୃଷ୍ଟି, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଗୌରୀ ଦାସ, ଚାରୁଲତା ସାହୁ, କାଞ୍ଚନ ଦାସ ଓ ଅଜିତ ବେହେରା, ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ସେଠୀ, ଚନ୍ଦନ ଦାସ, କମଳେଶ ସାଗର, ଭଜୀ ସାହୁ, ଶୈଳେନ ଧଳ, ପ୍ରଦୋସ ସାମନ୍ତରାୟ, ରାମ ବଲଭ ଦିବେଦୀ, ସୁରଜିତ ସାହୁ, ସନ୍ତୋଷ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

# ନିଟ୍ ୨୦୨୬ରେ ଛାତ୍ରଛାତ୍ରୀଙ୍କ ପ୍ରଦର୍ଶନକୁ ପାଳନ କରିଛି ଫିଜିକ୍ସୱାଲା

ଭୁବନେଶ୍ୱର (ସବ୍ୟୁ): ଶିକ୍ଷା କମ୍ପାନୀ ଫିଜିକ୍ସୱାଲା (ପିଡବ୍ଲ୍ୟୁ) ଏହାର ନିଟ୍ ୨୦୨୬ ଫଳାଫଳ ଘୋଷଣା କରିଛି ଯେଉଁଥିରେ ଏକାଧିକ ଛାତ୍ରଛାତ୍ରୀ ନିଟ୍ ଅଲ ଇଣ୍ଡିଆ ର୍ୟାଙ୍କ (ଏଆଇଆର) ରେ ଶୀର୍ଷ ସ୍ଥାନ ହାସଲ କରିଛନ୍ତି। ରବିକାନ୍ତ ଦିୱାକର (ଏଆଇଆର ୫୫), ଶିବାଂଶ ଆନନ୍ଦ (ଏଆଇଆର ୧୫୨), ଦିବ୍ୟାଂଶ ଜୈସୱାଲ (ଏଆଇଆର ୧୭୩) ଓ ସାକ୍ଷୀ କୁମାରୀ (ଏଆଇଆର ୧୯୨) ଆଦି ଶୀର୍ଷ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସାମିଲ ଅଛନ୍ତି। ଏହି ସଫଳତା ପିଡବ୍ଲ୍ୟୁ ପ୍ରଦାନ କରିବାକୁ ଚେଷ୍ଟା କରୁଥିବା ଶିକ୍ଷା ଇକୋସିଷ୍ଟମର ସହଜତାର ଏକ ପ୍ରମାଣ ଅଟେ ଯେଉଁଠାରେ ଛାତ୍ରଛାତ୍ରୀମାନେ ନିଜର ବ୍ୟକ୍ତିଗତ ପସନ୍ଦ ଓ ଶିକ୍ଷା ଶୈଳୀ ଉପରେ ନିର୍ଭର କରି ଅନ୍‌ଲାଇନ ପାଠ୍ୟକ୍ରମ କିମ୍ବା ଅଫ୍‌ଲାଇନ, ଟେକ୍-ସକ୍ଷମ ପିଡବ୍ଲ୍ୟୁ ବିଦ୍ୟାପୀଠ ସେଂଟର ମାଧ୍ୟମରେ ଉଚ୍ଚ ସ୍କୋର ହାସଲ କରୁଛନ୍ତି। ଏହାବ୍ୟତୀତ



ଭୁବନେଶ୍ୱରରେ ଛାତ୍ରଛାତ୍ରୀଙ୍କ ଚମତ୍କାର ପ୍ରଦର୍ଶନକୁ ପାଳନ କରିବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ସହରରେ ଫିଜିକ୍ସୱାଲାର କିଛି ଶୀର୍ଷ ପ୍ରଦର୍ଶନକାରୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଅଂଶୁ ପ୍ରକାଶ ଜେନା (ଏଆଇଆର ୭୩୦), ସତ୍ୟଜିତ ନାୟକ (ଏଆଇଆର ୫୫୫୮) ଓ ଆଶୁତୋଷ ସାହୁ (ଏଆଇଆର ୬୦୧୦) ସାମିଲ ଅଛନ୍ତି।



ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଆୟୋଜିତ ରଥଯାତ୍ରା ଅବସରରେ ଛେରା ପହଁରା କରୁଛନ୍ତି କୁଳପତି ପ୍ରଫେସର ଚଣ୍ଡିପ୍ରସାଦ ନନ୍ଦ

# ରଥଯାତ୍ରାରେ ଫ୍ରିଡମ ଷ୍ଟଲ ଉଦ୍‌ଘାଟିତ

ଭୁବନେଶ୍ୱର, (ସବ୍ୟୁ) : ପୁରୀ ରଥଯାତ୍ରା ଅବସରରେ ଭାରତ ବର୍ଷର ଏକ ନମ୍ବର ମାନ୍ୟତାପ୍ରାପ୍ତ ଖାଇବା ତେଲ ଫ୍ରିଡମ ଷ୍ଟଲ ଶରଧାବାଲି ସ୍ଥିତ ମାଉସୀ ମା ମନ୍ଦିର ଠାରେ ଉଦଘାଟିତ ହୋଇଯାଇଛି । ଏହି ଉଦଘାଟନୀ ଉତ୍ସବରେ ପୁରୀ ଡିଏସପି ସସ୍ମିତା ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାର ଉଦଘାଟନ କରିଥିଲେ । ଫ୍ରିଡମ ତେଲ ପକ୍ଷରୁ ରଥଯାତ୍ରା ଠାରୁ ଆରମ୍ଭ କରି



ବାହୁଡ଼ାଯାତ୍ରା ପର୍ଯ୍ୟନ୍ତ ଚାଲିଥିବା ଏହି ଯାତ୍ରାରେ ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ରିହାତି ମୂଲ୍ୟରେ ତେଲ ସହିତ ନିଶ୍ଚିତ ଆକର୍ଷଣୀୟ ଉପହାର ରହିଛି । ଏଥିସହିତ ପ୍ରତ୍ୟେକ ୫ ଲିଟର ସନ ଫ୍ଲାୱାର ଓ ସୋରିଷ ତେଲ କିଣିଲେ ଗୋଟିଏ ଟୁଲ ସହ ଗୋଟିଏ ଗାଙ୍ଗୁଲା ମାଗଣାରେ ଦିଆଯାଉଛି ବୋଲି ଫ୍ରିଡମ ତେଲର ଓଡ଼ିଶା ମୁଖ୍ୟ ଅମିୟ କୁମାର ଧଳ ସୂଚନା ଦେବା ସହ ଜଗତର ନାଥ ଜଗନ୍ନାଥ ରାଜ୍ୟବାସୀଙ୍କୁ ସର୍ବଦା ସୁସ୍ଥ, ନିରୋଗ ଓ ଦୀର୍ଘାୟୁ ରଖନ୍ତୁ ବୋଲି କହିଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଭାତ ରଞ୍ଜନ ଦାସ, ବିଭୂତି ଲେଙ୍କା, ଜିବନେଶ୍ୱର ବେହେରା, ସୌମ୍ୟ ନାୟକ, ଅଜିତାଭ ସାମଲ, ସମୀର ପଟ୍ଟନାୟକ, ଜୟଦେବ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

## ଲଗାଣ ବର୍ଷା ଯୋଗୁ ୫୦ ରୁ ଅଧିକ ପରିବାର ପାଣି ଘେରରେ, ଜରକା-ମେର୍ଦ୍ଧା ରାସ୍ତା ଅବରୋଧ

ବେତନଟୀ (ସବ୍ୟୁ) ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ ସନ୍ତରା ପଞ୍ଚାୟତର ମଦାସାହିରେ ପ୍ରତିବର୍ଷ ଲଗାଣ ବର୍ଷା ହେଲେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଉଥିବା ବେଳେ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ପ୍ରଶାସନ ସାଜିଛି ନିରବଦ୍ରଷ୍ଟା । ଏହାର ପ୍ରତିବାଦରେ ଶନିବାର ସକାଳ ସମୟରେ ଗ୍ରାମବାସୀମାନେ ଜରକା-ମେର୍ଦ୍ଧା ରାସ୍ତାର ଡାକଘର ନିକଟରେ ରାସ୍ତାରୋକ କରି ଆନ୍ଦୋଳନ ଆରମ୍ଭ କରିଥିଲେ । ଫଳରେ ଉଭୟ ପାର୍ଶ୍ୱରେ ଶତାଧିକ ଛୋଟ ଓ ବଡ଼ ଯାନବାହାନ ଦୀର୍ଘ ସମୟ ଧରି ଅଟକି ରହିଥିଲା । ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ଲଗାଣ ବର୍ଷା ଯୋଗୁଁ ସନ୍ତରା ପଞ୍ଚାୟତର ସନ୍ତରା ମଦାସାହି ରାସ୍ତା ସମ୍ପୂର୍ଣ୍ଣ ଜଳମଗ୍ନ ହୋଇପଡ଼ିଥିଲା। ଏହାର ପ୍ରଭାବରେ ପ୍ରାୟ ୫୦ରୁ ଅଧିକ ପରିବାର ପାଣି ଘେରରେ ଫସି ରହିଥିବା ବେଳେ ରାସ୍ତା ଉପରେ ପାଣି ପ୍ରବାହିତ ହେଉଥିବାରୁ ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ଏହି ପରିସ୍ଥିତିରେ ଗ୍ରାମବାସୀମାନେ ବଜାର, ବିଦ୍ୟାଳୟ, ଚିକିତ୍ସାଳୟ ଏବଂ ଦୈନନ୍ଦିନ କାର୍ଯ୍ୟ ପାଇଁ ବାହାରକୁ ଯିବାରେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

# ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନରେ ରାଜ୍ୟ ସରକାର ବିଫଳ: ବିଜେଡି

ଭୁବନେଶ୍ୱର, (ସବ୍ୟୁ): ଚଳିତ ବର୍ଷ ରଥଯାତ୍ରାର ପ୍ରଥମ ଦିନରେ ଯେପରି ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ, ଶତାଧିକ ଆହତ ହେବା ଓ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ସମୟରେ ଟାହିଆ ନଥିବାକୁ ନେଇ ବିବାଦ ସୃଷ୍ଟି ହେବା ପରେ ଚଳିତ ବର୍ଷ ରଥଯାତ୍ରାକୁ ତ୍ରୁଟିଶୂନ୍ୟ ଭାବେ ପରିଚାଳନା କରିବା ପାଇଁ ଦିଆଯାଇଥିବା ପ୍ରତିଶ୍ରୁତି ପାଣିର ଗାର ସଦୃଶ୍ୟ ହୋଇଛି । ଚଳିତ ବର୍ଷକୁ ମିଶାଇ କରାଯାଇଥିବା ତିନୋଟି ଯାକ ରଥଯାତ୍ରାରେ ବିଭ୍ରାଟ ଦେଖିବାକୁ ମିଳିଛି, ଯାହା କୋଟି କୋଟି ଜଗନ୍ନାଥ ପ୍ରେମୀଙ୍କୁ ବ୍ୟଥିତ କରିବା ସହିତ ସରକାରଙ୍କର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ବିଜେଡି କହିଛି । ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ଼ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତ୍ତିରେ କହିଥିଲେ ଯେ, ଶ୍ରୀଜଗନ୍ନାଥ ମନ୍ଦିରର ସୁପରିଚାଳନା ଓ ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ ରାଜ୍ୟ ସରକାରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହୋଇଥିବା ବେଳେ ଗତ ତିନି ରଥଯାତ୍ରା ସମୟରେ ସରକାର ନିଜର ଦାୟିତ୍ୱହୀନତାର ପରିଚୟ ଦେଇଛନ୍ତି ।

ଡ଼ ମହାନ୍ତି କହିଥିଲେ ଯେ, ପ୍ରଥମ ବର୍ଷ ରଥଯାତ୍ରା ସମୟରେ ଆଡ଼ପ ମଣ୍ଡପକୁ ବିଜେ ସମୟରେ ବଡ଼ ଠାକୁର ପ୍ରଭୁ ବଳଭଦ୍ର ପଡିଯିବା ଭଳି ଏକ ବିରଳ ଅଘଟଣ ଘଟିଥିଲା । କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ସରକାର ଏକ ତଦନ୍ତ ଘୋଷଣା କରିଦେଇଥିଲେ, ଯାହାର ରିପୋର୍ଟ ଆଜିପର୍ଯ୍ୟନ୍ତ ସାର୍ବଜନୀନ ହେଲା ନାହିଁ । ସେହିପରି ଦ୍ୱିତୀୟ ବର୍ଷ ରଥଯାତ୍ରା ସମୟରେ, ଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଦଳାଚକଟା ସୃଷ୍ଟି ହୋଇ ୩ ଜଣ ଭକ୍ତଙ୍କ ମୃତ୍ୟୁ ହୋଇଥିଲା । ଚଳିତ ବର୍ଷ ମଧ୍ୟ ଦଳାଚକଟାରେ ୩ ଜଣଙ୍କ ମୃତ୍ୟୁ ହେବା ସହିତ ଶତାଧିକ ଆହତ ହୋଇଛନ୍ତି । କିନ୍ତୁ ରାଜ୍ୟ ସରକାର ଏହାକୁ ହାଲୁକା ଭାବେ ନେଇ ଏହା ଦଳାଚକଟା ନୁହେଁ ବରଂ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଛି ବୋଲି କହୁଛନ୍ତି । ଅପରପକ୍ଷରେ ପହଣ୍ଡି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଟାହିଆ ନଥିବାକୁ ନେଇ ଏକ ବଡ଼ ବିବାଦ ସୃଷ୍ଟି ହୋଇଛି । ଡ଼ ମହାନ୍ତି ଆହୁରି କହିଥିଲେ ଯେ, ଲଗାତାର ଭାବେ ୩ ବର୍ଷ ହେଲା ତ୍ରୁଟିଶୂନ୍ୟ ରଥଯାତ୍ରା ଆୟୋଜନ କରିବାରେ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । କିନ୍ତୁ ଏହି ବିଫଳତାକୁ ବିନମ୍ରତାର ସହିତ ସ୍ୱୀକାର କରି, ଆଗାମୀ ଦିନରେ କିପରି ତ୍ରୁଟିଶୂନ୍ୟ ଭାବେ ଆୟୋଜନ ହୋଇପାରିବ, ସେହି ପଦକ୍ଷେପ ନେବା ପରିବର୍ତ୍ତେ ସରକାର କେବଳ ନିଜ ଦୋଷକୁ ଘୋଡାଇବା ପାଇଁ ଅପଚେଷ୍ଟା କରୁଛନ୍ତି । ଏହାଛଡା ଶ୍ରୀମନ୍ଦିର ପରିଚାଳନା କ୍ଷେତ୍ରରେ ମଧ୍ୟ ଦର୍ଶନ ବ୍ୟବସ୍ଥା ଶୃଙ୍ଖଳିତ ହୋଇପାରି ନାହିଁ ।

# ସୁଭଦ୍ରା ମହତାବ ସେବା ସଦନରେ ଶୁଖୁଲା ଖାଦ୍ୟ ବଣ୍ଟନ



ଭୁବନେଶ୍ୱର (ସବ୍ୟୁ): "ଆମ ସେବା ପରିବାର ଟ୍ରଷ୍ଟ" ପକ୍ଷରୁ ସୁଭଦ୍ରା ମହତାବ ସେବା ସଦନରେ ରହୁଥିବା କୁନି କୁନି ଶିଶୁମାନଙ୍କୁ ଶୁଖୁଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଟ୍ରଷ୍ଟର ସଦସ୍ୟମାନେ ଶିଶୁମାନଙ୍କ ସହ କିଛି ସମୟ ଅତିବାହିତ କରି ସେମାନଙ୍କ ସୁସ୍ଥ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ । ଏହି ଅବସରରେ ଟ୍ରଷ୍ଟର ସଦସ୍ୟମାନେ କହିଥିଲେ ଯେ, ସମାଜର ଅସହାୟ ଓ ଅବହେଳିତ ଶିଶୁମାନଂକ ମୁହଁରେ ହସ ଫୁଟାଇବା ଏବଂ ମାନବସେବାର ବାର୍ତ୍ତା ପହଂଚାଇବା ହିଁ ସଂସ୍ଥାର ମୂଳ ଲକ୍ଷ । ଆଗାମୀ ଦିନରେ ମଧ୍ୟ ଏଭଳି ସେବାମୂଳକ କାର୍ଯ୍ୟକ୍ରମ ନିରନ୍ତର ଜାରି ରହିବ ବୋଲି ସେମାନେ ପ୍ରକାଶ କରିଥିଲେ।

# ରଥଯାତ୍ରାରେ ଦଳାଚକଟା ଘଟଣା : ଗୃହ ବିଭାଗ ପ୍ରମୁଖ ସଚିବ ଓ ପୁରୀ ଜିଲାପାଳଙ୍କୁ ଜବାବ ତଲବ

କଟକ, (ସବ୍ୟୁ) : ପୁରୀ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଘଟିଥିବା ଦଳାଚକଟା ଏବଂ ପ୍ରଶାସନିକ ଅବହେଳାକୁ ନେଇ ଓଡ଼ିଶା ମାନବାଧିକାର କମିଶନ (ଓଏଚଆରସି) କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଆଇନଜୀବୀ ନିଶିକାନ୍ତ ମିଶ୍ରଙ୍କ ଦ୍ୱାରା ଦାୟର ମାମଲାର ଶୁଣାଣି କରି କମିସନ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବ ଏବଂ ପୁରୀ ଜିଲାପାଳଙ୍କୁ ଜବାବ ତଲବ କରିଛନ୍ତି। ଘଟଣାର ସତ୍ୟାସତ୍ୟ ଉପରେ ଏକ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେବା ସହ ବର୍ତ୍ତମାନ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଯେପରି ସମସ୍ତ ପ୍ରକାର ଉପଯୁକ୍ତ ଚିକିତ୍ସା ମିଳିପାରିବ ତାହା ନିଶ୍ଚିତ କରିବାକୁ ସ୍ୱାସ୍ଥ୍ୟ ବିଭାଗ, ପୁରୀ ଜିଲାପାଳ ଏବଂ ସିଡିଏମଓଙ୍କୁ କମିସନ ନିର୍ଦ୍ଦେଶ ଜାରି କରିଛନ୍ତି। ଏହାଛଡ଼ା ଆଗକୁ ହେବାକୁ ଥିବା ମହାପ୍ରଭୁଙ୍କ 'ବାହୁଡ଼ା ଯାତ୍ରା'ରେ ଯେପରି ଏଭଳି ଦଳାଚକଟା କିମ୍ବା ଅଘଟଣର ପୁନରାବୃତ୍ତି ନହୁଏ, ସେଥିପାଇଁ ଗୃହ ବିଭାଗ, ପୁରୀ ଜିଲାପାଳ ଓ ପୁରୀ ଏସପିଙ୍କୁ ସମସ୍ତ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଆବେଦନକାରୀ ଆଇନଜୀବୀ ଶ୍ରୀ ମିଶ୍ର କମିସନଙ୍କ ନିକଟରେ ଦର୍ଶାଇଛନ୍ତି ଯେ, ବିଗତ ବର୍ଷ ରଥଯାତ୍ରା ସମୟରେ ଦଳାଚକଟା ଯୋଗୁଁ ୩ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ଚଳିତ ବର୍ଷ ମଧ୍ୟ ରଥଯାତ୍ରା ସମୟରେ ଅନୁରୂପ ପରିସ୍ଥିତି ସୃଷ୍ଟି ହୋଇଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ଯେଉଁଥିରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ବହୁ ସଂଖ୍ୟାରେ ଭକ୍ତ ଗୁରୁତର ଆହତ ହୋଇଛନ୍ତି। ଜନଗହଳି ନିୟନ୍ତ୍ରଣ ପାଇଁ ଦାୟିତ୍ୱରେ ଥିବା ଅଧିକାରୀମାନଙ୍କ ଅବହେଳା ଯୋଗୁଁ ଏଭଳି ଅଘଟଣ ବାରମ୍ବାର ଘଟୁଥିବା ପିଟିସନରେ ଦର୍ଶାଯାଇଛି। ତେଣୁ କମିସନଙ୍କ ସ୍ୱତନ୍ତ୍ର ତଦନ୍ତ ୱିଙ୍ଗ ଦ୍ୱାରା ଘଟଣାର ନିରପେକ୍ଷ ତଦନ୍ତ କରିବା, ଦାୟିତ୍ୱହୀନତା ପ୍ରଦର୍ଶନ କରିଥିବା ଅଧିକାରୀମାନଙ୍କ ବିରୋଧରେ ବିଭାଗୀୟ ତଥା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ମୃତକଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଏବଂ ଆହତମାନଙ୍କୁ ସମ୍ପୂର୍ଣ୍ଣ ମାଗଣା ଚିକିତ୍ସା ଓ ଥଇଥାନ ସହାୟତା ଯୋଗାଇବା ଏବଂ ରଥଯାତ୍ରା ଓ ଅନ୍ୟାନ୍ୟ ବଡ଼ ଧାର୍ମିକ ସମାବେଶ ପାଇଁ ଏକ ବୈଜ୍ଞାନିକ 'ଜନଗହଳି ନିୟନ୍ତ୍ରଣ ଓ ଭକ୍ତ ସୁରକ୍ଷା ପ୍ରୋଟୋକଲ୍' ପ୍ରସ୍ତୁତ କରିବାକୁ ଆଇନଜୀବୀ ଶ୍ରୀ ମିଶ୍ର ପ୍ରାର୍ଥନା କରିଛନ୍ତି।

# ଶ୍ୟାମ ଷ୍ଟିଲ୍ ଗ୍ରୁପ୍ ପକ୍ଷରୁ ୨-ଏମ୍‌ଟିପିଏ ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ

ଭୁବନେଶ୍ୱର, (ସବ୍ୟୁ): ପଶ୍ଚିମବଙ୍ଗର ମେଜିଆରେ ଶ୍ୟାମ ଷ୍ଟିଲ୍ ଗ୍ରୁପ୍ର ୧୦,୦୦୦ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ୨ ମିଲିୟନ୍ ଟନ୍ ପ୍ରତିବର୍ଷ (୨ ଏମଟିପିଏ) କ୍ଷମତା ବିଶିଷ୍ଟ ସମନ୍ୱିତ ଇସ୍ପାତ କାରଖାନାର ଶିଳାନ୍ୟାସ ଶୁକ୍ରବାର ଅନୁଷ୍ଠିତ ହୋଇଛି। ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ସୁଭେନ୍ଦୁ ଅଧିକାରୀ ଏହାର ଶିଳାନ୍ୟାସ କରିଥିଲେ। ଏହି ପ୍ରକଳ୍ପରେ ଡିଆରଆଇ (ଡିଆରଆଇ) ୟୁନିଟ୍, ପେଲେଟ୍ ଓ ବେନିଫିସିଏସନ୍ ପ୍ଲାଂଟ, ଷ୍ଟିଲ୍ ମେଲ୍ଟିଂ ଶପ୍, ଉଚ୍ଚ କ୍ଷମତାସମ୍ପନ୍ନ ଟିଏମଟି ବାର୍ ଏବଂ ଷ୍ଟ୍ରକ୍ଚରାଲ୍ ଷ୍ଟିଲ୍ ରୋଲିଂ ମିଲ୍ ଆଦି ସ୍ଥାପନ କରାଯିବ। ଏହା ଭାରତର ଇସ୍ପାତ ଉତ୍ପାଦନ କ୍ଷମତା ବୃଦ୍ଧି ସହ ୨୦୨୯-୩୦ ସୁଦ୍ଧା ୩୦୦ ମିଲିୟନ୍ ଟନ୍ ଇସ୍ପାତ ଉତ୍ପାଦନ ଲକ୍ଷ୍ୟ ପୂରଣରେ ସହାୟକ ହେବ। ୧୯୫୩ ମସିହାରେ ବେରିୱାଲା ପରିବାର ଦ୍ୱାରା ପ୍ରତିଷ୍ଠିତ କୋଲକାତା ଭିତିକ ଶ୍ୟାମ ଷ୍ଟିଲ୍ ଗ୍ରୁପ୍ ବର୍ତ୍ତମାନ ବାର୍ଷିକ ୧.୫ ଏମ୍ଟିପିଏ ଇସ୍ପାତ ଉତ୍ପାଦନ କରୁଛି। ନୂତନ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବା ପରେ ଏହାର ମୋଟ ଉତ୍ପାଦନ କ୍ଷମତା ୩.୫ ଏମ୍ଟିପିଏକୁ ବୃଦ୍ଧି ପାଇବ।

# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ପ୍ରଥମ 'ସୋଲାର ଦିଦି' ପ୍ରଶିକ୍ଷଣ ବ୍ୟାଚର ଶୁଭାରମ୍ଭ

ଭୁବନେଶ୍ୱର (ସବ୍ୟୁ): ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲୁଓଡିଏଲ)ର ସମ୍ବଲପୁର



ଗୋଶାଳାସ୍ଥିତ ଟାଟା ପାୱାର ସ୍କିଲ୍ ଡେଭଲପମେଣ୍ଟ ଇନଷ୍ଟିଚ୍ୟୁଟ୍ ଠାରେ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ଅନ୍ତର୍ଗତ 'ସୋଲାର ଦିଦି' କାର୍ଯ୍ୟକ୍ରମର ପ୍ରଥମ ପ୍ରଶିକ୍ଷଣ ବ୍ୟାଚର ଶୁଭାରମ୍ଭ ହୋଇଯାଇଅଛି । ଏହି ନଅ ଦିନିଆ ପ୍ରଶିକ୍ଷଣ ଶିବିରଟି ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନାର ସଫଳ କାର୍ଯ୍ୟକାରିତା ସହ ମହିଳାମାନଙ୍କ ପାଇଁ ନୂତନ ଜୀବିକାର ସୁଯୋଗ ସୃଷ୍ଟି କରିବ । ପ୍ରଥମ ପର୍ଯ୍ୟାୟରେ ସମ୍ବଲପୁର ମହାନଗର ନିଗମ (ଏସଏମସି) ଦ୍ୱାରା ଚିହ୍ନଟ ବିଭିନ୍ନ ସ୍ୱୟଂ ସହାୟକ ଗୋଷ୍ଠୀର ୨୪ ଜଣ ମହିଳାଙ୍କୁ ଏହି ପ୍ରଶିକ୍ଷଣ ପାଇଁ ଚୟନ କରାଯାଇଛି । ପ୍ରଶିକ୍ଷଣ ସମୟରେ ସେମାନଙ୍କୁ ରୁଫ୍‌ଟପ୍ ସୋଲାର ବ୍ୟବସ୍ଥାର ସ୍ଥାପନ, ପରିଚାଳନା, ରକ୍ଷଣାବେକ୍ଷଣ, ଉପଭୋକ୍ତା ସଚେତନତା ଏବଂ ସୌର ଶକ୍ତିର ବ୍ୟବହାର ବୃଦ୍ଧି ସମ୍ପର୍କରେ ବ୍ୟବହାରିକ ପ୍ରଶିକ୍ଷଣ ଦିଆଯାଉଛି । ପ୍ରଶିକ୍ଷଣ ଶେଷ ହେବା ପରେ ଏହି 'ସୋଲାର ଦିଦି'ମାନେ ସମ୍ବଲପୁର ସହରର ୪୧ଟି ୱାର୍ଡରେ ଘରକୁ ଘର ବୁଲି ରୁଫ୍‌ଟପ୍ ସୋଲାର ବ୍ୟବସ୍ଥାର ଲାଭ ଏବଂ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମୁକ୍ତ ବିଜୁଳି ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରିବେ । ଏଥିସହ ଯୋଜନାରେ ଆଗ୍ରହୀ ପରିବାରମାନଙ୍କୁ ଚିହ୍ନଟ କରି ଆବେଦନ ପ୍ରକ୍ରିୟାରେ ସହଯୋଗ କରିବା ସହ ରୁଫ୍‌ଟପ୍ ସୋଲାର ସ୍ଥାପନ ପାଇଁ ମାର୍ଗଦର୍ଶନ ମଧ୍ୟ ଦେବେ।

## ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ

# ରଥଯାତ୍ରାରେ ଦୁଇ ଦିନିଆ ଖାଦ୍ୟ ବଣ୍ଟନ



ପୁରୀ, (ସବ୍ୟୁ) : ବିଭିନ୍ନ ଜନସେବାମୂଳକ କାର୍ଯ୍ୟ କରୁଥିବା କଟକ ମଧୁପାଟଣା ଥାନା ଅନ୍ତର୍ଗତ ରାଜେନ୍ଦ୍ରନଗର ଅଞ୍ଚଳର ଜଣାଶୁଣା ସ୍ୱେଚ୍ଛାସେବୀ ସଙ୍ଗଠନ ଆଶୀର୍ବାଦ ଫାଉଣ୍ଡେସନ ବିଭିନ୍ନ ସେବା ମୂଳକ କାର୍ଯ୍ୟକ୍ରମ ଜାରି ରଖିଛି । ସଙ୍ଗଠନ ପକ୍ଷରୁ ବିଶ୍ୱପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଭକ୍ତମାନଙ୍କ ନିମନ୍ତେ ଦୁଇ ଦିନ ଧରି ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୁରୀ ବଡ଼ଶଙ୍ଖ ସଂଗ୍ରାମ କ୍ଲବ ନିକଟରେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ମାନଙ୍କ ନିମନ୍ତେ ଅନୁଷ୍ଠିତ ଖାଦ୍ୟ ବଣ୍ଟନ କାର୍ଯ୍ୟକ୍ରମର ପ୍ରଥମ ଦିନରେ ସକାଳ ୭ ଟାରୁ ରାତ୍ର ୧୦ ଟା ପର୍ଯ୍ୟନ୍ତ ଅନବରତ ଜଳଖିଆ, ଅନ୍ନପ୍ରସାଦ ଓ ରାତ୍ରୀ ଖାଇବା ଶ୍ରଦ୍ଧାଳୁମାନଙ୍କୁ ବଣ୍ଟନ କରାଯାଇଥିଲା । ଦ୍ୱିତୀୟ ଦିନରେ ଶୁଖିଲା ଖାଦ୍ୟ ସେଓ, କଦଳୀ, ବିସ୍କୁଟ, ଆଇସକ୍ରିମ, ଲେମ୍ବୁ ପାଣି ସହିତ ଜୁସର ମଧ୍ୟ ବ୍ୟବସ୍ଥା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ୧୦ ହଜାରରୁ ଉର୍ଦ୍ଧ ଲୋକଙ୍କୁ ଖାଦ୍ୟ, ପାନୀୟ ଜଳ ବିତରଣ କରାଯାଇଥିଲା । ଆଶୀର୍ବାଦ ଫାଉଣ୍ଡେସନର ପ୍ରତିଷ୍ଠାତା ଦେବଦତ୍ତ ଧଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମଭାପତି ମାଗୁଣୀ ଚରଣ ଦାସ, ସରୋଜ ରାଉତ, ସମୀର କର, ଚିତ୍ତରଞ୍ଜନ ନାୟକ, ପ୍ରଭାକର ମଲ୍ଲିକ, ବିଭୁ ପ୍ରସାଦ ମିଶ୍ର, ରୁଦ୍ର ପ୍ରସାଦ ଦାସ ପ୍ରମୁଖ ପଚାଶରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାମାନେ ଉପସ୍ଥିତ ରହି ସେବା କାର୍ଯ୍ୟରେ ସହାୟତା କରିଥିଲେ ।

## ରଥଯାତ୍ରାରେ ଜିନ୍ଦଲ ଫାଉଣ୍ଡେସନର ସେବା ଅଭିଯାନ

ଭୁବନେଶ୍ୱର, (ସବ୍ୟୁ) : ଜିନ୍ଦଲ ଷ୍ଟିଲର ସିଏସଆର ଶାଖା ଜିନ୍ଦଲ ଫାଉଣ୍ଡେଶନ ଚଳିତ ରଥଯାତ୍ରା ସମୟରେ ପୁରୀର ବିଭିନ୍ନ ପ୍ରମୁଖ ସ୍ଥାନଗୁଡିକରେ ଭକ୍ତଙ୍କ ପାଇଁ ଏକ ବିସ୍ତୃତ ସେବା ଅଭିଯାନର ପରିଚାଳନା କରାଯାଉଛି। ଏହା ଅଧୀନରେ ଭକ୍ତଙ୍କୁ ରନ୍ଧା ଖାଦ୍ୟ, ସ୍ୱଚ୍ଛ ପାନୀୟ ଜଳ, ରେନକୋଟ, ଗ୍ଲୁକୋଜ ପ୍ୟାକେଟ ଆଦି ବଂଟନ କରାଯାଉଛି। ୨୦୧୫ରେ ଐତିହାସିକ ନବକଳେବର ଉତ୍ସବ ସମୟରେ ଆରମ୍ଭ ହୋଇଥିବା ଜିନ୍ଦଲ ଫାଉଣ୍ଡେଶନର ଏହି ସେବା ଅଭିଯାନ ରଥଯାତ୍ରା ସହ ଜଡିତ ଅନ୍ୟତମ ସର୍ବବୃହତ କର୍ପୋରେଟ-ସମର୍ଥିତ ମାନବୀୟ ଅଭିଯାନରେ ପରିଣତ ହୋଇଛି।

ଚଳିତ ବର୍ଷ ଜୁଲାଇ ୧୫ ତାରିଖରୁ ୨୫ ତାରିଖ ୨୦୨୬ ପର୍ଯ୍ୟନ୍ତ ଏହି ୧୧ ଦିନର ରଥଯାତ୍ରା ସମୟରେ ଫାଉଣ୍ଡେସନ ପୁରୀକୁ ଆସୁଥିବା ଲକ୍ଷ ଲକ୍ଷ ଭକ୍ତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ପୁରୀର ୩ଟି ଜନଗହଳିପୂର୍ଣ୍ଣ ସ୍ଥାନ- ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟସ୍ଥ ବସ୍‌ଷ୍ଟାଣ୍ଡ, ପୁରୀ ରେଳ ଷ୍ଟେସନ ଛକ ଓ ଷ୍ଟେସନ ରୋଡରେ ଲାଇଭ କିଚେନଗୁଡିକ ସୂର୍ଯ୍ୟୋଦୟ ପୂର୍ବରୁ କାର୍ଯ୍ୟ ଆରମ୍ଭ କରୁଛନ୍ତି। ସ୍ୱେଚ୍ଛାସେବୀ ଓ କର୍ମଚାରୀମାନେ ପର୍ଯ୍ୟାୟକ୍ରମେ କାର୍ଯ୍ୟ କରୁଛନ୍ତି, ଏଠାରେ ସ୍ୱଚ୍ଛତା ଓ ଖାଦ୍ୟ ସୁରକ୍ଷା ସହିତ ପାରମ୍ପରିକ ଓଡିଆ ଖାଦ୍ୟ ଭାତ, ଡାଲ୍‌ମା ଓ ଖଟା ପ୍ରସ୍ତୁତ କରାଯାଉଛି।

ଚଳିତ ବର୍ଷ ଫାଉଣ୍ଡେଶନ ଏହାର ସହଯୋଗକୁ କମ୍ୟୁନିଟି ମିଲ୍‌ରୁ ଆଗକୁ ବିସ୍ତାର କରିଛି। ଏହା ରଥଯାତ୍ରା ସମୟରେ ଭକ୍ତମାନଙ୍କୁ ଶକ୍ତିସମ୍ପନ୍ନ ରହିବା ପାଇଁ ୬୦୦୦ ଗ୍ଲୁକୋଜ ପ୍ୟାକେଟ ବିତରଣ କରିଛି, ରଥ ଗୁଡିକୁ ଟାଣିବାରେ ନିୟୋଜିତ ଥିବା ଓ ଜିଲ୍ଲା ପ୍ରଶାସନକୁ ସହଯୋଗ କରୁଥିବା ବ୍ୟକ୍ତିଙ୍କୁ ୧୩୦୦ ରେନକୋଟ ପ୍ରଦାନ କରିଛି ଏବଂ ପାନୀୟ ଜଳ ପାଇଁ ବାଧାମୁକ୍ତ ପହଂଚ ନିଶ୍ଚିତ କରିବା ଲାଗି ୧୧ ଦିନ ପାଇଁ ପ୍ରମୁଖ ସ୍ଥାନରେ ୧୦୦୦ ଲିଟର ସୁରକ୍ଷିତ ପାନୀୟ ଜଳ ଟ୍ୟାଙ୍କରଗୁଡିକୁ ନିୟୋଜିତ କରିଛି।

# ଏସ୍‌ଆଇଆର୍ ସର୍ଭେକୁ ନେଇ ଉଠୁଛି ପ୍ରଶ୍ନ; ବରିଷ୍ଠ ନାଗରିକଙ୍କୁ କରାଯାଉଛି ହନ୍ତସନ୍ତ !

ଖୋର୍ଦ୍ଧା (ଲଳିତ ମୋହନ ମହାପାତ୍ର) : ଆଗାମୀ ନିର୍ବାଚନକୁ ଦୃଷ୍ଟିରେ ରଖି ମତଦାତା ତାଲିକାକୁ ସଠିକ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ କରିବା ଉଦ୍ଦେଶ୍ୟରେ ଚାଲିଥିବା ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ (ଏସ୍‌ଆଇଆର୍) -୨୦୨୬ ନେଇ ଉଠିଲାଣି ପ୍ରଶ୍ନ। ଜିଲ୍ଲା ନିର୍ବାଚନ ଅଧିକାରୀ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ସମସ୍ତ କାର୍ଯ୍ୟ ସ୍ୱଚ୍ଛ ଓ ନିରପେକ୍ଷ ଭାବେ କରାଯାଉଛି ବୋଲି କହୁଥିବାବେଳେ ସର୍ଭେ ନାଁ ରେ କିନ୍ତୁ ବାରମ୍ବାର ବରିଷ୍ଠ ନାଗରିକଙ୍କୁ ହଇରାଣ କରାଯାଉଥିବା ଅଭିଯୋଗ ହେଉଛି। ୨୦୦୨ ମସିହା ଓ ୨୦୨୫ ମସିହା ଭୋଟର ତାଲିକା ସହିତ ମେଳକ (ମ୍ୟାପିଂ) କରାଯାଇ ସର୍ଭେ କରାଯାଉଥିବା କୁହାଯାଉଥିବାବେଳେ ଏଥିରେ ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଛି। ଗୋଟିଏ ଥରରେ ତଥ୍ୟ ନନେଇ ସର୍ଭେରେ ଆସୁଥିବା ଅଧିକାରୀମାନେ ଥର ଥର କରି ଘରକୁ ଆସି ବିଭିନ୍ନ ପ୍ରକାର ତଥ୍ୟ ମଗା ବାହାନାରେ ସେମାନଙ୍କୁ ହଇରାଣ କରୁଥିବା ଏନେଇ ବିଭିନ୍ନ ଫୋରମ ପକ୍ଷରୁ ସୋସିଆଲ ମିଡିଆରେ ଅଭିଯୋଗ ହେଉଛି। ତେବେ ଯେଉଁ ଅଫିସରମାନେ ସେମାନଙ୍କ ଘରକୁ ଯାଇ ଫଟୋ ଉଠାଇ, ପ୍ରମାଣପତ୍ର ଯାଂଚ କରି ତାର ତେଣୁ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଜିଲ୍ଲା ପ୍ରଶାସନ ବରିଷ୍ଠ ନାଗରିକଙ୍କ ସମେତ ଉପଯୁକ୍ତ ଭୋଟରମାନଙ୍କୁ ସହଯୋଗ କରିବାକୁ ବିଭିନ୍ନ ମହଲରୁ ଦାବି ହେଉଛି। ବାରମ୍ବାର ଏଭଳି ସର୍ଭେ ନାଁରେ ବୃଦ୍ଧ ଅବସ୍ଥାରେ ସେମାନଙ୍କୁ ହଇରାଣ କରାଯିବା ନେଇ କ୍ଷୋଭ ପ୍ରକାଶ ପାଉଛି । ୨୦୦୨ ମସିହା ଓ ୨୦୨୫ ମସିହା ଭୋଟର ତାଲିକା ସହିତ ମେଳକ କରାଯାଇ ଯଦି ସର୍ଭେ କରାଯାଉଛି, ତେବେ ୨୦୦୨ରୁ ଭୋଟ ଦେଇ ଆସୁଥିବା ପରିବାରକୁ କାହିଁକି ହଇରାଣ କରାଯାଉଛି। ତେବେ ଭାତ ହାଣ୍ଡିରୁ ଗୋଟିଏ ଭାତ ସଦୃଶ ଏଭଳି ଅଭିଯୋଗ ବିଭିନ୍ନ ସ୍ଥାନରୁ ଆସୁଥିବାବେଳେ ବିଶେଷତଃ ସରକାରୀ ଚାକିରୀରୁ ଅବସର ଗ୍ରହଣ କରିଥିବା ବରିଷ୍ଠ ନାଗରିକଙ୍କୁ ଏନେଇ ବେଶୀ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିବା ଅଭିଯୋଗ ହେଉଛି।

## ପୂର୍ବତନ ପ୍ରଧାନମନ୍ତ୍ରୀ ଦେବେଗୌଡ଼ାଙ୍କ ପତ୍ନୀଙ୍କ ଦେହାନ୍ତ

**ନୂଆଦିଲ୍ଲୀ:** ପୂର୍ବତନ ପ୍ରଧାନମନ୍ତ୍ରୀ ଏଚ୍. ଡି. ଦେବେଗୌଡ଼ାଙ୍କ ପତ୍ନୀ ଚେନ୍ନମ୍ମାଙ୍କର ଶନିବାର (୧୮ ଜୁଲାଇ ୨୦୨୬) ବେଙ୍ଗାଲୁରୁର ଏକ ବେସରକାରୀ ହସ୍ପିଟାଲରେ ପରଲୋକ ଘଟିଛି। ଶନିବାର ଅପରାହ୍ନ ପ୍ରାୟ ୪ଟା ବେଳେ ତାଙ୍କୁ ହଠାତ୍ ହୃଦଘାତ ହୋଇଥିଲା। ଏହାପୂର୍ବରୁ ବୁଧବାର (୧୬ ଜୁଲାଇ) ତାଙ୍କର ଶ୍ୱାସକ୍ରିୟାରେ ଅସୁବିଧା, ଛାତିରେ ଯନ୍ତ୍ରଣା ଏବଂ ବୟସଜନିତ ଅନ୍ୟାନ୍ୟ ସମସ୍ୟା ଦେଖାଦେଇଥିଲା। ଏହାପରେ ତାଙ୍କୁ ବେଙ୍ଗାଲୁରୁର ମଣିପାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ହସ୍ପିଟାଲ ପକ୍ଷରୁ ଜାରି ବିବୃତ୍ତିରେ କୁହାଯାଇଛି ଯେ, ଶ୍ରୀମତୀ ଚେନ୍ନମ୍ମାଙ୍କ ସ୍ୱାସ୍ଥ୍ୟରେ ପୂର୍ବରୁ କିଛିଟା ସୁଧାର ଦେଖାଯାଉଥିଲା।

## ୱାଙ୍ଗଚୁକଙ୍କ ସମର୍ଥନରେ ଆନ୍ନା ହଜାରେ



ନୂଆଦିଲ୍ଲୀ: ସାମାଜିକ କାର୍ଯ୍ୟକର୍ତ୍ତା ଆନ୍ନା ହଜାରେ ଏବେ ସୋନମ୍ ୱାଙ୍ଗୁଚକଙ୍କ ଅନଶନକୁ ନେଇ ସରକାର ତୁରନ୍ତ ଆଲୋଚନା କରନ୍ତୁ ବୋଲି ଦାବି କରିଛନ୍ତି । ସେ କହିଛନ୍ତି କି ୱାଙ୍ଗଚୁକ୍ ୨୦ ଦିନ ଧରି ଅନଶନ ଜାରି ରଖିଛନ୍ତି । ଏହି କାରଣରୁ ସରକାର ସୋନମଙ୍କ ଧର୍ଯ୍ୟର ପରୀକ୍ଷା ନିଅନ୍ତୁ ନାହିଁ । ଆନ୍ନା ହଜାରେଙ୍କ କହିବା କଥା ସରକାର ସୋନମଙ୍କ ଦାବିକୁ ମାନନ୍ତୁ ବା ନମାନନ୍ତୁ କିନ୍ତୁ ୱାଙ୍ଗଚୁକଙ୍କ ସହ ଆଲୋଚନା କରନ୍ତୁ । ସାମାଜିକ କାର୍ଯ୍ୟକର୍ତ୍ତା ସୋନମ ୱାଙ୍ଗଚୁକ ଦୀର୍ଘ ୨୦ ଦିନ ହେବ ଉପାଶରେ ଅନଶନ କରୁଥିଲେ । ଏଥିରେ ତାଙ୍କୁ ବିଭିନ୍ନ ମହଲରୁ ସମର୍ଥନ ମିଳୁଥିଲେ ବି ସରକାର ତାଙ୍କ ସହ କୌଣସି ଆଲୋଚନା କରିନଥିଲେ । ୨୦ ତାରିଖରେ ଏହି ଅନଶନକାରୀମାନେ ସଂସଦ ମାର୍ଚ୍ଚ କରିବାକୁ ଯୋଜନା କରିଥିବା ବେଳେ ହଠାତ ଆଜି ପୁଲିସ ବଳପୂର୍ବକ ଅନଶନ ସ୍ଥଳରୁ ସୋନମ ୱାଙ୍ଗଚୁକଙ୍କୁ ଉଠାଇ ନେଇ ମେଡିକାଲରେ ଭର୍ତ୍ତି କରିଛି । ଏହାକୁ ନେଇ ବିଭିନ୍ନ ମହଲରୁ ସରକାରଙ୍କ ଏଭଳି କାର୍ଯ୍ୟକୁ ନିନ୍ଦା କରାଯାଉଛି । ସୂଚନା ଥାଉ କି, ନିଟ୍ ପରୀକ୍ଷା ପ୍ରଶ୍ନପତ୍ର ଲିକ୍ ମାମଲାରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ସିଜେପି ସହ

## ସୋନମ ଓଡ଼ିଶା ଜ୍ୱାଇଁ

**ନୂଆଦିଲ୍ଲୀ:** ପରିବେଶବିତ ତଥା ଶିକ୍ଷାବିତ୍ ସୋନମ ୱାଙ୍ଗଚୁକଙ୍କ ଅନଶନ ଏବଂ ତାଙ୍କୁ ଜନ୍ତର ମନ୍ତରରୁ ହଟାଇ ସଫଦରଜଙ୍ଗ ହସ୍ପିଟାଲକୁ ନିଆଯିବା ଘଟଣା ପରେ ତାଙ୍କ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ ଜାତୀୟ ସ୍ତରରେ ଚର୍ଚ୍ଚାକୁ ଆସିଛନ୍ତି। ଶନିବାର ଗୀତାଞ୍ଜଳି ସ୍ପଷ୍ଟ କହିଛନ୍ତି, "ଯଦି ସୋନମ ୱାଙ୍ଗଚୁକ ସଂସଦ ମାର୍ଚ୍ଚରେ ଯୋଗ ଦେଇପାରିବେ ନାହିଁ, ତାହେଲେ ମୁଁ ତାଙ୍କ ପ୍ରତିନିଧିତ୍ୱ କରିବି ଏବଂ ସେହି ମାର୍ଚ୍ଚର ନେତୃତ୍ୱ ନେବି।"

ଶୁକ୍ରବାର ଅନଶନ ଆରମ୍ଭ ହେବା ପରେ ପ୍ରଥମ ଥର ପାଇଁ ଗୀତାଞ୍ଜଳି ୱାଙ୍ଗଚୁକଙ୍କୁ ଭେଟିଥିଲେ। ସେହି ଦିନ ୱାଙ୍ଗଚୁକଙ୍କୁ ଜନ୍ତର ମନ୍ତରରୁ ବଳପୂର୍ବକ ହଟାଇ ସଫଦରଜଙ୍ଗ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ କରି ସେ ସରକାରଙ୍କ ବିରୋଧରେ ସ୍ୱର ଉଠାଇଥିଲେ। ଏହା ପୂର୍ବରୁ ମଧ୍ୟ ଲଦାଖରେ ହିଂସାତ୍ମକ ବିରୋଧ ପ୍ରଦର୍ଶନ ପରେ ପ୍ରାୟ ପାଞ୍ଚ ମାସ ଧରି ଅଟକ ରହିଥିବା ୱାଙ୍ଗଚୁକଙ୍କ ମୁକ୍ତିରେ ଗୀତାଞ୍ଜଳିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା। କିନ୍ତୁ ଆପଣ ଜାଣନ୍ତି କି ଯେଉଁ ସୋନମ ୱାଙ୍ଗଚୁକଙ୍କୁ ନେଇ ଆଜି ସାରା ଦେଶରେ ଚର୍ଚ୍ଚା ସେ ଆମ ଓଡ଼ିଶା ଜ୍ୱାଇଁ। ତାଙ୍କ ପତ୍ନୀ ଓଡ଼ିଶାରେ ଜନ୍ମ ହୋଇଛନ୍ତି, ଏଇଠି ପଢ଼ିଛନ୍ତି ଏଇଠି ବଢ଼ିଛନ୍ତି। ସେ ଓଡ଼ିଆ ବି ଜାଣନ୍ତି। ସୋନମ ୱାଙ୍ଗଚୁକ ମଧ୍ୟ ଟିକେ ଟିକେ ଓଡ଼ିଆ ଜାଣନ୍ତି। ତେବେ ଆସନ୍ତୁ ସୋନମ ୱାଙ୍ଗଚୁକଙ୍କ ଦ୍ୱିତୀୟ ପତ୍ନୀ ଗୀତାଞ୍ଜଳୀଙ୍କ ବିଷୟରେ ଅଧିକ ଟିକେ ଜାଣିବା।



ୱାଙ୍ଗଚୁକଙ୍କ ଦ୍ୱିତୀୟ ପତ୍ନୀ ଗୀତାଞ୍ଜଳି ଅଙ୍ଗମୋ

ସମାଜସେବୀ ସୋନମ ୱାଙ୍ଗଚୁକ ପ୍ରଥମେ ଆମେରିକୀୟ ନାଗରିକ ରେବେକା ନର୍ମାନଙ୍କୁ ବିବାହ କରିଥିଲେ। ପରେ ସେମାନଙ୍କର ବିବାହ ବିଚ୍ଛେଦ ହୋଇଥିଲା। ଏହା ପରେ ସେ ଗୀତାଞ୍ଜଳି ଅଙ୍ଗମୋଙ୍କୁ ବିବାହ କରିଛନ୍ତି। ସାଧାରଣତଃ ଲୋକଲୋଚନରୁ ଦୂରରେ ରହୁଥିବା ଗୀତାଞ୍ଜଳି ଜଣେ ସାମାଜିକ ଉଦ୍ୟୋଗୀ ଓ ଶିକ୍ଷାବିତ୍। ସେ ଲଦାଖର ହିମାଳୟନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଅଲ୍ଟରନେଟିଭ୍ସ (HIAL)-ର ସହ-ପ୍ରତିଷ୍ଠାତା। ୨୦୧୭ରେ ସୋନମ ୱାଙ୍ଗଚୁକଙ୍କ ସହ ମିଶି ସେ ଏହି ଅନୁଷ୍ଠାନ ସ୍ଥାପନ କରିଥିଲେ।

ଏହି ଅନୁଷ୍ଠାନ ଲଦାଖର କଠିନ ପାଣିପାଗକୁ ଧ୍ୟାନରେ ରଖି ବାସ୍ତବ ସମସ୍ୟାର ସମାଧାନ ଉପରେ କାମ କରୁଛି। ଏହା ଗ୍ରୀନ୍ କ୍ୟାମ୍ପସ, ସୌରଶକ୍ତି ଦ୍ୱାରା ଉତ୍ତପ୍ତ ଭବନ, ସ୍ଥାୟୀ ଟେକ୍ନୋଲୋଜୀର ବିକାଶ କରିବା ସହ ୨୦୨୧ରେ ସେନା ପାଇଁ ସୌରଶକ୍ତି ଚାଳିତ ତମ୍ବୁ ମଧ୍ୟ ବିକଶିତ କରିଥିଲା। HIAL ଫେଲୋଶିପ୍ ଓ ସ୍ୱଳ୍ପକାଳୀନ ପାଠ୍ୟକ୍ରମ ମଧ୍ୟ ପରିଚାଳନା କରୁଛି। ତେବେ ବିଦେଶୀ ଅର୍ଥ ସହାୟତା ସମ୍ବନ୍ଧୀୟ ଅଭିଯୋଗକୁ ନେଇ ଗତବର୍ଷ CBI ଏହି ସଂସ୍ଥାର ଯାଞ୍ଚ କରିଥିଲା।

ଓଡ଼ିଶାର ବାଲେଶ୍ୱରରେ ଜନ୍ମ

ଗୀତାଞ୍ଜଳି ଅଙ୍ଗମୋଙ୍କ ଜନ୍ମ ଓଡ଼ିଶାର ବାଲେଶ୍ୱରର ଏକ ପଞ୍ଜାବୀ ପରିବାରରେ ହୋଇଥିଲା। ସେ ଫକୀର ମୋହନ ବିଶ୍ୱବିଦ୍ୟାଳୟରୁ ପଦାର୍ଥ ବିଜ୍ଞାନରେ ସ୍ନାତକ ଶିକ୍ଷା ଶେଷ କରିବା ପରେ ଭୁବନେଶ୍ୱରର ଜେଭିଅର୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (XIMB)ରୁ MBA ଡିଗ୍ରୀ ହାସଲ କରିଥିଲେ। MBA ପରେ ସେ ପ୍ରାୟ ୧୫ ବର୍ଷ କର୍ପୋରେଟ୍ କ୍ଷେତ୍ରରେ କାମ କରିଥିଲେ। ବିଶେଷକରି ଡେନମାର୍କରେ ସେ ଦୀର୍ଘ ସମୟ କାର୍ଯ୍ୟରତ ଥିଲେ।

ଭାରତ ଫେରିବା ପରେ ସେ ଉଦ୍ୟୋଗ କ୍ଷେତ୍ରରେ ପ୍ରବେଶ କରି ପୁଷାନ୍, ସାଂଘାଇ ପାୱାର ପ୍ରୋଜେକ୍ଟସ୍ ଲିମିଟେଡ୍ ପ୍ରତିଷ୍ଠା କରିଥିଲେ। ଏହା ସହ ହେଲିଓସ୍ ବୁକ୍ସ ନାମରେ ଏକ ପ୍ରକାଶନ ସଂସ୍ଥା ମଧ୍ୟ ସ୍ଥାପନ କରିଥିଲେ। ଗୀତାଞ୍ଜଳିଙ୍କ LinkedIn ପ୍ରୋଫାଇଲ୍ ଅନୁସାରେ ସେ କରାଟେରେ ବ୍ଲାକ୍ ବେଲ୍ଟ ହୋଇଥିବା ବେଳେ ଓଡ଼ିଶୀ ଓ ରୁଷୀୟ ନୃତ୍ୟରେ ମଧ୍ୟ ପାରଙ୍ଗମ। ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର Chevening Scholar ମଧ୍ୟ ଅଟନ୍ତି। ଭାରତୀୟ ଆଧ୍ୟାତ୍ମିକତା ପ୍ରତି ତାଙ୍କର ଗଭୀର ଆଗ୍ରହ ଥିବା କଥା ସେ ବାୟୋରେ ଲେଖିଛନ୍ତି।

କିପରି ହୋଇଥିଲା ପରିଚୟ?

୨୦୨୫ରେ ଇଂରାଜୀ ଗଣମାଧ୍ୟମ ବ୍ରୁଟ(Brut)କୁ ଦେଇଥିବା ଏକ ସାକ୍ଷାତକାରରେ ଗୀତାଞ୍ଜଳି କହିଥିଲେ ଯେ ଏକ ଶିକ୍ଷା ସମ୍ମିଳନୀରେ ତାଙ୍କର ୱାଙ୍ଗଚୁକଙ୍କ ସହ ପ୍ରଥମ ସାକ୍ଷାତ ହୋଇଥିଲା। ସେ କହିଥିଲେ, "ଆମେ ଦୁହିଙ୍କର କଥା ଏକା ଥିଲା ଶିକ୍ଷା ଓ ଜୀବନକୁ ନେଇ ଆମ ଚିନ୍ତାଧାରାରେ ବହୁତ ସାମଞ୍ଜସ୍ୟ ଥିଲା।" ସେ ସବୁବେଳେ ୱାଙ୍ଗଚୁକଙ୍କୁ ତାଙ୍କ କାର୍ଯ୍ୟରେ ସମର୍ଥନ ଜଣାଇଛନ୍ତି।

ଗତବର୍ଷ ସେପ୍ଟେମ୍ବରରେ ଲଦାଖରେ ହିଂସାତ୍ମକ ବିରୋଧ ପ୍ରଦର୍ଶନ ପରେ ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ (NSA) ଅଧୀନରେ ଗିରଫ କରାଯାଇଥିଲା। ତାଙ୍କୁ ଯୋଧପୁର କେନ୍ଦ୍ରୀୟ କାରାଗାରରେ ରଖାଯାଇଥିଲା। ଲଦାଖକୁ ପୂର୍ଣ୍ଣ ରାଜ୍ୟ ମାନ୍ୟତା ଓ ସମ୍ବିଧାନର ଷଷ୍ଠ ସୂଚୀରେ ସାମିଲ କରିବା ଦାବିରେ ହୋଇଥିବା ଆନ୍ଦୋଳନ ସମୟରେ ଚାରି ଜଣଙ୍କ ମୃତ୍ୟୁ ଏବଂ ୫୦ରୁ ଅଧିକ ଲୋକ ଆହତ ହୋଇଥିଲେ। ୨୦୧୯ରେ ଲଦାଖକୁ କେନ୍ଦ୍ରଶାସିତ ଅଞ୍ଚଳ କରାଯିବା ପରଠାରୁ ୱାଙ୍ଗଚୁକ ଏହି ଦୁଇ ଦାବିକୁ ନେଇ ବାରମ୍ବାର ଅନଶନ ଓ ଆନ୍ଦୋଳନ କରୁଛନ୍ତି।

ୱାଙ୍ଗଚୁକଙ୍କ ଦୀର୍ଘ ଦିନର ଅଟକକୁ ଚ୍ୟାଲେଞ୍ଜ କରି ଗୀତାଞ୍ଜଳି ସୁପ୍ରିମକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେ ରାଷ୍ଟ୍ରପତିଙ୍କୁ ମଧ୍ୟ ଚିଠି ଲେଖି ହସ୍ତକ୍ଷେପ ଲୋଡ଼ିଥିଲେ। ୧୭୦ ଦିନ ପରେ ୱାଙ୍ଗଚୁକ ମୁକ୍ତ ହେବା ହୋଇଥିଲେ। ଆଉ ଏବେ ନିଟ୍ ପେପର ଲିକ ନେଇ କରିଥିବା ଅନଶନରେ ମଧ୍ୟ ଗୀତାଞ୍ଜଳୀ ୱାଙ୍ଗଚୁକଙ୍କ ସମର୍ଥନ ପାଇଁ ଓହ୍ଲାଇଛନ୍ତି। ଆସନ୍ତା ଜୁଲାଇ ୨୦ରେ ସଂସଦର ମୌସୁମୀ ଅଧିବେଶନର ପ୍ରଥମ ଦିନ କକ୍ରୋଚ ଜନତା ପାର୍ଟି ପକ୍ଷରୁ ସଂସଦ ଅଭିମୁଖେ ଏକ ଶୋଭାଯାତ୍ରା ହେବାର ଅଛି। ଏଥିରେ ୱାଙ୍ଗଚୁକ ମଧ୍ୟ ଯୋଗ ଦେବାର ଥିଲା। ହେଲେ ଦିଲ୍ଲୀ ପୁଲିସ ତାଙ୍କୁ ସଫଦରଗଞ୍ଜ ହସପିଟାଲରେ ରଖିଥିବାରୁ ତାଙ୍କ ସ୍ୱାସ୍ଥ୍ୟ ସ୍ଥିତିକୁ ଦେଖି ଶୋଭାଯାତ୍ରାରେ ଯୋଗ ଦେଇପାରିବେ ନାହିଁ। ତେବେ ତାଙ୍କ ବଦଳରେ ନିଜେ ଗୀତାଞ୍ଜଳୀ ପ୍ରତିନିଧି ଭାବେ ସଂସଦ ପର୍ଯ୍ୟନ୍ତ ହେବାକୁ ଥିବା ଶୋଭାଯାତ୍ରାରେ ନେତୃତ୍ୱ ନେବେ ବୋଲି ଘୋଷଣା କରିଛନ୍ତି। ବର୍ତ୍ତମାନ ସମସ୍ତଙ୍କ ନଜର ଜୁଲାଇ ୨୦ର ଏହି ମାର୍ଚ୍ଚ ଉପରେ ରହିଛି।

## ବାଣ କାରଖାନାରେ ଭୟଙ୍କର ଅଗ୍ନିକାଣ୍ଡ; ୮ ମୃତ, ୧୦ରୁ ଅଧିକ ଗୁରୁତର

**ଅହମ୍ମଦାବାଦ:** ଗୁଜରାଟର ଅହମ୍ମଦାବାଦରେ ଏକ ବଡ଼ ଅଘଟଣ ଘଟିଛି। ସ୍ଥାନୀୟ ରାମୋଲ-ଗାତ୍ରଦ ରୋଡ୍ରେ ଅବସ୍ଥିତ ଏକ ବାଣ ତିଆରି କାରଖାନାରେ ଶନିବାର ସନ୍ଧ୍ୟାରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୧୦ ଜଣ ଗୁରୁତର ହୋଇଛନ୍ତି। ସୂଚନା ଅନୁଯାୟୀ, ନିଆଁର ଭୟାବହତା ଏତେ ଅଧିକ ଥିଲା ଯେ, ଦେଖୁଦେଖୁ କାରଖାନାଟି ଜଳିପୋଡ଼ି ରଖାର ହୋଇଯାଇଛି । ଘଟଣା ସମ୍ପର୍କରେ ଖବର ପାଇ ରାପିଡ୍ ଆକ୍ସନ୍ ଫୋର୍ସ (RAF) ର ଯବାନମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ପାଇଁ ଘଟଣାସ୍ଥଳରେ ପହଞ୍ଚିଥିଲେ। ଯବାନମାନେ ବିଲ୍ଡିଂ ମଧ୍ୟରୁ ୮ ଜଣଙ୍କର ମୃତଦେହ ଉଦ୍ଧାର କରିବା ସହ ଭିତରେ ଫସି ରହିଥିବା ଏବଂ ଆହତ ହୋଇଥିବା ଶ୍ରମିକମାନଙ୍କୁ ସୁରକ୍ଷିତ ଭାବରେ ବାହାରକୁ ଆଣିଥିଲେ। ଏହା ସହିତ ଅଗ୍ନିଶମ ବାହିନୀର ଅନେକ ଗାଡ଼ି ଘଟଣାସ୍ଥଳକୁ ଆସି ବହୁ ସମୟର ପରିଶ୍ରମ ପରେ ନିଆଁକୁ ଆୟତ୍ତ କରିଥିଲେ। ବର୍ତ୍ତମାନ କାରଖାନା ପରିସରକୁ ଥଣ୍ଡା କରିବା ପାଇଁ (Cooling operations) ପ୍ରକ୍ରିୟା ଜାରି ରହିଛି। ଅନ୍ୟପଟେ, ଆହତ ହୋଇଥିବା ଶ୍ରମିକମାନଙ୍କୁ ତୁରନ୍ତ ଚିକିତ୍ସା ପାଇଁ ନିକଟସ୍ଥ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ତେବେ କେଉଁ କାରଣରୁ ଏହି ଅଗ୍ନିକାଣ୍ଡ ଘଟିଲା, ସେ ସମ୍ପର୍କରେ ଏପର୍ଯ୍ୟନ୍ତ ସ୍ପଷ୍ଟ ସୂଚନା ମିଳିନାହିଁ।



ରାମ ମନ୍ଦିର ସିଇଓ ରେସ୍: ଆବେଦନ କରିଛନ୍ତି ଅବସରପ୍ରାପ୍ତ ଆଇଏଏସ୍ ଅଧିକାରୀ

ନୂଆଦିଲ୍ଲୀ: ଶ୍ରୀରାମ ଜନ୍ମଭୂମି ତୀର୍ଥ କ୍ଷେତ୍ର ଟ୍ରଷ୍ଟର ପ୍ରଥମ ସିଇଓ ପଦବୀ ପାଇଁ ଆବେଦନକାରୀଙ୍କ ମଧ୍ୟରେ ବହୁ ସଂଖ୍ୟାରେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ (ବ୍ୟୁରୋକ୍ରାଟ୍) ସାମିଲ ଅଛନ୍ତି। ପିଟିଆଇ (PTI) ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ଏହି ପଦବୀ ପାଇଁ ଆବେଦନ ପ୍ରକ୍ରିୟା ଶେଷ ହୋଇଛି। ମନ୍ଦିରର ଦାନ ଅର୍ଥ ହେରଫେର ଅଭିଯୋଗ ଆସିବା ପରେ ପ୍ରଶାସନିକ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଟ୍ରଷ୍ଟ ପକ୍ଷରୁ ଏହି ନୂତନ ସିଇଓ ପଦବୀ ସୃଷ୍ଟି କରାଯାଇଛି। ଏହି ପଦବୀ ମାଧ୍ୟମରେ ଦୈନନ୍ଦିନ ପରିଚାଳନା ଏବଂ ସଂସ୍ଥାର ସ୍ୱଚ୍ଛତା ରକ୍ଷା କରାଯିବ। ଟ୍ରଷ୍ଟର ଜଣେ ବରିଷ୍ଠ ସଦସ୍ୟଙ୍କ କହିବା ଅନୁଯାୟୀ, ଏହି ପଦବୀ ପାଇଁ ବହୁ ସଂଖ୍ୟାରେ ଆବେଦନ ଆସିଛି। ଅନେକ ଆବେଦନକାରୀ ସେମାନଙ୍କ ବାୟୋଡାଟା ସିଧାସଳଖ ପଠାଇଥିଲେ ମଧ୍ୟ ସେଗୁଡ଼ିକୁ ବିଶେଷଜ୍ଞ କମିଟି ନିକଟକୁ ପଠାଇବାକୁ କୁହାଯାଇଛି । ସେମାନେ ଆବେଦନଗୁଡ଼ିକର ଯାଞ୍ଚ କରିବେ। ଏହି ଦୌଡ଼ରେ ଅବସରପ୍ରାପ୍ତ ଅମଲାମାନଙ୍କ ସଂଖ୍ୟା ସର୍ବାଧିକ ଥିବାବେଳେ ଚାକିରି କାଳର ଶେଷ ଦୁଇ ବର୍ଷରେ ଥିବା ସରକାରୀ ଅଧିକାରୀ ଏବଂ ବେସରକାରୀ କ୍ଷେତ୍ରର କର୍ମଚାରୀମାନେ ମଧ୍ୟ ଆବେଦନ କରିଛନ୍ତି । ଅବସରପ୍ରାପ୍ତ ବିଚାରପତି ପ୍ରମୋଦ କୋହଲି, ଅବସରପ୍ରାପ୍ତ ଲେଫ୍ଟନାଣ୍ଟ ଜେନେରାଲ ବିଷ୍ଣୁକାନ୍ତ ଚତୁର୍ବେଦୀ ଏବଂ ଏନଆଇଟି ରାୟପୁରର ପୂର୍ବତନ ଅଧ୍ୟକ୍ଷ ସୁରେଶ ହାୱାରେଙ୍କୁ ନେଇ ଗଠିତ ତିନି ଜଣିଆ କମିଟି ଏହି ଆବେଦନଗୁଡ଼ିକର ସ୍କ୍ରିନିଂ କରିବେ। ଏଥିପାଇଁ କମିଟିକୁ ପ୍ରାୟ ଏକ ମାସ ସମୟ ଦିଆଯାଇଛି ଏବଂ କମିଟି ସର୍ବାଧିକ ତିନି ଜଣ ପ୍ରାର୍ଥୀଙ୍କ ନାମ ଟ୍ରଷ୍ଟକୁ ସୁପାରିଶ କରିପାରେ। ଶେଷ ନିଷ୍ପତ୍ତି ଟ୍ରଷ୍ଟ ପକ୍ଷରୁ ନିଆଯିବ। ଚମ୍ପତ ରାୟ ଏବଂ ଅନିଲ ମିଶ୍ରଙ୍କ ଇସ୍ତଫା ପରେ ବର୍ତ୍ତମାନ କୃଷ୍ଣ ମୋହନଙ୍କୁ ମଧ୍ୟବର୍ତ୍ତୀକାଳୀନ ସାଧାରଣ ସମ୍ପାଦକ କରାଯାଇଛି ଏବଂ ଟ୍ରଷ୍ଟରେ ୧୩ ଜଣ ସଦସ୍ୟ ଅଛନ୍ତି। ଆସନ୍ତା ଜୁଲାଇ ୨୨ ତାରିଖରେ ବସିବାକୁ ଥିବା ଟ୍ରଷ୍ଟ ବୈଠକରେ ଖାଲି ପଦବୀଗୁଡ଼ିକ ପୂରଣ ହେବା ପରେ ଏହି ସିଇଓ ନିଯୁକ୍ତି ପ୍ରକ୍ରିୟା ଆଗକୁ ବଢ଼ିବ ବୋଲି ଜଣାପଡ଼ିଛି।

## ଶିବସେନା ସାଂସଦଙ୍କ ମିଶ୍ରଣକୁ ମଞ୍ଜୁରୀ ଦେଲେ ବାଚସ୍ପତି

**ନୂଆଦିଲ୍ଲୀ:** ସଂସଦର ମୌସୁମୀ ଅଧିବେଶନ ପୂର୍ବରୁ ମମତା ବାନାର୍ଜୀଓ ଉଦ୍ଧବ ଠାକ୍ରେଙ୍କୁ ବଡ଼ ଝଟ୍କା ଲାଗିଛି। ଦୁଇ ଦଳରେ ବିଦ୍ରୋହ ପରେ ସାଂସଦମାନେ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗ ଦେବା ପାଇଁ କରିଥିବା ଆବେଦନକୁ ବାଚସ୍ପତି ଓମ୍ ବିର୍ଲା ମଞ୍ଜୁରୀ ଦେଇଛନ୍ତି। ଶନିବାର ବାଚସ୍ପତି ଶିବସେନା (ୟୁବିଟି) ର ୬ ଜଣ ସାଂସଦଙ୍କ ଶିବସେନା ସିନ୍ଦେ ଗୋଷ୍ଠୀରେ ମିଶ୍ରଣକୁ ସ୍ୱୀକୃତି ଦେଇଛନ୍ତି। ଏହାସହିତ ଟିଏମ୍ସିରୁ ଅଲଗା ହୋଇ ଏନ୍ଡିପିଆଇରେ ସାମିଲ ହୋଇଥିବା ଅନ୍ୟ ୨୦ ଜଣ ସାଂସଦଙ୍କ ପାଇଁ ସଂସଦରେ ଅଲଗା ବସିବା ପାଇଁ ମଧ୍ୟ ମଞ୍ଜୁରୀ ମିଳିଛି। ଏନ୍ଡିପିଆଇକୁ ଏକ ସ୍ୱତନ୍ତ୍ର ଗୋଷ୍ଠୀର ମାନ୍ୟତା ପ୍ରଦାନ କରାଯାଇଛି ।ନିକଟରେ ଶିବସେନା (ୟୁବିଟି)ରେ ଦ୍ୱିତୀୟ ବିଭାଜନ ହୋଇଥିଲା। ଏଥର ଉଦ୍ଧବଙ୍କର ଛଅ ଜଣ ସାଂସଦ ଦଳ ବଦଳ କରିଛନ୍ତି। ଏହା ଶିବସେନା (ୟୁବିଟି)ର ମୋଟ ସାଂସଦଙ୍କ ସଂଖ୍ୟାର ଦୁଇ-ତୃତୀୟାଂଶ ଥିଲା। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନରେ ଟିଏମ୍ସିର ପରାଜୟ ପରେ ଅଧିକାଂଶ ସାଂସଦ ଓ ବିଧାୟକ ମମତାଙ୍କଠାରୁ ଅଲଗା ହୋଇସାରିଛନ୍ତି। କାକଲୀ ଘୋଷଙ୍କ ନେତୃତ୍ୱରେ ୨୦ ଜଣ ଟିଏମ୍ସି ସାଂସଦ ଏନ୍ଡିପିଆଇରେ ମିଶ୍ରଣ ପରେ ସେମାନେ ବାଚସ୍ପତିଙ୍କୁ ସଂସଦରେ ସେମାନଙ୍କ ପାଇଁ ଅଲଗା ବସିବାର ବ୍ୟବସ୍ଥା କରିବାକୁ ନିବେଦନ କରିଥିଲେ।

## ୭୨ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା

**ନୂଆଦିଲ୍ଲୀ:** ଚଳଚ୍ଚିତ୍ର କ୍ଷେତ୍ରରେ ଶ୍ରେଷ୍ଠ ପ୍ରଦର୍ଶନକୁ ସ୍ୱୀକୃତି ଦେଇ ଭାରତ ସରକାରଙ୍କ ପକ୍ଷରୁ ଶନିବାର ୭୨ ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯାଇଛି। ନୂଆଦିଲ୍ଲୀର ଜାତୀୟ ଗଣମାଧ୍ୟମ କେନ୍ଦ୍ରରେ ୨୦୨୬ ବର୍ଷ ପାଇଁ ଜାତୀୟ ଚଳଚ୍ଚିତ୍ର ପୁରସ୍କାର ବିଜେତାଙ୍କ ନାମ ଘୋଷଣା କରାଯାଇଛି। ୭୨ତମ ଜାତୀୟ ଚଳଚ୍ଚିତ୍ର ପୁରସ୍କାରରେ 'ଆର୍ଟିକିଲ ୩୭୦' ସର୍ବଶ୍ରେଷ୍ଠ ଚଳଚ୍ଚିତ୍ର ଓ 'ଲହରୀ'କୁ ସର୍ବଶ୍ରେଷ୍ଠ ଓଡ଼ିଆ ଚଳଚ୍ଚିତ୍ର ଭାବେ ଘୋଷଣା କରାଯାଇଛି। 'ଆର୍ଟିକିଲ୍ ୩୭୦' ପାଇଁ ୟାମି ଗୌତମ ଶ୍ରେଷ୍ଠ ଅଭିନେତ୍ରୀ ବିବେଚିତ ହୋଇଛନ୍ତି। 'ବ୍ରମାୟୁଗମ୍' ପାଇଁ ମାମୁଟି ଓ 'ଚନ୍ଦୁ ଚାମ୍ପିଅନ୍' ପାଇଁ କାର୍ତ୍ତିକ ଆର୍ୟନଙ୍କୁ ମିଳିତ ଭାବରେ ଶ୍ରେଷ୍ଠ ଅଭିନେତା ପୁରସ୍କାର ବିଜେତା ଘୋଷଣା କରାଯାଇଛି। ରାଜକୁମାର ପେରିଆସାମି 'ଅମରନ୍' ଚଳଚ୍ଚିତ୍ର ପାଇଁ ଶ୍ରେଷ୍ଠ ନିର୍ଦ୍ଦେଶକ ବିବେଚିତ ହୋଇଛନ୍ତି। ଶ୍ରେଷ୍ଠ ମନୋରଞ୍ଜନ ପ୍ରଦାନକାରୀ ଚଳଚ୍ଚିତ୍ର ପୁରସ୍କାର 'କଳକୀ ୨୮୯୮ ଏଡି' କୁ ଓ ଜାତୀୟ, ସାମାଜିକ ମୂଲ୍ୟବୋଧକୁ ପ୍ରୋତ୍ସାହିତ କରୁଥିବା ଶ୍ରେଷ୍ଠ ଚଳଚ୍ଚିତ୍ର ବର୍ଗରେ 'କ୍ୟାପ୍ଟେନ ମିଲର' ବିଜେତା ହୋଇଛି। ଶ୍ରେଷ୍ଠ ସହ ଅଭିନେତା ଭାବରେ 'ଭକ୍ଷକ' ପାଇଁ ସଞ୍ଜୟ ମିଶ୍ରଙ୍କୁ ବିଜେତା ଘୋଷଣା କରାଯାଇଛି। ଶ୍ରେଷ୍ଠ ସହ ଅଭିନେତ୍ରୀ ଭାବେ 'ମିଥା (କନ୍ନଡ)' ପାଇଁ ରୋପାଶ୍ରୀ ଭାର୍କାଡି ଓ 'ମହାରାଜା (ତାମିଲ)' ପାଇଁ ସଚ୍ଚାନା ନମିଦାସ୍ଙ୍କ ନାମ ଘୋଷଣା କରାଯାଇଛି। 'ଶ୍ରୀକାନ୍ତ'କୁ ସର୍ବଶ୍ରେଷ୍ଠ ହିନ୍ଦୀ ଚଳଚ୍ଚିତ୍ର , 'ରାୟଣ'କୁ ଶ୍ରେଷ୍ଠ ତାମିଲ୍ ଚଳଚ୍ଚିତ୍ର, 'କମିଟି କୁରୋଲୁ'କୁ ଶ୍ରେଷ୍ଠ ତେଲୁଗୁ ଚଳଚ୍ଚିତ୍ର, 'ମୁକ୍କମ୍ ପୋଷ୍ଟ ବୋମ୍ବିଲୱାଡି'କୁ ଶ୍ରେଷ୍ଠ ମରାଠୀ ଚଳଚ୍ଚିତ୍ର ଘୋଷଣା କରାଯାଇଛି। 'ସୁନୀତା' ଶ୍ରେଷ୍ଠ ମଣିପୁରୀ ଚଳଚ୍ଚିତ୍ର ହୋଇଛି। ଅଭୟ ଯୋଧପୁର ଶ୍ରେଷ୍ଠ ପୁରୁଷ ପ୍ରଚ୍ଛଦପଟ୍ଟ ଗାୟକ ଓ ଭାଇକମ୍ ବିଜୟଲକ୍ଷ୍ମୀ ଶ୍ରେଷ୍ଠ ମହିଳା ପ୍ରଚ୍ଛଦପଟ୍ଟ ଗାୟିକା ବିବେଚିତ ହୋଇଛନ୍ତି। ମାଲାୟଲମ ଚଳଚ୍ଚିତ୍ର ନିର୍ମାତା ଜୟରାଜ ଫିଲ୍ମ ଜୁରିର ଅଧ୍ୟକ୍ଷତା କରିଥିଲେ। ୨୦୨୪ରେ ସିବିଏଫ୍ସି ଦ୍ୱାରା ପ୍ରମାଣିତ ଚଳଚ୍ଚିତ୍ର ପାଇଁ ଏହି ପୁରସ୍କାର ଘୋଷଣା କରାଯାଇଛି।

## ଭୀଷଣ ଯୁଦ୍ଧର ରୂପ ନେଇପାରେ ଆମେରିକା- ଇରାନ ସଂଘର୍ଷ

**ନୂଆଦିଲ୍ଲୀ :** ବିଶ୍ୱ ଏବେ ଏକ ବଡ଼ ଯୁଦ୍ଧ ଆଡ଼କୁ ଗତି କରୁଛି କି? କାରଣ ଆମେରିକା ଏବଂ ଇରାନ ମଧ୍ୟରେ ତିକ୍ତତା ଏବେ ଚରମ ସୀମାରେ ପହଞ୍ଚିଛି। ଇରାନ ପକ୍ଷରୁ 'ଜିରୋ ଆୱାର' ବା ଆକ୍ରମଣର ଚୂଡ଼ାନ୍ତ ମୁହୂର୍ତ୍ତର ଚେତାବନୀ ଦିଆଯାଇଥିବା ବେଳେ, ଆମେରିକା ଇସ୍ରାଏଲରେ ନିଜର ସାମରିକ ପ୍ରସ୍ତୁତିକୁ ଦୁଇଗୁଣା କରିଦେଇଛି। ଇରାନର ପରମାଣୁ ପ୍ରତିଷ୍ଠାନ ଉପରେ ବଡ଼ ଆକ୍ରମଣ ପାଇଁ ପ୍ରସ୍ତୁତ ହେଉଛନ୍ତି ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଆମେରିକା ଏବଂ ଇରାନ ମଧ୍ୟରେ ଚାଲିଥିବା ତିକ୍ତତା ଏବେ ଏକ ଭୟଙ୍କର ଯୁଦ୍ଧର ରୂପ ନେଇଛି। ଇରାନ ପକ୍ଷରୁ କୁୱେତ, ବାହାରିନ ଏବଂ ଜର୍ଡାନରେ ଥିବା ଆମେରିକାର ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ୍ କରି ଘନଘନ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣ କରାଯାଇଛି। ସେପଟେ ପାଲଟା ଜବାବରେ ଆମେରିକାର ଏୟାରଷ୍ଟ୍ରାଇକରେ ଇରାନର ୩ ଜଣଙ୍କର ମୃତ୍ୟୁ ହୋଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୋଧରେ ଏକ ବଡ଼ ସାମରିକ ଅଭିଯାନ ପାଇଁ ସବୁଜ ସଙ୍କେତ ଦେଇପାରନ୍ତି। ସୂଚନା ଅନୁସାରେ, ଆମେରିକା ନିଜର ଏୟାର ରିଫ୍ୟୁଏଲିଂ ବା ଆକାଶରେ ଇନ୍ଧନ ଭରୁଥିବା ବିମାନକୁ ଇସ୍ରାଏଲ ପଠାଉଛି। ଏହି ସ୍ୱତନ୍ତ୍ର ସାମରିକ ବିମାନଗୁଡ଼ିକ ଯୋଗୁ ଆମେରିକା ଓ ଇସ୍ରାଏଲର ଫାଇଟର ଜେଟଗୁଡ଼ିକ ଦୀର୍ଘ ସମୟ ଧରି ଆକାଶରୁ ଇରାନର ସୀମା ଭିତରକୁ ପଶି ଆକ୍ରମଣ କରିବାକୁ ସକ୍ଷମ ହେବେ। ଗତ ୭ ଦିନ ଧରି ଆମେରିକା ସେନା ହରମୁଜ ପ୍ରଣାଳୀ ନିକଟରେ ଇରାନ ଉପରେ କ୍ରମାଗତ ବୋମାମାଡ଼ କରୁଛି ଏବଂ ଇରାନ ସେନାର ଯୋଗାଯୋଗ ପାଇଁ ବ୍ୟବହୃତ ହେଉଥିବା ୭ଟି ବଡ଼ ପୋଲକୁ ସମ୍ପୂର୍ଣ୍ଣ ଧ୍ୱଂସ କରିଦେଇଛି।

ଆକ୍ରମଣର ଭୟଙ୍କର ରୂପ

- -ଆମେରିକା ଟାର୍ଗେଟରେ ଏବେ କେବଳ ସୀମାନ୍ତ ଅଞ୍ଚଳ ନାହିଁ
- -ଇରାନ ଭିତରେ ଥିବା ପ୍ରମୁଖ ପାୱାର ପ୍ଲାଣ୍ଟ, ପରମାଣୁ ପ୍ରତିଷ୍ଠାନ ରହିଛି
- -ଇରାନର ମାଟି ତଳେ ଥିବା ରହସ୍ୟମୟ 'ପିକାକ୍ସ ମାଉଣ୍ଟେନ' ସାମରିକ ବେସକୁ ଟାର୍ଗେଟରେ
- -ଏଗୁଡିକୁ ଧ୍ୱଂସ କରିବା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହୋଇସାରିଛି।

ଆମେରିକାର ଏହି ପ୍ରସ୍ତୁତିକୁ ଦେଖି ଇରାନର ରିଭୋଲ୍ୟୁସନାରୀ ଗାର୍ଡସ କର୍ପସ କହିଛି ଯେ, ଆମେରିକାର ସମସ୍ତ ଗତିବିଧି ଉପରେ ଆମର ନଜର ରହିଛି ଏବଂ ଖୁବ୍ ଶୀଘ୍ର ଏହାର ଜବାବ ଦିଆଯିବ। ଅନ୍ୟପଟେ ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତନ୍ୟାହୁ ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଇରାନ କୌଣସି ଭୁଲ୍ କଲେ ଭୟଙ୍କର ପରିଣାମ ଭୋଗିବାକୁ ପଡ଼ିବ ତେବେ ଆମେରିକା ଓ ଇରାନର ଏହି ଯୁଦ୍ଧ ଜିଦ୍ ଏବେ ସାରା ବିଶ୍ୱ ପାଇଁ ବଡ଼ ସଙ୍କଟ ସୃଷ୍ଟି କରିଛି। ଯଦି ସତରେ ଏହି 'ଜିରୋ ଆୱାର' ଆକ୍ରମଣରେ ପରିଣତ ହୁଏ, ତେବେ ମଧ୍ୟପ୍ରାଚ୍ୟରେ ମହାବିନାଶକୁ କେହି ରୋକିପାରିବେ ନାହିଁ।

## ଭାରତରେ ତିଆରି ହେବ ରୁଷର ମାରାତ୍ମକ ଟ୍ୟାଙ୍କ ଟି- ୯୦ଏମଏସ

**ନୂଆଦିଲ୍ଲୀ:** ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଓ ରୁଷର ପୁରୁଣା ବନ୍ଧୁତା ଏବେ ଏକ ନୂଆ ମୋଡ଼ ନେବାକୁ ଯାଉଛି। ଭାରତୀୟ ସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ଏକ ବଡ଼ ଚାଲ୍ ଖେଳିଛନ୍ତି ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ। ରୁଷର ସବୁଠୁ ସାଂଘାତିକ ଓ ମାରାତ୍ମକ ଯୁଦ୍ଧ ଟ୍ୟାଙ୍କ T-90MSକୁ ଭାରତରେ ମିଳିତ ଭାବେ ତିଆରି କରିବା ପାଇଁ ମସ୍କୋ ପକ୍ଷରୁ ଏକ ବଡ଼ ପ୍ରସ୍ତାବ ଦିଆଯାଇଛି। ରୁଷର ସରକାରୀ ପ୍ରତିରକ୍ଷା ରପ୍ତାନିକାରୀ ସଂସ୍ଥା 'ରୋସୋବୋରନଏକ୍ସପୋର୍ଟ' ପକ୍ଷରୁ ଏହି ଅଫର ମିଳିଛି, ଯେଉଁଥିରେ ପର୍ଯ୍ୟାୟକ୍ରମେ ଭାରତ ଭିତରେ ହିଁ ଏହି ଟ୍ୟାଙ୍କର ସମସ୍ତ ପାର୍ଟସ ନିର୍ମାଣ କରାଯିବ। କାହିଁକି ଏହି ପ୍ରସ୍ତାବ ଭାରତ ପାଇଁ ସହଜ ?



ଭାରତୀୟ ସେନା ପାଖରେ ପୂର୍ବରୁ ହିଁ ରୁଷ ନିର୍ମିତ ଟି-୭୨ ଏବେ ଟି-୯୦ଏସ ଟ୍ୟାଙ୍କର ଏକ ବିଶାଳ ବାହିନୀ ରହିଛି। ଭାରତୀୟ ପ୍ରତିରକ୍ଷା ସଂସ୍ଥାଗୁଡ଼ିକ ଏହି ଟ୍ୟାଙ୍କଗୁଡ଼ିକର ଆଧୁନିକୀକରଣ କାମ ମଧ୍ୟ କରୁଛନ୍ତି। ରୁଷ କହିବା କଥା, ଭାରତୀୟ କମ୍ପାନୀଗୁଡ଼ିକର ଏହି ପୁରୁଣା ଅଭିଜ୍ଞତା ଯୋଗୁ ନୂଆ ଆଧୁନିକ ଟି-୯୦ଏମଏସ ଟ୍ୟାଙ୍କର ଉତ୍ପାଦନ ଖୁବ୍ ଶୀଘ୍ର ଏବଂ କମ୍ ଖର୍ଚ୍ଚରେ ହୋଇପାରିବ।

ରୁଷର ମାଷ୍ଟର ପ୍ଲାନ:

ପ୍ରଥମ ପର୍ଯ୍ୟାୟ: ରୁଷରୁ ଟେକ୍ନୋଲୋଜି କିଟ୍ ଆସିବ ଏବଂ ଭାରତୀୟ କାରଖାନାରେ ଏହାର ଆସେମ୍ବଲି ହେବ। ଦ୍ୱିତୀୟ ପର୍ଯ୍ୟାୟ: ଧୀରେ ଧୀରେ ଭାରତୀୟ ସ୍ଥାନୀୟ ଶିଳ୍ପ ସହାୟତାରେ ଏହାର ସମସ୍ତ ଯନ୍ତ୍ରାଂଶ ଏଠାରେ ତିଆରି କରାଯିବ। କାହିଁକି ଏତେ ଭୟଙ୍କର ଟି-୯୦ଏମଏସ ଟ୍ୟାଙ୍କ ?

ଟି-୯୦ଏମଏସ ହେଉଛି ରୁଷର ସର୍ବାଧୁନିକ ଟି-୯୦ଏସ ଟ୍ୟାଙ୍କ ପରିବାରର ରପ୍ତାନି ସଂସ୍କରଣ, ଯାହାକୁ ବିଶ୍ୱପ୍ରସିଦ୍ଧ 'ଉରାଲଭାଗନଜାଭୋଡ୍' କମ୍ପାନୀ ପ୍ରସ୍ତୁତ କରିଛି। ଏହି ଟ୍ୟାଙ୍କରେ ଏମିତି କିଛି ଟେକ୍ନୋଲୋଜି ଅଛି ଯାହା ଶତ୍ରୁ ପାଇଁ କାଳ ସାଜିବ। ଡିଜିଟାଲ ଆର୍କିଟେକ୍ଚର: ଏଥିରେ ଅତ୍ୟାଧୁନିକ ଫାୟାର କଣ୍ଟ୍ରୋଲ ସିଷ୍ଟମ ଅଛି, ଯାହା ଅତି ସହଜରେ ଶତ୍ରୁର ସ୍ଥିତି ଚିହ୍ନଟ କରି ଟାର୍ଗେଟ କରିପାରେ।

ଗାଇଡେଡ୍ ମିସାଇଲ୍: ଏହି ଟ୍ୟାଙ୍କରୁ ଶକ୍ତିଶାଳୀ ଗାଇଡେଡ୍ ମିସାଇଲ୍ ଓ ଅତ୍ୟାଧୁନିକ ଗୋଳାବାରୁଦ ମାଡ଼ କରାଯାଇପାରିବ।

ଅଭେଦ୍ୟ ସୁରକ୍ଷା କବଚ: ଡ୍ରୋନ୍ ଆଟାକରୁ ବଞ୍ଚିବା ପାଇଁ ଏଥିରେ ଇଲେକ୍ଟ୍ରୋନିକ ୱାରଫେୟାର ସିଷ୍ଟମ ଏବଂ ବିସ୍ଫୋରକ ପ୍ରତିରୋଧୀ ଆର୍ମର ଲଗାଯାଇଛି।

ଆମେରିକା ଓ ଜର୍ମାନୀ ଟ୍ୟାଙ୍କକୁ ଦେଉଛି କଡ଼ା ଟକ୍କର!

ୟୁକ୍ରେନ ଯୁଦ୍ଧ ଭୂମିରେ ଏହି T-90M ଟ୍ୟାଙ୍କର ପ୍ରଦର୍ଶନ ଖୁବ୍ ଚମତ୍କାର ରହିଥିବା ରୁଷ ଦାବି କରିଛି। ଏପରିକି ଆମେରିକାର ସବୁଠୁ ଶକ୍ତିଶାଳୀ M1 ଆବ୍ରାମ୍ସ ଏବଂ ଜର୍ମାନୀର ଲେପାର୍ଡ ଟ୍ୟାଙ୍କ ତୁଳନାରେ ଏହା ଯୁଦ୍ଧ ମଇଦାନରେ ଅଧିକ ସଫଳ ସାବ୍ୟସ୍ତ ହୋଇଛି ବୋଲି ରୁଷର ପ୍ରତିରକ୍ଷା ଅଧିକାରୀମାନେ କହିଛନ୍ତି।

ଭାରତୀୟ ସେନା ଏବେ ନିଜର ସ୍ଥଳ ବାହିନୀର ଆଧୁନିକୀକରଣ ଉପରେ ଜୋର ଦେଉଛି। ଯଦିଓ ଏହି ମିଳିତ ଉତ୍ପାଦନ ନେଇ କୌଣସି ଚୂଡ଼ାନ୍ତ ଚୁକ୍ତି ସ୍ୱାକ୍ଷରିତ ହୋଇନାହିଁ, କିନ୍ତୁ ରୁଷର ଏହି ଅଫର ଭାରତର 'ମେକ୍ ଇନ୍ ଇଣ୍ଡିଆ' ଅଭିଯାନକୁ ଏକ ବଡ଼ ସଫଳତା ଦେଇପାରେ।

**ଫିଫା ବିଶ୍ୱକପ୍**

# ଆଜି ସ୍ପେନ-ଆର୍ଜେଣ୍ଟିନା ଫାଇନାଲ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ୨୦୨୬ ଫିଫା ବିଶ୍ୱକପ ଫାଇନାଲ ମ୍ୟାଚକୁ ନେଇ ଉତ୍ସାହ ବଢ଼ିବାରେ ଲାଗିଛି। ରବିବାର ଟାଇଟଲ ଲଢ଼େଇରେ ସ୍ପେନ ଓ ଆର୍ଜେଣ୍ଟିନା ପରସ୍ପରକୁ ଭେଟିବେ। ଏହି ମ୍ୟାଚ ଇଷ୍ଟ ରଦରଫୋର୍ଡର ମେଟ୍ଲାଇଫ ଷ୍ଟାଡିୟମରେ ଖେଳାଯିବ। ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଏଥରକୁ ମିଶାଇ ସପ୍ତମଥର ଫାଇନାଲରେ ପ୍ରବେଶ କରିଛି। ପୂର୍ବରୁ ଦଳ ୬ଥର ପ୍ରବେଶ କରି ୩ଥର ଚାମ୍ପିଅନ ହୋଇଥିଲା। ଜର୍ମାନୀ ଓ ଇଟାଲୀ ୪ଥର ଲେଖାଏଁ ଚାମ୍ପିଅନ ହୋଇଛନ୍ତି। ଏଥର ଆର୍ଜେଣ୍ଟିନା ଟ୍ରଫି ହାସଲ କରି ଜର୍ମାନୀ ଓ ଇଟାଲୀର ସମକକ୍ଷ ହେବାକୁ ଚେଷ୍ଟା କରିବ। ଲିଓ ନେଲ ମେସିଙ୍କ ଅଧିନାୟକତ୍ୱରେ ଆର୍ଜେଣ୍ଟିନା ସଫଳତା ଦୋହାଇବାକୁ ଚେଷ୍ଟା କରିବ।


ଫାଇନାଲ ମ୍ୟାଚର ଆଉ ଏକ ଆକର୍ଷଣୀୟ ଦିଗ ହେଉଛି ଉଭୟ ଦଳର କୋଚଙ୍କ ମଧ୍ୟରେ ଥିବା ସମ୍ପର୍କ। ସ୍ପେନ ଦଳର କୋଚ୍ ଲୁଇସ ଡେଲା ଫୁଏନ୍ତେ ଏବଂ ଆର୍ଜେଣ୍ଟିନା ଦଳର କୋଚ ଲିଓନେଲ ସ୍କାଲୋନିଙ୍କ ପାଇଁ ଏହି ମୁକାବିଲା ଖେଳ ନୁହେଁ ବରଂ ଗୁରୁଶିଶିଙ୍କ ଲଢ଼େଇ ଭଳି। ସ୍ପେନ ପ୍ରଶିକ୍ଷକ ଲୁଇସ ଡେଲା ଜଣେ ୬୫ ଅଭିଜ୍ଞ ପ୍ରଶିକ୍ଷକ। ସେ ସ୍ପେନର ଯୁବ ଦଳ ସହ କାମ କରିଛନ୍ତି। ଆର୍ଜେଣ୍ଟିନା ପ୍ରଶିକ୍ଷକ ସ୍କାଲୋନୀ ୪୮ ବର୍ଷୀୟ। ୨୦୧୭ ମସିହାରେ ସ୍ପାନିସ ଫୁଟବଲ ଫେଡେରେସନ ପ୍ରଶିକ୍ଷକ ପାଠ୍ୟକ୍ରମରେ ତାଙ୍କର ଶିକ୍ଷକ ଥିଲେ। ବର୍ତ୍ତମାନ ମୁହାଁମୁହିଁ ହେବାକୁ ଯାଉଛନ୍ତି। ଏହି ମ୍ୟାଚ ସେମାନଙ୍କ ସମ୍ପର୍କକୁ ପରିବର୍ତ୍ତନ କରିବ ନାହିଁ। ଏହା ଫୁଟବଲର ସବୁଠାରୁ ବଡ ପ୍ରତିଯୋଗିତା ଏବଂ ଦୁଇ ଦଳ ସ୍ୱର ସ୍ୱର ଲଢୁଥିବା ସମୟରେ ପଡ଼ିଆ ବାହାରେ ଦୁଇ ପ୍ରଶିକ୍ଷକ ପରସ୍ପରର ରଣନୀତିକୁ ଜାଣିବେ।

**ସମ୍ଭାବ୍ୟ ପ୍ରାରମ୍ଭିକ ଏକାଦଶ**

**ଆର୍ଜେଣ୍ଟିନା:** ଏମିଲିଆନୋ ମାର୍ଟିନେଜ୍ (ଗୋଲ୍ରକ୍ଷକ), ନାହୁଏଲ୍ ମୋଲିନା, କ୍ରିଷ୍ଟିଆନ୍ ରୋମେରୋ, ଲିସାଣ୍ଡ୍ରୋ ମାର୍ଟିନେଜ୍, ନିକୋଲାସ୍ ଟାଗ୍ଲିଆଫିକୋ, ଲିଆଣ୍ଡ୍ରୋ ପାରେଡେସ୍, ଆଲେକ୍ସିସ୍ ମ୍ୟାକ୍ ଆଲିଷ୍ଟର୍, ଏନ୍ଜୋ ଫର୍ଣ୍ଣାଣ୍ଡେଜ୍, ଜୁଲିଆନୋ ସିମିଓନେ, ଲିଓନେଲ୍ ମେସି (ଅଧିନାୟକ), ଜୁଲିଆନ୍ ଆଲଭାରେଜ୍।

**ସ୍ପେନ୍:** ଉନାଇ ସିମୋନ୍ (ଗୋଲ୍ରକ୍ଷକ), ପେଡ୍ରୋ ପୋରୋ, ଆମେରିକ୍ ଲାପୋର୍ଟେ, ପାଉ କୁବାର୍ସି, ମାର୍କ କୁକୁରେଲା, ରୋଡ୍ରି (ଅଧିନାୟକ), ଫାବିଆନ୍ ରୁଇଜ୍, ଲାମିନ୍ ୟାମାଲ୍, ଡାନି ଓଲ୍ମୋ, ଆଲେକ୍ସ ବାଏନା, ମିକେଲ୍ ଓୟାର୍ଜାବାଲ୍।





## ଗୋଟିଏ ଟିକେଟ ପାଇଁ ୨୪ ଲକ୍ଷ୍ୟ

ଚଳିତ ଫିଫା ବିଶ୍ୱକପର ମେଗାଫାଇନାଲ କ୍ରୀଡା ଜଗତ ଆର୍ଥିକ ଇତିହାସକୁ ବଦଳାଇ ଦେଇଛି। ଆର୍ଜେଣ୍ଟିନା ଓ ସ୍ପେନ ମଧ୍ୟରେ ଖେଳାଯିବାକୁ ଥିବା ଏହି ମେଗା ଫାଇନାଲ ମ୍ୟାଚ ଆମେରିକା ଇତିହାସରେ ସବୁଠାରୁ ବ୍ୟୟ ବହୁଳ କ୍ରୀଡା ପ୍ରତିଯୋଗିତା ପାଲଟିଛି। ପ୍ରସିଦ୍ଧ ବ୍ୟବସାୟୀୟ ପତ୍ରିକା ଫୋର୍ବସ ପକ୍ଷରୁ ପ୍ରକାଶିତ ରିପୋର୍ଟ ଏବଂ ଟିକେଟ ପ୍ଲାଟ ଫର୍ମ ଟିକ୍ ପିକ ର ତଥ୍ୟ ଅନୁଯାୟୀ ଚଳିତ ବିଶ୍ୱକପ ଫାଇନାଲ ଟିକେଟର ମୂଲ୍ୟ ଆକାଶଛୁଇଁ ହୋଇଛି। ଯାହା ଭାରତୀୟ ମୁଦ୍ରାରେ ୨୪ ଲକ୍ଷ୍ୟରେ ପହଞ୍ଚିଛି। ଷ୍ଟାଡିୟମରେ ପ୍ରବେଶ କରିବା ଟିକେଟର ଦାମ ଭାରତୀୟ ମୁଦ୍ରାରେ ପ୍ରାୟ ୫ ଲକ୍ଷ ୯୦ ହଜାର ଟଙ୍କା। ସବୁଠାରୁ ଚକିତକର ତଥ୍ୟ ହେଉଛି ବିଭିନ ଇଭେଣ୍ଟ ଟିକେଟ ମୂଲ୍ୟର ବିଶ୍ଳେଷଣ କରୁଥିବା ଫାଇନାଲ ମ୍ୟାଚ ପାଇଁ ଟିକେଟର ହାରା ହାରି ମୂଲ୍ୟ ୯ ଲକ୍ଷ ୬୨ ହଜାର ଟଙ୍କା। ଯାହା ଯେକୌଣସି କ୍ରୀଡାର ପ୍ରତିଯୋଗିତାରେ ସର୍ବକାଳୀନ ରେକର୍ଡ ଅନ୍ୟ ପକ୍ଷରେ ଶୁକ୍ରବାର ସୁଧା ସବୁଠାରୁ ମହଙ୍ଗା ଟିକେଟ ହେଉଛି ସେସନ ୧୧୫ରେ ଏଠାରେ କ୍ରୀଡାପ୍ରେମୀ ଦୁଇଟି ଟିକେଟ ପାଇଁ ୪୮ ଲକ୍ଷ ୪୧ ହଜାର ଟଙ୍କାର ମୂଲ୍ୟମ ଦେବାକୁ ପଡୁଛି। ଆମେରିକା ଖେଳ ଇତିହାସର ସବୁଠାରୁ ମହଙ୍ଗା ଖେଳ ଗୁଡିକ ତାଲିକାରେ ଫିଫା ବିଶ୍ୱକପ ଫାଇନାଲ ଶୀର୍ଷରେ ପହଞ୍ଚିଛି। ଏହା ଆମେରିକାର ସବୁଠାରୁ ବଡ଼ ଖେଳ ଇଭେଣ୍ଟ ନ୍ୟାସନାଲ ଫୁଟବଲ ଲିଗ ସୁପର ବୋଲକୁ ମଧ୍ୟ ପଛରେ ପକାଇ ଦେଇଛି।





## ବିଶ୍ୱକପ ଫାଇନାଲର ୭ ରୋଚକ ତଥ୍ୟ

ଫିଫା ବିଶ୍ୱକପ ଫାଇନାଲ ମ୍ୟାଚ ମେଟ ଲାଇଫ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମର ଦର୍ଶକ କ୍ଷମତା ୮୦ ହଜାରରୁ ଅଧିକ। ମେଟ ଲାଇଟ ଷ୍ଟାଡିୟମ ଉତ୍ତର ଆମେରିକାରର ସବୁଠାରୁ ବଡ଼ ଷ୍ଟାଡିୟମ ମଧ୍ୟ ଅନ୍ୟତମ। ଦର୍ଶକ କ୍ଷମତାରେ ବୃହତ ଆକାର ଦୃଷ୍ଟିରୁ ଫିଫା ଷ୍ଟାଡିୟରେ ଫାଇନାଲ ଭେନ୍ୟୁ ଭାବେ ଚୟନ କରିଛି। ୧୫,୪୦୦ କୋଟି ଟଙ୍କାରେ ନିର୍ମିତ ଏହି ଷ୍ଟାଡିୟମରେ ୨୦୧୦ରେ ସମ୍ପୂର୍ଣ୍ଣ ହୋଇଥିଲା। ସେହି ସମୟରେ ଏହା ଆମେରିକାର ସବୁଠାରୁ ବ୍ୟୟବହୁଳ କ୍ରୀଡା ଷ୍ଟାଡିୟମ ଥିଲା। ତେବେ ଏହି ଷ୍ଟାଡିୟମର ଘାସ ପିଚକୁ ନେଇ ଅନେକ ଖେଳାଳି ଅସନ୍ତୋଷ ପ୍ରକଷେ କରିଛନ୍ତି। ପଡ଼ିଆ ଅତ୍ୟନ୍ତ କଠିନ ଓ ଦୃଢ଼ ଥିବାରୁ ଖେଳାଳିମାନଙ୍କ ପାଇଁ ଅସୁବିଧା ସୃଷ୍ଟି ହୋଇଥିବା ଅଭିଯୋଗ ହୋଇଆସୁଛି। ପଥର ଭଳି ବାହ୍ୟା ଆବରଣ ଆଲୁମିନିୟନ ଲୁଭର ଏହାର ମୁଖ୍ୟ ଆକର୍ଷଣ। ମ୍ୟାଚ ଖେଳୁଥିବା ଦଳ ଅନୁସରରେ ଷ୍ଟାଡିୟମର ଆଲୋକର ରଙ୍ଗ ପରିବର୍ତ୍ତନ ହୁଏ। ଛାତ ନଥିବାରୁ ଏହାକୁ ନେଇ ସମାଲୋଚନା ହେଉଛି।

ଆର୍ଜେଣ୍ଟିନା ଅଧିନାୟକ ଲିଓ ନେଲି ମେସି ୨୦୧୨, ୨୦୧୬, ୨୦୨୪ରେ ଏହି ଷ୍ଟାଡିୟମରେ ଖେଳି ସାରିଛନ୍ତି। ଅନ୍ୟପକ୍ଷରେ ସ୍ପେନ ଅଧିନାୟକ ରୋଡ୍ରି ପ୍ରଥମଥର ଏଠାରେ ଖେଳିବେ। ଷ୍ଟାଡିୟମରେ ନାସଭିଲ ହଟ ଚିକେନ ସ୍ୟାଣ୍ଡୱିଚ ସବୁଠାରୁ ଲୋକପ୍ରିୟ ଖାଦ୍ୟ ଭାବେ ପରିଚିତ। ଏହାଛଡା କଲମ୍ବିଆନ୍ ହଟଡଗ, ସିଟ୍ରସ, କିମା ଚିକେନ, ଲଭଷ୍ଟର ରୋଲ, ସ୍ପାଇସୀ ପ୍ରୋଟଜେଲ, ବିଫ ହଟ ଡଗ ଓ ଲୋଡେଡ ନାଚୋସ ମଧ୍ୟ ଦର୍ଶକଙ୍କ ପସନ୍ଦର ଖାଦ୍ୟ ତାଲିକାରେ ରହିଛି। ତେବେ ଫାଇନାଲ ପାଇଁ ଦର୍ଶକଙ୍କ ଲାଗି ବ୍ୟାପକ କଟକଣା ରହିଛି। ଦର୍ଶକଙ୍କୁ କେବଳ ସ୍ୱଚ୍ଛ ବ୍ୟାଗ ନେବାକୁ ଅନୁମତି ରହିଛି। ୧୦୦ ମିଲି ଲିଟର ଅଧିକ ସାନିଟାଇଜର ନେବାକୁ ଅନୁମତି ଦିଆଯିବ ନାହିଁ। ବେଲୁନ, ବଡ କାର୍ଡବୋର୍ଡ ବକ୍ସ, ହେଲମେଟ, ବୁଲେଟ ପ୍ରୁଫ ଜ୍ୟାକେଟ, ଅଧିକ ପରିମାଣ ପାଉଡର ଭଳି ସାମଗ୍ରୀ ନେଇ ଷ୍ଟାଡିୟମକୁ ପ୍ରବେଶ କରିବା ଉପରେ କଟକଣା ରହିଛି।

## ଫାଇନାଲ ଦେଖିବାକୁ ଯିବେନି ଆର୍ଜେଣ୍ଟିନା ରାଷ୍ଟ୍ରପତି

ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିୟର ମିଲେଇଙ୍କର ଅନ୍ଧବିଶ୍ୱାସ ରହିଛି। ଏଥିପାଇଁ ସେ ରବିବାର ଆର୍ଜେଣ୍ଟିନା ଓ ସ୍ପେନ ଫାଇନାଲ ମ୍ୟାଚ ଦେଖିବାକୁ ଯିବେ ନାହିଁ। ସେ ତାଙ୍କ ବାସଭବନରେ ରହି ମ୍ୟାଚ ଉପଭୋଗ କରିବେ। ପୂର୍ବରୁ ଗତଥର ଚାମ୍ପିଅନ ଦଳର ସମସ୍ତ ୭ଟି ମ୍ୟାଚ ସେ ଘରେ ବସି ଦେଖିଛନ୍ତି। ସମସ୍ତ ମ୍ୟାଚରେ ଦଳ ବିଜୟଲାଭ କରିଛି। ଆର୍ଜେଣ୍ଟିନା କ୍ରମାଗତ ଦ୍ୱିତୀୟଥର ଟାଇଟଲ ଲକ୍ଷ୍ୟରେ ରହିଛି। ପୂର୍ବ ମ୍ୟାଚ ଗୁଡିକରେ ରାଷ୍ଟ୍ରପତି ଯେଉଁ ଜ୍ୟାକେଟ ପରିଧାନ କରିଥିଲେ ଫାଇନାଲରେ ତାହା ପରିଧାନ କରିବେ ବୋଲି ମିଲେ କହିଛନ୍ତି। ସାରା ବିଶ୍ୱରେ କେତେକ ଖେଳାଳି ପ୍ରଶଂସକଙ୍କ ଭିନ୍ନ ଭିନ୍ନ ଦେଖିବାକୁ ମିଳେ। ତାଙ୍କ ଶୁଭକାମନା ହେଉ ଅବା ବିପକ୍ଷ ଦଳ ପାଇଁ ଦୁର୍ଭାଗ୍ୟ ମନାସୀ ସେମାନଙ୍କର ରହିଥିବା ଅନ୍ଧବିଶ୍ୱାସକୁ ଅନୁସରଣ କରିଥାନ୍ତି। ଆର୍ଜେଣ୍ଟିନା ରାଷ୍ଟ୍ରପତିମାନେ ବହୁ ବର୍ଷ ହେଲା ହାଇଭୋଲଟେଜ ମ୍ୟାଚରୁ ନିଜକୁ ଦୂରେଇ ରଖିଛନ୍ତି। କାରଣ ଏହା ଦଳ ପାଇଁ ଦୁର୍ଭାଗ୍ୟଜନକ ସାବ୍ୟସ୍ତ ହେଉଛି। ୧୯୯୦ରେ ତତ୍କାଳୀନ ରାଷ୍ଟ୍ରପତି କାର୍ଲୋସ ମେନେରନ କାମେରନ ବିପ'କ୍ଷ ମ୍ୟାଚ ପୂର୍ବରୁ ଆର୍ଜେଣ୍ଟିନା ବିଶ୍ୱକପ ଦଳକୁ ଭେଟିବା ଲାଗି ଯାଇଥିଲେ। ଏହି ମ୍ୟାଚରେ ଆର୍ଜେଣ୍ଟିନା ହାରିଯାଇଥିଲା।

## କୁଳଦୀପଙ୍କ ପ୍ରତି ଅନ୍ୟାୟ କାହିଁକି

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ଭାରତ ଓ ଇଂଲଣ୍ଡ ମଧ୍ୟରେ ତୃତୀୟ ତଥା ଅନ୍ତିମ ଦିନିକିଆ ମ୍ୟାଚ ଲର୍ଡ୍ସରେ ଖେଳାଯିବ। ଏହି ମ୍ୟାଚରେ ରୋହିତ ଶର୍ମାଙ୍କ ପ୍ରଦର୍ଶନ ଉପରେ ନଜର ରହିବ। ଏସବୁ ଭିତରେ କୁଳଦୀପ ଯାଦବଙ୍କୁ ବାରମ୍ବାର ଅଣଦେଖା କରିବା ନେଇ ପୂର୍ବତନ ଖେଳାଳି ଆକାଶ ଚୋପ୍ରା ପ୍ରତିକ୍ରିୟା ରଖିଛନ୍ତି। ସବୁ ବେଳେ କୁଳଦୀପଙ୍କ ପ୍ରତି ଅନ୍ୟାୟ କାହିଁକି ହେଉଛି ବୋଲି ସେ ପ୍ରଶ୍ନ କରିଛନ୍ତି। ୩ଟି ଯାକ ଫର୍ମାଟରେ ତାଙ୍କ ସହିତ ଗୋଟିଏ ପ୍ରକାର ଅନ୍ୟାୟ ହେଉଛି। ଦୀର୍ଘ ଦିନ ହେବ ସେ ଭାରତ ସହ ଜଡିତ ଅଛନ୍ତି। ମାତ୍ର ଯେତିକି ମ୍ୟାଚ ଖେଳିବା କଥା ତା'ଠାରୁ କମ ଖେଳିଛନ୍ତି। ନୂଆ ରଣନୀତିରେ କୁଳଦୀପ ବଳି ପଡୁଛନ୍ତି। ଦିନିକିଆ କ୍ରିକେଟରେ ୱିକେଟ ହାସଲ କରିବା ସ୍ପିନରଙ୍କ ଦାୟିତ୍ୱ। କୁଳଦୀପ ଏହି କାର୍ଯ୍ୟ ଠିକ ଭାବେ କରୁଛନ୍ତି। ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ହର୍ଷ ଦୁବେଙ୍କୁ ଭାରତୀୟ ଦଳରେ ସାମିଲ କରାଯାଇଛି। କୁଳଦୀପଙ୍କୁ ଦଳରେ ନନିଆଯିବାର ଅର୍ଥ ଧିରେ ଧିରେ ତାଙ୍କ ଅନ୍ତର୍ଜାତୀୟ କ୍ରିକେଟ କ୍ୟାରିୟରରେ ପୂର୍ଣ୍ଣଛେଦ ପଡିବା ଆରମ୍ଭ ହୋଇଛି।

## ପ୍ରଥମଥର ଖେଳାଳିଙ୍କୁ ମିଳିବ ଚାମ୍ପିଅନସିପ ରିଙ୍ଗ୍

ଫିଫା ବିଶ୍ୱକପର ବିଜେତା ଖେଳାଳିଙ୍କୁ ଖାସ ସମ୍ମାନ ମିଳିବ। ବିଶ୍ୱକପ ଇତିହାସରେ ପ୍ରଥମଥର ଚାମ୍ପିଅନ ଦଳର ଖେଳାଳି ଓ ଷ୍ଟାଫଙ୍କୁ ଟ୍ରଫି ଓ ସ୍ୱର୍ଣ୍ଣ ପଦକ ସହ ଚାମ୍ପିଅନସିପ ରିଙ୍ଗ ଦିଆଯିବ। ଏନେଇ ଫିଫା ଅଧିକାରୀ ଘୋଷଣା କରିଛନ୍ତି। ଏହି ରିଙ୍ଗ ଆମେରିକାର ଖେଳର ପ୍ରସିଦ୍ଧ ପରମ୍ପରାରେ ପ୍ରେରିତ ଓ ପ୍ରଥମ ଫୁଟବଲ ବିଶ୍ୱକପର ଅଂଶବିଶେଷ ହେବ।



ଏହାର ଉଦ୍ଦେଶ୍ୟ ଖେଳାଳିଙ୍କୁ ସେମାନଙ୍କ ଐତିହାସିକ ବିଜୟ ନିମନ୍ତେ ଏକ ଖାସ ସ୍ମୃତି ପ୍ରଦାନ କରିବ। ଏହି ଚାମ୍ପିଅନସିପ ରିଙ୍ଗର ଗୋଟିଏ ପଟେ ଫିଫା ବିଶ୍ୱକପର ଟ୍ରଫି ଚିହ୍ନ ରହିଛି। ଅନ୍ୟପଟେ ବିଜେତା ଟିମ ଅନୁସାରେ ଖାସ ଡିଜାଇନ ରହିବ। ପ୍ରତ୍ୟେକ ରିଙ୍ଗର ଅଲଗା ଅଲଗା ନମ୍ବର ରହିଛି। ଏହି ରିଙ୍ଗକୁ ପ୍ରତି ଖେଳାଳିଙ୍କୁ ଦିଆଯିବ। ଫାଇନାଲ ମ୍ୟାଚ ଶେଷ ହେବା ପରେ ବିଜେତା ଦଳର ଅଧିନାୟକ ଓ କୋଚଙ୍କୁ ଅସ୍ଥାୟୀ ରିଙ୍ଗ ଦିଆଯିବ। ଏହାପରେ ବିଜେତା ଟିମ୍ ପାଇଁ ୩୦ ଟି ରିଙ୍ଗ ତିଆରି କରାଯିବ। ପ୍ରତ୍ୟେକ ରିଙ୍ଗକୁ ଖେଳାଳି ଅସୁନାରେ ତିଆରି କରାଯାଇ ଅଧିକାରୀ ରୂପେ ପ୍ରଦାନ କରାଯିବ। ଏହି ରିଙ୍ଗ ମୋଟ ୨୦୨୬ ପିସ ଲିମିଟେଡ ଅଡିସନ ତିଆରି ହେବ। ଏଥିରୁ ୩୦ଟି ବିଶ୍ୱ ଚାମ୍ପିଅନ ଦଳକୁ ମିଳିବ। ବାକି ୧୯୯୬ଟି ରିଙ୍ଗକୁ ସାରା ବିଶ୍ୱର ଫୁଟବଲ ପ୍ରଶଂସକଙ୍କ ନିମନ୍ତେ ବିକ୍ରି ଲାଗି ଉପଲବ୍ଧ କରାଯିବ। ଏହି ରିଙ୍ଗକୁ କେଉଁ ଧାତୁ ତିଆରି କରାଯିବ ତାହା ଘୋଷଣା ହୋଇନାହିଁ। ତଥାପି ରିଙ୍ଗ ଗୁଡିକ ୧୪ରୁ ୧୮ କ୍ୟାରେଟ ସୁନା ରହିବ ଯେଉଁ ଥିରେ କିଛି ହୀର ଓ ମୂଲ୍ୟବାନ ପଥର ରହିବ।

ସୂଚନା
BHIM
SCAN & PAY
ASHIRBAD PRAKASHAN PVT.LTD.

## ୭୨ତମ ରାଜ୍ୟ ଜୁନିଅର ଦୌଡ଼କୁଦ ପ୍ରତିଯୋଗିତା ପାଇଁ ଖେଳାଳି ଚୟନ

କେନ୍ଦୁଝର,୧୮।୭(ସବ୍ୟ): ୧୮।୦୭ କେନ୍ଦୁଝର ଜିଲ୍ଲା କ୍ରୀଡା ସଂସ୍ଥା ଆନୁକୂଲ୍ୟରେ ଆସନ୍ତା ୨୩ ତାରିଖ ଗୁରୁବାର ଶଙ୍କରପୁରସ୍ଥିତ ଧରଣୀଧର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ୭୨ତମ ଦୌଡ଼କୁଦ ପ୍ରତିଯୋଗିତାରେ କେନ୍ଦୁଝର ଜିଲ୍ଲା ଦଳ ଗଠନ ପାଇଁ ଏକ ଚୟନ ଶିବିର ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି। ସିନ୍ଥେଟିକ ଟ୍ରାକରେ ୧୪, ୧୬, ୧୮ ଏବଂ ୨୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଏହି ଚୟନ ଶିବିର ଅନୁଷ୍ଠିତ ହେବ । ୨୦ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗ ଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୦୬ ରୁ ୨୭-୧୦-୨୦୦୮ ମଧ୍ୟରେ ହୋଇଥିବା ଆବଶ୍ୟକ। ୧୮ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୦୮ ରୁ ୨୭-୧୦-୨୦୧୦ ମଧ୍ୟରେ ହୋଇଥିବା ଆବଶ୍ୟକ । ୧୬ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ୨୮-୧୦-୨୦୧୦ ରୁ ୨୭-୧୦-୨୦୧୨ ମଧ୍ୟରେ ହୋଇଥିବା ଆବଶ୍ୟକ । ସେହିପରି ୧୪ ବର୍ଷରୁ କମ ବାଳକ ଓ ବାଳିକା ବିଭାଗରେ ଯୋଗଦେବାକୁ ଥିବା ଖେଳାଳି ମାନଙ୍କ ଜନ୍ମ ତାରିଖ ୨୮-୧୦-୨୦୧୨ ରୁ ୨୭-୧୦-୨୦୧୪ ମଧ୍ୟରେ ହୋଇଥିବା ଆବଶ୍ୟକ । ଏହି ଚୟନ ଶିବିରରେ ଯୋଗଦେବାକୁ ଚାହୁଁଥିବା ଖେଳାଳି ମାନେ ସେମାନଙ୍କ ଅରିଜିନାଲ ଜନ୍ମ ପ୍ରମାଣ ପତ୍ର ଏବଂ ଆଧାର କାର୍ଡ ସହ ୨୩ ତାରିଖ ସକାଳ ୭ ଘଟିକା ସମୟରେ ବରିଷ୍ଠ ଦୌଡ଼କୁଦ ପ୍ରଶିକ୍ଷକ ରାଜେନ୍ଦ୍ର କୁମାର ସି ଏବଂ ପ୍ରଦୀପ କୁମାର ବାରିକଙ୍କୁ ରିପୋର୍ଟ କରିବାକୁ କୁହାଯାଇଛି । ଏହି ଚୟନ ଶିବିରରୁ ବଛା ଯାଇଥିବା ଜିଲ୍ଲା ଦଳର ଖେଳାଳି ମାନେ ଆସନ୍ତା ମାସ ୭ ତାରିଖରୁ ୯ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ନବନିର୍ମିତ ରାଇରଙ୍ଗପୁର ସ୍ପୋର୍ଟ୍ସ କମ୍ପ୍ଲେକ୍ସ ଠାରେ ସିନ୍ଥେଟିକ ଟ୍ରାକରେ ହେବ।

### ରାଜ୍ୟ ଫିଡେ ରେଟେଡ ଚେସ ଚାମ୍ପିଅନସିପ

## ଟାଇଟଲ ଦୌଡ଼ରେ ଏକାଧିକ ଆଶାୟୀ

ଭୁବନେଶ୍ୱର,୧୮।୭(ସବ୍ୟ): ଯାଜପୁର ୟୁନାଇଟେଡ ଚେସ ଆସୋସିଏସନ ପକ୍ଷରୁ ଅଲଓଡ଼ିଶା ଚେସ ଆସୋସିଏସନର ତତ୍ତ୍ୱାବଧାନରେ କ୍ରୀଡା ଓ ଯୁବସେବା ବିଭାଗ ସହଯୋଗରେ ଓଡ଼ିଶା ରାଜ୍ୟ ୧୩ ବର୍ଷରୁ କମ ଓପନ ଓ ଫିଡେ ରେଟେଡ ଚେସ ଚାମ୍ପିଅନସିପ ଯାଜପୁରରେ ଜୋରକାରେ ଜାରି ରହିଛି। ଦ୍ୱିତୀୟ ଦିବସ ଚତୁର୍ଥ ରାଉଣ୍ଡ ଶେଷ ସୁଧା ଏକାଧିକ ଆଶାୟୀ ଟାଇଟଲ ଦୌଡ଼ରେ ରହିଛନ୍ତି। ଚତୁର୍ଥ ରାଉଣ୍ଡ ଆରମ୍ଭ ପୂର୍ବରୁ ଓଡ଼ିଶାର ପୂର୍ବତନ ରାଜ୍ୟ ଚେସ ଚାମ୍ପିଅନ ମାନସ ରଞ୍ଜନ ପରିଡା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ୧୦୦ରୁ ଅଧିକ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ଅନେକ ଅନେକ ଅନ୍ତର୍ଜାତୀୟ ଫିଡେ ରେଟେଡ ଖେଳାଳିଙ୍କ ଉପସ୍ଥିତି ପ୍ରତିଯୋଗିତାକୁ ଅଧିକ ରୋମାଞ୍ଚକର କରିଛି। ଚତୁର୍ଥ ରାଉଣ୍ଡର ଓପନ ବର୍ଗରେ ମନୀଷ ମିଶ୍ର ଓ ସିଦ୍ଧାର୍ଥ ମଲ୍ଲିକଙ୍କ ଖେଳ ଡ୍ର' ରହିଥିବା ବେଳେ ଅନ୍ୟ ଏକ ମୁକାବିଲାରେ ସନଲ ବୈଭବ ଦିବ୍ୟାଂଶୁ ଦାସଙ୍କୁ ପରାସ୍ତ କରିଥିଲେ। ବାଳିକା ବିଭାଗରେ ନୈନିକା ସାହୁ ନିଜର ବିଜୟଧାରା ଜାରି ରଖି ଲବ୍ଧି ସ୍ୱାଇଁଙ୍କୁ ହରାଇଥିଲେ। ଅକ୍ଷର ହନଗା ଓ ତନ୍ମୀ ମିଶ୍ରଙ୍କ ମଧ୍ୟରେ ମୁକାବିଲା ଡ୍ର' ରହିଥିଲା। ମୁଖ୍ୟ ଆର୍ବିଟର ଜ୍ୟୋତିଙ୍କ ନନ୍ଦଙ୍କ ମନୋଜ ପରିଡା, ବିକ୍ରମ କେଶରୀ ବିଶ୍ୱାଳ ଓ ଅବିନାଶ ଦାସ ମ୍ୟାଚ ପରିଚାଳନା କରିଛନ୍ତି। ୪ ରାଉଣ୍ଡରେ ରାଜ୍ୟ ଚାମ୍ପିଅନ ମୁକୁଟ ହାସଲ ପାଇଁ କଟା ସଂଘର୍ଷ ଦେଖିବାକୁ ମିଳିବ। ପ୍ରତିଯୋଗିତାରେ ଶ୍ରେଷ୍ଠ ପ୍ରଦର୍ଶନ କରୁଥିବା ଖେଳାଳିମାନେ ଆଗାମୀ ୧୩ ବର୍ଷରୁ କମ୍ ଜାତୀୟ ଚେସ ଚାମ୍ପିଅନସିପରେ ଓଡ଼ିଶାର ପ୍ରତିନିଧିତ୍ୱ କରିବାର ସୁଯୋଗ ପାଇବେ।

## ଜାପାନ ଓପନ ଫାଇନାଲରେ ସିନ୍ଧୁ

ନୂଆଦିଲ୍ଲୀ,୧୮।୭(ଏଜେନ୍ସି): ଦୁଇଥର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ଫର୍ମକୁ ଫେରିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ପ୍ରଥମଥର ସିନ୍ଧୁ କୌଣସି ବ୍ୟାଡମିଣ୍ଟନ ବିଶ୍ୱ ଫେଡେରେସନ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପହଞ୍ଚିଛନ୍ତି। ସେମିଫାଇନାଲରେ ଚୀନ ପ୍ରତିଯୋଗୀ ଚେନ ୟୁ ଫେଇଙ୍କୁ ୨୧-୧୯, ୧୫-୧୦ ଗେମରେ ପରାସ୍ତ କରି ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ସିନ୍ଧୁ। ଭାରତର ତାରକା ଖେଳାଳି ସିନ୍ଧୁ ଜାପାନ ଓପନ ସୁପର-୭୮୦ ଟୁର୍ଣ୍ଣାମେଣ୍ଟର ଫାଇନାଲରେ ପ୍ରବେଶ କରି ଟାଇଟଲ ଦୌଡ଼ରେ ରହିଛନ୍ତି। ଚୀନ ପ୍ରତିଯୋଗୀ ୟୁଫେଇ ହାମଷ୍ଟ୍ରିଂ ଆଘାତ ଯୋଗୁଁ ଦ୍ୱିତୀୟ ଗେମ ସମ୍ପୂର୍ଣ୍ଣ କରିପାରିନଥିଲେ।

ସମୟ
ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି